# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, February 1/2023 | Page 16 | ₹ 7.00

୪୯ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 69 | ମୂଲ୍ୟ ₹୭/-




**ଓଡ଼ିଶା ଏଫ୍‌ସିରେ ଟଙ୍କଧର**

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଫୁଟବଲ ଖେଳାଳି ଟଙ୍କଧର ବାଗ୍ ଇଣ୍ଡିଆନ ସୁପରଲିଗ୍‌ର ଅନ୍ୟତମ ପ୍ରତିଷ୍ଠିତ ଦଳ ଓଡ଼ିଶା ଏଫ୍‌ସି ସହିତ ଚୁକ୍ତି କରିଛନ୍ତି।

୧୬

୦୨

**ଆଥିଆଙ୍କୁ ଟ୍ରୋଲ**

ବଲିଉଡ୍ ଅଭିନେତ୍ରୀ ଆଥିଆ ସେଟ୍ଟୀ ସ୍ୱାମୀ ରାହୁଲଙ୍କ ସହ ବିବାହ ପରେ ପ୍ରଥମ ଥର ପାଇଁ ଖାଇବାକୁ ବାହାରିଥିବାବେଳେ ପୋଷାକକୁ ନେଇ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି।



# ଜିଡିପି ଅନୁମାନ ୬.୫%

## ଅର୍ଥନୈତିକ ସର୍ଭେ ୨୦୨୨-୨୩ ଉପସ୍ଥାପିତ




**ନୂଆଦିଲ୍ଲୀ,୩୧।୧**

୨୦୨୩-୨୪ରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬-୬.୮% ମଧ୍ୟରେ ସୀମିତ ରହିବା ନେଇ ଅନୁମାନ କରାଯାଇଛି। ତେବେ ନୋମିନାଲ ଟର୍ମରେ ୧୧% ବେସ୍‌ଲାଇନ୍ ଭାଲ୍ୟୁ ହିସାବରେ ଅଭିବୃଦ୍ଧି ଘଟିବ ବୋଲି ପାର୍ଲାମେଣ୍ଟରେ ମଙ୍ଗଳବାର ଉପସ୍ଥାପିତ ଅର୍ଥନୈତିକ ସର୍ଭେ ୨୦୨୨-୨୩ରେ ଦର୍ଶାଯାଇଛି। ଗତ ବର୍ଷ ଜାନୁୟାରୀ ୩୧ରେ ସଂସଦରେ ଉପସ୍ଥାପିତ ଇକୋନୋମିକ୍ ସର୍ଭେରେ ଜିଡିପି ୮-୮.୫% ରହିବା ନେଇ ଅନୁମାନ କରାଯାଇଥିଲା। ଏହି ଲକ୍ଷ୍ୟ ହାସଲ ନ ହେବାରୁ ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଲଗାତର ଭାବେ ଆକଳନ କରାଯାଇଥିବା ଅଭିବୃଦ୍ଧି ହାରକୁ ଖସାଇଆସିଛନ୍ତି। ତେଣୁ ଆଗାମୀ ଆର୍ଥିକ ବର୍ଷରେ ଜିଡିପିର ବାସ୍ତବ ଅଭିବୃଦ୍ଧି ୫.୪୪% ରହିବ କି ନାହିଁ ବୋଲି ବିରୋଧୀ କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି।

ପୂର୍ବ ବର୍ଷକ ମଧ୍ୟରେ ଦେଶର ଆର୍ଥିକ ଓ ବିତ୍ତୀୟ ଧାରାକୁ ଅର୍ଥନୈତିକ ସର୍ଭେରେ ସମୀକ୍ଷା କରାଯାଇଥାଏ। ଏଥିରୁ କୃଷି, ଶିଳ୍ପ, ଭିତ୍ତିଭୂମି, ନିଯୁକ୍ତି, ମୁଦ୍ରାସ୍ଫୀତି ହାର, ବାଣିଜ୍ୟ, ଫରେନ୍ ଏକ୍ସଚେଞ୍ଜ ରିଜର୍ଭ ଓ ଅର୍ଥନୀତିର ଅନ୍ୟ ବୃହତ୍ କ୍ଷେତ୍ରଗୁଡ଼ିକ ଉପରେ ବିସ୍ତୃତ ତଥ୍ୟ ଓ ବିଶ୍ଳେଷଣ ମିଳିଥାଏ। ଏହି ସର୍ବେକ୍ଷଣ ☞ ପୃଷ୍ଠା-୪

## ଖାରସୁଗୁଡ଼ା ଏସ୍‌ପି, ବ୍ରଜରାଜନଗର ଏସ୍‌ଡିପିଓ ବଦଳିଲେ

**କଟକ ଅଫିସ/ଭୁବନେଶ୍ୱର,୩୧।୧ (ବ୍ୟୁରୋ)**

ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଜଣେ ପୋଲିସ ଏଏସ୍‌ଆଇ ଗୁଳିକରି ହତ୍ୟା କରିବା ଘଟଣା ସାରା ଦେଶରେ ଚହଳ ପକାଇଛି। କ୍ରାଇମ୍‌ବ୍ରାଞ୍ଚ ଘଟଣାର ତଦନ୍ତ ଚଳାଇଛି। ଏଭଳିସ୍ଥଳେ ଘଟଣାର ଦିନକ ପରେ ରାଜ୍ୟ ସରକାର ଝାରସୁଗୁଡ଼ା ଏସ୍‌ପି ଓ ବ୍ରଜରାଜନଗର ଏସ୍‌ଡିପିଓଙ୍କୁ ବଦଳି କରିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଏସ୍‌ପି ରାହୁଲ ଜୈନଙ୍କୁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟର ଏସ୍‌ପି ଭାବେ ବଦଳି କରାଯାଇଛି। ଏଥିସହ ବରଗଡ଼ ଏସ୍‌ପି ପରମାର୍ ସ୍ମିତ ପାର୍‌ସୋତ୍ତମଦାସଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବୌଦ୍ଧ ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନାଙ୍କୁ ବରଗଡ଼ ଏସ୍‌ପି ଏବଂ ରାୟଗଡ଼ା ଅତିରିକ୍ତ ଏସ୍‌ପି ରାଜ ପ୍ରସାଦଙ୍କୁ ବୌଦ୍ଧ ଏସ୍‌ପି ଭାବେ ନିଯୁକ୍ତ କରାଯାଇଛି। ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇଙ୍କୁ ମଧ୍ୟ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ତାଙ୍କ ସ୍ଥାନରେ ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି।

## ୫.୪୪% ରହିବ ତ: କଂଗ୍ରେସ

**ନୂଆଦିଲ୍ଲୀ,୩୧।୧:** ସଂସଦରେ ମଙ୍ଗଳବାର ଉପସ୍ଥାପିତ କେନ୍ଦ୍ରର ଇକୋନୋମିକ୍ ସର୍ଭେ ରିପୋର୍ଟରେ ଦର୍ଶାଯାଇଥିବା ଅଭିବୃଦ୍ଧି ହାରକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଆସନ୍ତା ଆର୍ଥିକ ବର୍ଷରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬%ରୁ ୬.୫% ରହିବା ନେଇ ଉକ୍ତ ରିପୋର୍ଟରେ ଅନୁମାନ କରାଯାଇଥିବାବେଳେ କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ କହିଛନ୍ତି, ସରକାର ପ୍ରକୃତ କଥା କୁହନ୍ତୁ। ବାସ୍ତବରେ ଜିଡିପି ୫.୪୪% ରହିବ ତ? ଚଳିତ ଆର୍ଥିକ ବର୍ଷ ପାଇଁ ଗତ ବର୍ଷ ଉପସ୍ଥାପିତ ସର୍ଭେ ରିପୋର୍ଟର ଆକଳନ ଏବଂ ବାସ୍ତବ ଜିଡିପି ମଧ୍ୟରେ ୧୫% ବ୍ୟବଧାନ ରହିଛି। ୨୦୨୨ ସର୍ଭେରେ ଆମ ଅର୍ଥନୀତି ୮-୮.୫% ରହିବା ନେଇ ଅନୁମାନ କରାଯାଇଥିଲା। କିନ୍ତୁ ତାହା ୭%ରେ ସୀମିତ ରହିଛି, ଯାହାକି ୧୫% ଡିସ୍‌କାଉଣ୍ଟ। ମଙ୍ଗଳବାର ଉପସ୍ଥାପନ କରାଯାଇଥିବା ରିପୋର୍ଟରେ ୨୩-୨୪ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୬%ରୁ ୬.୮% ରହିବ ବୋଲି କୁହାଯାଇଛି। ତେଣୁ ପ୍ରକୃତରେ କେତେ ରହିବ ଜଣାପଡୁନାହିଁ। ଉପରୋକ୍ତ ଡିସ୍‌କାଉଣ୍ଟ ଆଧାରରେ ଏହା ୫.୪୪% ହେବ ବୋଲି ଗୌରବ ଟୁଇଟ୍ କରିଛନ୍ତି।

## ଆଜି କେନ୍ଦ୍ର ବଜେଟ

**ନୂଆଦିଲ୍ଲୀ,୩୧।୧:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୁଧବାର ପୂର୍ବାହ୍ନ ୧୧ଟାରେ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି କେନ୍ଦ୍ର ବଜେଟ ପାର୍ଲାମେଣ୍ଟରେ ଉପସ୍ଥାପନ କରିବେ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ସୀତାରାମନ୍‌ଙ୍କର ଶେଷ ପୂର୍ଣ୍ଣାଙ୍ଗ ବଜେଟ ଏବଂ ସରକାରଙ୍କ ପଞ୍ଚମ ବଜେଟ ଉପସ୍ଥାପନ ହେବ। ବିଶ୍ୱ ଅର୍ଥନୈତିକ ସ୍ଥିତି ଖରାପ ହେବାରେ ଲାଗିଥିବାରୁ ଚଳିତ ବର୍ଷର ବଜେଟକୁ ଅର୍ଥନୀତିଜ୍ଞମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ସରକାର ଆର୍ଥିକ ଦୃଢ଼ୀକରଣ ଯୋଜନା ଉପରେ ଜୋର୍ ଦେବା ସହ ଦୀର୍ଘମିଆଦୀ ଅଭିବୃଦ୍ଧି ଲାଗି ବଜେଟରେ ପଦକ୍ଷେପ ନେବେ ବୋଲି ବିଶ୍ୱାସ କରାଯାଉଛି।



**ଆଜିର ସମ୍ପାଦକୀୟ** | ୧୫% ଡିସ୍‌କାଉଣ୍ଟ

## ଆଶାରାମଙ୍କୁ ଆଜୀବନ ଜେଲ



ଆଶାରାମ ବାପୁ ଓ ପୁଅ ନାରାୟଣ ସାଇ

**ଗାନ୍ଧୀନଗର, ୩୧।୧**

ଆତ୍ମଘୋଷିତ ବାବା ଆଶାରାମ ବାପୁ (୮୧)ଙ୍କୁ ମଙ୍ଗଳବାର ଗୁଜରାଟ ଗାନ୍ଧୀନଗର ସେସନ୍ସ କୋର୍ଟ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୩ରେ ଆଶାରାମ ସୁରଟର ଜଣେ ଶିଷ୍ୟାଙ୍କୁ ବହୁବାର ବଳାତ୍କାର କରିଥିବା ମାମଲାର ଶୁଣାଣି କରି ବିଚାରପତି ସୋମବାର ଆଶାରାମଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। କିନ୍ତୁ ଦଣ୍ଡ ଶୁଣାଣିକୁ ସଂରକ୍ଷିତ ☞ ପୃଷ୍ଠା-୪












| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ସୀମା |
|---|---|---|
| ₹1,00,000 ପର୍ଯ୍ୟନ୍ତ | 25% | ₹2,500 |
| ₹1,00,001 ରୁ ₹3,00,000 ପର୍ଯ୍ୟନ୍ତ | 25% | ₹3,000 |
| ₹3,00,001 ଓ ଅଧିକ | 30% | ₹3,500 |


*ପ୍ଲାନ୍ ସର୍ତ୍ତାବଳୀ ଅନୁଯାୟୀ ପେଠ କରାଯାଇ ନ ଥିବା ପ୍ରଥମ ପ୍ରିମିୟମ୍ ତାରିଖରୁ 5 ବର୍ଷ ମଧ୍ୟରେ ପଲିସିଗୁଡ଼ିକୁ ପୁନଃସକ୍ରିୟ କରାଯାଇପାରିବ ।

ବିଶେଷ ଅଫର୍: ଏହି କ୍ୟାମ୍ପେନ୍‌ରେ ପୁନର୍ଜୀବିତ କରାଯାଇଥିବା ସମସ୍ତ ଯୋଗ୍ୟ NACH ଏବଂ ବିଲ୍ ପେ' ରେଜିଷ୍ଟର୍ଡ ପଲିସି ଉପରେ ଟ.5.00 (ଜିଏସ୍‌ଟି ବହିର୍ଭୁତ)ର ଫ୍ଲାଟ୍ ଦରରେ ବିଳମ୍ବ ଦେୟ ଆଦାୟ କରାଯିବ ।

କନେକ୍ଟେଡ୍ ରୁହନ୍ତୁ । ଏଲ୍‌ଆଇସି ନିକଟରେ ଆପଣଙ୍କର ମୋବାଇଲ ନମ୍ବର ଇମେଲ୍ ଆଇଡି ଏବଂ ପ୍ୟାନ୍ ବିବରଣୀ ଅପ୍‌ଡେଟ୍ କରନ୍ତୁ ।

LIC digital | (022) 6827 6827 | licindia.in | 8976862090

LIC India Forever | IRDAI Regn No.: 512

ଭ୍ରମାତ୍ମକ ଫୋନ୍ କଲ୍ ଏବଂ ମିଛ/ଠକାମିମୂଳକ ଅଫର୍‌ଗୁଡ଼ିକ ପ୍ରତି ସାବଧାନ:

Azadi Ka Amrit Mahotsav

LIC
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

> କେନ୍ଦ୍ର ମୋଦି ସରକାର ସବୁବେଳେ ବଡ଼ ବଡ଼ ପ୍ରତିଶ୍ରୁତି ଦେଉଛନ୍ତି। ଅଭିବୃଦ୍ଧି ହାର ୮ରୁ ୧୦% ରହିଥିବା ଦାବିକରି ଏହାକୁ ହାସଲ କରିବାରେ ବିଫଳ ହେଉଛନ୍ତି। ଶେଷରେ ନିଜ ବିଫଳତା ପାଇଁ କୋଭିଡ୍-୧୯ ମହାମାରୀ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ବୈଶ୍ୱିକ ମାନ୍ଦାବସ୍ଥା ଉପରେ ଦୋଷ ଦେଉଛନ୍ତି। ସରକାରଙ୍କ ଇକୋନୋମିକ୍ ସର୍ଭେରେ କେବଳ ମିଛ ଭରି ରହିଛି।
> -ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

# ଇକୋନୋମିକ୍ ସର୍ଭେରେ ଅଭିବୃଦ୍ଧି ଆଶା

ନୂଆଦିଲ୍ଲୀ, ୩୧।୧

କୋଭିଡ୍-୧୯ ମହାମାରୀର କଷାଘାତରୁ ବୈଶ୍ୱିକ ଅର୍ଥନୀତି ଏଯାଏଁ ମୁକୁଳିପାରି ନ ଥିବାବେଳେ ଭୂ-ରାଜନୈତିକ ସଂଘର୍ଷ ସ୍ଥିତିକୁ ଆହୁରି ସଙ୍ଗିନ କରିଛି। ଏଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଅର୍ଥନୀତି ନଇଁ ପଡ଼ିନାହିଁ। ଦେଶର ମଜଭୁତ ଆର୍ଥିକ ଭିତ୍ତିଭୂମି ଏହାର ମୁଖ୍ୟ କାରଣ ବୋଲି ମଙ୍ଗଳବାର ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ପ୍ରକାଶ କରିଛନ୍ତି। ନାଗେଶ୍ୱରନ୍‌ଙ୍କ ମତରେ ଏପ୍ରିଲ ୧ରେ ଆରମ୍ଭ ହେବାକୁ ଥିବା ଆଗାମୀ ଆର୍ଥିକ ବର୍ଷରେ ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଭଲ ଅଭିବୃଦ୍ଧି ଦେଖିବାକୁ ମିଳିବ। ସାରା ବିଶ୍ୱ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାବେଳେ ଦ୍ରୁତତମ ବିକାଶଶୀଳ ରାଷ୍ଟ୍ର ଭାରତ ସେସବୁର ମୁକାବିଲା ସଫଳ ହୋଇଛି।

ପାର୍ଲାମେଣ୍ଟରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନର ୨୪ ଘଣ୍ଟା ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷର ଇକୋନୋମିକ୍ ସର୍ଭେ ରିପୋର୍ଟ ଜାରି କରାଯାଇଛି। ସିଇଏ ଭି. ଅନନ୍ତ ନାଗେଶ୍ୱରନ୍ ମଙ୍ଗଳବାର ଅପରାହ୍ନ ୨ଟାରେ ସର୍ଭେ ରିପୋର୍ଟ ସମ୍ପର୍କରେ ଗଣମାଧ୍ୟମ ଆଗରେ ବିସ୍ତୃତ ବିବରଣୀ ରଖିଛନ୍ତି। ଏହି ଅବସରରେ ଡ. ନାଗେଶ୍ୱରନ୍ କହିଛନ୍ତି, ଅର୍ଥ ବ୍ୟବସ୍ଥାରେ ମନ୍ଥରତାକୁ ନେଇ ଭାରତ ଚିନ୍ତିତ ହେବା ଅନାବଶ୍ୟକ। ସରକାର ୬.୪% ବିତ୍ତୀୟ ନିଅଣ୍ଟ ଦିଗରେ ଅଗ୍ରସର ହେଉଛନ୍ତି। ୨୦୨୨ ଏପ୍ରିଲରୁ ନଭେମ୍ବର ମଧ୍ୟରେ ସକଳ ଟିକସ ରାଜସ୍ୱରେ ୧୫.୫% ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୨୩ ଆର୍ଥିକ ବର୍ଷର ପ୍ରଥମ ୩ଟି ତ୍ରୈମାସିକରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ୧୩.୪୦ ଲକ୍ଷ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି। ସେ ଆହୁରି କହିଛନ୍ତି ଯେ, ୨୦୨୨ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ପ୍ରବାହ ୨୧. ୩ ବିଲିୟନ୍ ଡଲାର ଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୭୬% ଅଧିକ। ଭାରତୀୟ ଫାର୍ମାସ୍ୟୁଟିକାଲ୍ ରପ୍ତାନି ୨୦୨୧ରେ ୨୪% ବୃଦ୍ଧି ହୋଇଥିବାବେଳେ ୨୦୨୨ ପର୍ଯ୍ୟନ୍ତ ଫାର୍ମା ସେକ୍ଟର ୨୦ ବିଲିୟନ୍ ଡଲାରରୁ ଅଧିକ ବିଦେଶୀ ନିବେଶ ପାଇଛି। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବ୍ୟାରେଲ୍ ପିଛା ୧୦୦ ଡଲାର ତଳେ ରହିଥିବା ପର୍ଯ୍ୟନ୍ତ ଆକଳନ କରାଯାଇଥିବା ଅଭିବୃଦ୍ଧି ପ୍ରତି କୌଣସି ସଙ୍କଟ ଦେଖାଯାଉ ନାହିଁ। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତରେ ମୁଦ୍ରାସ୍ଫୀତି ବଡ଼ ଚିନ୍ତାର କାରଣ ପାଲଟି ନ ପାରେ।



ସିଇଏ ଭି. ଅନନ୍ତ ନାଗେଶ୍ୱରନ (ମଝି) ମଙ୍ଗଳବାର ଇକୋନୋମିକ୍ ସର୍ଭେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ଓଡ଼ିଶାରେ ୧୦୦% ହୋଇ ନାହିଁ ଟେଲି ସଂଯୋଗ



ଓଡ଼ିଶା ଅଦ୍ୟାବଧି ୧୦୦% ଟେଲି ସାନ୍ଦ୍ରତା ହାସଲ କରିପାରି ନାହିଁ। ତେଣୁ ରାଜ୍ୟରେ ଟେଲି ଯୋଗାଯୋଗ କ୍ଷେତ୍ରକୁ ବିଶେଷ ଧ୍ୟାନ ଦେବା ଜରୁରୀ ହୋଇଛି। ଦେଶରେ ଟେଲି-ସାନ୍ଦ୍ରତା ହାରାହାରି ୮୪.୮% ଥିବାବେଳେ ଓଡ଼ିଶାରେ ଜାତୀୟ ହାରଠାରୁ ବହୁ ତଳେ ରହିଛି ବୋଲି ମଙ୍ଗଳବାର ପାର୍ଲାମେଣ୍ଟରେ ଉପସ୍ଥାପିତ ଇକୋନୋମିକ୍ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସର୍ଭେ ରିପୋର୍ଟ ଉପସ୍ଥାପନ ବେଳେ କହିଛନ୍ତି, ୨୦୧୯ରେ ଓଡ଼ିଶାର ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟାରେ ୫୦%ରୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଥିଲା। ସର୍ଭେ ଅନୁଯାୟୀ ୨୦୨୨ ନଭେମ୍ବର ସୁଦ୍ଧା ଭାରତରେ ଟେଲିଫୋନ୍ ବ୍ୟବହାରକାରୀଙ୍କ ମୋଟ ସଂଖ୍ୟା ୧୧୭ କୋଟି ଥିଲା। ସେମାନଙ୍କ ମଧ୍ୟରୁ ୯୭% ବା ୧୧୪.୩ କୋଟି ୱେରଲେସ୍ ଜରିଆରେ ଯୋଗାଯୋଗ କରିଥାନ୍ତି। ୨୦୨୨ ଜୁନ୍ ସୁଦ୍ଧା ଦେଶର ୮୩.୭ କୋଟି ଲୋକଙ୍କ ପାଖରେ ଇଣ୍ଟରନେଟ୍ ସଂଯୋଗ ବ୍ୟବସ୍ଥା ରହିଥିଲା। ଦେଶର ମୋଟ ଟେଲି ଡେନ୍‌ସିଟି ୮୪.୮%। ବିଭିନ୍ନ ରାଜ୍ୟରେ ଏହି ହାରରେ ବଡ଼ ବ୍ୟବଧାନ ଦେଖିବାକୁ ମିଳିଛି। ବିହାରରେ ଟେଲି-ଡେନ୍‌ସିଟି ୫୫.୪% ଥିବାବେଳେ ଦିଲ୍ଲୀରେ ୨୭୦.୬% ରହିଛି। ୮ ଲାଇସେନ୍ସ ଏରିଆ ସର୍ଭିସ୍ ରାଜ୍ୟରେ ଟେଲି-ସାନ୍ଦ୍ରତା ୧୦୦%ରୁ ଅଧିକ ରହିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଚଳିତବର୍ଷ ଓଡ଼ିଶାର ଗ୍ରାମାଞ୍ଚଳରେ ସହରାଞ୍ଚଳ ତୁଳନାରେ ଖାଦ୍ୟର ଦରଦାମ୍ ସାଙ୍ଗକୁ ମୁଦ୍ରାସ୍ଫୀତି ଅଧିକ ରହିଛି। ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ୨୦୨୩ ଆର୍ଥିକ ବର୍ଷରେ ୭% ରହିଥିବା ସର୍ବେକ୍ଷଣରେ ରେଖାଙ୍କିତ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ ୨୦୧୭ରେ ଓଡ଼ିଶାକୁ ୨୨୨% ସୁବିଧା ଦିଆଯାଇଥିଲା।

# ଭାରତର ମୁଦ୍ରାସ୍ଫୀତି ୫%କୁ ଖସିବ: ଆଇଏମ୍ଏଫ୍

ନୂଆଦିଲ୍ଲୀ,୩୧।୧

ଭାରତର ମୁଦ୍ରାସ୍ଫୀତି ୨୦୨୩ରେ ୫% ଏବଂ ୨୦୨୪ରେ ୪%କୁ ଖସିବ ବୋଲି ମଙ୍ଗଳବାର ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) କହିଛି। ଆଇଏମ୍ଏଫ୍ ପକ୍ଷରୁ ଜାରି ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍‌ରେ ଦର୍ଶାଯାଇଛି ଯେ, ପ୍ରାୟ ୮୪% ଦେଶରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ) ୨୦୨୨ ତୁଳନାରେ ୨୦୨୩ରେ ହ୍ରାସ ପାଇପାରେ। ଭାରତରେ ମାର୍ଚ୍ଚ ୩୧ରେ ଶେଷ ହେଉଥିବା ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୬.୮%କୁ ଖସିପାରେ। କେବଳ ଏତିକି ନୁହେଁ, ଏହି ହାର ୨୦୨୩ରେ ୫% ଏବଂ ୨୦୨୪ରେ ୪%କୁ ଖସିପାରେ ବୋଲି ଆଇଏମ୍ଏଫ୍ ଅଧୀନ ରିସର୍ଚ୍ଚ ଡିପାର୍ଟମେଣ୍ଟର ଡିଭିଜନ୍ ଚିଫ୍ ଡାନିଏଲ୍ ଲେଇଘ ଗଣମାଧ୍ୟମକୁ କହିଛନ୍ତି।

ଆଇଏମ୍ଏଫ୍‌ର ଆକଳନ ଅନୁସାରେ ବୈଶ୍ୱିକ ଅଭିବୃଦ୍ଧି ୨୦୨୨ରେ ୩.୪% ରହିବା ଅନୁମାନ କରାଯାଇଥିଲା। ୨୦୨୩ରେ ଏହା ୨.୯% ରହିବ ଏବଂ ୨୦୨୪ରେ ପୁଣି ୩.୧ ପ୍ରତିଶତକୁ ବୃଦ୍ଧି ପାଇବ। ତେବେ ଭାରତକୁ ନେଇ ଅଭିବୃଦ୍ଧି ଆକଳନ ଅପରିବର୍ତ୍ତିତ ରହିଛି। ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୬.୮% ରହିବା ନେଇ ଅନୁମାନ କରାଯାଇଥିଲା। ଆଗାମୀ ଆର୍ଥିକ ବର୍ଷରେ ଏହା ୬.୧% ରହିପାରେ।




## ବଢ଼ିପାରେ କରେଣ୍ଟ ଆକାଉଣ୍ଟ ଡେଫିସିଟ୍

ଇକୋନୋମିକ୍ ସର୍ଭେରେ କୁହାଯାଇଛି ଯେ, ଗ୍ଲୋବାଲ୍ କୋମୋଡିଟି ପ୍ରାଇସ୍ ବହୁ ଉଚ୍ଚକୁ ଛୁଇଁଛି। ଏଥିଯୋଗୁ ଆଗକୁ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ (ସିଏଡି) ବଢ଼ିପାରେ। କିନ୍ତୁ ଆର୍ଥିକ ଅଭିବୃଦ୍ଧିର ଗତି ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ। ସିଏଡି ବଢ଼ିଲେ ଟଙ୍କା ଉପରେ ଡେପ୍ରିସିଏଶନ୍ ଚାପ ସୃଷ୍ଟି ହୋଇପାରେ।

## ପିପିପିରେ ଭାରତ ତୃତୀୟ ବୃହତ୍ ଅର୍ଥନୀତି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିବା ଇକୋନୋମିକ୍ ସର୍ଭେରେ କୁହାଯାଇଛି ଯେ, ପର୍ଚେଜିଂ ପାୱାର୍ ପ୍ୟାରିଟି (ପିପିପି) କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି। ଏକ୍ସଚେଞ୍ଜ ରେଟ୍ କ୍ଷେତ୍ରରେ ପଞ୍ଚମ ସ୍ଥାନରେ ଭାରତ ରହିଛି। ଅଧିକାଂଶ ଅର୍ଥ ବ୍ୟବସ୍ଥା ତୁଳନାରେ ଆମ ଦେଶ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ଅଧିକ ସଫଳ ହୋଇଛି।

## ରୁଷିଆ-ୟୁକ୍ରେନ୍ ସଂଘର୍ଷ ଚାପ ବଢ଼ାଇଛି

ପୂର୍ବରୁ କୋଭିଡ୍ ମହାମାରୀଜନିତ ପ୍ରଭାବରୁ ନିସ୍ତାର ମିଳି ନ ଥିବାବେଳେ ୨୦୨୨ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠୁ ବିଶ୍ୱବ୍ୟାପୀ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିଚାଲିଛି। ଭାରତ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଏହାସତ୍ତ୍ୱେ ଦରଦାମ୍ ନିୟନ୍ତ୍ରଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି ବୈଠକରେ ସୁଧ ହାର ବୃଦ୍ଧି ନିଷ୍ପତ୍ତି ନେବାକୁ ପଡ଼ିଛି।

ଫୁରସତ୍

# ଇ-ସିଗାରେଟ୍ କବଳରେ ଶିକ୍ଷିତ ଯୁବପିଢ଼ି

ମୁମ୍ବାଇ

ଇ-ସିଗାରେଟ୍‌କୁ ୨୦୧୯ରୁ ଭାରତ ସରକାରଙ୍କ ପକ୍ଷରୁ ନିଷିଦ୍ଧ ଘୋଷଣା କରାଯାଇଛି। କିନ୍ତୁ ଏହା ସତ୍ତ୍ୱେ ଦେଶର ଶିକ୍ଷିତ ଯୁବପିଢ଼ି ଇ-ସିଗାରେଟ୍‌ର ବହୁଳ ବ୍ୟବହାର କରିବାରେ ଲାଗିଥିବା 'ଦ ଜର୍ଜ ଇନ୍‌ଷ୍ଟିଚ୍ୟୁଟ ଫର୍ ଗ୍ଲୋବାଲ ହେଲ୍‌ଥ' ପକ୍ଷରୁ କରାଯାଇଥିବା ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍‌ଲାଇନ୍‌ରେ ଇ-ସିଗାରେଟ୍ ସହଜରେ ଉପଲବ୍ଧ ହେଉଥିବାବେଳେ ବ୍ୟାନ୍ ସତ୍ତ୍ୱେ ବହୁ ଦୋକାନୀ ଏହାକୁ ନିଜ ପାଖରେ ମହଜୁଦ ରଖୁଛନ୍ତି। ସାଧାରଣ ସିଗାରେଟରେ ବ୍ୟବହାର ହେଉଥିବା ତମାଖୁ ଇ-ସିଗାରେଟ୍‌ରେ ମଧ୍ୟ ରହିଥାଏ। ଯେଉଁମାନେ ସିଗାରେଟ ଟାଣିବାକୁ ପସନ୍ଦ କରନ୍ତି, ସେମାନଙ୍କ ପକ୍ଷରେ ଇ-ସିଗାରେଟ୍‌କୁ ବ୍ୟବହାର କରିବା ସହଜ ବୋଲି ଜଣାଯାଉଛି। ପାରେଲସ୍ଥିତ ଟାଟା ମେମୋରିଆଲ୍ ହସ୍ପିଟାଲର କ୍ୟାନ୍‌ସର ସର୍ଜନ ଡା. ପଙ୍କଜ ଚତୁର୍ବେଦୀଙ୍କ ମତରେ, ସିଗାରେଟ୍‌ରେ ଥିବା ନିକୋଟିନ୍ ମନୁଷ୍ୟ ଶରୀର ପକ୍ଷେ କ୍ଷତିକାରକ। ସିଗାରେଟ୍ ଟାଣିବାରେ ଅଭ୍ୟସ୍ତ ବ୍ୟକ୍ତିମାନଙ୍କୁ ଏହା ବୁଝିବା ନିହାତି ଆବଶ୍ୟକ। ସେମାନେ ଜାଣିଶୁଣି ନିଜ ଜୀବନକୁ ବିପଦମୁଖକୁ ଠେଲି ଦେଉଛନ୍ତି। ଇ-ସିଗାରେଟ୍‌କୁ ନିଷିଦ୍ଧ ଘୋଷଣା କରିବା ପରେ ଏହାର ଚୋରାବିକ୍ରି ରୋକିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ଜର୍ନାଲ ଅଫ୍ ପ୍ରିଭେଣ୍ଟିଭ୍ ମେଡିସିନ୍‌ରେ ପ୍ରକାଶ ପାଇଥିବା ଏହି ଅଧ୍ୟୟନ ରିପୋର୍ଟ ଅନୁସାରେ, ୮୪୦ ଶିକ୍ଷିତ ଯୁବପିଢ଼ିଙ୍କୁ ଏଥିରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ୨୩% ଯୁବପିଢ଼ି ଇ-ସିଗାରେଟ୍ ବ୍ୟବହାର କରୁଥିବାବେଳେ ୮% ନିୟମିତ ରୂପରେ ଏହାକୁ ୟୁଜ୍ କରୁଛନ୍ତି। ମନୁଷ୍ୟ ଶରୀର ପାଇଁ ଇ-ସିଗାରେଟ୍ ନାକାରାତ୍ମକ ପ୍ରଭାବ ପକାଉଥିବାବେଳେ ବିଷାକ୍ତ କେମିକାଲ ଏଥିରେ ରହିଛି। ଇ-ସିଗାରେଟ୍‌ର ବହୁଳ ବ୍ୟବହାରକୁ ରୋକା ନ ଗଲେ ଯୁବପିଢ଼ିଙ୍କ ଲାଗି ଏହା ଆଗାମୀ ଦିନରେ ମାରାତ୍ମକ ସାବ୍ୟସ୍ତ ହେବ।



## ଯୌନ ରୋଗରୁ ରକ୍ଷା ପାଇଁ ଗର୍ଭନିରୋଧକ ବଣ୍ଟନ

ବ୍ୟାଙ୍କକ

ବର୍ତ୍ତମାନ ସମୟରେ ଅନେକ ଯୁବତୀଯୁବକ ଅସୁରକ୍ଷିତ ଯୌନସମ୍ପର୍କ ରଖିବା ଫଳରେ ବହୁ ରୋଗର ସମ୍ମୁଖୀନ ହେଉଛନ୍ତି। ଏହିଭଳି ରୋଗରୁ ବର୍ତ୍ତିବା ପାଇଁ ଥାଇଲାଣ୍ଡ ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ନିକଟରେ ପ୍ରେମୀଯୁଗଳଙ୍କ ପାଇଁ ସାପ୍ତାହିକ ପ୍ରେମ ଦିବସ ଆସୁଥିବାବେଳେ ସେମାନଙ୍କ ସୁରକ୍ଷିତ ଜୀବନ ପାଇଁ ମାଗଣାରେ ୯୫ ମିଲିୟନ୍ କଣ୍ଡୋମ ବଣ୍ଟନ ପାଇଁ ଯୋଜନା ରହିଛି। ଫେବୃୟାରୀ ୧ରୁ ସାର୍ବଜନୀନ ସ୍ୱାସ୍ଥ୍ୟକାର୍ଡଧାରୀଙ୍କୁ ଜଣକା ୧୦ଟି କଣ୍ଡୋମ ପ୍ରଦାନ କରାଯିବ। ରିପୋର୍ଟ ଅନୁସାରେ, ୨୦୨୧ରେ ଥାଇଲାଣ୍ଡରେ ଅସୁରକ୍ଷିତ ଯୌନ ସମ୍ପର୍କଜନିତ ରୋଗ ବୃଦ୍ଧି ପାଇଥିବା ଜଣାପଡିଛି। ପ୍ରତି ୧୦୦୦ରୁ ପ୍ରାୟ ୨୪.୪ ପ୍ରତିଶତ ୧୫ରୁ ୧୯ ବର୍ଷ ବୟସର ଥାଇଲାଣ୍ଡ ବାଳିକା ଗର୍ଭଧାରଣ କରୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରୁ ଜଣାପଡ଼ିଛି।

## ଟ୍ରୋଲ୍ ହେଲେ ଆଥିଆ

ମୁମ୍ବାଇ

ଗତ କିଛିଦିନ ତଳେ ବଲିଉଡ୍ ଅଭିନେତ୍ରୀ ଆଥିଆ ସେଟ୍ଟୀ କ୍ରିକେଟର କେ. ଏଲ୍. ରାହୁଲଙ୍କୁ ବିବାହ କରିଛନ୍ତି। ଆଥିଆଙ୍କ ବାପା ସୁନୀଲ ସେଟ୍ଟୀଙ୍କ ଖଣ୍ଡାଲା ବାଲା ଫାର୍ମ ହାଉସ୍‌ରେ ଦୁହେଁ ବିବାହ କରି ସାତ ଜନ୍ମର ସାଥୀ ହୋଇଛନ୍ତି। ଉକ୍ତ ନବଦମ୍ପତି ଏକ ସୋମବାର ରାତିରେ ଖାଇବା ପାଇଁ ବାହାରକୁ ବାହାରିଥିବା ଭିଡିଓ ନଜରକୁ ଆସିଛି। ବିବାହକୁ ସପ୍ତାହେ ବିତିଥିଲେ ମଧ୍ୟ ଆଥିଆ ନୂଆ ବିବାହ କରିଥିବା ଭଳି ଦେଖାଯାଉ ନ ଥିଲେ। ସେ ମୁଣ୍ଡରେ ସିନ୍ଦୂର କି ହାତରେ ସଙ୍ଖା ପିନ୍ଧି ନ ଥିଲେ। ଶାଢି କି ସାଲୱାର୍ ବଦଳରେ ଅଲଗା ଦିନ ଭଳି ଜିନ୍ସ ଏବଂ ଟି- ଶାର୍ଟରେ ନଜରକୁ ଆସିଛନ୍ତି। ଏହାକୁ ନେଇ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି। ଦର୍ଶକ ତାଙ୍କୁ ଦେଖି କମେଣ୍ଟ ମାରିଛନ୍ତି। ଜଣେ କହିଛନ୍ତି, ଆଥିଆ କେଉଁଆଡୁ ବି ନବବିବାହିତା ଭଳି ଦେଖାଯାଉନାହାନ୍ତି। ତେବେ ଏଥିରେ ଉଭୟ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।



## ଦେଶ ସୁରକ୍ଷାରେ ତଟରକ୍ଷୀ ବାହିନୀ

**ଭାରତୀୟ ତଟରକ୍ଷୀ ବାହିନୀ ଦିବସ**

**ଦେଶର** ସୁରକ୍ଷାରେ ତଟରକ୍ଷୀ ବାହିନୀଙ୍କ କାର୍ଯ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୧ରେ ଭାରତୀୟ ତଟରକ୍ଷୀ ବାହିନୀ ଦିବସ ପାଳନ କରାଯାଇଥାଏ। ଇଣ୍ଡିଆନ କୋଷ୍ଟଗାର୍ଡ ୧ ଫେବୃୟାରୀ ୨୦୨୩ରେ ଏହାର ୪୭ତମ ଦିବସ ପାଳନ କରୁଛି। ୧୯୭୮ରେ ମାତ୍ର ୭ ଭୂପୃଷ୍ଠ ପ୍ଲାଟଫର୍ମରୁ ଏକ ସାମାନ୍ୟ ଆରମ୍ଭ ହୋଇଥିବା ତଟରକ୍ଷୀ ବାହିନୀ ପାଖରେ ସମ୍ପ୍ରତି ୧୫୮ ଜାହାଜ ଏବଂ ୭୦ଟି ବିମାନ ସହିତ ଏକ ଶକ୍ତିଶାଳୀ ସୁରକ୍ଷାଶକ୍ତିରେ ପରିଣତ ହୋଇଛି। ୨୦୨୫ ସୁଦ୍ଧା ଏହା ୨୦୦ ଭୂପୃଷ୍ଠ ପ୍ଲାଟଫର୍ମ ଏବଂ ୮୦ ବିମାନ ହାସଲ କରିବା ଲକ୍ଷ୍ୟ ଧାର୍ଯ୍ୟ କରିଛି। ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ୧ ଫେବୃୟାରୀ ୧୯୭୭ରେ ସୃଷ୍ଟି ହୋଇଥିଲା, ଯେଉଁଥିରେ ଦୁଇଟି ଛୋଟ କର୍ଭେଟ ଏବଂ ପାଞ୍ଚଟି ପାଟ୍ରୋଲିଂ ଡଙ୍ଗା ଭାରତୀୟ ନୌସେନାରୁ ସ୍ଥାନାନ୍ତରିତ ହୋଇଥିଲା। ଏହାର କର୍ତ୍ତବ୍ୟ ଏବଂ କାର୍ଯ୍ୟଗୁଡିକ ଆନୁଷ୍ଠାନିକ ଭାବରେ କୋଷ୍ଟଗାର୍ଡ ଅଧିନିୟମରେ ବ୍ୟାଖ୍ୟା କରାଯାଇଥିଲା, ଯାହା ଭାରତର ସଂସଦ ଦ୍ୱାରା ୧୮ ଅଗଷ୍ଟ ୧୯୭୮ରେ ପାରିତ ହୋଇଥିଲା। ସମ୍ପ୍ରତି ଭାରତୀୟ ତଟରକ୍ଷୀ ବାହିନୀରେ ୩ ପ୍ରଦୂଷଣ ନିୟନ୍ତ୍ରଣ ଜାହାଜ, ୨୭ଟି ଅଫଶୋର ପାଟ୍ରୋଲିଂ ଜାହାଜ, ୪୫ଟି ଦ୍ରୁତ ପାଟ୍ରୋଲିଂ ଜାହାଜ, ୮୨ଟି ପାଟ୍ରୋଲିଂ ଡଙ୍ଗା, ୧୪ଟି ପାଟ୍ରୋଲିଂ କ୍ରାଫ୍ଟ, ୧୮ ଓଭରକ୍ରାଫ୍ଟ, ୬୭ ଏୟାର କ୍ରାଫ୍ଟ ମୁତୟନ ଅଛନ୍ତି।

## ଶାର୍କ କିଣି ଖାଇବାରୁ ୧୫ ଲକ୍ଷ ଜରିମାନା

ବେଜିଂ

ଚାଇନାର ଜଣେ ମହିଳା ଫୁଡ୍ ବ୍ଲଗର୍ ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ ଭାଙ୍ଗିଥିବାରୁ ୧ ଲକ୍ଷ ୨୫ ହଜାର ୟୁଆନ୍ ଅର୍ଥାତ୍ ୧୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିଛି। ରିପୋର୍ଟ ଅନୁସାରେ, ଫୁଡ୍ ବ୍ଲଗର ବିଜି ଏକ ଭିଡିଓ ଶେୟାର କରିଛନ୍ତି। ସେଥିରେ ସେ ଗୋଟେ ବଡ଼ ଧଳା ଶାର୍କକୁ ୭ ହଜାର ୭୦୦ ୟୁଆନ୍ ଅର୍ଥାତ୍ ୯୩ ହଜାରରେ କିଣିଥିଲେ। ଶାର୍କର ଉଚ୍ଚତା ମହିଳାଙ୍କ ଉଚ୍ଚତା ୬ଫୁଟ ୬ ଇଞ୍ଚ ସହ ସମାନ ହେବ, ଯାହାକି ଚାଇନାର ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ ପ୍ରଭାବିତ କରେ। ସେ ସେହି ଶାର୍କକୁ ବେଆଇନ ଭାବେ ଗତବର୍ଷ ଏପ୍ରିଲରେ କିଣି ଭିଡିଓ କରିଥିଲେ। ଯେଉଁଥିପାଇଁ ଜରିମାନା ଭରିବାକୁ ପଡ଼ିଛି।



## ସବୁଠୁ ବଡ଼ ଅଣ୍ଡରୱାଟର ସାଇକେଲ ପାର୍କିଂ

ଆମଷ୍ଟରଡାମ

ଆମଷ୍ଟରଡାମ ଏପରି ଏକ ସହର, ଯେଉଁଠାରେ ଲୋକେ ଯାତାୟାତ ପାଇଁ ସାଇକେଲର ବ୍ୟବହାର ବହୁଳ ମାତ୍ରାରେ କରିଥାନ୍ତି। ଏହି ସାଇକେଲ ସଂସ୍କୃତି ପାଇଁ ଦେଶରେ ଏହା ଖ୍ୟାତି ଅର୍ଜନ କରିପାରିଛି। ତେବେ ଏଥିନେଇ ଆଉ ଏକ ପାଦ ଆଗକୁ ବଢ଼ିଛି। ଏଠାରେ ଦୁନିଆର ସବୁଠାରୁ ବଡ଼ ଅଣ୍ଡରୱାଟର ସାଇକେଲ ପାର୍କିଂର ବ୍ୟବସ୍ଥା ହୋଇଛି। ଯେଉଁଠାରେ କି ୭ହଜାର ସାଇକେଲ୍ ପାର୍କିଂ କରିହେବ। ଏହି ୬୫ ମିଲିୟନ୍ ପ୍ରୋଜେକ୍ଟ ପାଇଁ ୪ ବର୍ଷ ସମୟ ଲାଗିଛି। ସହର ପ୍ରଦୂଷଣକୁ ବଞ୍ଚାଇବା ପାଇଁ ବାଇକ୍ ବଦଳରେ ସାଇକେଲ ବ୍ୟବହାର କରିବା ଏହି ପ୍ରୋଜେକ୍ଟର ମୂଳ ଲକ୍ଷ୍ୟ ରହିଛି। ଏହି ସାଇକେଲ ପାର୍କିଂ ସହରର ସେଣ୍ଟ୍ରାଲ ଷ୍ଟେଶନ ପାଖରେ ରହିଛି। ଯେଉଁଥିପାଇଁ ସେଣ୍ଟ୍ରାଲ ଷ୍ଟେଶନକୁ ଯିବାକୁ ସୁବିଧା ରହିଛି।



## ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**ବାରିପଦା ଅଫିସ:** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଦୋଷୀଙ୍କୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ବଳିଆଡ଼ାଳ ଗ୍ରାମର କ୍ଷେତ୍ର ମୁଣ୍ଡା(୨୨)। ୨୦୧୭ ନଭେମ୍ବର ୭ରେ ପୀଡ଼ିତା ସନ୍ଧ୍ୟା ସମୟରେ ଖେଳୁଥିବାବେଳେ ତାଙ୍କୁ ଅଭିଯୁକ୍ତ ମୁଣ୍ଡା ଉଠାଇ ନେଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନାବାଳିକାଙ୍କୁ ନ ପାଇବାରୁ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କ ବୟାନକୁ ଆଧାର କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।




## ଧାନବାଦ: ବିଲ୍ଡିଂରେ ନିଆଁ, ୧୪ ଜଳିଗଲେ

**ରାଞ୍ଚି, ୩୧।୧**

ଝାଡ଼ଖଣ୍ଡ ଧାନବାଦ ଜିଲାରେ ଏକ ବିଲ୍ଡିଂରେ ମଙ୍ଗଳବାର ସନ୍ଧ୍ୟାରେ ନିଆଁ ଲାଗି ୩ ଶିଶୁଙ୍କ ସମେତ ୧୪ ଜଣ ଜଳିଯାଇଛନ୍ତି। ଏଥିସହ ନିଆଁରେ ପୋଡ଼ିହୋଇ କେତେଜଣ ଗୁରୁତର ଆହତ ହୋଇଛନ୍ତି। ସନ୍ଧ୍ୟା ପ୍ରାୟ ୬ଟାବେଳେ ଧାନବାଦର ଜୋରଫାଟକ ଅଞ୍ଚଳରେ ଥିବା ଆଶୀର୍ବାଦ ଟାୱାରର ଦ୍ୱିତୀୟ ମହଲାରେ ନିଆଁ ଲାଗିଯାଇଥିଲା। ନିଆଁ ଲିଭା କାର୍ଯ୍ୟରେ ପ୍ରାୟ ୪୦ଟି ଦମକଳ ଗାଡ଼ି ନିୟୋଜିତ ହୋଇଛନ୍ତି। ଆହତ ୧୧ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନଥିବା ମୁଖ୍ୟ ଶାସନ ସଚିବ ସୁଖଦେବ ସିଂ କହିଛନ୍ତି। ଅଗ୍ନିକାଣ୍ଡ ଜନିତ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଦୁଃଖ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଜରୁରିକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି ଏବଂ ଆହତମାନଙ୍କ ଚିକିତ୍ସା କରାଯାଉଥିବା ସେ କହିଛନ୍ତି। ଆପାର୍ଟମେଣ୍ଟରେ ଏବେ ବି ୫୦ ଜଣ ଫସି ରହିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ ମାରାଣ୍ଡି ଟୁଇଟ୍ କରିଛନ୍ତି।

## ଭୁବନେଶ୍ୱରରୁ ଜାମଶେଦପୁର ବିମାନସେବା ଆରମ୍ଭ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**




ଭୁବନେଶ୍ୱରରୁ ଝାଡ଼ଖଣ୍ଡର ଜାମଶେଦପୁରକୁ ଦୈନିକ ବିମାନସେବା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଇଣ୍ଡିଆୱାନ୍ ଏୟାର ପକ୍ଷରୁ ଏହି ସେବା ପ୍ରଦାନ କରାଯାଉଛି। ମଙ୍ଗଳବାର ସକାଳ ୭ଟା ୩୦ରେ ଏୟାରକ୍ରାଫ୍ଟ ଭିଟି-କେଏସ୍‌ଏସ୍ ଭୁବନେଶ୍ୱର ବିମାନବନ୍ଦରରୁ ଉଡ଼ାଣ ଶୁଭାରମ୍ଭ କରିଥିଲା। ଜାମଶେଦପୁରରେ ସକାଳ ୯ଟା ୨୦ରେ ପହଞ୍ଚିବା ପରେ ସେଠାରୁ ୧୦ଟା ୧୫ରେ ବାହାରି କୋଲକାତାରେ ୧୧ଟା ୨୦ରେ ପହଞ୍ଚିଥିଲା। ପୁଣି କୋଲକାତାରୁ ଅପରାହ୍ନ ୧୨ଟା ୧୦ରେ ଉଡ଼ାଣ ଭରି ଜାମଶେଦପୁରରେ ୧ଟା ୧୫ରେ ପହଞ୍ଚିବା ପରେ ସେଠାରୁ ୧ଟା ୫୫ରେ ବାହାରି ଭୁବନେଶ୍ୱରରେ ଅପରାହ୍ନ ୩ଟା ୪୫ରେ ଅବତରଣ କରିଥିଲା। ଭୁବନେଶ୍ୱରରୁ ଜାମଶେଦପୁର ଭଡ଼ା ୨,୯୯୯ଟଙ୍କା ରହିଥିବାବେଳେ ଜାମସେଦପୁରରୁ କୋଲକାତା ଭଡ଼ା ୧,୯୯୯ ଟଙ୍କା ରହିଛି। ତେବେ ବୁଧବାରଠାରୁ ଦୈନିକ ବିମାନ ଚଳାଚଳ ସମୟ ଅଲଗା ରହିଛି। ବୁଧବାରଠାରୁ ଏହା ଭୁବନେଶ୍ୱରରୁ ସକାଳ ୬ଟା ୩୦ରେ ବାହାରି ଜାମଶେଦପୁରରେ ୭ଟା ୫୦ରେ ପହଞ୍ଚିବ। ସେଠାରୁ ୮ଟା ୧୫ରେ କୋଲକାତା ଅଭିମୁଖେ ବାହାରି ୯ଟା ୨୦ରେ ପହଞ୍ଚିବ। କୋଲକାତାରୁ ପୁଣି ୧୦ଟା ୧୦ରେ ବାହାରି ଜାମଶେଦପୁରରେ ୧୧ଟା ୧୫ରେ ପହଞ୍ଚି ସେଠାରୁ ଅପରାହ୍ନ ୧୨ଟା ୪୫ରେ ଉଡ଼ାଣ କରି ଭୁବନେଶ୍ୱରରେ ୨ଟା ୫ରେ ଅବତରଣ କରିବ। ଏହି ବିମାନସେବା ଆରମ୍ଭ ହେବା ପରେ ଇଣ୍ଡିଆୱାନ ଏୟାର ନିର୍ଦ୍ଦେଶକ(କ୍ୱାଲିଟି) ସମ୍ବିତ କୁମାର ନାୟକ କହିଛନ୍ତି, ଓଡ଼ିଶାରେ ଦିନକୁ ଦିନ ବିମାନସେବା ବଢ଼ୁଛି। ଆମର ପ୍ରଥମ ବିମାନ ସେବା ଜୟପୁର ଓ ବିଶାଖାପାଟଣା ମଧ୍ୟରେ ହୋଇଥିଲା। ଏହାପରେ ଆମେ ଭୁବନେଶ୍ୱର-ଜାମଶେଦପୁର-କୋଲକାତା ବିମାନ ସେବା ଆରମ୍ଭ କରିଛୁ। ଆଗାମୀ ଦିନରେ ଏହି ବିମାନ ସେବାକୁ ପଶ୍ଚିମବଙ୍ଗର କୁଚ୍‌ବିହାର ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ସେହିଭଳି ଆସନ୍ତା ମାସେ କିମ୍ବା ଦୁଇମାସ ଭିତରେ ଆମେ କଳାହାଣ୍ଡିର ଉତ୍କେଲା ଏୟାରପୋର୍ଟକୁ ଭୁବନେଶ୍ୱର ଓ ରାୟପୁରରୁ ବିମାନ ସେବା ଆରମ୍ଭ କରିବାକୁ ଯାଉଛୁ ବୋଲି ସେ କହିଛନ୍ତି।

## ଭକ୍ତଙ୍କ ହାତରେ ପଶିଗଲା ରଡ୍

**ପୁରୀ ଅଫିସ, ୩୧।୧**

ଶ୍ରୀମନ୍ଦିର ଚାରିପାଖରେ ଏବେ ପରିକ୍ରମା ମାର୍ଗର କାର୍ଯ୍ୟ ଚାଲିଛି। ମଙ୍ଗଳବାର ଜଣେ ଭକ୍ତ ଉକ୍ତ ସ୍ଥାନରେ ପଡ଼ି ଆହତ ହୋଇଛନ୍ତି। ତାଙ୍କ ଡାହାଣ ହାତରେ ଏକ ଲୁହାରଡ୍ ପଶିଯାଇଛି। ଆହତ ଭକ୍ତ ହେଲେ ରାଜସ୍ଥାନ ନାଗପୁର ଅଞ୍ଚଳର ପ୍ରକାଶ କୁମାର ସୋନି (୩୫)। ସୂଚନା ଅନୁଯାୟୀ, ପ୍ରକାଶ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ତାଙ୍କୁ ଶୋଷ ହେବାରୁ ସେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଥିବା ପାଣିଟ୍ୟାପ ନିକଟକୁ ଯାଇଥିଲେ। ତେବେ ସେଠାରେ ତାଙ୍କ ଗୋଡ଼ ଖସିଯିବାରୁ ପଡ଼ିଯାଇଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଏକ ସରୁ ଲୁହାରଡ୍ ତାଙ୍କ ଡାହାଣ ହାତରେ ପଶିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିବା ସୂଚନା ମିଳିଛି।






# କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର ହେଲା ବ୍ୟବଚ୍ଛେଦ ରିପୋର୍ଟ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକୁ ଇତିମଧ୍ୟରେ ୩ ଦିନ ପୂରିଛି। ହତ୍ୟାର କାରଣ ଏଯାବତ୍ ସ୍ପଷ୍ଟ ହୋଇ ନାହିଁ। କ୍ରାଇମ୍‌ବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଏଭଳି ସ୍ଥିତିରେ ମଙ୍ଗଳବାର ମନ୍ତ୍ରୀଙ୍କ ବ୍ୟବଚ୍ଛେଦ ରିପୋର୍ଟ କ୍ରାଇମ୍‌ବ୍ରାଞ୍ଚ ନିକଟରେ ଦାଖଲ ହୋଇଛି। ବ୍ୟବଚ୍ଛେଦ କରିଥିବା ଟିମ୍‌ର ଜଣେ ଡାକ୍ତର କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିପୋର୍ଟ ପ୍ରଦାନ କରିଥିଲେ। ପରେ ଏହାକୁ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିବା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି। ତେବେ ଉକ୍ତ ରିପୋର୍ଟରେ କ'ଣ ଉଲ୍ଲେଖ ରହିଛି, ସେନେଇ କୌଣସି ସୂଚନା ଦେଇନାହାନ୍ତି। ତେଣୁ ମୃତ୍ୟୁର କାରଣ ଏବଂ ଗୁଳି ମାଡ଼ର କେତେ ସମୟ ପରେ ମନ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା, ସେସବୁ ଏବେ ବନ୍ଦ ଲଫାପାରେ ରହିଯାଇଛି। ଅନ୍ୟପକ୍ଷରେ ଷ୍ଟେଟ ଫରେନ୍‌ସିକ୍ ସାଇନ୍ସ ଲ୍ୟାବ୍ (ଏସ୍‌ଏଫ୍‌ଏସ୍‌ଏଲ୍) ଘଟଣାସ୍ଥଳରୁ ଜବତ ହୋଇଥିବା ବିଭିନ୍ନ ସାମଗ୍ରୀକୁ ତନ୍ନ ତନ୍ନ କରି ଯାଞ୍ଚ କରି ପ୍ରମାଣ ଖୋଜୁଛି। ୯ ଏମ୍‌ଏମ୍ ବନ୍ଧୁକ, ୩ ରାଉଣ୍ଡ ଜୀବନ୍ତ ଗୁଳି, ଖୋକା, ଗୋପାଳଙ୍କ ପୋଲିସ ପୋଷାକ, ମୃତ ମନ୍ତ୍ରୀଙ୍କ ରକ୍ତଲଗା ଶାର୍ଟକୁ ନେଇ ଫରେନ୍‌ସିକ୍ ଟିମ୍ ତଦନ୍ତ ଜାରି ରଖିଛି। ଜବତ ବନ୍ଧୁକରୁ ନବଙ୍କୁ ଗୁଳି କରାଯାଇଥିଲା କି ନାହିଁ, ବନ୍ଧୁକର ଗନ୍‌ପାଉଡର ସହ ଗୋପାଳଙ୍କ ହ୍ୟାଣ୍ଡ ସ୍ୱାବ୍‌କୁ ଫରେନ୍‌ସିକ ଟିମ୍ ମିଳାଇବ। ତେବେ ଉଭୟ ମିଶିଲେ ଗୋପାଳଙ୍କ ହାତରୁ ଜବତ ବନ୍ଧୁକରୁ ଗୁଳି କରାଯାଇଛି ବୋଲି ଫରେନ୍‌ସିକ୍ ଟିମ୍ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

## ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

# ଗୋପାଳଙ୍କ ଭାଇଙ୍କୁ ଉଠାଇ ନେଲା କ୍ରାଇମ୍‌ବ୍ରାଞ୍ଚ

**ବ୍ରହ୍ମପୁର ଅଫିସ,୩୧।୧**
ପୋଲିସ ଗୁଳିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚାଲିଛି। ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଶିଶିର ମିଶ୍ରଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ବ୍ରହ୍ମପୁର ଆସି ଦୁଇଟି ପର୍ଯ୍ୟାୟରେ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଥିଲା। ପରେ ଗୋପାଳଙ୍କ ଭାଇ ସତ୍ୟନାରାୟଣ ଦାସଙ୍କୁ ଉଠାଇ ନେଇ କୌଣସି ଏକ ନିର୍ଜନ ସ୍ଥାନରେ ରଖି ଜେରା କରୁଥିବା ସୂଚନା ମିଳିଛି।

କ୍ରାଇମ୍‌ବ୍ରାଞ୍ଚ ଟିମ୍ ଆଙ୍କୋଲି ଶିଳ୍ପାଞ୍ଚଳରେ ଥିବା ଗୋପାଳଙ୍କ ଘର ଏବଂ ଜଳେଶ୍ୱରଖଣ୍ଡିରେ ଥିବା ପୈତୃକ ଘରକୁ ଆସିଥିଲେ। ଶିଳ୍ପାଞ୍ଚଳସ୍ଥିତ ଘରେ ତାଲା ପଡିଥିବା ବେଳେ ଜଳେଶ୍ୱରଖଣ୍ଡି ପୈତୃକ ଘରେ ଗୋପାଳଙ୍କ ପରିବାର ଲୋକ ରହୁଥିବାରୁ ଟିମ୍ ସେଠାକୁ ଯାଇଥିଲା। ଗୋପାଳଙ୍କ ଘରକୁ ଲାଗି ତାଙ୍କ ବଡ଼ଭାଇ ସତ୍ୟନାରାୟଣଙ୍କ ଘର। ସତ୍ୟ ବ୍ରଜରାଜନଗରରେ ଏକ ହୋଟେଲ ଖୋଲିଥିଲେ। କ୍ରାଇମ୍‌ବ୍ରାଞ୍ଚ ଟିମ୍ ପ୍ରଥମେ ଗୋପାଳଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ଜୟନ୍ତୀଙ୍କୁ ପଚରାଉଚରା କରିଥିଲା।


ସତ୍ୟନାରାୟଣ ଦାସ

ଗୋପାଳ ମାନସିକ ରୋଗ ପାଇଁ କେତେଦିନ ହେଲା ମେଡିସିନ ଖାଉଥିଲେ, କେଉଁଠି ଚିକିତ୍ସା ହେଉଥିଲେ ଏବଂ ତାଙ୍କର ମାନସିକ ରୋଗ ଅଛି ବୋଲି ପରିବାର ଲୋକ କିପରି ଜାଣିଲେ, ଏଭଳି ଅନେକ ପ୍ରଶ୍ନ ଜୟନ୍ତୀଙ୍କୁ ପଚରାଯାଇଥିଲା। ସେ ପ୍ରାୟ ସବୁ ପ୍ରଶ୍ନର ଉତ୍ତର ଦେଇଥିବା ସୂଚନା ମିଳିଛି। ପରେ କ୍ରାଇମ୍‌ବ୍ରାଞ୍ଚ ଗୋପାଳଙ୍କ ଭାଉଜ ଏବଂ ପୁତୁରାଙ୍କୁ ମଧ୍ୟ ଜେରା କରିଥିଲା। ଗୋପାଳଙ୍କ ସହ ସେମାନଙ୍କର ସମ୍ପର୍କ କିଭଳି ଥିଲା, କାହାପାଇଁ ଚାକିରି କରାଇ ଦେବାକୁ କାହାକୁ ସୁପାରିସ କରୁଥିଲେ କି ପଚରାଯାଇଥିଲା। ଗୋପାଳଙ୍କ ଝିଅ ପ୍ରିୟଙ୍କା ଅନ୍ୟଜଣେ ସମ୍ପର୍କୀୟଙ୍କ ଘରେ ଥିବାରୁ ତାଙ୍କୁ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଡକାଇ ପଚରାଉଚରା କରି ଫେରିଥିଲା। ଅପରାହ୍ନ ପ୍ରାୟ ୪ଟାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପୁଣି ଆସି ଗୋପାଳଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ପରେ ତାଙ୍କ ଭାଇ ସତ୍ୟନାରାୟଣଙ୍କୁ ଉଠାଇ ନେଇଥିଲା।

ସୂଚନାଯୋଗ୍ୟ, ସତ୍ୟନାରାୟଣ ପୂର୍ବରୁ ଟ୍ୟାକ୍ସ କଲେକ୍ଟର ଭାବେ ବ୍ରହ୍ମପୁର ମହାନଗର ନିଗମରେ ଚାକିରି କରୁଥିଲେ। ତାଙ୍କ ନାମରେ ଆର୍ଥିକ ଅନିୟମିତତା ଅଭିଯୋଗ ଆସିବା ପରେ ଲାଇବ୍ରେରିଆନ ଭାବେ ଦାୟିତ୍ୱ ଦେଇଥିଲା ବିଏମସି। ବିଏମ୍‌ସିରୁ ଅବସର ନେଇ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରରେ ଏକ ହୋଟେଲ ଖୋଲିଥିଲେ। ସେଠାରେ ଭାଇ ଗୋପାଳ ବି ରହୁଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ହତ୍ୟା ଘଟଣାର ଦିନକ ପୂର୍ବରୁ ସତ୍ୟନାରାୟଣ ବ୍ରହ୍ମପୁର ପଳାଇ ଆସିଥିଲେ ବୋଲି ଜଣାପଡିଛି।

# ପିଏସ୍‌ଓ, ଡ୍ରାଇଭରଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା


କ୍ରାଇମବ୍ରାଞ୍ଚ ପୋଲିସ୍ ଟିମ୍ ଗୁଳିକାଣ୍ଡ ସ୍ଥାନରେ ଥ୍ରୀଡି ଡିଟେକ୍ସନ କ୍ୟାମେରା ଲଗାଇ ତଦନ୍ତ କରୁଛି।

**ଝାରସୁଗୁଡ଼ା ଅଫିସ୍,୩୧।୧**
ବ୍ରଜରାଜନଗର ଗାନ୍ଧୀ ଛକଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିମାଡ଼ କରାଯାଇଥିଲା। ଏହି ସ୍ଥାନକୁ କ୍ରାଇମବ୍ରାଞ୍ଚ ପୋଲିସ୍ ରବିବାରଠାରୁ ସିଲ୍ କରି ଥ୍ରୀଡି ଡିଟେକ୍ସନ କ୍ୟାମେରା ଲଗାଇ ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ପୂର୍ବରୁ ଗୋଟିଏ ଖୋକା ଜବତ ହୋଇଥିବାବେଳେ ଥ୍ରୀଡି ଡିଟେକ୍ସନ କ୍ୟାମେରା ଜରିଆରେ ମଙ୍ଗଳବାର ଆଉ ଏକ ଖୋକା ମିଳିଛି। ଏହି ଖୋକା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କ ରିଭଲଭରରୁ ଫୁଟିଛି କି ନାହିଁ

### ଆଉ ଏକ ଖୋକା ଜବତ

ପୋଲିସ୍ ଏହାର ତଦନ୍ତ ଚଳାଇଛି। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କ ସମେତ ଅନ୍ୟମାନଙ୍କୁ ମାରାଥନ ଜେରା କରୁଛି। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ବ୍ରଜରାଜନଗର ଥାନାରେ ପହଞ୍ଚି ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ପିଏସ୍‌ଓ ମିତ୍ରଭାନୁ ଦେଓ ଓ ଡ୍ରାଇଭର ଜଗତଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିବା ଜଣାପଡିଛି।

# 'ମନ୍ତ୍ରୀଙ୍କ ମୃତଦେହ ଧରି ସରକାର ଡ୍ରାମା କରୁଥିଲେ'

**ସମ୍ବଲପୁର,୩୧।୧(ବ୍ୟୁରୋ)**
ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ନବ କିଶୋର ଦାସଙ୍କୁ ରବିବାର ପୋଲିସ କର୍ମଚାରୀ ଗୁଳିକରି ହତ୍ୟା କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଖବର ରହିଛି ଏବଂ ସବୁ ଆଡେ ଚର୍ଚ୍ଚା ମଧ୍ୟ ହେଉଛି। ଗୁଳିକାଣ୍ଡ ପରେ ମନ୍ତ୍ରୀ ଦାସଙ୍କୁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ କୌଣସି ସୂଚନା ଦେଇ ନ ଥିଲେ। ଯଦି ଗୁରୁତର ଥିଲେ, ତାଙ୍କୁ ସ୍ଥାନାନ୍ତର କରିବା ସ୍ଥିତିରେ ଥିଲା କି ନାହିଁ। ଡାକ୍ତର ସ୍ଥାନାନ୍ତର କରିବା ନେଇ ଲେଖିଥିଲେ କି ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ମୃତ ଶରୀରକୁ ଧରି ରାଜ୍ୟ ସରକାର ଦିନତମାମ ଡ୍ରାମା କରିଥିଲେ। ପରିବାର ଓ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇଥିଲେ। ହତ୍ୟାକାରୀ ଗୋପାଳ କୃଷ୍ଣ ଦାସଙ୍କୁ ପାଗଳ ବୋଲି ପ୍ରମାଣ କରିବାକୁ ସବୁ ଉଦ୍ୟମ କରାଯାଉଛି। ଯଦି ପାଗଳ ତା'ହେଲେ କେଉଁ ଆଧାରରେ ତାଙ୍କର ପଦୋନ୍ନତି ହୋଇଥିଲା। ଗୋଟିଏ ଜିଲାରେ ଏତେବର୍ଷ ଧରି ତାଙ୍କୁ ନିୟୋଜିତ କରାଯାଇଥିଲା ଓ ଘଟଣାର ୨ଦିନ ପୂର୍ବରୁ ବନ୍ଧୁକ ଦିଆଯାଇଥିଲା। ଏଥିରୁ ସ୍ପଷ୍ଟ ହେଉଛି ଯେ, ପୋଲିସ କର୍ମଚାରୀଙ୍କ ଦ୍ୱାରା ଷଡ଼ଯନ୍ତ୍ର କରାଯାଇ ମନ୍ତ୍ରୀ ଦାସଙ୍କୁ ହତ୍ୟା କରାଯାଇଛି। ଏଥିରେ ବଡ଼ବଡ଼ିଆଙ୍କ ହାତ ରହିଛି। ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଛି। ହେଲେ ପୋଲିସ ହାଲୁକା ଭାବେ ନେଇ ଘଟଣାର ତଦନ୍ତ କରୁଛି। ରାଜ୍ୟ ସରକାର ହାଇକୋର୍ଟ ଜଜ୍ ତଦାରଖ କରିବାକୁ ଅନୁରୋଧ କରିଛନ୍ତି। ସରକାରଙ୍କ ପୋଲିସ ତଦନ୍ତ କରିବ ଏବଂ ହାଇକୋର୍ଟ ତଦାରଖ କରିବେ। ଏହା ଦ୍ୱାରା ସତ୍ୟାସତ୍ୟ ଜଣାପଡିବ ନାହିଁ। ଗୁଳି କରିବା ପରେ ହଠାତ୍ ଅଭିଯୁକ୍ତ ଗୋପାଳ ଦାସ ମାନସିକ ରୋଗୀ ଥିଲେ, ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଉଥିଲେ ବୋଲି ପ୍ରଚାର କରାଯାଇଛି। ଏହା ନିଶ୍ଚିତ ଭାବେ ଯୋଜନାବଦ୍ଧ ହତ୍ୟାକାଣ୍ଡ। ଏହାର ସିବିଆଇ ତଦନ୍ତ କରା ନ ଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ନାହିଁ।

# ଫାରୋ ୩-ଡି ସ୍କାନରରେ ତଥ୍ୟ ସଂଗ୍ରହ

- ସିସିଟିଭି କ୍ୟାମେରା ଯାଞ୍ଚ
- ମନ୍ତ୍ରୀଙ୍କ ଗାଡ଼ିରୁ ସୁରାକ ଖୋଜା

କଟକ ଅଫିସ,୩୧।୧: ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। ଗୁଳିକାଣ୍ଡର ପୂରା ଘଟଣାକ୍ରମକୁ ଚିକିନିଖି ଅନୁଧ୍ୟାନ କରାଯାଉଛି। ଡିଏସ୍‌ପି ରମେଶ ଚନ୍ଦ୍ର ଦୋରା ସାଇଣ୍ଟିଫିକ ଅଧିକାରୀ ଓ ବାଲିଷ୍ଟିକ ବିଶେଷଜ୍ଞଙ୍କ ସହ ଗୁଳିକାଣ୍ଡସ୍ଥଳକୁ ମଙ୍ଗଳବାର ପୁଣି ପରିଦର୍ଶନ କରିଛନ୍ତି। ଘଟଣାସ୍ଥଳରୁ ସୂକ୍ଷ୍ମ ପ୍ରମାଣ ସଂଗ୍ରହ ପାଇଁ ଫାରୋ ୩-ଡି ସ୍କାନରର ସାହାଯ୍ୟ ନିଆଯାଇଛି। ଏହା ମାଧ୍ୟମରେ ଘଟଣାସ୍ଥଳରୁ ଅଧିକ କିଛି ସୁରାକ ପାଇବା ଆଶାରେ କ୍ରାଇମ୍‌ବ୍ରାଞ୍ଚ ଦଳ ସମସ୍ତ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଫାରୋ ୩-ଡି ସ୍କାନର ଉପଯୋଗ କରି ୩-ଆର୍ ଫର୍ମାଟରେ ଘଟଣାସ୍ଥଳର ପୂରା ତଥ୍ୟ ସଂଗ୍ରହ କରାଯାଇଛି, ଯାହାକି ତଦନ୍ତକାରୀ ଅଧିକାରୀଙ୍କୁ ଗୁଳିକାଣ୍ଡର ସମଗ୍ର ଘଟଣାକ୍ରମ ବୁଝିବାରେ ସହାୟକ ହୋଇପାରିବ ବୋଲି ଆଶା କରାଯାଉଛି। ସାଇଣ୍ଟିଫିକ ଅଧିକାରୀ ଓ ବାଲିଷ୍ଟିକ ବିଶେଷଜ୍ଞମାନେ ପ୍ରମାଣ ଓ ସୁରାକ ପାଇବା ନିମନ୍ତେ ମନ୍ତ୍ରୀ ନବ ଦାସ ବ୍ୟବହାର କରିଥିବା ଗାଡ଼ିକୁ ଭଲ ଭାବେ ଯାଞ୍ଚ କରିଛନ୍ତି। ଘଟଣାସ୍ଥଳ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍‌କୁ ମଧ୍ୟ ଯାଞ୍ଚ କରାଯାଇଛି। ଗୁଳିକାଣ୍ଡ ସ୍ଥଳରୁ ଚିକିନିଖି ତଥ୍ୟ ହାସଲ ସହ ପ୍ରତ୍ୟକ୍ଷଦର୍ଶୀମାନଙ୍କୁ ପଚରାଉଚରା କାର୍ଯ୍ୟ ପର୍ଯ୍ୟାୟ କ୍ରମେ ଜାରି ରହିଛି। ଏହି ଟିମ୍‌କୁ ସହାୟତା କରିବା ପାଇଁ ଡିଏସ୍‌ପି ବାସୁଦେବ ଭୂୟାଁଙ୍କ ନେତୃତ୍ୱରେ ଅନ୍ୟ ଏକ ୮ ଜଣିଆ ଅଧିକାରୀ ଦଳ ଝାରସୁଗୁଡ଼ା ଯାତ୍ରା କରିଛନ୍ତି। ଅଭିଯୁକ୍ତ ଓ ସାକ୍ଷୀମାନଙ୍କୁ ପଚରାଉଚରା ତଥା ତଦନ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କ୍ରାଇମବ୍ରାଞ୍ଚର ସମସ୍ତ ଅଧିକାରୀ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜଣାଯାଇଛି। କ୍ରାଇମବ୍ରାଞ୍ଚର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ମଧ୍ୟ ଘଟଣାସ୍ଥଳ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ତଦନ୍ତ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଛନ୍ତି। ଅନ୍ୟ ପକ୍ଷରେ ଡିଏସ୍‌ପି ଶିଶିର ମିଶ୍ରଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଆଉ ଏକ ଦଳ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସଙ୍କ ଗାଁରେ କ୍ୟାମ୍ପ ପକାଇଛନ୍ତି। ସେଠାରେ ଗୋପାଳ ଦାସଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କୁ ପଚରାଉଚରା କରିବା ସହ ଗୋପାଳଙ୍କ ବଡ଼ ଭାଇ ସତ୍ୟନାରାୟଣ ଦାସଙ୍କୁ ଉଠାଇ ନେଇ ପଚରାଉଚରା କରୁଛି।

# ୭ ଦିନ ରିମାଣ୍ଡ ପାଇଁ ଆବେଦନ

### ଶୁଣାଣି ଶେଷ, ରାୟ ସଂରକ୍ଷିତ

ଝାରସୁଗୁଡ଼ା ଅଫିସ,୩୧।୧: ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କୁ ପୋଲିସ ଗିରଫ କରି ସୋମବାର ରାତିରେ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ସେଠାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏବେ ସେ ଜିଲା ସବ୍‌ଜେଲ୍‌ରେ ଅଛନ୍ତି। ତେବେ ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣିବା ପାଇଁ କ୍ରାଇମବ୍ରାଞ୍ଚ ପୋଲିସ ମଙ୍ଗଳବାର କୋର୍ଟରେ ଆବେଦନ କରିଥିଲା। ଉକ୍ତ ଆବେଦନର ଶୁଣାଣି ଜେଏମ୍‌ଏଫ୍‌ସି କୋର୍ଟରେ ହୋଇଥିବାବେଳେ ରାୟ ସଂରକ୍ଷିତ ରହିଛି ବୋଲି ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ଲଢୁଥିବା ଓକିଲ ହରିଶଙ୍କର ଅଗ୍ରୱାଲ ସୂଚନା ଦେଇଛନ୍ତି। କୋର୍ଟଙ୍କ ରାୟକୁ କ୍ରାଇମବ୍ରାଞ୍ଚ ଅପେକ୍ଷା କରିଛି। ପ୍ରକାଶଯେ, ମନ୍ତ୍ରୀ ଦାସଙ୍କ ହତ୍ୟା ଘଟଣା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଗୋପାଳ ମନ୍ତ୍ରୀଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିଲେ ହେଁ ହତ୍ୟା ପଛର କାରଣ ଏଯାବତ୍ ସ୍ପଷ୍ଟ ହୋଇପାରିନାହିଁ। ତେଣୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ଅଧିକ ତଦନ୍ତ କରିବାକୁ କ୍ରାଇମବ୍ରାଞ୍ଚ ଚେଷ୍ଟା କରୁଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Urgently wanted a SALESMAN and MARKETING PERSON for a Paint and Hardware Shop at Bhubaneswar.
Contact: 6371440992

ଘରୋଇ କାମ କରିବା ନିମନ୍ତେ ଅବିବାହିତ ମହିଳା/ଦମ୍ପତି ଅବଶ୍ୟକ
ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ
CALL : 9132933333

See Career Appointment on every Wednesday & Saturday

LR CORPORATE SERVICES
Required B.Sc Nursing / ANM / GNM / Attendant for Home Nursing Service at Bhubaneswar.
Experience: 0-1 years.
Contact for Details
9078554939
Email your CV: rajatbarik1984@gmail.com

FLUENTGRID seamless digital transformation
WALK-IN FOR DATA CENTER IT INFRA PROFESSIONALS (L1, L2, L3)
Fluentgrid is the first CMMI Level 5 company from AP, also compliant with ISO 9001, 20001, 27001, 14001 and 45001.
Hiring for...
Linux/Wintel/Windows/Network/Exchange Administrator
HPE Storage/Server, IT Security/Cloud Administrator
EMS & NMS Administration
04th & 05th FEBRUARY 2023 10:30 AM - 4:00 PM
Swosti Premium, P-1, Jaydev Vihar, Nandankanan Rd, Bhubaneswar, Odisha, India - 751013
+91 891 2500000 | careers@fluentgrid.com | www.fluentgrid.com

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Advt. No. 01/2023 Date:16/01/2023
Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites applications from eligible candidates for the following posts:

| Sl. | Post | Vacancy | Maximum Age as on 08/02/2023 |
|---|---|---|---|
| 01 | MT (Admin)-PR | 01 | 28 Years |
| 02 | MT (Admin)–Law | 01 | 28 Years |

For full details of the advertisement regarding qualification, experience, reservation & relaxation, application & processing fee etc. please visit Company's website www.sail.co.in at the link "Careers" or www.sailcareers.com.
• Closing Date for submitting online applications through Company's website is 08/02/2023.
DGM (PL) Rectt. & Gen.
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

viraajprojects
WALK IN INTERVIEW ON 05 FEBRUARY 2023 (SUNDAY)
Neelanjali Society, Ujwal Villa, Kalyani Nagar- 411006
We are looking for following personnel's having experience in Steel and Power Sector for our project site at Dhenkanal, Angul District.
PROJECT MANAGER: 2 Nos.- Degree/Diploma in Civil Engineering with 15 to 20 years experience.
SITE ENGINEER/Sr. ENGINEER: 4 Nos.- B.Tech/Diploma Degree in Civil with 5 to 10 years of experience.
BILLING/PLANNING ENGINEERING: 4 Nos. - B. Tech/ Diploma Degree in Civil with 5 to 10 years of experience.
SAFETY OFFICER: 2 Nos. - PDIS/ADIS/ Diploma in any Safety Course with 4 to 8 years experience.
ACCOUNTANT: 2 Nos.- B.Com. with 3 to 10 years of experience.
QUALITY CONTROL ENGINEER: 2 Nos.- B.Tech/Diploma in Civil with 5 to 10 years of experience.
SURVEYOR: 3 Nos.-ITI with 4 to 6 years of experience.
Interested candidate may send their CV to
rml.hr@virajprojects.com or contact to
Mr. Nirmal Chandra Swain (HR Person)
Mob. No: 9124737239, 7894461365
Note: Fresher candidate may apply.
Interview Place : HOTEL MILAND PALACE
Plot No-540, Cuttack Road, Bhubaneswar,
Ph.: 0674-2570371, 2570373/9439920235







इंडियन बैंक Indian Bank
इलाहाबाद ALLAHABAD
ଇଣ୍ଡିଆନ ବ୍ୟାଙ୍କ, ପଟିଆ ଶାଖା
ପ୍ଲଟ ନଂ. ୫୧୬, ମାଗ୍ନେଟିକ୍ ସ୍କୋୟାର,
ପୋ.:କିଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪
ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ ,ପଟିଆ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେସୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| (୧)ମେସର୍ସ ଜ୍ୟୋତ୍ସ୍ନା ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା-ପ୍ରୋପାଇଟରସିପ୍ ଫାର୍ମ), ପ୍ଲଟ ନଂ.୧୧୫/୨୭୯, ଦାଡା, ରଘୁନାଥପୁର, ନନ୍ଦନକାନନ ରୋଡ, ଭୁବନେଶ୍ୱର--୭୫୧୦୨୪, ଓଡିଶା, (୨) ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ସତ୍ତ୍ୱାଧିକାରୀ), ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, (୩) ଶ୍ରୀ ପ୍ରଦୀପ୍ତ କୁମାର ଦାସ, ପିତା: ସନାତନ ଦାସ, ଉଭୟଙ୍କ ଠିକଣା: ସା/ପୋ.- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୬୨। | ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୬୯, ଖାତା ନଂ.୩୫୯, ନୂଆ ଖାତା ନଂ.୯୮୬/୯୮୯, ମୌଜା: ବେଗୁନିଆ, ଥାନା: ବେଗୁନିଆ, ନଂ.୭୩, ତହସିଲି/ସବ୍-ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୪୩୫୬୦ ବର୍ଗଫୁଟ, **ସମ୍ପତ୍ତିର ମାଲିକ: ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ,** ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ଜମି, ଦକ୍ଷିଣ- ପ୍ରଦୀପ କୁମାର ମହାନ୍ତି ଏବଂ ଅନ୍ୟମାନେ, ପୂର୍ବ- ସରକାରୀ ଜମି, ପଶ୍ଚିମ- ରାସ୍ତା। | ୧୦.୧୧.୨୦୨୨ | ୨୭.୦୧.୨୦୨୩ | ଟ.୯୫,୬୯,୮୫୮.୨୧ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୩୧.୦୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

# ୧୫% ଡିସ୍କାଉଣ୍ଟ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃୟାରୀ ୧ରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରିବେ। ତା' ପୂର୍ବରୁ ୩୧ ଜାନୁୟାରୀରେ ସେ ଅର୍ଥନୈତିକ ସର୍ଭେ ୨୦୨୨-୨୩ ଉପସ୍ଥାପନ କରି ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) କମିବା ନେଇ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨-୨୩ରେ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିଲା। ୨୦୨୩-୨୪ରେ ଏହା ୬ରୁ ୬.୫ ପ୍ରତିଶତ ରହିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ତେବେ ଯଦି ୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସକୁ ଦେଖାଯାଏ, ଅଭିବୃଦ୍ଧି ୬.୩ ପ୍ରତିଶତ ରହିଥିବା ବିଷୟ ପ୍ରକାଶ ପାଇଛି। ଅର୍ଥାତ୍ ସରକାର ଯେଉଁ ଅଭିବୃଦ୍ଧି ବିଷୟରେ ପୂର୍ବରୁ ପ୍ରଦର୍ଶନ କରିଥିଲେ ତାହାଠାରୁ କମ୍ ଅଭିବୃଦ୍ଧି ଘଟିଛି। ଅର୍ଥନୈତିକ ସର୍ଭେ ପ୍ରକାଶ ପାଇବା ପରେ କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ ଏକ କୌତୂହଳପୂର୍ଣ୍ଣ ପରିସଂଖ୍ୟାନ ବିଷୟରେ ଅବତାରଣା କରିଛନ୍ତି। ସେ କହିଛନ୍ତି, ବାସ୍ତବରେ କେନ୍ଦ୍ର ସରକାର ଗତବର୍ଷ ଅର୍ଥନୈତିକ ସର୍ଭେ ଉପସ୍ଥାପନ ବେଳେ ଅଭିବୃଦ୍ଧି ହାର ୮ରୁ ୮.୫ ପ୍ରତିଶତ ଆକଳନ କରିଥିଲେ। ପରେ ସରକାର ସେଥିରେ ୧୫% ଡିସ୍କାଉଣ୍ଟ କରି ତାହାକୁ ୭ ପ୍ରତିଶତ ବୋଲି କହୁଛନ୍ତି। ତେଣୁ ଆସନ୍ତା ଆର୍ଥିକ ବର୍ଷ ପାଇଁ ଅଭିବୃଦ୍ଧି ହାର ଯେଉଁ ୬ରୁ ୬.୫ ପ୍ରତିଶତ ବିଷୟରେ କୁହାଯାଉଛି, ତାହାର ସମାନ ଡିସ୍କାଉଣ୍ଟ କରି ଦେଖିଲେ ସରକାର ୫.୪୪ ପ୍ରତିଶତ କରିପାରୁଛନ୍ତି କି ନାହିଁ ତାହା ଦେଖିବା କଥା। ଗୌରବଙ୍କ ଯୁକ୍ତି ସରକାରଙ୍କୁ ଅପଦସ୍ଥ କରିବା ପାଇଁ ଯଥେଷ୍ଟ। ଅର୍ଥନୈତିକ ସର୍ଭେରେ ସୀତାରାମନ ଆହୁରି କହିଛନ୍ତି, ଖାଉଟି ମୂଲ୍ୟରେ ଯଥେଷ୍ଟ ହ୍ରାସ ପାଇଛି। ସ୍ଥିତିକୁ ଅନୁଭବ କରିପାରୁଥିବା ଯେକୌଣସି ଭାରତୀୟ ଅର୍ଥମନ୍ତ୍ରୀଙ୍କ ଏହି କଥାକୁ ନିଶ୍ଚୟ ଖଣ୍ଡନ କରିବେ। କାରଣ ଭାରତରେ ଅତ୍ୟାବଶ୍ୟକ ଦରଦାମ୍ ବୃଦ୍ଧି ଓ ନିଯୁକ୍ତି ସଙ୍କୋଚନ ସ୍ଥିତି ନକାରାତ୍ମକ ଚିତ୍ର ଦେଖାଉଛି।

**କେବଳ ନିର୍ବାଚନକୁ ଆଖି ଆଗରେ ରଖି ସରକାର ନେଉଥିବା ନିଷ୍ପତ୍ତି ଯୋଗୁ ଦେଶର ଅବସ୍ଥା ବିଗୁଡୁଛି। ଜନମଙ୍ଗଳ ଚାହୁଁଥିବା ସରକାର କ୍ଷମତା ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ଚିନ୍ତା କରିବା ଦରକାର।**

ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥନୀତି ରହିଥିବା ବିଷୟକୁ ସରକାର ଘଷିମାଜି ବାହାବା ନେବାରେ ଲାଗିଛନ୍ତି। ଅର୍ଥନୈତିକ ସର୍ଭେରେ ମଧ୍ୟ ଏହାକୁ ଦୋହରାଯାଇଛି। ବାସ୍ତବତାକୁ ଦେଖିଲେ ଏବେ ଆଦାନୀ ଗ୍ରୁପ୍ ନିଜ ଷ୍ଟକ୍ ଓ ଆକାଉଣ୍ଟ୍ସରେ ଦୀର୍ଘବର୍ଷ ଧରି ବ୍ୟାପକ ହେରଫେର କରିଥିବା ବିଷୟକୁ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପ୍ରକାଶ କରିବା ପରେ ଦେଶରେ ଶେୟାର ବଜାରରେ ଅସ୍ଥିରତା ସୃଷ୍ଟି ହୋଇଛି। ଗତ ୩ ଦିନ ଭିତରେ ଏହି ଗ୍ରୁପ୍ ୫ ଲକ୍ଷ ୬୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ସହିଲାଣି। ଏହି କ୍ଷତିର ପ୍ରଭାବ ଦେଶବାସୀଙ୍କ ଉପରେ ପଡ଼ିବା ସ୍ୱାଭାବିକ। ଜନସାଧାରଣଙ୍କ ଅର୍ଥ ଲାଗିଥିବା ଜୀବନ ବୀମା ନିଗମ (ଏଲ୍‌ଆଇସି) ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଇତିମଧ୍ୟରେ ୭୮ ହଜାର କୋଟି ଟଙ୍କାରୁ ଅଧିକ କ୍ଷତି କରିସାରିଛନ୍ତି। ଏହା ସମୁଦ୍ରରେ ବୁଡ଼ି ରହିଥିବା ବରଫଖଣ୍ଡର ଦୃଶ୍ୟମାନ ହେଉଥିବା ସାମାନ୍ୟ ଉପରଭାଗ ସଦୃଶ। ଇତିମଧ୍ୟରେ ଦେଶର ଅର୍ଥନୀତି ଆହୁରି କେତେ ଯେ ଅସ୍ୱାଭାବିକ ସ୍ଥିତିରେ ପଡ଼ିଥିବ, ତାହା ସରକାର ପ୍ରକାଶ କରିବାକୁ ଚାହୁଁନାହାନ୍ତି। କେବଳ ବାହୁସ୍ଫୋଟ ମାରି ଆଗେଇ ଚାଲିଲେ ଦେଶରେ କେତେ ଯେ କ୍ଷତି ଘଟିବାର ଆଶଙ୍କା ଉପୁଜୁଛି ତାହା ଆକଳନ କରିବା କଷ୍ଟକର।

ବର୍ତ୍ତମାନର କେନ୍ଦ୍ର ସରକାର ଦେଶ କେଉଁଭଳି ଆର୍ଥିକ ଅସ୍ଥିରତା ଦେଇ ଗତି କରୁଛି, ତାହା ଭଲ ଭାବେ ଜାଣିଛନ୍ତି। କିନ୍ତୁ ଜନସାଧାରଣଙ୍କୁ ଏହାର ନକାରାତ୍ମକ ଦିଗଠାରୁ ଦୂରେଇ ରଖାଯାଉଛି। ସେଥିପାଇଁ ଉପଭୋକ୍ତା ମୂଲ୍ୟ ବୃଦ୍ଧିକୁ ଲୁଚାଇବାକୁ ଚାହିଁ ଅର୍ଥନୈତିକ ସର୍ଭେରେ କୁହାଯାଇଛି ଏହା ଯଥେଷ୍ଟ ଭାବେ କମିଛି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍‌ଠାରୁ ଆରମ୍ଭ କରି ଲୁଗାସଫା ପାଉଡର ଓ ବିସ୍କୁଟର ମୂଲ୍ୟ ଯେଉଁଭଳି ଭାବେ ବଢ଼ିଛି, ତାହା ଖାଉଟି ଭଲ ଭାବେ ଅନୁଭବ କରୁଛନ୍ତି। ଏଭଳି ସ୍ଥଳେ ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥନୀତି ଏବଂ ଏବେ ଜି୨୦ର ଅଧ୍ୟକ୍ଷ ଥିବାରୁ ଏହା ଦେଶ ପାଇଁ ଗର୍ବର ବିଷୟ ଆଣିଦେଇଛି ବୋଲି କହିବାର କୌଣସି ମାନେ ରଖୁନାହିଁ। ସାଧାରଣ ନାଗରିକ ଚାହେଁ ସେ ଟିକେ ଭଲରେ ଚଳିବ, ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦେବ ଓ ସ୍ୱାସ୍ଥ୍ୟ ବିଗିଡ଼ି ଯାଉଥିବା ବେଳେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବ। ଯେଉଁ ସରକାର ନାଗରିକର ଏହିଭଳି ମୌଳିକ ଆବଶ୍ୟକତାକୁ ପୂରଣ କରିପାରିଥାଆନ୍ତି, ତାହାକୁ ଜନସାଧାରଣ ପ୍ରଶଂସା କରିଥାଆନ୍ତି। କେବଳ ନିର୍ବାଚନକୁ ଆଖି ଆଗରେ ରଖି ସରକାର ନେଉଥିବା ନିଷ୍ପତ୍ତି ଯୋଗୁ ଦେଶର ଅବସ୍ଥା ବିଗୁଡୁଛି। ଜନମଙ୍ଗଳ ଚାହୁଁଥିବା ସରକାର କ୍ଷମତା ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ଚିନ୍ତା କରିବା ଦରକାର।



# ଆବାସ: ଅନୁକମ୍ପା ନା ଅଧିକାର

ଅକ୍ଷୟ କୁମାର ମିଶ୍ର

ମଣିଷ ସାଧାରଣ ଭାବରେ ବଞ୍ଚି ରହିବା ପାଇଁ ତିନୋଟି ମୌଳିକ ଆବଶ୍ୟକତା ଲୋଡ଼ା। ସେଗୁଡ଼ିକ ହେଲା ଖାଦ୍ୟ, ବସ୍ତ୍ର, ବାସଗୃହ। ପରିବର୍ତ୍ତିତ ସମୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ମଧ୍ୟ ମୌଳିକ ଅଧିକାର ବୋଲି ଗ୍ରହଣ କରାଗଲାଣି। ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଏହି ଅଧିକାରଗୁଡ଼ିକ ମଣିଷ ନିକଟରେ ଉପଲବ୍ଧ କରାଇବା ଶାସକ ଶ୍ରେଣୀର ଦାୟିତ୍ୱ। ଏହା ହିଁ ଆମ ସମ୍ବିଧାନରେ ଲିପିବଦ୍ଧ। ଧାରା ୨୧ ଅନୁଯାୟୀ ପ୍ରତ୍ୟେକ ମଣିଷ ସମ୍ମାନର ସହିତ ବଞ୍ଚିବା ତା'ର ଅଧିକାର, କାହାର ଅନୁଗ୍ରହ କିମ୍ବା ଅନୁକମ୍ପା ନୁହେଁ। କିନ୍ତୁ ଅଭିଯୋଗ ହୁଏ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପରେ ଏହି ଅଧିକାରଗୁଡ଼ିକ ସବୁ ମଣିଷ ନିକଟରେ ପହଞ୍ଚିପାରିଲା ନାହିଁ। ତେବେ ଏହି ଆଲେଖ୍ୟରେ ବାସଗୃହ ସମ୍ପର୍କରେ ଆଲୋଚନା କରିବା। ବାସଗୃହ ହେଉଛି ଏକ ସର୍ବନିମ୍ନ ଆବଶ୍ୟକତା। ଏହା ପୂରଣ କରିବା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଏକ ବାଧ୍ୟ ବାଧକତା ବୋଲି ବିଚାର ହୁଏ। ଏହାକୁ ଆଖିଆଗରେ ରଖି ୧୯୮୫ରେ ତତ୍କାଳୀନ ସରକାର ଗୃହହୀନ ତଥା ସାମାଜିକ ଓ ଆର୍ଥିକ ଅନଗ୍ରସର ଲୋକଙ୍କୁ ମାଗଣାରେ ଘର ଯୋଗାଇବା ପାଇଁ ଇନ୍ଦିରା ଆବାସ ଯୋଜନା ପ୍ରଣୟନ କରିଥିଲେ ; ଯେଉଁଥିରେ ହିତାଧିକାରୀଙ୍କୁ ୧୨୦୦୦ ଟଙ୍କା ଦେବାର ବ୍ୟବସ୍ଥା ଥିଲା। ଏହି ଅର୍ଥର ୭୫ପ୍ରତିଶତ କେନ୍ଦ୍ର ଓ ୨୫ ପ୍ରତିଶତ ରାଜ୍ୟ ସରକାର ଦେଉଥିଲେ। କ୍ରମେ ଅନୁଦାନ ରାଶି ବୃଦ୍ଧି କରାଯାଇ୨୦୧୪ ବେଳକୁ ବଢ଼ି ସତୁରି ହଜାରରେ ପହଞ୍ଚିଥିଲା। ୨୦୧୫ରେ ଏହି ଯୋଜନାର ନାମ ପରିବର୍ତ୍ତନ ହୋଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଗଲା। ଅନୁଦାନ ରାଶି ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କା ହେଲା। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅର୍ଥ ରାଶିର ପରିମାଣ ହେଲା ୬୦:୪୦। ୨୦୧୧ ଆର୍ଥିକ ଜନଗଣନା ଆଧାରରେ ହିତାଧିକାରୀ ଚୟନ କରାଯିବ ବୋଲି ନୂତନ ନିୟମ ହେଲା। ଅର୍ଥାତ୍ ପୂବରୁ ପଲ୍ଲିସଭା ଜରିଆରେ ଯେଉଁ ନାମ ଆସିଥିଲା ଏବଂ ଗ୍ରାମସଭା ଯେଉଁ ତାଲିକାରେ ମୋହର ମାରିଥିଲା ତାହା ରଦ୍ଦ ହୋଇଗଲା। ସରକାରୀ କର୍ମଚାରୀମାନେ ଘରଘର ବୁଲି ଯେଉଁ ରିପୋର୍ଟ ପ୍ରସ୍ତୁତ କରିଥିଲେ ତାକୁ ଆଧାର ରୂପେ ନେଇ ଆବେଦନ କରିଥିବା ଲୋକଙ୍କ ଭିତରୁ ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ ହେଲା ଓ ଗ୍ରାମସଭା ଏଥିରେ ମୋହର ଲଗାଇବାର ବ୍ୟବସ୍ଥା ହେଲା। ତା'ପରେ ଆରମ୍ଭ ହୋଇଗଲା ଆରୋପ ପ୍ରତ୍ୟାରୋପ। ମୁଖ୍ୟ ବିରୋଧୀ ଦଳର ସାଂସଦମାନେ ଅନିୟମିତତା ବିରୋଧରେ ପାର୍ଲାମେଣ୍ଟରେ ସ୍ୱରୋତ୍ତୋଳନ କଲେ। ଆରମ୍ଭ ହେଲା ତଦନ୍ତ। ଜଣାପଡ଼ିଲା ଆବାସ ବଣ୍ଟନରେ ଅନିୟମିତତା ହୋଇଛି। କିନ୍ତୁ ସତ କହିବାକୁ ଗଲେ ଏହି ଦୁର୍ନୀତି ଯେ କେବଳ ଆମ ରାଜ୍ୟରେ ହେଉଛି ତାହା ନୁହେଁ, ଊଣା ଅଧିକେ ସବୁ ରାଜ୍ୟରେ ଏହି ସମସ୍ୟା ଅଛି।



ରାଜ୍ୟ ସରକାରଙ୍କ କହିବା କଥା ହେଲା ଯେତିକି ଆବାସ ପାଇଁ ପ୍ରସ୍ତାବ ଯାଉଛି ତାହା ମିଳୁନାହିଁ। ଦୁଇ ବର୍ଷରୁ ଉର୍ଦ୍ଧ୍ୱ କାଳ ହେଲା କେନ୍ଦ୍ର ସରକାରଙ୍କ ଆବାସ ଯୋଜନା ଶୀତଳ ଭଣ୍ଡାରରେ ଥିଲା। ଏହା ସତ୍ତ୍ୱେ ୩୧ ଲକ୍ଷରୁ ଉର୍ଦ୍ଧ୍ୱ ଆବାସ ନିର୍ମାଣ କାର୍ଯ୍ୟ ଏହି ଛଅ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇସାରିଛି ଓ ଏଥିପାଇଁ ପ୍ରଶଂସା ପତ୍ର ମଧ୍ୟ ମିଳିଛି। ରାଜ୍ୟ ସରକାର ନିଜସ୍ୱ ଭାବେ ବିଜୁ ପକ୍କାଘର ଯୋଜନା, ପକ୍କାଘର ଯୋଜନା (ଖଣି ଅଞ୍ଚଳରେ) ଏବଂ ନିର୍ମାଣ ଶ୍ରମିକ ଆବାସ ଯୋଜନା ନାମରେ ତିନୋଟି ଯୋଜନା ପ୍ରଣୟନ କରିଛନ୍ତି। ଅଧୁନା ଆଉ ଏକ କଳି ଆରମ୍ଭ ହୋଇଛି। କେନ୍ଦ୍ର ସରକାରରେ ଥିବା ଦଳର ଅଭିଯୋଗ କେନ୍ଦ୍ରର ଟଙ୍କାରେ ଯେଉଁ ଯୋଜନା ଚାଲିଛି ତାହା ସମ୍ପୂର୍ଣ୍ଣ ହେବା ପରେ ତାକୁ ବିଜୁ ଯୋଜନା କହି ରାଜ୍ୟ ସରକାର ସେଥିରେ ମୋହର ମାରି ଦେଉଛନ୍ତି। ରାଜ୍ୟ ସରକାର ଏହାକୁ ଖଣ୍ଡନ କରିବା ସହିତ ସିଂହ ଭାଗ ଅର୍ଥ ରାଜ୍ୟର ବୋଲି ଦାବି କରୁଛନ୍ତି। କିନ୍ତୁ ଭୁଲିଯିବା ଉଚିତ ନୁହେଁ, ଏ ଅର୍ଥ କେଉଁ ରାଜନୈତିକ ଦଳର ନୁହେଁ। ଏ ଅର୍ଥ ସାଧାରଣ ଜନତାଙ୍କର। ଜନସାଧାରଣ ପ୍ରତିଦିନ ଯେଉଁ ଟିକସ ଦେଉଛନ୍ତି ତାକୁ ନେଇ କଳି କରିବା ବିରାଡିର ପିଠା କଳି ସହିତ ସମାନ। ଜନସାଧାରଣଙ୍କଠାରୁ ନେଇ ତାକୁ ପୁଣି ସେମାନଙ୍କୁ ଦେଇ ଦାତାପଣ ବୋଲାଇବା ରାଜନୈତିକ ଦେବାଳିଆ। ମନେରଖିବା ଉଚିତ ଏହା ଦାନ ନୁହେଁ, କାହାର ଅନୁକମ୍ପା ନୁହେଁ, ଏହା ଅଧିକାର।

ଆବାସ ଆବଣ୍ଟନ କ୍ଷେତ୍ରରେ ଆନ୍ତରିକତା କମ୍, ରାଜନୀତି ବେଶି ଏକଥା ଅତ୍ୟନ୍ତ ସ୍ପଷ୍ଟ। ୧୯୮୫ରୁ ୨୦୨୩ ମସିହା ଦୀର୍ଘ ୩୭ ବର୍ଷ ଧରି ଗୋଟିଏ ଯୋଜନା ଚାଲିଛି। ଏହା ପରେ ଦେଖାଯାଉଛି ଲକ୍ଷ ଲକ୍ଷ ଲୋକଙ୍କର ଆଦୌ ଘର ନାହିଁ। ବସଷ୍ଟାଣ୍ଡ, ଷ୍ଟେଶନ, ରାସ୍ତାକଡ଼ର ଖୋଲା ଆକାଶ ତଳେ ଅତି ଦୟନୀୟ ଅବସ୍ଥାରେ ଏମାନେ ଜୀବନ ବିତାଉଛନ୍ତି। ପ୍ରଶ୍ନ ଆସେ ଆଉ କେତେ ବର୍ଷ ଲାଗିବ ବାସଗୃହ ଭଳି ମୌଳିକ ଅଧିକାରଟି ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ? ଯିଏ ଯାହାକୁ ଯେତେ ଦୋଷାରୋପ କରୁନା କାହିଁକି ସେତେଦିନ ଯାଏ ଏହି ସମସ୍ୟା ଅସମାହିତ ହୋଇ ରହିଥିବ, ଯେ ପର୍ଯ୍ୟନ୍ତ ଆମେ ନିଜକୁ ରାଜନୈତିକ ଫାଇଦାଠାରୁ ଦୂରେଇ ରଖି ନ ପାରିବା। ଦଳମତ ନିର୍ବିଶେଷରେ ଯଦି ସମସ୍ତଙ୍କୁ ଆପଣେଇ ନେଇପାରିବା ନାହିଁ ତେବେ କାହାର ପୁଷ ମାସ ତ କାହା ପାଇଁ ସର୍ବନାଶ ହେବା ସାର ହେବ। ପୁନଶ୍ଚ ହିତାଧିକାରୀ ଚୟନ କ୍ଷେତ୍ରରେ ଥିବା ତ୍ରୁଟିଗୁଡ଼ିକୁ ସଂଶୋଧନ ନ କରିବା ଯାଏ ଯୋଜନା ବାଟବଣା ହେବ ହିଁ ହେବ। ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ଯେଉଁ ସବୁ ପ୍ରାବଧାନ ଅଛି ସେଗୁଡ଼ିକୁ ଦେଖିଲେ ମନେହୁଏ ସୂର୍ଯ୍ୟ ଚନ୍ଦ୍ର ଥିବା ଯାଏ ବୋଧହୁଏ ଦେଶରେ କିଛି ଲୋକଙ୍କର କଚା ଘର ଥିବ। ଯଦି ମାଛ ଧରା ଡଙ୍ଗା, ତିନି ଚକିଆ ଯାନ, ମୋଟର ସାଇକେଲ, ଚାରି ଚକିଆ ଗାଡ଼ି ଏପରି କି କୃଷି ଯନ୍ତ୍ରାଂଶ, ଫ୍ରିଜ, ପାଞ୍ଚ ଏକର ଜଳସେଚିତ ଜମି ଥିଲେ, ପରିବାରର ମାସିକ ଆୟ ଦଶ ହଜାର ଟଙ୍କା ହୋଇଥିଲେ, ପରିବାରର କେହି ପ୍ରଫେଶନାଲ ଟିକସ ଦେଉଥିଲେ ଆବାସ ମିଳିବ ନାହିଁ, ଝୁମ୍ପୁଡି ଘରେ ରହୁଥିଲେ ମଧ୍ୟ। ଗୋଟିଏ ପଟେ ଏହି ସବୁ ସର୍ତ୍ତ ଅନ୍ୟ ପଟେ କେହି କଚା ଘରେ ରହିବେ ନାହିଁ ବୋଲି ଘୋଷଣା ପ୍ରହସନ ନା ରାଜନୈତିକ ହଟଚମଟ ବୁଝିବା କଷ୍ଟସାଧ୍ୟ।

ଇଟା, ଲୁହାଛଡ଼, ସିମେଣ୍ଟର ମୂଲ୍ୟ ବୃଦ୍ଧି ପାଉଥିବା ବେଳେ ଆବାସ ଯୋଜନାରେ ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କାରେ କେତେ ବଡ଼ ପକ୍କା ଘର ନିର୍ମାଣ ହୋଇପାରିବ ତାହା କାହାକୁ ଅଜଣା? ଏ ପର୍ଯ୍ୟନ୍ତ କେହି ଭାବିଲେ ନାହିଁ ଏକ ବଖରା ଘରେ ପିଲାମାନେ ପଢ଼ିବେ କେଉଁଠି, ଅନ୍ୟମାନେ ରହିବେ କେଉଁଠି? ଘରର ଆସବାବପତ୍ର ରହିବ କେଉଁଠି? ତଥାପି ଆବାସ ଯୋଜନାର ତାଲିକାରେ ନିଜ ନାଆଁଟିକୁ ସ୍ଥାନିତ କରିବା ପାଇଁ ଯେଉଁ ଲମ୍ବା ଲାଇନ ଲାଗିଛି ତାହା ଆମ ଲୋକଙ୍କ ଅର୍ଥନୈତିକ ଅବସ୍ଥାର ଅସଲ ଚିତ୍ରକୁ ଟେକି ଧରୁଛି। ଆଉ ପ୍ରକୃତ ହିତାଧିକାରୀ ହୋଇ ମଧ୍ୟ ଏଥିରୁ ବହୁ ଲୋକ ବାରମ୍ବାର ବାଦ ପଡ଼ିବା ଆମ ବ୍ୟବସ୍ଥାର ତ୍ରୁଟିକୁ ପର୍ଦ୍ଦାଫାଶ କରୁଛି।

**ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା**
**ମୋ- ୭୦୦୮୦୭୩୫୯୯**



# ଶ୍ରେଣୀ ସଂଘର୍ଷର ନିଶାଣ ଭଗବତୀ ଚରଣ

ଡ. ପ୍ରଫୁଲ୍ଲ କୁମାର ସାହୁ

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀ। ଚାଷୀ, ମୂଲିଆ, ଗରିବ ଓ ଅସହାୟ ମଣିଷର ଅସଲ ବନ୍ଧୁ। ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଯେତେବେଳେ ସାମ୍ୟବାଦୀ ଆନ୍ଦୋଳନର ନାଁ ଶୁଣିବା ମାତ୍ରେ ଭୟରେ ଥରି ଉଠୁଥିଲା ଅଭିଜାତବର୍ଗ ତଥା ଶୋଷକମାନଙ୍କ ଛାତି, ସେତିକିବେଳେ ଓଡ଼ିଶାର ରାଜନୈତିକ ବାତାବରଣକୁ ପ୍ରକମ୍ପିତ କରିଥିଲା ସାମ୍ୟବାଦୀ ଆନ୍ଦୋଳନର ତୂର୍ଯ୍ୟନାଦ, ଯାହାର ଆବାହକ ଥିଲେ ବିପ୍ଳବୀ ଭଗବତୀ ଚରଣ।

ସାମ୍ୟବାଦ ଏକ ବୈପ୍ଳବିକ ସିଦ୍ଧାନ୍ତ। ଏକ ବିଜ୍ଞାନସମ୍ମତ ବିଚାରଧାରା। ଅଷ୍ଟାଦଶ ଶତାବ୍ଦୀର ଶିଳ୍ପବିପ୍ଳବ ପରବର୍ତ୍ତୀ ଅର୍ଥନୀତିକ ବୈଷମ୍ୟଜନିତ ପ୍ରତିକ୍ରିୟାରୁ ତା'ର ଉନ୍ମେଷ ଓ ବିକାଶ। ଏହା ବିଶ୍ୱବ୍ୟାପୀ ନିର୍ଯାତିତ ମଣିଷକୁ ଦେଖାଇଲା ଶ୍ରେଣୀହୀନ ସମାଜ ଗଠନର ବାଟ। ଏହା ବିଶ୍ୱସାହିତ୍ୟକୁ ପ୍ରଭାବିତ କଲା ଏବଂ ରୂପାୟିତ ହେଲା ମାକସିମ ଗର୍କି, ରୁଷୋ ଓ ଭୋଲଟେୟାର ପ୍ରମୁଖ ବିଶ୍ୱବିଖ୍ୟାତ ଲେଖକଙ୍କ ଲେଖନୀରେ। କ୍ରମଶଃ ଏହା ପ୍ରାନ୍ତୀୟ ସାହିତ୍ୟରେ ଆତ୍ମପ୍ରକାଶ କଲା, ଯାହାକୁ କୁହାଗଲା ପ୍ରଗତିଶୀଳ ସାହିତ୍ୟ।

ସ୍ୱାଧୀନତା ସଂଗ୍ରାମକୁ କେନ୍ଦ୍ରକରି ଯେତେବେଳେ ଭାରତୀୟ କବି ଓ ଲେଖକମାନେ ଜାତୀୟବାଦୀ ଭାବନାକୁ ନେଇ ଲେଖନୀ ଚାଳନା କରିଥିଲେ, ସେତିକି ବେଳେ ଭାରତୀୟ ସାହିତ୍ୟକୁ ପ୍ରବେଶ କଲା ପ୍ରଗତିବାଦୀ ଚେତନା। ସେଥିରେ ଉଦ୍‌ବୁଦ୍ଧ ହୋଇ ଭଗବତୀ ଚରଣ ପାଣିଗ୍ରାହୀ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ(୧୯୩୫) ଏବଂ ତାଙ୍କ ସଂପାଦନାରେ ପ୍ରକାଶ ପାଇଲା 'ଆଧୁନିକ' (୧୯୩୬) ପତ୍ରିକା। ସେହିବର୍ଷ 'ଆଧୁନିକ'ରେ ପ୍ରକାଶ ପାଇଲା ଭଗବତୀ ଗଳ୍ପ ମାନସର ଆଦ୍ୟଫଳ ତଥା ସମାଜବାଦୀ ଚେତନାର ଅଗ୍ନିବୀଜ 'ଶିକାର'। ଶ୍ରେଣୀ ସଂଘର୍ଷ ତତ୍ତ୍ୱର ପ୍ରୟୋଗ ସ୍ୱରୂପ ଏଥିରେ ସେ ଶୋଷିତ ହାତରେ ଧରେଇଦେଲେ ଶ୍ରେଣୀବାଦ୍‌କୁ ଖତମ କରିବାର ଅସ୍ତ୍ର। ମାର୍କସଙ୍କ ଦର୍ଶନ କହେ ଶୋଷକ ଓ ଶାସକଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରତିଷ୍ଠା ହୋଇଥିବା ବିଚାରାଳୟରୁ ନ୍ୟାୟ ପାଏନି ଶୋଷିତ ଓ ସର୍ବହରା। ତେଣୁ ଗୋବିନ୍ଦ ସର୍ଦ୍ଦାର ଭଳି ଜଣେ ନର ରାକ୍ଷସକୁ ହତ୍ୟା କରିଥିବା ଗଳ୍ପନାୟକ ଘିନୁଆର ସରଳପଣକୁ ବୁଝିବା ପାଇଁ ଚେଷ୍ଟା କରିନି ଅନ୍ଧ ଆଇନ। ବରଂ ବକ୍‌ସିସ୍ ଦବାର ଛଳନା କରି ତାକୁ ଚଢ଼େଇ ଦେଇଛି ଫାଶୀଖୁଣ୍ଟରେ। ଶିକାର ଗଳ୍ପ ପ୍ରକାଶ ପାଇବା ପରେ ଓଡ଼ିଆ ସାହିତ୍ୟକୁ ଆଲୋଡ଼ିତ କଲା ପ୍ରଗତିବାଦୀ ସ୍ୱର ଓ ସଙ୍କଳ୍ପ। 'ଶିକାର' ବ୍ୟତୀତ 'ମିମାଂସା'ଏବଂ 'ହାତୁଡ଼ି ଓ ଦା' ଆଦି ଗଳ୍ପରେ ମଧ୍ୟ ଶ୍ରେଣୀ ସଂଘର୍ଷର ଚିତ୍ର ଉପସ୍ଥାପନ କରି ଆଗାମୀ ବିପ୍ଳବ ପାଇଁ ଗାଳ୍ପିକ ପ୍ରସ୍ତୁତ କରିଛନ୍ତି ବିସ୍ତୃତ ପଟ୍ଟଭୂମି। ଭଗବତୀ ଚରଣ କେବଳ ଗାଳ୍ପିକ ନ ଥିଲେ, ଅଧିକନ୍ତୁ ସେ ଥିଲେ କବି, ପ୍ରାବନ୍ଧିକ ଓ ଅନୁବାଦକ। ଅଗଣିତ ଓଡ଼ିଆଙ୍କ ଭିତରେ ସାମ୍ୟବାଦୀ ଚିନ୍ତାଧାରାର ପ୍ରସାର ପାଇଁ କାର୍ଲମାର୍କସଙ୍କ 'କମ୍ୟୁନିଷ୍ଟ ମେନିଫେଷ୍ଟୋ'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ, ଯାହା ପ୍ରକାଶ ପାଇଥିଲା 'ବୈଜ୍ଞାନିକ ସମାଜବାଦ' ନାମରେ। ସାହିତ୍ୟ ସାଧନାଠାରୁ ତାଙ୍କ ରାଜନୈତିକ ଜୀବନ ଥିଲା ଅଧିକ ସଂଘର୍ଷମୟ ଓ ସମର୍ପିତ। ଓଡ଼ିଶାରେ କମ୍ୟୁନିଷ୍ଟ ଦଳ ଗଠନ ହେବା ପୂର୍ବରୁ ସ୍ୱାଧୀନତା ସଂଗ୍ରାମ ପାଇଁ କଂଗ୍ରେସର ଛତାତଳେ ଥିବା ବାମପନ୍ଥୀ ଯୁବକମାନେ ଚାହୁଁଥିଲେ ଏକ ବୈପ୍ଳବିକ ପରିବର୍ତ୍ତନ। କଂଗ୍ରେସ ଭିତରେ ବାମପନ୍ଥୀ ସମାଜବାଦୀ ବିଚାରଧାରାର ପ୍ରବର୍ତ୍ତକ ଥିଲେ ନବକୃଷ୍ଣ ଚୌଧୁରୀ। ୧୯୩୪ ମସିହା ଫେବୃୟାରୀ ମାସରେ ନବକୃଷ୍ଣ ଚୌଧୁରୀ ଓ ଭଗବତୀ ଚରଣ ପାଣିଗ୍ରାହୀଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଇଥିଲା ଓଡ଼ିଶା କଂଗ୍ରେସ ସୋସିଆଲିଷ୍ଟିକ୍ ଦଳ। ଏହି ନବଗଠିତ ଦଳର ସଂପାଦକ ହୋଇଥିଲେ ଭଗବତୀ ଚରଣ ପାଣିଗ୍ରାହୀ। କଂଗ୍ରେସ ସୋସିଆଲିଷ୍ଟ ଦଳରେ ରହି କମ୍ୟୁନିଷ୍ଟମାନେ ଗଢ଼ିଲେ ଏକ ଗୁପ୍ତ ସଂଗଠନ। ୧୯୩୬ରେ ଭଗବତୀ ଚରଣ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକ ପ୍ରମୁଖ ଅନେକ ବାମପନ୍ଥୀଙ୍କ ଉଦ୍ୟମରେ ଓଡ଼ିଶାରେ ବିଧିବଦ୍ଧ ଭାବେ ଗଠନ ହେଲା କମ୍ୟୁନିଷ୍ଟ ଦଳ। ମଠ ଧନ - କୋଠ ହେଉ, ଲଙ୍ଗଳ ଯା'ର ଜମି ତା'ର ଇତ୍ୟାଦି ଦାବି ନେଇ ସମ୍ପାଦକ ଭଗବତୀ ଚରଣଙ୍କ ନେତୃତ୍ୱରେ ବ୍ୟାପକ ହେଲା କମ୍ୟୁନିଷ୍ଟ ଆନ୍ଦୋଳନ।


ଜୟନ୍ତୀ ଉପଲକ୍ଷେ

ଭଗବତୀ ଚରଣ ପାଣିଗ୍ରାହୀ ଥିଲେ କୃଷକ ଆନ୍ଦୋଳନରେ ଅନ୍ୟତମ କର୍ଣ୍ଣଧାର। ସାହୁକାର ଓ ଜମିଦାରମାନଙ୍କ ଦ୍ୱାରା ଶୋଷିତ ଚାଷୀମୂଲିଆଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସେ ନବକୃଷ୍ଣ ଚୌଧୁରୀଙ୍କ ସହ ମିଶି ଗଠନ କରିଥିଲେ କୃଷକ ସଂଗଠନ। କୃଷକମାନଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ କରାଇବା ପାଇଁ ତାଙ୍କ ସଂପାଦନାରେ ପ୍ରକାଶ ପାଉଥିଲା 'କୃଷକ' ନାମରେ ଏକ ପତ୍ରିକା। ଏହା ଚାଷୀ ମୂଲିଆଙ୍କ ଭିତରେ ଯେତିକି ଜାଗରଣ ସୃଷ୍ଟି କରିଥିଲା, ସେତିକି ଆତଙ୍କ ଖେଳାଇ ଦେଇଥିଲା ସାମନ୍ତବାଦୀ ଶିବିରରେ। ଓଡ଼ିଶାରେ କମ୍ୟୁନିଷ୍ଟ ଦଳ ପ୍ରତିଷ୍ଠା ପରେ ସବୁଠାରୁ ବଡ଼ ଘଟଣାଥିଲା ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ। ଢେଙ୍କାନାଳ ରାଜାଙ୍କ ଅନ୍ଧାରି ଶାସନ ବିରୋଧରେ ଯେଉଁ ଗଣ ଆନ୍ଦୋଳନ ହୋଇଥିଲା ସେ ଆନ୍ଦୋଳନରେ ସାମିଲ ହୋଇ ଶହୀଦ ହେଲେ ବାରବର୍ଷର ବାଳକ ବାଜି ରାଉତ ଓ ଅନେକ ନିରୀହ ମଣିଷ। ଢେଙ୍କାନାଳ ଗୁଳିକାଣ୍ଡ ପ୍ରତିବାଦରେ କଟକ ଟାଉନ ହଲ୍‌ରେ ପ୍ରାଣନାଥ ପଟ୍ଟନାୟକ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଲା ଏବଂ ସଭାର ନିଷ୍ପତ୍ତିକ୍ରମେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେଲେ ଭଗବତୀଚରଣ ପାଣିଗ୍ରାହୀ। ସେଠାକାର ପ୍ରଜାମାନଙ୍କୁ ଅଧିକ ସଂଘଟିତ କରି ବେଠି ବେଗାରି ବିରୋଧରେ ଚଳାଇଲେ ଆଇନ ଅମାନ୍ୟ ଆନ୍ଦୋଳନ। ଏଥିପାଇଁ ସେ କାରାବରଣ କରିଛନ୍ତି, ଅତ୍ୟାଚାର ସହିଛନ୍ତି, ମାତ୍ର ବିପ୍ଳବର ପଥ ପରିହାର କରି ନାହାନ୍ତି ଗୁଳିଗୋଳା ଭୟରେ।

ବ୍ୟକ୍ତିଗତ ଭାବେ ଭଗବତୀ ଚରଣ ଥିଲେ ଜଣେ ବନ୍ଧୁବତ୍ସଳ ମଣିଷ ଏବଂ କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧୀ। ବ୍ରାହ୍ମଣ କୁଳରେ ଜନ୍ମହୋଇ ମଧ୍ୟ ସେ ପୂଜାପାଠର ବିରୋଧୀ ଥିଲେ ଏବଂ ମାନବ ସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରି କହୁଥିଲେ ଧର୍ମ, ଈଶ୍ୱର ଓ ବାହ୍ୟପୂଜା ହେଉଛି ଅଜ୍ଞାନ ଲୋକଙ୍କ ପାଇଁ ନିଶା, ନିଃଶ୍ୱାସ ଓ ଅଫିମ। ଏହାଦ୍ୱାରା ସମାଜରେ ବୃଦ୍ଧିପାଏ ଶୋଷଣ ଓ ଅନ୍ୟାୟ। ଭଗବତୀଙ୍କର ଏହି ବାସ୍ତବବାଦୀ ବିଚାରଧାରା ପାଇଁ ତାଙ୍କୁ କିଛି ଲୋକ ନାସ୍ତିକ ଓ ଧର୍ମଛଡ଼ା କହୁଥିଲେ ସତ, କିନ୍ତୁ ଅନେକ ଲୋକ ତାଙ୍କୁ ଫୁଲମାଳ ପିନ୍ଧାଉଥିଲେ ଶ୍ରଦ୍ଧା ଓ ଭକ୍ତିରେ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ଏଇ ଭାରତରେ

ନିଜ ଭବିଷ୍ୟତ କଥା ଚିନ୍ତା ନ କରି ପିଲାଙ୍କ ଶିକ୍ଷା ଲାଗି ସବୁ କିଛି ଦାନ କରିଦେଇ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି ହୁଚ୍ଚାମ୍ମା ଚୌଦ୍ରି। କର୍ନାଟକ ହାଭେରି ଜିଲା କୁନିକେରି ଗାଁରେ ରହନ୍ତି ହୁଚ୍ଚାମ୍ମା। ସେ ଓ ତାଙ୍କ ସ୍ୱାମୀ ବାଶାପ୍ପାଙ୍କ ସହ ଚାଷକରି ଜୀବିକା ନିର୍ବାହ କରୁଥିଲେ। ସେମାନଙ୍କର ସନ୍ତାନ ନ ଥିଲା। ବାଶାପ୍ପାଙ୍କ ଦେହାନ୍ତ ପରେ ସେ ତାଙ୍କ ଗାଁରେ ସ୍କୁଲ ପାଇଁ ୨ ଏକର ଜମି ଦାନ କରିଦେଇଛନ୍ତି। ପ୍ରଥମେ ସ୍କୁଲ ବିଲ୍‌ଡିଂ ପାଇଁ ୧ଏକର ଦାନ ଦେଇଥିଲେ। ପରେ ସ୍କୁଲ ନିମନ୍ତେ ଖେଳପଡ଼ିଆ ଦରକାର ପଡ଼ିବାରୁ ହୁଚ୍ଚାମ୍ମା ଅବଶିଷ୍ଟ ୧ ଏକର ଦାନ କରିଦେଇଥିଲେ। ଏହି ଜମିର ଏବକାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ । ସବୁଠୁ ବଡ଼ କଥା ହେଉଛି ହୁଚ୍ଚାମ୍ମା ଏବେ ସେହି ସ୍କୁଲରେ ମଧ୍ୟାହ୍ନଭୋଜନ ମୁଖ୍ୟ ରୋଷେୟା ଭାବେ କାମ କରୁଛନ୍ତି। ଏବେ ତାଙ୍କୁ ୭୫ ବର୍ଷ ବୟସ। ପରିଣତ ବୟସରେ ଏକାକୀ ରହୁଥିଲେ ବି ସେ ସ୍କୁଲ ପିଲାମାନଙ୍କୁ ନିଜ ପିଲା ଭାବେ ଦେଖୁଛନ୍ତି। ସ୍କୁଲର ପ୍ରାୟ ୩୦୦ ପିଲାଙ୍କୁ ପ୍ରତିଦିନ ଖାଇବାକୁ ଦେଇ ସେ ବେଶ୍ ଖୁସି ଅନୁଭବ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଫେବୃୟାରୀ ୧୯୯୮

- ମାରୁତି ଉଦ୍ୟୋଗ ଲିମିଟେଡ ପାଇଁ ୩୦୦ କୋଟି ଟଙ୍କାର ସଂପ୍ରସାରଣ ତଥା ଆଧୁନିକୀକରଣ ଯୋଜନା ପ୍ରସ୍ତାବ ଅନୁମୋଦିତ।
- ପହିଲମାନ ତଥା ଚଳଚ୍ଚିତ୍ର ଅଭିନେତା ଦାରା ସିଂଙ୍କ ଭାରତୀୟ ଜନତା ପାର୍ଟିରେ ଯୋଗଦାନ।
- ମହାନଦୀର ଜଳସ୍ରୋତରେ ବୁର୍ଲା ଇଞ୍ଜିନିୟରିଂ କଲେଜର ୭ ଜଣ ଛାତ୍ର ଭାସିଯିବା ଘଟଣାରେ ହୀରାକୁଦ ଜଳଭଣ୍ଡାର ଦାୟିତ୍ୱରେ ଥିବା ୩ ଯନ୍ତ୍ରୀ ନିଲମ୍ବିତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | | 4 | | |
| | 5 | | | | 9 | | 8 | |
| | | 1 | | | 7 | 5 | | |
| 2 | 4 | | 5 | | | 6 | | |
| | 1 | | | 7 | 6 | | | |
| | | 5 | | | | | | 8 |
| 7 | | 3 | 1 | 8 | | | | |
| | | | | | | | | 3 |
| | | | | | | 8 | 4 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 8 | 1 | 2 | 9 | 6 | 3 | 7 |
| 7 | 1 | 3 | 8 | 6 | 4 | 9 | 2 | 5 |
| 6 | 2 | 9 | 5 | 3 | 7 | 4 | 1 | 8 |
| 1 | 9 | 7 | 6 | 4 | 8 | 2 | 5 | 3 |
| 5 | 8 | 4 | 2 | 9 | 3 | 1 | 7 | 6 |
| 2 | 3 | 6 | 7 | 5 | 1 | 8 | 4 | 9 |
| 9 | 6 | 2 | 3 | 1 | 5 | 7 | 8 | 4 |
| 3 | 7 | 1 | 4 | 8 | 6 | 5 | 9 | 2 |
| 8 | 4 | 5 | 9 | 7 | 2 | 3 | 6 | 1 |

ଗତକାଲିର ଉତ୍ତର

## ଚିରନ୍ତନୀ

ଚଳ ଗୋ ତୁମେ କାହାର ଲାଗି
ଆଜି ନିଶୀଥେ କିଏ ଅଭାଗୀ
ରହିଛି ଜାଗି ଢାଳି ତପତ ଶ୍ୱାସ ଗୋ
ପରାଣେ ବହି ତୀବ୍ରତମ ପ୍ରାସ ଗୋ।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସାମ୍ବାଦିକଙ୍କ ସମସ୍ୟା ସମାଧାନ ହେବ କେବେ

ମହାଶୟ,

ଓଡ଼ିଶାରେ ସାମ୍ବାଦିକଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାରରେ ସୀମିତ ରହିଛି। ବିଶେଷକରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସାମ୍ବାଦିକମାନେ ପ୍ରଚାର କରୁଥିଲେ ମଧ୍ୟ ସେମାନଙ୍କ ପାଇଁ ସରକାର ନୀରବ ରହିବା ସବୁଠାରୁ ଦୁଃଖର ବିଷୟ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୨୦୦୭ ଜୁନ୍ ୨୮ରେ ବିଧାନ ସଭା ଅଧିବେଶନର ଶୂନ୍ୟକାଳରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟାକୁ ଗୃହରେ ସଭ୍ୟ ନଳିନୀକାନ୍ତ ମହାନ୍ତି ଉପସ୍ଥାପନ କରିଥିଲେ। ସେମାନଙ୍କ ପେନସନ ଓ ଅନ୍ୟାନ୍ୟ ଦାବିକୁ ସରକାର ଶୁଣୁ ନାହାନ୍ତି ବୋଲି କହିଥିଲେ। ଆଲୋଚନା ମାଧ୍ୟମରେ ଏହା ସମାଧାନ ହୋଇପାରିବ ବୋଲି କୁହାଯାଇଥିଲା। ସେହିଭଳି ସାମ୍ବାଦିକଙ୍କ କଥା ଆଗ ବୁଝାଯାଉ ବୋଲି ବିଧାନ ସଭାରେ ସ୍ୱର ଉଠିଥିଲା। ତଥାପି ଦୀର୍ଘବର୍ଷ ହେଲା ସରକାର ସାମ୍ବାଦିକମାନଙ୍କ ପାଇଁ କିଛି କରୁନାହାନ୍ତି।

**-ବିଷ୍ଣୁପ୍ରସାଦ ମହାରଣା, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ପ୍ରେମ ନିବେଦନ ସହ ମାଡ଼: ୨ ଗିରଫ

କୃଷ୍ଣପ୍ରସାଦ,୩୧।୧(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ପ୍ରେମ ନିବେଦନ କରିବା ସହ ଦୁଇ ଜଣ ଯୁବକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୯/୨୩)ରୁଜୁକରି ସମ୍ପୃକ୍ତ ଯୁବକଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ, ଏହି ଥାନା ଅଞ୍ଚଳରେ ଥିବା ଏକ କଲେଜରେ ନାବାଳିକା ଜଣକ +୨ରେ ପଢ଼ନ୍ତି। ଗତ ୨୬ତାରିଖରେ ସରସ୍ୱତୀ ପୂଜା ଥିବା ବେଳେ ଯୁବକଦ୍ୱୟ ତାଙ୍କୁ ଏକ ମନ୍ଦିରକୁ ଭୋଗ ଖାଇବା ପାଇଁ ଡାକି ନେଇଥିଲେ। ଏହା ପରେ ଯୁବକଦ୍ୱୟ ରାସ୍ତାରେ ଥିବା ଏକ ଜଙ୍ଗଲକୁ ନାବାଳିକାଙ୍କୁ ଜବରଦସ୍ତ ନେଇଯାଇ ପ୍ରେମ ନିବେଦନ କରିଥିଲେ। ଏଥିରେ ସେ ଅରାଜି ହେବାରୁ ଯୁବକଦ୍ୱୟ ସିଗାରେଟ ଟାଣିବାକୁ ଦେବା ସହ ମାଡ଼ ମାରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଯୁବକଦ୍ୱୟ ସେଠାରୁ ପଳାଇଥିଲେ। ଏହାପରେ ସେ ଘରକୁ ଆସି ଘଟଣା ସମ୍ପର୍କରେ କହିଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ବାଲିଅନ୍ତା,୩୧।୧(ଡି.ଏନ୍.ଏ.)- ଏକ କାର୍‌ରେ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ପାହାଳ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କୋରାପୁଟ ଜିଲା ସଦର ଥାନା ଅଞ୍ଚଳର ରଘୁନାଥ ଘୋସଲା(୨୮) ଓ ଭେଙ୍କଟ ରାଓ ଖିଲୋ(୪୩)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସେମାନଙ୍କ ପାଖରୁ ୧ କୁଇଣ୍ଟାଲ ଗଞ୍ଜେଇ, ଏକ କାର୍, ଗୋଟିଏ ଆଧାରକାର୍ଡ, ଗୋଟିଏ ପାନ୍ କାର୍ଡ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ଅପରାହ୍ନରେ ଫୁଲନଖରା- ନିଆଳି ରାସ୍ତାର ଅନନ୍ତପୁରସ୍ଥିତ ଏକ ଇଞ୍ଜିନିୟରିଂ କଲେଜ ନିକଟ ଥାନାର ସ୍ପେଶାଲ ଟିମ୍ ଅତର୍କିତ ଚଢାଉ କରିଥିଲା। ଏହି ସମୟରେ ଏକ କାର୍‌ର ତଲାସୀ ନେବାବେଳେ ତା' ମଧ୍ୟରୁ ୩ ବସ୍ତାରେ ଗଞ୍ଜେଇ ଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ଏହି ଗଞ୍ଜେଇ ବେଆଇନ ଚାଲାଣ କରୁଥିବା ଜାଣି ଦୁହିଁଙ୍କୁ ଗିରଫ କରିଥିଲା।

### ଆଶାଏଁର ୯ମ ବାର୍ଷିକ ଶିଶୁ ଉତ୍ସବ

ଭୁବନେଶ୍ୱର,୩୧।୧(ବ୍ୟୁରୋ)- ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶାଏଁ'ର ନବମ ବାର୍ଷିକ ଶିଶୁ ଉତ୍ସବ ସ୍ଥାନୀୟ ପୋଖରୀପୁଟସ୍ଥିତ କଳାଭୂମି ପରିସରରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ମନ୍ଦାକିନୀ କର, ସମାଜସେବୀ ଶାସ୍ୱତୀ ବଳ, ସଂଗ୍ରାମ ପାଇକରାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସକାଳେ ୧୦ଟି କର୍ମଶାଳାରେ ବିଭିନ୍ନ ବିଭାଗରେ ପିଲାମାନେ ଭାଗନେଇ ଅନେକ ଶିକ୍ଷାଗ୍ରହଣ କରିଥିଲେ। ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ପ୍ରଦର୍ଶନୀ ସମସ୍ତ ଅତିଥି ଓ ଶୁଭେଚ୍ଛୁମାନଙ୍କ ଦ୍ୱାରା ଆଦୃତ ହୋଇଥିଲା। ଓଲିଉଡ ଅଭିନେତା ହରିହର ମହାପାତ୍ର, ଶିଶୁ ସୁରକ୍ଷା ସୋସାଇଟିର କାର୍ଯ୍ୟକ୍ରମ ଅଧିକାରୀ ପ୍ରୀତିକାନ୍ତ ପଣ୍ଡା, ଶିଶୁ ସୁରକ୍ଷା କର୍ମୀ ଘାସିରାମ ପଣ୍ଡା, ଅଧକ୍ଷ ସଂଗ୍ରାମ ପାଇକରାୟ, ସାମାଜିକ କର୍ମୀ ଜୟଶ୍ରୀ ମହାପାତ୍ର, 'ନିତିଦିନ' ସମ୍ପାଦକ ମନୋଜ ମହାପାତ୍ର, ଡ. ବିଦ୍ୟୁକଲ୍ୟାଣ ମହାନ୍ତି, ରୟାଲ ଲାଗୁନ ଲେଡିସ କ୍ଲବର ସଦସ୍ୟବୃନ୍ଦ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଆଶାଏଁ' ଅଧକ୍ଷ ରତ୍ନାକର ସାହୁ ଅନୁଷ୍ଠାନର ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ବିଭିନ୍ନ ସମୟରେ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଜାନୁଆରୀ ୩୧ତାରିଖକୁ ଜାତୀୟ ପଥପ୍ରାନ୍ତ ଶିଶୁ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଅନୁଷ୍ଠାନ ତରଫରୁ ଏହି ଦିନକୁ ବାର୍ଷିକ ଉତ୍ସବ ଭାବେ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମକୁ ପ୍ରୀତିଉଷା, ସଂଗ୍ରାମ, ଭାଗ୍ୟଶ୍ରୀ, ବିଜୟଲକ୍ଷ୍ମୀ ପଣ୍ଡା, ଶ୍ୱେତା ସାହା, ସୁମିତ୍ରା ଦାସ, ଶ୍ରୀନିବାସ ରଣା, ଗୀତାଞ୍ଜଳି ନାୟକ, ମନସ୍ୱିନୀ, ପ୍ରଗତି, ଭୁବନେଶ୍ୱରୀ ପ୍ରମୁଖ ପରିଚାଳନା କରିଥିବା ବେଳେ ନିସ୍, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଓ ବିଜୁପଟ୍ଟନାୟକ ସୋସିଆଲ ୱାର୍କ କଲେଜ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର କର୍ମକର୍ତ୍ତା ସଂଗ୍ରାମ ରାଉତରାୟ ଧନ୍ୟବାଦ ପ୍ରଦାନ କରିଥିଲେ ।

# ରାଜସ୍ୱ ଆଦାୟ ଲକ୍ଷ୍ୟଠାରୁ ଦୂରରେ ବିଏମ୍‌ସି

## ୨୭୭.୭୪ କୋଟିରୁ ଆଦାୟ ହୋଇଛି ୬୭.୬୩ କୋଟି

ଭୁବନେଶ୍ୱର, ୩୧।୧ (ବ୍ୟୁରୋ)

ରାଜସ୍ୱ ଆଦାୟ ଲକ୍ଷ୍ୟରେ ଏଥର ପଛରେ ପଡ଼ି ପାରେ ବିଏମ୍‌ସି। ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ରେ ବିଏମ୍‌ସି ମୋଟ ୨୭୭.୭୪ କୋଟି ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛି। ୧୨୦.୨୪ କୋଟିର ହୋଲ୍ଡିଂ ଟିକସ ଥିବାବେଳେ ଅନ୍ୟାନ୍ୟ ରାଜସ୍ୱ ବାବଦକୁ ୧୫୭.୫୦ କୋଟି ଟଙ୍କା ଆଦାୟ କରିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ହେଲେ ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ୨ମାସ ଥିବାବେଳେ ବିଏମ୍‌ସି ଏଯାବତ୍ ଧାର୍ଯ୍ୟ ଲକ୍ଷ୍ୟର ଅଧା ମଧ୍ୟ ପୂରଣ କରିପାରି ନାହିଁ। ୨୦୨୨ ଡିସେମ୍ବର ସୁଦ୍ଧା ବିଏମ୍‌ସି ହୋଲ୍ଡିଂ ଟିକସ ବାବଦକୁ ୨୯.୭୯ କୋଟି ଆଦାୟ କରିଥିବାବେଳେ ଆନ୍ୟାନ୍ୟ ରାଜସ୍ୱ ବାବଦକୁ ୩୭.୮୪ କୋଟି ଟଙ୍କା ଅର୍ଥାତ୍ ମୋଟ୍ ୬୭.୬୩ କୋଟି ଟଙ୍କା ଆଦାୟ କରିଛି।

ମିଳିଥିବା ସୂଚନା ଅନୁସାରେ ୨୦୨୨ ଏପ୍ରିଲରେ ସର୍ବାଧିକ ୧୫.୭୭ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥିବାବେଳେ ଅଗଷ୍ଟ ମାସରେ ସର୍ବନିମ୍ନ ୩.୩୨ କୋଟି ଟଙ୍କା ଆଦାୟ ହୋଇଛି। ଅପରପକ୍ଷେ ଜାନୁୟାରୀ ମାସରେ ବିଏମ୍‌ସିର ଅଧିକାଂଶ ଅଧିକାରୀ ହକି ବିଶ୍ୱକପ୍ ବାହାନାରେ ରାଜସ୍ୱ ଆଦାୟଠାରୁ ଦୂରରେ ରହିଥିଲେ। ହେଲେ ଏବେ ସମୟ କମ୍ ଥିବାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଅଧିକାରୀ ଏବଂ କର୍ମଚାରୀ। ରାଜସ୍ୱ ଆଦାୟକୁ ତ୍ୱରାନ୍ୱିତ କରିବା ପାଇଁ ଏବେ ୱାର୍ଡ ଅଫିସର, ଟିକସ କଲେକ୍ଟରଙ୍କୁ ଅଧିକାରୀ ତନାଘନା କରିବା ଆରମ୍ଭ କଲେଣି। ଅପରପକ୍ଷେ ବିଏମ୍‌ସି ହୋଲ୍ଡିଂ ଟିକସ ଓ ଟ୍ରେଡ୍ ଲାଇସେନ୍ସ ଆଦାୟ ବ୍ୟବସ୍ଥା ଏବେ କେବଳ ଅନ୍‌ଲାଇନ୍ ମାଧ୍ୟମରେ କରାଯାଉଛି। ଲୋକମାନେ ସ୍ୱତଃସ୍ଫୂର୍ତ୍ତ ଭାବରେ ଟିକସ ଦେଉ ନ ଥିବାରୁ ଟିକସ କଲେକ୍ଟର ତଥା ୱାର୍ଡ ଅଫିସରଙ୍କୁ ଘର ଘର ବୁଲି ହୋଲ୍ଡିଂ ଟିକସ ଓ ବ୍ୟବସାୟିକ ଅନୁଷ୍ଠାନ ବୁଲି ଟ୍ରେଡ୍ ଲାଇସେନ୍ସ ଟିକସ ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଦିନ କେତେ ରାଜସ୍ୱ ସଂଗ୍ରହ ହେଲା ତା'ର ସମସ୍ତ ତଥ୍ୟ ସେମାନଙ୍କୁ ବିଏମ୍‌ସି ମୁଖ୍ୟାଳୟରେ ଦେବାକୁ କୁହାଯାଇଛି। ତେବେ ବର୍ଷ ଯାକ ଗୋଡ଼ ଉପରେ ଗୋଡ଼ ପକେଇ ବସି ଶେଷ ଆଡ଼କୁ ରାଜସ୍ୱ ଆଦାୟ ପାଇଁ ତରବର ହେବା କେତେ ଯୁକ୍ତିଯୁକ୍ତ ବୋଲି କିଛି ୱାର୍ଡ ଅଫିସର ପ୍ରଶ୍ନ କରିଛନ୍ତି। ସେହିପରି ହକି ପାଇଁ ବିଭିନ୍ନ ଦାୟିତ୍ୱର ପାହାଡ଼ ଲଦି ଦେବା ପରେ ଏବେ ଟିକସ ଆଦାୟ ହୋଇପାରୁ ନ ଥିବାରୁ ୱାର୍ଡ ଅଫିସରଙ୍କ ଉପରେ ଦୋଷ ଲଦି ଦେଉଥିବାରୁ ଅନେକେ ବ୍ୟକ୍ତିଗତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ତଥ୍ୟ ଅନୁସାରେ, ଚଳିତବର୍ଷ ମୋଟ ୧୨୦.୨୪ କୋଟି ହୋଲ୍ଡିଂ ଟିକସ ଆଦାୟ ଲକ୍ଷ୍ୟ ରଖାଯାଇଥିବାବେଳେ ୯ ମାସ ମଧ୍ୟରେ ମୋଟ ୨୯.୭୯ କୋଟି ଟଙ୍କା ଟିକସ ଆଦାୟ କରାଯାଇଛି। ସେହିପରି ଅନ୍ୟାନ୍ୟ ରାଜସ୍ୱ ବାବଦରେ ବିଜ୍ଞାପନ ଜରିଆରେ ୭.୬୪ କୋଟି ଟିକସ ଆଦାୟ ଲକ୍ଷ୍ୟ ଥିବାବେଳେ ଡିସେମ୍ବରରେ ୭୦ଲକ୍ଷ ଟଙ୍କା ଆଦାୟ ହୋଇଛି। ଏପ୍ରିଲ୍‌ରୁ ଡିସେମ୍ବର ମଧ୍ୟରେ ବିଜ୍ଞାପନ ବାବଦରେ ମୋଟ ୨.୧୦ କୋଟି ଆଦାୟ ହୋଇଛି। ସେହିପରି ପାର୍କିଂ କ୍ଷେତ୍ରରେ ୧.୪୩ କୋଟି ଲକ୍ଷ୍ୟ ଥିବାବେଳେ ୧.୧୪ କୋଟି ଆଦାୟ ସରିଛି। ଟ୍ରେଡ୍ ଲାଇସେନ୍ସ ବାବଦକୁ ୧୪.୮୨ କୋଟି ଲକ୍ଷ୍ୟ ରହିଥିବାବଳେ ଡିସେମ୍ବର ସୁଦ୍ଧା ୪.୧୬ କୋଟି ଟଙ୍କା ଟିକସ ଆଦାୟହୋଇଛି। ଅନୁରୂପ ଭାବେ ୟୁଜର ଚାର୍ଜେସ୍ (ଏସ୍‌ଡବ୍ଲ୍ୟୁଏମ୍) ଟିକସ, ଡେଭ୍‌ଲପ୍‌ମେଣ୍ଟ ଚାର୍ଜେସ୍ (ପ୍ଲାନିଂ), ୟୁଜର ଫି' (ପ୍ଲାନିଂ), କମ୍ପାଉଣ୍ଡ ଫି' (ପ୍ଲାନିଂ), ମାର୍କେଟ ରେଣ୍ଟ, ଇନ୍ଷ୍ଟେଷ୍ଟ, ଲାଇସେନ୍ସ ଫି' (ଆର୍‌ଓଡବ୍ଲ୍ୟୁ) ଓ ଅନ୍ୟ ଟିକସ ଆଦାୟ ମଧ୍ୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଛି। ଏନେଇ ବିଏମ୍‌ସି ଡେପୁଟି କମିଶନର(ରାଜସ୍ୱ) ସପନ ନନ୍ଦ କହିଛନ୍ତି, ବିଏମସି ପକ୍ଷରୁ ରାଜସ୍ୱ ଆଦାୟକୁ ବ୍ୟାପକ କରାଯାଇଛି। ଆବଶ୍ୟକ ପଡ଼ିଲେ ଅତିରିକ୍ତ ଷ୍ଟାଫ୍ ରାଜସ୍ୱ ଆଦାୟରେ ନିୟୋଜିତ କରାଯିବ। ହାତରେ ଆଉ ୨ ମାସ ଥିବାବେଳେ ଏବେ ଘନ ଘନ ବୈଠକ କରାଯାଇ ରାଜସ୍ୱ ଆଦାୟ କିପରି ତ୍ୱରିତ କରାଯିବ ସେ ନେଇ ଆଲୋଚନା କରାଯାଉଛି। ସେହିପରି ବଡ଼ ଟିକସ ଖିଲାପକାରୀଙ୍କ ଉପରେ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଫୋକସ୍ ଦିଆଯାଉଛି ବୋଲି ନନ୍ଦ କହିଛନ୍ତି।

## ଭେଙ୍କଟେଶ୍ୱର ଟେମ୍ପଲ ପରିଦର୍ଶନ କଲେ ରବିଶଙ୍କର



ଗୁରୁଦେବ ରବିଶଙ୍କର

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ଆର୍ଟ ଅଫ୍ ଲିଭିଂର ଗୁରୁଦେବ ରବିଶଙ୍କର ମଙ୍ଗଳବାର ଜୟଦେବ ବିହାରସ୍ଥିତ ଶ୍ରୀଶ୍ରୀ ଭେଙ୍କଟେଶ୍ୱର ଟେମ୍ପଲ ଅଫ୍ ଟିଟିଡିକୁ ଆସିଥିଲେ। ଏହି ଅବସରରେ 'ନାଦ ସ୍ୱରମ' ସଙ୍ଗୀତ ପରିବେଷଣ ହୋଇଥିଲା। ତାଙ୍କ ଚାରିପାଖେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମନ୍ଦିରରେ ପ୍ରାର୍ଥନା ସରିବା ପରେ ସେ ତାଙ୍କ ଭକ୍ତମାନଙ୍କୁ ଆଶୀର୍ବାଦ ଦେଇଥିଲେ। ଆନ୍ଧ୍ର ଭକ୍ତମାନଙ୍କ ଦ୍ୱାରା ଲୋକନୃତ୍ୟ 'କୋଲାହାଟ୍ଟମ' ପରିବେଷିତ ହୋଇଥିଲା। ମନ୍ଦିର ଅଧିକାରୀଙ୍କ ଦ୍ୱାରା ଗୁରୁଦେବଙ୍କୁ ସମ୍ମାନିତ କରାଯାଇଥିଲା। ସେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ପରିଦର୍ଶନ କରିବାକୁ ଆସି ଫେରିବା ସମୟରେ ଡ. ରଶ୍ମିରେଖା ଦାସ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

# ରାଧାକୃଷ୍ଣଙ୍କ ରାସଲୀଳାରେ ଦର୍ଶକ ବିଭୋର




ଶୁଭଶ୍ରୀ ପଟ୍ଟନାୟକଙ୍କ ନୃତ୍ୟ ପରିବେଷଣ।

ଭୁବନେଶ୍ୱର,୩୧।୧ (ବ୍ୟୁରୋ)

■ଗୁରୁ ଆଲୋକ କାନୁନଗୋଙ୍କୁ 'ଡ. ସ୍ନେହପ୍ରଭା ସାମନ୍ତରାୟ' ସମ୍ମାନ, ଗୁରୁ ନିରଞ୍ଜନ

■ରାଉତଙ୍କୁ 'ଗୁରୁ ଦୁର୍ଗାଚରଣ ରଣବୀର' ସମ୍ମାନ

ରାଧାକୃଷ୍ଣଙ୍କ ପ୍ରେମ ସବୁବେଳେ ନିଆରା। ରାଧାକୃଷ୍ଣଙ୍କ ରାସଲୀଳାସବୁ ସମୟରେ ଆଦୃତ। ଏହାକୁ ଅଧିକ ଆକର୍ଷଣୀୟ ଢଙ୍ଗରେ ଓଡ଼ିଶୀ ମାଧ୍ୟମରେ ପରିବେଷଣ କରିଥିଲେ ଡ. ଶୁଭଶ୍ରୀ ପଟ୍ଟନାୟକ। ତାଙ୍କର ନୃତ୍ୟାଭିନୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାଧାକୃଷ୍ଣଙ୍କ ପ୍ରେମରେ ବିଭୋର ହୋଇଉଠିଥିଲେ ଦର୍ଶକ। ଏହାପରେ ନୃତ୍ୟଧାମ ଅନୁଷ୍ଠାନ ପକ୍ଷରୁ ଦଶମହାବିଦ୍ୟା ନୃତ୍ୟ ପରିବେଷଣ କରାଯାଇଥିଲା। ପରବର୍ତ୍ତୀ ପ୍ରଦର୍ଶନରେ କୋଲକାତାରୁ ଆସିଥିବା ଅତନୁ ଓ ପ୍ରଣବଙ୍କ ଭାରତନାଟ୍ୟମ୍ ନୃତ୍ୟ ଦେଖିବାକୁ ମିଳିଥିଲା। ନୂପୁର ଅନୁଷ୍ଠାନ ଓଡ଼ିଶୀ ନୃତ୍ୟ ପଞ୍ଚଭୂତ ଉପସ୍ଥାପିତ କରିଥିଲେ। ଏହାର ନିର୍ଦ୍ଦେଶନା ଗୁରୁ ନିରଞ୍ଜନ ରାଉତ ଦେଇଥିଲେ । ଶେଷରେ ରୁଦ୍ରାକ୍ଷ ଫାଉଣ୍ଡେଶନ ତରଫରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ମଙ୍ଗଳବାର ଭୁବନେଶ୍ୱରର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଅନୁଷ୍ଠିତ ନୃତ୍ୟଧାମର ଷଷ୍ଠ ସର୍ବଭାରତୀୟ ଶାସ୍ତ୍ରୀୟ ନୃତ୍ୟପର୍ବ ଏବଂ ଗୁରୁ ନମନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଦୂରଦର୍ଶନର ନିର୍ଦ୍ଦେଶିକା ଦିପ୍ତୀ ମିଶ୍ର, ସଂଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଜିକେସିଏମ ଓଆରସିର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବୋଧ ଆଚାର୍ଯ୍ୟ ଏବଂ ପ୍ରଫେସର ଡା.ଜଗନ୍ନାଥ କୁମାର ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଗୁରୁ ଆଲୋକ କାନୁନଗୋଙ୍କୁ 'ଡ. ସ୍ନେହପ୍ରଭା ସାମନ୍ତରାୟ' ସମ୍ମାନ ଦ୍ୱାରା ସମ୍ମାନିତ କରାଯାଇଥିବା ବେଳେ ଗୁରୁ ନିରଞ୍ଜନ ରାଉତଙ୍କୁ 'ଗୁରୁ ଦୁର୍ଗାଚରଣ ରଣବୀର' ସମ୍ମାନ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ଆଜିଠାରୁ ଜାତୀୟ ନାଟ୍ୟ ମହୋତ୍ସବ 'ପୂର୍ବ ରଙ୍ଗ'

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଇଷ୍ଟର୍ନ ଜୋନାଲ୍ କଲ୍‌ଚର ସେଣ୍ଟର ସହଭାଗିତାରେ ବୁଧବାରଠାରୁ 'ପୂର୍ବ ରଙ୍ଗ' ଜାତୀୟ ନାଟ୍ୟ ମହୋତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହେବ। ୪ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଆ, ହିନ୍ଦୀ ଏବଂ ବଙ୍ଗଳା ଭାଷାର ନାଟକ ପ୍ରଦର୍ଶିତ ହେବ। ପ୍ରଥମ ଦିନ ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ କ୍ୱାଁ କ୍ୱାଁ(ପିଲା କାନ୍ଦେ) ନାଟକ ପରିବେଷିତ ହେବାକୁ ଥିବାବେଳେ ପର୍ଯ୍ୟାୟକ୍ରମେ ହିନ୍ଦୀ ନାଟକ ଏ ହାଏ ବମ୍ବେ ମେରି ଜାନ୍, ଆରେ ମାୟାବୀ ସରୋବର ଓ ବଙ୍ଗଳା ନାଟକ ମେଡ଼ିଆ ଦେଖିବାକୁ ପାଇବେ ନାଟ୍ୟପ୍ରେମୀ।

## ସଫେଇ କଲେ, ଆବର୍ଜନା ନ ପକେଇବାକୁ ସଚେତନ କଲେ

ପୁରୁଣା ଭୁବନେଶ୍ୱର,୩୧।୧(ଡି.ଏନ୍.ଏ.)

ସ୍ଥାନୀୟ ୫୯ ୱାର୍ଡରେ ନୂଆଗାଁ ମ୍ୟୁନିସିପାଲିଟି ରୋଡର ଉଭୟ ପାର୍ଶ୍ୱ ସଫେଇ କରିବା ସହ ଲୋକମାନଙ୍କୁ ଆବର୍ଜନା ଏଣେତେଣେ ନ ପକେଇ ଡଷ୍ଟବିନରେ ପକାଇବା ପାଇଁ ସଚେତନ କରିଛନ୍ତି ଆଞ୍ଚଳିକ ବିକାଶ ପରିଷଦ ଯୁବକମାନେ। କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ବୃନ୍ଦାବନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, କବି ଅକ୍ଷୟ ସ୍ୱାଇଁ, ପ୍ରଶାନ୍ତ ମିଶ୍ର, ବସନ୍ତ ମହାରଣା, ବନ୍ଧୁଶେଖର ସୁବୁଦ୍ଧି, ଆଲୋକ ସାହୁ, ଅରୁଣ କୁମାର ପୁରୋହିତ, ପ୍ରଦୀପ ସ୍ୱାଇଁ, ଗୋବିନ୍ଦ ପ୍ରସାଦ ପଣ୍ଡାଙ୍କ ସହିତ ୧୦୦ ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ।

# ଅଳିଆ ଉଠାରେ ୧୧କୋଟିର ଠକେଇ

## କ୍ରାଇମବ୍ରାଞ୍ଚକୁ ତଦନ୍ତ ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

ଭୁବନେଶ୍ୱର, ୩୧।୧ (ବ୍ୟୁରୋ)

ଗୋଟିଏ ପରେ ଗୋଟିଏ ବିବାଦରେ ଛନ୍ଦି ହୋଇ ପଡୁଛି ବିଏମ୍‌ସି। ୫୪ କୋଟି ଟଙ୍କା ହେରଫେର ମାମଲାରେ କ୍ରାଇମବ୍ରାଞ୍ଚ ଓ ଇଓଡବ୍ଲ୍ୟୁ ତଦନ୍ତ କରୁଥିବାବେଳେ ସୈନିକ ସ୍କୁଲସ୍ଥିତ ଟିଟିଏସ୍ (ଟେମ୍ପରାରି ଟ୍ରାଞ୍ଜିଟ୍ ସିଷ୍ଟମ)ରେ ଅଳିଆ ପକାଇବାରେ ୧୧କୋଟି ଟଙ୍କା ହେରଫେର ନେଇ ଅଭିଯୋଗ ହୋଇଛି। ଲୋକାୟୁକ୍ତରେ ସମସ୍ତ ତଥ୍ୟ ପ୍ରମାଣ ସହ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଆଧାର କରି ଲୋକାୟୁକ୍ତ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାର୍ଚ୍ଚ ୨୮ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୈନିକ ସ୍କୁଲ୍ ନିକଟ ଟିଟିଏସ୍‌ରେ ଅଳିଆ ପକା ଉଠାକୁ ନେଇ ୧୧ କୋଟି ୩୦ ଲକ୍ଷ ୪୪ ହଜାର ଟଙ୍କା ଠକେଇ ହୋଇଥିବା ଜଣାପଡ଼ିଛି। ଏଥିରେ ବିଏମ୍‌ସିର ୧୨ ଜଣ ଅଧିକାରୀ ଓ କର୍ମଚାରୀ ସାମିଲ ଥିବା ଅଭିଯୋଗ ମଧ୍ୟ ହୋଇଛି। ୨୦୧୧ରୁ ୨୦୧୬ ମଧ୍ୟରେ ଏହି ମହାଦୁର୍ନୀତି ହୋଇଛି। ଯେତିକି ପରିମାଣର ଅଳିଆ ସେଠାରେ ପକା ହୋଇଛି ତା'ଠାରୁ ଅଧିକ ବିଲ୍ କରିଛି ଠିକା ସଂସ୍ଥା। ପ୍ରାୟ ୧୪ ଲକ୍ଷ ୧୬ ହଜାର ୬୨୫ କ୍ୟୁବିକ୍ ମିଟର ଆବର୍ଜନାର ମିଛ ବିଲ୍ ଜାରି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ୨୦୧୬ ଓ ୨୦୧୭ ବର୍ଷ ମଧ୍ୟରେ ବିଏମ୍‌ସି ଅଧିକାରୀ ଏହି ଠକେଇ ସମ୍ପର୍କରେ ଜାଣିବା ପରେ କେବଳ ନୋଟିସ୍ ଦେଇ ଚୁପ୍ ବସିଥିବା ଅଭିଯୋଗ ହୋଇଛି। ଏନେଇ ମେୟର ସୁଲୋଚନା ଦାସ କହିଛନ୍ତି, ଯଦି ଦୁର୍ନୀତି ହୋଇଥାଏ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ। ତେଣୁ ଏହାକୁ କଡ଼ାକଡ଼ି ନିରପେକ୍ଷ ତଦନ୍ତ କରାଯିବ ବୋଲି ମେୟର କହିଛନ୍ତି। ଅପରପକ୍ଷେ ଇଓଡବ୍ଲ୍ୟୁ ଡିଏସ୍‌ପି ଦିଲ୍ଲୀପ ତ୍ରିପାଠୀ କହିଛନ୍ତି, ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଅନୁଯାୟୀ ତଦନ୍ତ କରାଯାଉଛି। ଯଥାଶୀଘ୍ର ତଦନ୍ତ ରିପୋର୍ଟ ଦାଖଲ କରାଯିବ।

# ସିନେମାର ଜନ୍ମ ଓ ବିକାଶ ସମ୍ପର୍କିତ ଆଲୋଚନାଚକ୍ର




ଭୁବନେଶ୍ୱର, ୩୧।୧(ବ୍ୟୁରୋ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ମଙ୍ଗଳବାର 'ସିନେମାର ଜନ୍ମ ଓ ବିକାଶ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଯାଇଛି। ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିନେମାର ଜନ୍ମ ଓ କ୍ରମ ବିକାଶ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ସିନେ ଫଟୋଗ୍ରାଫି, ଅଭିନୟ, ଅଭିନେତା, ସିନେ ଟେକ୍ନୋଲୋଜି ଓ ଓଡ଼ିଆ ଭାଷାରେ ନିର୍ମିତ ସିନେମାଗୁଡ଼ିକର ଇତିହାସ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭାଗୀୟ ମୁଖ୍ୟ ଡ. ନଳିନ କୁମାର ପାତ୍ର ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ଶେଷରେ ସୂର୍ଯ୍ୟ ଦେଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଗତ ସିନେମା ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଭୁବନେଶ୍ୱର ମହାନଗର ନିଗମ
# ସ୍ୱଚ୍ଛତା ପାଇଁ ପ୍ରଶଂସା

ଭୁବନେଶ୍ୱର, ୩୧।୧ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ସ୍ୱଚ୍ଛତା କ୍ଷେତ୍ରରେ ପ୍ରଶଂସା କରିଛି ସ୍ୱଚ୍ଛ ସର୍ବେକ୍ଷଣ ମିଶନ୍ ଅର୍ବାନ ୨.୦। ଏନେଇ ମିଶନର ଟୁଇଟର ହାଣ୍ଡେଲରେ ପ୍ରକାଶ କରାଯାଇଛି। କଳିଙ୍ଗ ଷ୍ଟାଡିୟମ୍ ଏବଂ ଉତ୍‌ଫେଷ୍ଟ ଆୟୋଜିତ ହୋଇଥିବା ସ୍ଥାନରେ ସ୍ୱଚ୍ଛତା ପାଇଁ ବିଏମ୍‌ସି ଏହି ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇ ପାରିଥିବା କୁହାଯାଉଛି।

ଜାନୁୟାରୀ ୧୩ରୁ ଆରମ୍ଭ ହୋଇଥିବା ହକି ମହାକୁମ୍ଭ ୨୯ରେ ଶେଷ ହୋଇଛି। ହକି ବିଶ୍ୱକପ୍ ଦେଖିବାକୁ ଦେଶ ତଥା ବିଦେଶରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସିଥିଲେ। ତେଣୁ ସହରକୁ ଆସି ଏକ ନିଆରା ତଥା ଭଲ ଅନୁଭୂତି ନେଇ ଫେରିବା ପାଇଁ ବିଏମ୍‌ସି ବିଭିନ୍ନ ଦିଗ ଉପରେ ଦୃଷ୍ଟି ଦେଇଥିଲା। ସ୍ୱଚ୍ଛତା ଦିଗକୁ ବିଶେଷ ଦୃଷ୍ଟି ଦିଆଯିବା ସହ କଳିଙ୍ଗ ଷ୍ଟାଡିୟମ୍ ଚତୁଃପାର୍ଶ୍ୱରେ ୧ଶହ ସଫେଇ କର୍ମୀଙ୍କୁ ୨୪ ଘଣ୍ଟିଆ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଦିନକୁ ୩ଥର ଅଳିଆ ଉଠାଯାଉଥିଲା। ସେହିପରି ହକି ପାଇଁ ଆୟୋଜିତ ହୋଇଥିବା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଉତ୍‌ଫେଷ୍ଟରେ ମଧ୍ୟ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଦୁଇ ସ୍ଥାନରେ ସଫେଇ ମିତ୍ରଙ୍କ ନିରନ୍ତର ଉଦ୍ୟମ ଦେଖିବାକୁ ମିଳିଥିଲା। ଅପରପକ୍ଷେ ଆଗକୁ ସ୍ୱଚ୍ଛ ସର୍ବେକ୍ଷଣ ଆରମ୍ଭ ହେବାକୁ ଥିବାବେଳେ ଏଭଳି ପ୍ରଶଂସା ବିଏମ୍‌ସିକୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

# ସହରର ଆଉ ୩୩ ସ୍ଥାନର ରୂପ ବଦଳିବ



ନୂଆରୂପରେ ସଜେଇ ହୋଇଥିବା ରାଜଧାନୀର ଓଭର ବ୍ରିଜ୍।

■ଅଧା ରହିଥିବା କାମ ପୁଣି ଆରମ୍ଭ ହେଲା

■ସୌନ୍ଦର୍ଯ୍ୟକରଣ ବଜାୟ ରଖିବା ଦାୟିତ୍ୱରେ ଅଧିକାରୀ

ଭୁବନେଶ୍ୱର, ୩୧।୧ (ବ୍ୟୁରୋ)

ବିଶ୍ୱକପ୍ ହକି ପାଇଁ ନବବଧୂ ପରି ସଜେଇ ହୋଇଛି ରାଜଧାନୀ ଭୁବନେଶ୍ୱର। ସହରର ସ୍ୱଚ୍ଛତା ସହିତ ସୌନ୍ଦର୍ଯ୍ୟକରଣ ଉପରେ ବିଏମ୍‌ସି ବିଶେଷ ଭାବେ ଗୁରୁତ୍ୱାରୋପ କରିଥିଲା। ସହରର କାନ୍ଥବାଡ଼ ସହିତ ଓଭରବ୍ରିଜ୍, ରାସ୍ତାଘାଟ, ମୁଖ୍ୟ ଛକ ଆଦି ବିଭିନ୍ନ ସ୍ଥାନ ନୂଆ ରୂପ ପାଇଥିଲା। ତେବେ ହକି ପୂର୍ବରୁ ଯେଉଁ ଅନୁପାତରେ କାମ ହେବାକୁ ନିର୍ଦ୍ଧାରଣ କରାଯାଇଥିଲା ତାହା ହୋଇପାରି ନ ଥିଲା। ଅପରପକ୍ଷେ ସହରକୁ ହକି ପ୍ରଶଂସକଙ୍କ ଆଗମନ କାରଣରୁ ଆଉ କାମ କରିବା ମଧ୍ୟ ସମ୍ଭବ ହୋଇ ନ ଥିଲା। ତେବେ ବନ୍ଦ ରହିଥିବା ସୌନ୍ଦର୍ଯ୍ୟକରଣ କାମ ଆଉଥରେ ସୋମବାରଠାରୁ ଆରମ୍ଭ ହୋଇଛି। ସେହିପରି ହକି ସରିବା ପରେ ମଧ୍ୟ ସହରର ସୌନ୍ଦର୍ଯ୍ୟକରଣ, ସବୁଜିମା, ସ୍ୱଚ୍ଛତା କିଭଳି ବଳବତ୍ତର ରହିବ ସେଥିପାଇଁ ଏବେ ପଦକ୍ଷେପ ନିଆଯାଉଛି। ଏନେଇ ବିଏମ୍‌ସିର ବିଭିନ୍ନ ଅଧିକାରୀଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ବର୍ତ୍ତମାନ ସହରର ୨୭ଟି ସ୍ଥାନରେ ପ୍ଲେସ୍‌ମେକିଂ କରାଯାଇଥିବାବେଳେ ତାହାକୁ ୬୦କୁ ବୃଦ୍ଧି କରାଯାଇଛି। ଖୁବ୍‌ଶୀଘ୍ର ଚିହ୍ନଟ ହୋଇଥିବା ବାକି ୩୩ଟି ସ୍ଥାନର ରୂପରେଖ ବଦଳିବ। ସେହିପରି ସୌନ୍ଦର୍ଯ୍ୟକରଣ କରାଯାଇଥିବା ସ୍ଥାନଗୁଡିକ ଯେପରି ଖୋଳାଖୋଳି ନ ହୁଏ, ରାସ୍ତାରେ ଶୃଙ୍ଖଳା ଡାଳ ନ ପଡେ, ଗଛରେ ନିୟମିତ ପାଣି ଦେବା, ଚିତ୍ରରୁ ରଙ୍ଗ ଛାଡିଲେ ତାହା କରିବା ଭଳି ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱରେ ରହିବ। ଏହାଦ୍ୱାରା ରାଜଧାନୀ ଭୁବନେଶ୍ୱରର ସ୍ୱଚ୍ଛତା ଏବଂ ସୁନ୍ଦରତା ସର୍ବଦା ବଜାୟ ରହିପାରିବ। ହକି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସହରର ରୂପରେଖ ବଦଳାଯାଇଥିବାରୁ ଏବେ ବିଏମ୍‌ସିକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଅପରପକ୍ଷେ ଆଗକୁ ସ୍ୱଚ୍ଛ ସର୍ବେକ୍ଷଣ ଥିବାରୁ ବିଏମ୍‌ସି ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣକୁ ଆହୁରି ବଢ଼ାଇବାକୁ ସୁଯୋଗ ପାଇଛି।

# 'ଚିତ୍ରାଙ୍କନ ପିଲାଙ୍କ ସୃଜନଶୀଳତାକୁ ବଳ ଯୋଗାଏ'




ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୩୧।୧

ନାଚ, ଗୀତ, ଚିତ୍ର କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ପିଲାଙ୍କ ଭିତରେ ଲୁଚି ରହିଥିବା ସୃଜନଶୀଳତାକୁ ଆହୁରୀ ବଳ ଦିଏ। ସୂର୍ଯ୍ୟୋଦୟ ଲାଇବ୍ରେରୀର ୧୫ ତମ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଖବରଦାତା ତଥା ରାଜନେତା ସତ୍ୟପ୍ରକାଶ ନାୟକ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ କାର୍ଟୁନିଷ୍ଟ ଦେବାଶିଷ ସିଂ ଯୋଗଦେଇ କୁନି କୁନି ପିଲାଙ୍କ ସୃଜନଶୀଳତା ଦେଖି ବେଶ୍ ଖୁସବୋଲି କହିଥିଲେ। ଶିକ୍ଷକ ଅଶୋକ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶରେ କବିତା ପାଠ କରିଥିଲେ। ସୂଚନାଯୋଗ୍ୟ, ବାର୍ଷିକ ଉତ୍ସବ ପାଳନ ପୂର୍ବରୁ ବିଭିନ୍ନ ସ୍କୁଲ୍ ପିଲାଙ୍କୁ ଓ ସ୍ଥାନୀୟ ମହିଳାମାନଙ୍କୁ ନେଇ ଅନୁଷ୍ଠାନ ପକ୍ଷରୁ ଅନେକ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ଲିଖିତ 'ସୂର୍ଯ୍ୟୋଦୟ' ପତ୍ରିକା ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଲୋକନାଥ ସାହୁ, ସମ୍ପାଦକ ନନ୍ଦେଶୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଅଭିଯୋଗରେ ୨ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି,୩୧ ।୧(ସ୍ୱ.ପ୍ର.)– ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟରୁ ସୋଲାର ଲାଇଟ ଚୋରି କରିବା ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ଛକର ଚୈତନ୍ୟ ମୁର୍ମୁ ଓ ସାଲେପୁର ଥାନା ଅଧୀନ ରାମକୃଷ୍ଣପୁର ଗ୍ରାମର ବିଶ୍ୱଜିତ ମହାନ୍ତି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରୁ ୪ ସୋଲାର ଲାଇଟ ଚୋରି ହୋଇଥିଲା। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଥାନାରେ ମାମଲା (ନଂ. ୧୮/୨୩) ରୁଜୁକରି ତଦନ୍ତ ଚଳାଇଥିଲେ।

## ସଂକ୍ଷେପରେ

### ଅଙ୍ଗନଦୀରେ ବିଜୁ ସେତୁ ନିର୍ମାଣ ମାମଲା
### ସଂଯୋଗୀ ରାସ୍ତା ପାଇଁ ହେଲାଣି ଟେଣ୍ଡର

କଟକ ଅଫିସ,୩୧।୧: ବରଗଡ଼ ଜିଲା ଲାଖମରାରୁ ବରଦାପଲିକୁ ଯାଇଥିବା ରାସ୍ତାର ଅଙ୍ଗନଦୀ ଉପରେ ବିଜୁ ସେତୁ ନିର୍ମାଣ ପାଇଁ ହାଇକୋର୍ଟରେ ଏକ ପିଟିଶନ ଦାୟର ହୋଇଥିଲା। ୨୦୧୦ ମସିହାରୁ ଏଠାରେ ବିଜୁ ସେତୁ ନିର୍ମାଣ ପାଇଁ ଯୋଜନା ହୋଇଥିଲେ ବି କାମ ହେଉ ନ ଥିଲା। ସଂଯୋଗୀକରଣ ରାସ୍ତାକୁ ନେଇ ସମସ୍ୟା ରହିଥିଲା। ଏହା ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିବା ବେଳେ ରାସ୍ତା ବିଭାଗ ଉକ୍ତ ରାସ୍ତାର ନିର୍ମାଣ କରିବାକୁ ଜମି ପାଉ ନ ଥିଲା। ସେଥିପାଇଁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ପଞ୍ଚାୟତିରାଜ ସଚିବଙ୍କୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର ହୋଇ ଜବାବ ରଖିବାକୁ ପୂର୍ବରୁ କହିଥିଲେ। ପଞ୍ଚାୟତିରାଜ ସଚିବ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର ହୋଇ ସେତୁର ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଜମି ରାସ୍ତା ବିଭାଗକୁ ହସ୍ତାନ୍ତର କରିଥିବା ଜଣାଇଥିଲେ। ରାସ୍ତା ବିଭାଗ ମଧ୍ୟ ଅଦାଲତଙ୍କୁ ଜମି ହସ୍ତାନ୍ତର କରାଯାଇଥିବା ଓ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଥିବା ଜଣାଇଥିଲା। ହାଇକୋର୍ଟରେ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ଏମ. ଏସ୍. ରମଣଙ୍କ ଖଣ୍ଡପୀଠ ମଙ୍ଗଳବାର ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି।

### ପୂର୍ବତନ ସରପଞ୍ଚଙ୍କୁ ୩ବର୍ଷ ଜେଲ୍

ଆଠଗଡ଼, ୩୧।୧(ସ୍ୱ.ପ୍ର) ଆଠଗଡ ବ୍ଲକ ଅନ୍ତର୍ଗତ ଦୋରଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ନୂତନ କୁମାର ରାଉତଙ୍କୁ କଟକ ଦୁର୍ନୀତି ନିବାରଣର ସ୍ୱତନ୍ତ୍ର କୋର୍ଟ ଏକ ମାମଲାର ବିଚାର କରି ଦୋଷୀ ସାବ୍ୟସ୍ତ କରିବା ସହିତ ୩ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ରାଉତ ତାଙ୍କର କାର୍ଯ୍ୟକାଳ ସମୟରେ ଏକ ଗ୍ରାମ୍ୟ କଂକ୍ରିଟ ରାସ୍ତାର ସବିଶେଷ ବିଲ କରିବା ପାଇଁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ଧରାପଡିଥିଲେ। କଟକ ଜିଲା ଦୁର୍ନୀତି ନିବାରଣ ବିଭାଗର ତତ୍କାଳୀନ ନିରୀକ୍ଷକ ଶେଷଦେବ ନାୟକ କଟକ ସ୍ଥିତ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଅଦାଲତରେ ଟି.ଆର କେଶ ନଂ ୧୦୪/୨୦୦୯ରେ ମାମଲା ରୁଜୁ କରିଥିଲେ।

### ବାଇକ ଚାଳକଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

ସାଲେପୁର,୩୧।୧(ଡି.ଏନ୍.ଏ.)- ଦୁଇଜଣ ଦୁର୍ବୃତ୍ତ ଏକ ପଲସରରେ ଆସି ଜଣେ ବାଇକ ଚାଳକଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ ମାରିଛନ୍ତି। ଏନେଇ ସଂପୃକ୍ତ ବ୍ୟକ୍ତି ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଚଳାଇଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଇନାହିଁ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନ ପ୍ରାୟ ୨.୩୦ମି. ସମୟରେ ନେମାଳ ଥାନା ଅନ୍ତର୍ଗତ ସାଆନ୍ତପୁର ଗ୍ରାମର ଧୀରେନ୍ଦ୍ର ପ୍ରସାଦ ପୃଷ୍ଟି ଏକ ବାଇକରେ ଯୋଗେ ସାଲେପୁରରୁ ନେମାଳ ଅଞ୍ଚଳକୁ ଯାଉଥିଲେ। ଏହି ସମୟରେ ଏକ ପଲ୍‌ସରରେ ୨ଜଣ ଯୁବକ ତାଙ୍କର ପିଛା କରି କୁଲିଆବଜାର ନିକଟରେ ସେ ପିନ୍ଧିଥିବା ଏକ ସୁନାଚେନ୍‌କୁ ଝାମ୍ପିନେଇ ଦ୍ରୁତ ଗତିରେ କେନ୍ଦ୍ରାପଡ଼ା ଅଭିମୁଖେ ପଳାଇ ଯାଇଥିଲେ। ଧୀରେନ୍ଦ୍ର ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ- ୩୮/୨୦୨୩ରେ ମାମଲା ରୁଜୁ କରିଛି।

### ହିତାଧିକାରୀଙ୍କୁ ମିଳିନି ଭତ୍ତା

କଣ୍ଟାପଡା,୩୧।୧(ଡି.ଏନ୍.ଏ): ପ୍ରତି ମାସ ୧୫ତାରିଖରେ ହିତାଧିକାରୀଙ୍କୁ ଭତ୍ତା ମିଳିବା ପାଇଁ ନିର୍ଦ୍ଦେଶ ରହିଛି। ତେବେ ଚଳିତବର୍ଷ ଜାନୁୟାରୀ ଶେଷ ହୋଇଥିବା ବେଳେ କଣ୍ଟାପଡା ବ୍ଲକରେ ବିଭିନ୍ନ ହିତାଧିକାରୀଙ୍କୁ ମାସିକ ଭତ୍ତା ମିଳିପାରି ନାହିଁ। ଫଳରେ ପରିବାର ଚଳାଇବା ପାଇଁ ଭତ୍ତା ଉପରେ ନିର୍ଭର କରୁଥିବା ପରିବାର ନାନା ହଇରାଣ ହେଉଛନ୍ତି। ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରା ନ ଗଲେ ଆସନ୍ତା ୬ତାରିଖ ପୂର୍ବାହ୍ନ ୧୦ଟାରେ କଣ୍ଟାପଡା ବ୍ଲକ ସମ୍ମୁଖରେ ଧାରଣାରେ ବସିବା ପାଇଁ ଭାଜପା କଟକ ସଦର ଜିଲା ସମ୍ପାଦକ ଲଲାଟେନ୍ଦୁ ପ୍ରସାଦ ଦାଶ ଚେତାବନୀ ଦେଇଛନ୍ତି। ଲଲାଟେନ୍ଦୁଙ୍କ ଅଭିଯୋଗ ଅନୁଯାୟୀ ପ୍ରତିମାସ ୧୫ ତାରିଖକୁ ଭତ୍ତା ପ୍ରଦାନ ପାଇଁ ଧାର୍ଯ୍ୟ କରାଯାଇଥିବାବେଳେ ଚଳିତ ମାସରେ ଏହାର ବ୍ୟତିକ୍ରମ ହୋଇଛି। ଫଳରେ କଣ୍ଟାପଡା ବ୍ଲକର ୧୪ ପଞ୍ଚାୟତର ହିତାଧିକାରୀମାନେ ଔଷଧ ପାଇଁ ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବା ବୃଦ୍ଧାବୃଦ୍ଧ ବହୁ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ କଣ୍ଟାପଡା ବିଡିଓ ସନ୍ତୋଷ କୁମାର ପତି କହିଛନ୍ତି, ୧୫ତାରିଖ ଛୁଟିଥିବାବେଳେ କର୍ମଚାରୀ ଅଭାବ, ୧୬ରୁ ୨୪ ପ୍ରଧାନମନ୍ତ୍ରୀ ଆବାସ ପାଇଁ ତଦନ୍ତ ଚାଲୁରହିଥିଲା ଓ ଏହାର ରିପୋର୍ଟ ପ୍ରଦାନ ପାଇଁ କର୍ମଚାରୀ ବ୍ୟସ୍ତ ଥିବାରୁ ଭତ୍ତା ଟଙ୍କା ବଣ୍ଟନ କରାଯାଇପାରି ନ ଥିଲା। ତେବେ ଭତ୍ତା ଟଙ୍କା ଦେବା ପାଇଁ ଆଦେଶ ଦିଆସରିଛି। ୨ ତାରିଖରେ ସମସ୍ତ ହିତାଧିକାରୀ ଏହାର ଲାଭ ଉଠାଇପାରିବେ ବୋଲି ସେ କହିଥିଲେ।

# ବିଦ୍ୟାଳୟ ପରିସରରେ ପାଣି ଟାଙ୍କି ନିର୍ମାଣକୁ ବିରୋଧ

## ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା



ମାହାଙ୍ଗା,୩୧।୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଉଚ୍ଚ ପାଣି ଟାଙ୍କି ନିର୍ମାଣ କରାଯାଉଛି। ଏହାକୁ ଛାତ୍ରୀଛାତ୍ର ବିରୋଧ କରି ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଫଳରେ ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ମାହାଙ୍ଗା ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଲଳିତଗିରି ପଞ୍ଚାୟତ ପାଇଁ ଲଳିତଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ବିଦ୍ୟାଳୟର ସମ୍ମୁଖ ପାଚେରିକୁ ୩୦ ଫୁଟରୁ ଉର୍ଦ୍ଧ୍ୱ ଭାଙ୍ଗି ଦିଆଯାଇଛି। ପାଣି ଟାଙ୍କି ବିଦ୍ୟାଳୟର ପଛପଟରେ ହେଉଥିବାବେଳେ ଏହା ବିଦ୍ୟାଳୟ ପ୍ରତି ବିପଦ ସୃଷ୍ଟି କରିବା ସହ ନିର୍ମାଣ ସମୟରେ ଯାନ୍ତ୍ରିକ ଶବ୍ଦ ଯୋଗୁ ପିଲାଙ୍କ ପାଠପଢା ବ୍ୟାଘାତ ହେଉଛି। ଏନେଇ ଛାତ୍ରୀଛାତ୍ରମାନେ ପ୍ରଧାନ ଶିକ୍ଷକ ପବିତ୍ରମୋହନ ନାଥଙ୍କୁ ଅବଗତ କରାଇଥିଲେ। ଏ ପ୍ରସଙ୍ଗରେ ଜିଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପ୍ରଧାନଶିକ୍ଷକ କହିଥିଲେ। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବହୁ ଛାତ୍ରୀଛାତ୍ର ପୂର୍ବାହ୍ନରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇ ଟାଙ୍କି କାର୍ଯ୍ୟ ବନ୍ଦ ନିମନ୍ତେ ଦାବି କରିଥିଲେ। ବିଦ୍ୟାର୍ଥୀମାନେ ଧାରଣାରୁ ଉଠି ଯିବା ପାଇଁ ବିଦ୍ୟାଳୟର ଜଣେ ପରିଚାଳନା କମିଟି ସଦସ୍ୟ ସେମାନଙ୍କୁ ଗାଳିଗୁଲଜ କରିବା ସହ ଟାଙ୍ଗିଆ ଧରି ଗାଳିଗୁଲଜ କରିବା ସହ ଭୟଭିତ କରିବା ନେଇ ଛାତ୍ରଛାତ୍ରୀମାନେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ମାହାଙ୍ଗା ଥାନା ଏଏସଆଇ ଭୀଷ୍ମ ପ୍ରଧାନ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଧାରଣାରତ ଛାତ୍ରଛାତ୍ରୀମାନେ ଅପରାହ୍ନ ପର୍ଯ୍ୟନ୍ତ ବସି ରହିଥିଲେ। ଏ ନେଇ ପ୍ରଧାନଶିକ୍ଷକ ପବିତ୍ରମୋହନ ନାଥଙ୍କୁ ଯୋଗାଯୋଗ କରିବାରୁ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି କହି ଘଟଣାକୁ ଏଡ଼ାଇ ଦେଇଥିଲେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଉଚିତ ନେବାକୁ ଛାତ୍ରୀଛାତ୍ର ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏନେଇ ତାଙ୍କ ନିକଟରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା କହିଛନ୍ତି।

# ଆଜିଠାରୁ ଖାଦ୍ୟ ଯାଞ୍ଚ ଆରମ୍ଭ

- ମାନ ପରଖିବେ ଖାଦ୍ୟ ସୁରକ୍ଷା ଟିମ୍
- ଅନିୟମିତତା ଦେଖାଗଲେ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ,୩୧।୧

ସହରରେ ଅପମିଶ୍ରିତ ଓ ନକଲି ଖାଦ୍ୟ ସାମଗ୍ରୀ କାୟା ମେଲାଇ ଚାଲିଛି। ଯେତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ବି ମୂଳ ଉତ୍ପାଟନ ହୋଇପରୁନାହିଁ। ଅପରପକ୍ଷେ ସହରରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଦୋକାନ ଗୋଦାମରେ ଯାଞ୍ଚ ପ୍ରକ୍ରିୟା କିଛି ଦିନ ହେବ ବନ୍ଦ ଥିଲା। ତେବେ ତାହାକୁ ପୁଣି କାର୍ଯ୍ୟକାରୀ କରିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ଯୋଜନା କରିଛି। ଏଥିପାଇଁ ବୁଧବାରଠାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇ ଫେବୃୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନେଇ ଏକ ୪ ଜଣିଆ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଆସନ୍ତା ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଖାଦ୍ୟର ମାନ ପରଖିବ। ଯଦି କୌଣସିଠାରେ ଖାଦ୍ୟର ମାନ ଠିକ୍ ନ ଥିବ କିମ୍ବା ଲାଇସେନ୍ସ ନ ଥିବ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ୧ତାରିଖରେ ଦୋଲମୁଣ୍ଡାଇ, ବଜ୍ରକବାଟି ରୋଡ, ୨ରେ ମେରିଆବଜାର, ବକ୍ସିବଜାର, ମାଛୁଆବଜାର, ୪ରେ ଜଗତପୁର, ୭ରେ ପୁରୀଘାଟ, ଚୌଧୁରୀବଜାର, ବାଲୁବଜାର, ୮ରେ ମାଲଗୋଦାମ, ମହତାବ ରୋଡ, ପିଲିଗ୍ରିମ ରୋଡ, ୧୦ରେ ସିଡିଏ ୬, ୭, ୮,୯ ସେକ୍ଟର, ୧୩ରେ ମହତାବ ନଗର, ଶିବାଜୀ ନଗର, ନେତାଜୀ ନଗର ଏବଂ ୧୫ରେ ହରିପୁର, ପିଠାପୁର ଓ ଚୌଧୁରୀବଜାରରେ ଯାଞ୍ଚ କରାଯିବ।

# ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ: ଜନତା ଅସୁରକ୍ଷିତ
## ଆମ୍ ଆଦ୍‌ମୀ ପାର୍ଟିର ଅଭିଯୋଗ

କଟକ ଅଫିସ, ୩୧।୧:

ପୋଲିସ ଗୁଳିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କର ମୃତ୍ୟୁ ଘଟିଛି। ରାଜ୍ୟରେ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି। ଏପରିସ୍ଥଳେ ସାଧାରଣ ଜନତା କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପକ୍ଷେ ରାଜ୍ୟରେ ମହିଳାଙ୍କ ସୁରକ୍ଷା ନେଇ ଚିନ୍ତାର କାରଣ ପାଲଟିଛି। ବେବିନା, ଇତିଶ୍ରୀ, କୁନ୍ଦୁଲି, ରାଜଶ୍ରୀ, ମମିତା, ପରି ଓ କିଛିଦିନ ତଳେ ଭୁବନେଶ୍ୱର ପଟିଆ ଅଞ୍ଚଳରେ ଦୁଇ ଦିବ୍ୟାଙ୍ଗ ନାବାଳିକାଙ୍କ ବଳାତ୍କାର ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି କିଛିଦିନ ପୂର୍ବେ ହାଜତ ଭିତରେ ଗୋବିନ୍ଦ ସାହୁଙ୍କର ମୃତ୍ୟୁ ଘଟିଛି। ଏହାଦ୍ୱାରା ସ୍ପଷ୍ଟ ହେଉଛି ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେହିପରି ରାଜ୍ୟରେ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର କାରଣ ପାଲଟିଛି। ଝାରସୁଗୁଡ଼ାରେ ଭଲ ହସ୍ପିଟାଲ୍ ଥିଲେ ହୁଏତ ମନ୍ତ୍ରୀ ବଞ୍ଚିଯାଇଥାନ୍ତେ। କଟକ ବଡ଼ ମେଡିକାଲ କଲେଜରେ ବାହାରୁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଅବସ୍ଥା ବହୁ ଶୋଚନୀୟ। ଖୋଲା ଆକାଶ ତଳେ ସେମାନେ ଶୋଉଛନ୍ତି। ଏ ବିଷୟରେ ମେଡିକାଲ କର୍ତ୍ତୃପକ୍ଷ କର୍ଣ୍ଣପାତ ଦେଉନାହାନ୍ତି। ଖାନନଗରସ୍ଥିତ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଦୁର୍ଗାପ୍ରସାଦ ପରିଡ଼ା ଉପରୋକ୍ତ ଅଭିଯୋଗ କରିଛନ୍ତି। ସମ୍ମିଳନୀରେ ନଗର ସଭାପତି ଆଶୁତୋଷ ପରିଡା, ଜିଲା ସମ୍ପାଦକ ଅମିତ ମହାପାତ୍ର, ଚୌଦ୍ୱାର-କଟକ ସମ୍ପାଦକ ସଞ୍ଜୀବ ପରିଡା, ଉପସଭାପତି ତ୍ରିଲୋଚନ ମଲ୍ଲିକ, ତ୍ରିବିକ୍ରମ ପଣ୍ଡା, ଅଭି ସ୍ୱାଇଁ ଓ ମହମ୍ମଦ ସନାଉଲ୍ଲା ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ



ଆଠଗଡ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆଠଗଡ଼, ୩୧।୧(ସ୍ୱ.ପ୍ର):

ଆଠଗଡ଼ ବ୍ଲକ ଅନ୍ତର୍ଗତ ରାଜନଗର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ଓ ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ତେବେ ସରପଞ୍ଚ ରଶ୍ମିତା ପରିଡ଼ା ଏହାକୁ ଖଣ୍ଡନ କରିଛନ୍ତି। ସୋମବାର ପଞ୍ଚାୟତର କିଛି ବ୍ୟକ୍ତି ଏ ନେଇ ଆଠଗଡ଼ ଉପଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ସରପଞ୍ଚ ରଶ୍ମିତା କହିଛନ୍ତି, ଏହି ଅଭିଯୋଗ କପୋଳକଳ୍ପିତ ତଥା ରାଜନୈତିକ ଉଦ୍ଦେଶ୍ୟ

### ସରପଞ୍ଚଙ୍କ ଖଣ୍ଡନ

ପ୍ରଣୋଦିତ। ଅଭିଯୋଗକାରୀମାନେ ପୂର୍ବରୁ ଏହି ଯୋଜନାରେ ସାମିଲ ହୋଇସାରିଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ଏହି ବ୍ୟକ୍ତିମାନେ ଯୌଥ ପରିବାରରେ ରହୁଥିବାରୁ ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ୨ୟ ଥର ପାଇଁ ଯୋଜନାରେ ସାମିଲ ହୋଇପାରିବେ ନାହିଁ। ଏହାଛଡ଼ା ଅଭିଯୋଗକାରୀଙ୍କ ମଧ୍ୟରୁ ଅନେକଙ୍କ ନାମ ହିତାଧିକାରୀ ତାଲିକାରେ ରହିଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସମସ୍ତ ପ୍ରକଳ୍ପ ବହୁଦିନ ଆଗରୁ ସରିଥିବା ବେଳେ ବର୍ତ୍ତମାନ ଚାଲୁଥିବା ପ୍ରକଳ୍ପଗୁଡିକ ଅଣକୁଶଳୀ ଶ୍ରମିକମାନଙ୍କ ଦ୍ୱାରା କରାଯାଇ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ସେମାନଙ୍କ ପ୍ରାପ୍ୟ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଇଛି। ଏଣୁ ସେ ସମସ୍ତ ତଦନ୍ତକୁ ସାମ୍ନା କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ସରପଞ୍ଚ ରଶ୍ମିତା ପରିଡାଙ୍କ ନେତୃତ୍ୱରେ ମହେନ୍ଦ୍ର ପରିଡା, ରବୀନ୍ଦ୍ର ରଣା, ସରୋଜ ଦାଶ ପ୍ରମୁଖ ବିଡିଓଙ୍କୁ ଭେଟି ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ଭାଉଜ ମୁଣ୍ଡରେ ସିନ୍ଦୂର ଦେଲେ ଦିଅର

ବାଙ୍କୀ,୩୧।୧(ସ୍ୱ.ପ୍ର.): ଉଜୁଡ଼ା ଜୀବନକୁ ସଜାଡ଼ିବାକୁ ଭାଉଜ ମଥାରେ ସିନ୍ଦୂର ଦେଲେ ଦିଅର। ଏଭଳି ଘଟଣା ଦେଖିବାକୁ ମିଳିଛି ବାଙ୍କୀ ଡମପଡ଼ା ବ୍ଲକ୍ ଅଧୀନ ରଗଡ଼ି ଗାଁରେ। ଦିଅର ଅରୁଣ ବାରିକ ନିଜ ବିଧବା ଭାଉଜଙ୍କୁ ବାହା ହୋଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଓ ଉଦାହରଣ ପାଲଟିଛନ୍ତି। କରୋନାରେ ଅରୁଣଙ୍କ ମଝିଆଁ ଭାଇଙ୍କର ଅକାଳ ବିୟୋଗ ହୋଇଥିଲା। ଫଳରେ ମାତ୍ର ବର୍ଷକର ପୁଅକୁ ଧରି ଅସହାୟ ହୋଇପଡିଥିଲେ ଭାଉଜ ଲିଲି। କଅଁଳା ଛୁଆଟାକୁ ଧରି ଭାଉଜ ଏକା ଏକା କେମିତି ଚାଲିବେ ଏତେ ବଡ଼ ଜୀବନର ବାଟ। ଭାଉଜ ସିନା ଆଉ କେଉଁଠି ବାହା ହୋଇପାରିବେ, ହେଲେ କୁନି ପିଲାଟିକୁ କିଏ ବା କାହିଁକି ଗ୍ରହଣ କରିବ। ଏହି ଚିନ୍ତା ଦିଅର ଅରୁଣ ଓ ଅରୁଣଙ୍କ ପୁରା ପରିବାରକୁ ଘାରୁଥିଲା। ତେଣୁ ଭାଉଜ ଓ କୁନି ପୁଅର ଭବିଷ୍ୟତ ପାଇଁ ଘର ଲୋକଙ୍କ ସହମତିରେ ଭାଉଜଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ ଅରୁଣ। ଘର ଲୋକ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ସୋମବାର ଏକ ମନ୍ଦିରରେ ଭାଉଜ ଲିଲିଙ୍କୁ ଅରୁଣ ବିବାହ କରିଛନ୍ତି। ଅରୁଣଙ୍କ ଏହି ନିଷ୍ପତ୍ତି ତାଙ୍କ ପରିବାରକୁ ପୁଣି ଫେରାଇ ଆଣିଛି ଖୁସି। ଏ ନେଇ ତାଙ୍କୁ ଅନେକ ପ୍ରଶଂସା ମିଳିଛି।

## ୨ ବଖରା ଜଳିଗଲା

ନିଶ୍ଚିନ୍ତକୋଇଲି,୩୧।୧(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ପୁବଂଶ ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଏଥିରେ ସଞ୍ଜୀବ କୁମାର ମଣ୍ଡଳଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ସହ ଧାନ ଓ ଚାଉଳ ଆଦି ଜଳିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ପରିବାର ଲୋକେ ରାତିରେ ଘରେ ଶୋଇଥିବାବେଳେ ଆକସ୍ମିକ ଭାବେ ନିଆଁ ଲାଗି ଚାରିଆଡ଼କୁ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକେ ଓ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା।

# ବାଙ୍କୀରେ ଗାୟତ୍ରୀ ମନ୍ଦିର ପ୍ରତିଷ୍ଠା



ବାଙ୍କୀ,୩୧।୧(ସ୍ୱ.ପ୍ର.):

ବାଙ୍କୀ ଏନଏସି ଅନ୍ତର୍ଗତ ସହାଡ଼ାପଦା ନିକଟସ୍ଥ ଗାୟତ୍ରୀ ନଗରରେ ଗାୟତ୍ରୀ ମାତାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଶାନ୍ତି ନିମନ୍ତେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଯଜ୍ଞର ସୋମବାର ପୂର୍ଣ୍ଣାହୁତି ଶାନ୍ତିକୁଞ୍ଜ ହରିଦ୍ୱାର ଓ ବାଙ୍କୀର ଗାୟତ୍ରୀ ସାଧକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ୪ ଦିନ ବ୍ୟାପୀ ଅନୁଷ୍ଠିତ ୨୪ କୁଣ୍ଡିୟ ନବଚେତନା ଜାଗରଣ ଗାୟତ୍ରୀ ମହାଯଜ୍ଞ ଓ ଗାୟତ୍ରୀ ମାତାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଦେଖିବାକୁ ହଜାରହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରରେ ମାତାଙ୍କ ପ୍ରାଣ ପ୍ରତିଷ୍ଠା ଯଜ୍ଞନିମନ୍ତେ ଉତ୍କଳ ଗଙ୍ଗା ମହାନଦୀର ବାଙ୍କୀସ୍ଥ ରେଣୁକା ଘାଟରୁ କଳସ ଶୋଭାଯାତ୍ରାରେ ଭକ୍ତ ଜଳ ଆଣିଥିଲେ। ମଙ୍ଗଳବାର ମାତାଙ୍କ ଦୁର୍ଲଭ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ମନ୍ଦିର ଟ୍ରଷ୍ଟର ମୁଖ୍ୟ ଅରୁଣ ବେହେରା, ଗାୟତ୍ରୀ ସାଧକ ସତୀଶ ପ୍ରସାଦ ପତି, ଜିତେନ କୁମାର ରଥ, ଭରତ ବିଶ୍ୱାଳ, ନିଶିକାନ୍ତ ପଟ୍ଟନାୟକ, ପୁଷ୍ପିତା ରଥ, ଝରଣା ପତି ପରିଚାଳନା କରିଥିଲେ। ଗାୟତ୍ରୀ ଶକ୍ତି ପୀଠ ବାଙ୍କୀର ବହୁଭକ୍ତ ଯୋଗଦେଇ ସହଯୋଗ କରିଥିଲେ।

## ହରିଶ୍ଚନ୍ଦ୍ର କ୍ରିକେଟ: ସେମିରେ ପତିତପାବନ କ୍ଲବ




ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି।

ବାଙ୍କୀ,୩୧।୧(ସ୍ୱ.ପ୍ର)

ବାଙ୍କୀ ବ୍ଲକ ମହାବେରଣା କ୍ଲବ ପଥୁରୀପଡ଼ା ଦ୍ୱାରା ଆୟୋଜିତ ୩୪ତମ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ପତିତପାବନ କ୍ଲବ ଅଟ୍ରି ୨୩୦ ରନ୍‌ରେ ସୁନ୍ଦରଗାଁ କ୍ଲବ କଟକକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଅଟ୍ରି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୯ ୱିକେଟ ବିନିମୟରେ ୨୭୭ରନ ସଂଗ୍ରହ କରିଥିଲା। ସୁଧାକର ପାତ୍ର ୧୨ ଛକା ଓ ୮ଟି ଚୌକା ମାରିଥିଲେ। ତୁଷାର ରାଉତ ୮ଟି ଚୌକା ୫ଟି ଛକା ମାରି ନଟଆଉଟ ହୋଇଥିଲେ। ସୁଶାନ୍ତ ସାହାଣୀ ୪୩ରନ ସଂଗ୍ରହ କରିଥିଲେ। ସୁନ୍ଦର ଗାଁ କ୍ଲବର ଅସିତ ଦାଶ ୨ୱିକେଟ, ସାର୍ଥକ ମହାପାତ୍ର ୨ୱିକେଟ, ଚନ୍ଦନ ମହାନ୍ତି, ସମ୍ବିତ ମିଶ୍ର ଓ ତ୍ରିଲୋଚନ ପାତ୍ର ଗୋଟିଏ ଲେଖାଏଁ ୱିକେଟ ହାସଲ କରିଥିଲେ। ଜବାବରେ ସୁନ୍ଦରଗାଁ କ୍ଲବ ୫ଓଭର ଖେଳି ୪୭ରନ କରି ସମସ୍ତ ଖେଳାଳି ଆଉଟ ହୋଇଯାଇଥିଲେ। ଅଟ୍ରି କ୍ଲବର ସୁଶାନ୍ତ ସାହାଣି ୭ ୱିକେଟ ଓ ୪୩ରନ କରି 'ମ୍ୟାନ ଅଫ ଦି ମ୍ୟାଚ' ହୋଇଥିଲେ। ରାଜକିଶୋର ମହାପାତ୍ର, କବିନ୍ଦ୍ର ନାୟକ, ସ୍କୋରର ସବୁଜ ତ୍ରିପାଠୀ, ସୀମା ବେହେରା, ହରିଶ୍ଚନ୍ଦ୍ର ତ୍ରିପାଠୀ ଏବଂ ବାମନ ମହାପାତ୍ର ଧାରାବିବରଣୀ ପ୍ରଚାର କିରବା ସହ ଖେଳ ପରିଚାଳନା କରିଥିଲେ।

# ଶୁକପାଇକା ନଦୀ ମୁହାଣ ଖୋଲିବାକୁ ନେଇ ଅନିଶ୍ଚିତତା



କଟକ ସଦର, ୩୧।୧(ଡି.ଏନ୍.ଏ.)

କଟକ ସଦର ଓ କିଶନନଗର ତହସିଲ ଅଞ୍ଚଳର ଶୁକପାଇକା ନଦୀରେ ଜଳ ପ୍ରବାହ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇ ପ୍ରାଥମିକ କାର୍ଯ୍ୟ ପାଇଁ ୪୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି କାର୍ଯ୍ୟ ସୁଚାରୁରୂପେ କରିବା ନିମନ୍ତେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)କୋଲକାତା ବେଞ୍ଚ ସବୁଜ ସଙ୍କେତ ଦେଇସାରିଛନ୍ତି। ୧୯୫୧ରେ ମହାନଦୀର ଶାଖା ଶୁକପାଇକା ନଦୀର ମୁହାଣ ଆୟଉପୁରଠାରେ ବନ୍ଦ କରି ଦିଆଯାଇଥିଲା। ଏବେ ମହାନଦୀ ଜଳ ଶୁକପାଇକା ନଦୀରେ ପ୍ରବାହିତ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ୨୦୨୨-୨୩ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ କର୍ତ୍ତୃପକ୍ଷ ଆୟଉପୁର ଓ ଧରିଣା ପଞ୍ଚାୟତ ଅଞ୍ଚଳରେ ଥିବା ଶୁକପାଇକା ନଦୀଶଯ୍ୟାରେ ପୋଖରୀ ଖୋଳିବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅର୍ଥ ମଞ୍ଜୁର କରିଛନ୍ତି। ଏହି ଅର୍ଥ ମଞ୍ଜୁର ସମ୍ପର୍କିତ ସୂଚନାଫଳକ ବ୍ଲକ ପକ୍ଷରୁ ପୋଖରୀ ଖୋଳିବା ସ୍ଥାନରେ ଲଗାଯାଇଛି। ତେଣୁ ଏହି ନଦୀର ମୁହାଣ ଖୋଲିବାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଯଦି ମୁହାଣ ଖୋଲିବା କାର୍ଯ୍ୟକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ତ୍ୱରାନ୍ୱିତ କରାଯାଇଥାନ୍ତା, ତା'ହେଲେ ଉକ୍ତ ନଦୀଶଯ୍ୟାରେ ପୋଖରୀ ଖୋଳିବା ପାଇଁ ବ୍ଲକ କର୍ତ୍ତୃପକ୍ଷ ଯୋଜନା ପ୍ରସ୍ତୁତ କରି ନ ଥାନ୍ତେ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏନ୍‌ଜିଟିରେ ମାମଲା ଚାଲିଥିବାବେଳେ କଟକ ସଦର ତହସିଲଦାର ପତ୍ରସଂଖ୍ୟା ୩୬୯୧/୫।୮।୨୦୨୧ ଓ କିଶନ ନଗର ତହସିଲଦାର ପତ୍ରସଂଖ୍ୟା ୧୫୨୮/୫।୮।୨୦୨୧ରେ ସତ୍ୟପାଠ ଦାଖଲ କରି ମୋଟ ୨୭ କିମି ନଦୀଟି ଅବରୋଧ ମୁକ୍ତ ବୋଲି ଉଭୟ କହି ସାରିଛନ୍ତି। ଏଭଳି ପରିସ୍ଥିତିରେ ବ୍ଲକ କର୍ତ୍ତୃପକ୍ଷ ଅଯଥାରେ ଅର୍ଥ ଖର୍ଚ୍ଚ କରିବାର ଯଥାର୍ଥତା ନାହିଁ। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଯଦି କୌଣସି ବ୍ୟର୍ଥ ପ୍ରକଳ୍ପରେ ଟଙ୍କା ଖର୍ଚ୍ଚ କରାଯାଏ, ତା'ହେଲେ ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓଙ୍କ ସମେତ ଯନ୍ତ୍ରୀମାନଙ୍କ ଦରମାରୁ ତାହା ଅସୁଲ କରାଯିବ ବୋଲି ପତ୍ରସଂଖ୍ୟା ୬୩୮/୨।୬।୨୦୦୪ରେ ବିଭାଗୀୟ ଶାସନ ସଚିବ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଯଦିସରକାର ମୁହାଣ ଖୋଲିବେ ତା'ହେଲେ ବ୍ଲକ ପକ୍ଷରୁ ଖର୍ଚ୍ଚ ଅର୍ଥ ପାଣିରେ ପଡ଼ିବ। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ସେ କୌଣସି ମତ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଚୟନ

ପୁରୀ ଅଫିସ, ୩୧।୧: ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଦଶ ଅବତାର ମଠ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଏବଂ ଜିଲା ପ୍ରଶାସନ ସେମାନଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଅସୁବିଧା ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବିରେନ୍ଦ୍ର ଭୂଷଣ ହୋତାଙ୍କୁ ମଞ୍ଚର ସଭାପତି, ଦୁର୍ଗାମାଧବ ମହାପାତ୍ରଙ୍କୁ ଉପସଭାପତି, ପ୍ରସନ କୁମାର ଶତପଥୀଙ୍କୁ ସମ୍ପାଦକ ଏବଂ ଅଜୟ କୁମାର ଦୀକ୍ଷିତଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ସେହିପରି ପରିଚାଳନା କମିଟି ସଦସ୍ୟ ଭାବେ ରମେଶ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ମହାନ୍ତି, ଚୈତନ୍ୟ ବିଶୋୟୀ, ଶରତ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ସାହୁ, ଜଗତଜ୍ୟୋତି ଦାଶ, ବିଦ୍ୟୁତ ଲତା ଆଚାର୍ଯ୍ୟ, ରାଜ କୁମାର ମିଶ୍ର, ବସୁକୃଷ୍ଣ ପ୍ରଧାନୀ ଏବଂ ବିଜୟ କୁମାର ଦାଶଙ୍କୁ ଚୟନ କରାଯାଇଛି।

### ନରସିଂହ ହୋତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପୁରୀ ଅଫିସ, ୩୧।୧: ସତ୍ୟବାଦୀର ସମାଜସେବୀ ତଥା ଜନନେତା ସ୍ୱର୍ଗତ ନରସିଂହ ହୋତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଉନ୍ମୋଚିତ ହୋଇଛି। ଦାଶବିଦ୍ୟାଧର ପଞ୍ଚାୟତ ଅନ୍ତର୍ଗତ ଭୀମପୁର ଗ୍ରାମରେ ସ୍ୱର୍ଗତ ହୋତାଙ୍କ ବାସଭବନ ପରିସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍ୱର୍ଗତ ହୋତାଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସୁଦର୍ଶନ ବେହେରା, ବରିଷ୍ଠ ଦଇତାପତି ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ସେବାୟତ ଅନନ୍ତ ମହାପାତ୍ର, ଜିଲାପରିଷଦ ସଦସ୍ୟ ନାରାୟଣ ରାଉତରାୟ, ସଚ୍ଚିଦାନନ୍ଦ ରଥ, ଡ. ବିଶ୍ୱନାଥ ରଥ, ବିଜୟ ଭୂଷଣ ହୋତା, ଡମ୍ବରୁଧର ମିଶ୍ର, ବୈକୁଣ୍ଠ ବିହାରୀ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନୋଜ ରଥଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥିମାନେ ସ୍ୱର୍ଗତ ହୋତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ହୋତାଙ୍କ ଜ୍ୟେଷ୍ଠ ପୁତ୍ର ରାମକୃଷ୍ଣ, କନିଷ୍ଠ ପୁତ୍ର ଗୋବିନ୍ଦଙ୍କ ସମେତ ଦୁର୍ଗା ପ୍ରସନ୍ନ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାମ୍ପ୍ରଦାୟିକ ସଦ୍ଭାବ ସୁରକ୍ଷା ସମିତିର ସଭା

ପୁରୀ ଅଫିସ, ୩୧।୧: ବଡ଼ଶଙ୍ଖଠାରେ ସୋମବାର ସାମ୍ପ୍ରଦାୟିକ ସଦ୍ଭାବ ସୁରକ୍ଷା ସମିତି ପକ୍ଷରୁ ଶରତ କୁମାର ରାୟଗୁରୁଙ୍କ ସଞ୍ଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗନ୍ନାଥ ଦେଓ, ପୁଷ୍କର ମହାପାତ୍ର, ବୀରେନ୍ଦ୍ର ହୋତା, ମୋହନ ନାଇଡୁ, ଗୋବିନ୍ଦ ନାୟକ, ସୂର୍ଯ୍ୟ ରଥ, ବିଦୁଲତା ଆଚାର୍ଯ୍ୟ, ସୁରେନ୍ଦ୍ର ତପସ୍ୱୀ, ଟୁନା ନାୟକ, ମାନସ ଦଳବେହେରା, ରାକ୍ଷୀ ସ୍ୱାଇଁ, ହରି ସେନାପତି, ପ୍ରତାପ ଚିନାରା, ବିମଳ ମାନସିଂ, ଲକ୍ଷ୍ମୀକାନ୍ତ ଦାସ ଓ କିଶୋର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦେଶକୁ ଫାସିବାଦୀ ଓ ବିଦେଶୀ ପୁଞ୍ଜିପତଙ୍କ କବଳରୁ ମୁକ୍ତ କରିବା ପାଇଁ ଦେଶବାସୀ ଏକଜୁଟ ହେବାକୁ ଆହ୍ୱାନ ବକ୍ତାମାନେ ଆହ୍ୱାନ ଦେଇଥିଲେ।

# 'ଯୋଗ୍ୟ ହିତାଧିକାରୀ ଆବାସ ଗୃହ ପାଇବାରୁ ବଞ୍ଚିତ ନ ହୁଅନ୍ତୁ'

ନିମାପଡ଼ା,୩୧।୧(ଡି.ଏନ୍.ଏ.)

ନିମାପଡ଼ା ବ୍ଲକରେ ଜଣେ ହେଲେ କେହି ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପାଇବାରୁ ବଞ୍ଚିତ ନ ହୁଅନ୍ତୁ। ଚୂଡ଼ାନ୍ତ ତାଲିକାରେ ସେମାନଙ୍କ ନାମ ଯେପରି ବାଦ୍ ନ ପଡ଼େ, ସେଥିପ୍ରତି ଯତ୍ନବାନ ହୁଅନ୍ତୁ। ତଦନ୍ତରେ ଅନିୟମିତତା, ପକ୍ଷପାତିତା ହେଲେ ୩ ଜଣିଆ ତଦନ୍ତକାରୀ ଟିମ୍ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିମାପଡ଼ା ପଞ୍ଚାୟତ ସମିତିର ୨ୟ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ପ୍ରତ୍ୟେକ ପଞ୍ଚାୟତ ଅଫିସରେ ଆବାସ ଗୃହ ଯୋଗାଣର ଚୂଡ଼ାନ୍ତ ତାଲିକା ପ୍ରକାଶିତ ହୋଇଥିଲା। ସୋମବାର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଗ୍ରାମସଭାରେ ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଥିବାରୁ ଗ୍ରାମସଭାରେ ପ୍ରବଳ ବାଦାନୁବାଦ, ହୋହଲ୍ଲା ହୋଇଥିଲା। ମଙ୍ଗଳବାର ପଞ୍ଚାୟତ ସମିତିର ୨ୟ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଓ ଜନଯୋଜନା ଅଭିଯାନ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକ ପଞ୍ଚାୟତ ବିକାଶ ଯୋଜନା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବିଶିଷ୍ଟ ଖସଡ଼ା ପ୍ରସ୍ତୁତ କରାଯାଇ ଅନୁମୋଦନ ହୋଇଥିଲା। ମୁଖ୍ୟତଃ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଅନୁଦାନର ଅବଦ୍ଧ ପାଣ୍ଠି ୯୭ ଲକ୍ଷ ୬୦ ହଜାର ଟଙ୍କା, ଅନାବଦ୍ଧ ପାଣ୍ଠି ୬୫ ଲକ୍ଷ ୭ ହଜାର ଏପରି ମୋଟ ୧ କୋଟି ୬୨ ଲକ୍ଷ ୬୮ ହଜାର ଓ ୫ମ ରାଜ୍ୟ ଅର୍ଥ କମିଶନ ଆୟୋଗ ରାଶି ୧ କୋଟି ୨୯ ଲକ୍ଷ ୨୨ ହଜାର ସର୍ବମୋଟ ୨ କୋଟି ୯୨ ଲକ୍ଷ ଟଙ୍କା ଓ ମୋଟରେ ୬୨ କୋଟି ପ୍ରକଳ୍ପର ବୈଠକରେ ଅନୁମୋଦନ ହୋଇଛି। ୫-ଟି ସ୍କୁଲର ରୂପାନ୍ତରକରଣ କାର୍ଯ୍ୟ ଓ ପାନୀୟଜଳ ଯୋଗାଣ ବାବଦରେ ଏହିସବୁ ଅନୁଦାନ ଖର୍ଚ୍ଚ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ଦାଶ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷା ଅନସୂୟା ମହାନ୍ତି, ବିଡିଓ ବସନ୍ତ ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହରେ ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡ. କ୍ଷମାନିଧି ସେଠୀ, ବ୍ଲକ ଜିପିଓ ଗୁଣନିଧି ମିଶ୍ର, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପିଙ୍କି ମହାନ୍ତି, ବ୍ଲକ ଭେଟେନାରୀ ଅଫିସର (ବିଭିଓ) ସନ୍ଦିପ୍ତା ସେନାପତିଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ।



ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅଧିକାରୀମାନେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରୁପା ଆଣ୍ଡ ଟ୍ରୁପ୍‌ସର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ବସନ୍ତ ପଞ୍ଚମୀ ଉତ୍ସବ ଉଦ୍‌ଯାପିତ

ପୁରୀ ଅଫିସ, ୩୧।୧:

ତିଆଡ଼ିସାହିସ୍ଥିତ ଗାନ୍ଧର୍ବ ସଙ୍ଗୀତ କଳାପୀଠ ପକ୍ଷରୁ ଦୁଇଦିନ ଧରି ଆୟୋଜିତ ବସନ୍ତ ପଞ୍ଚମୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନୃତ୍ୟଗୁରୁ ବିବେକାନନ୍ଦ ମହାନ୍ତିଙ୍କ ଶିଷ୍ୟମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ କଳାପୀଠର ଛାତ୍ରୀଛାତ୍ରମାନେ ଗ୍ୱାଲିଓର ଘରନାର ହିନ୍ଦୁସ୍ଥାନୀ ସଙ୍ଗୀତ ଗାନ କରିଥିଲେ। ଗୁରୁ କୃପାସିନ୍ଧୁ ପଣ୍ଡାଙ୍କ ଭାଓଲିନ ବାଦନରେ ତବଲା ସଙ୍ଗତ କରିଥିଲେ ଗୁରୁ ଆକାଶ ବରାଳ। ଗୁରୁ ଯାମିନୀକାନ୍ତ ମିଶ୍ର ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ପ୍ରଜ୍ଞା ମିଶ୍ରଙ୍କ ଶାସ୍ତ୍ରୀୟ ସଙ୍ଗୀତରୁ ଉତ୍ସବ ଆରମ୍ଭ ହୋଇଥିଲା। ପରେ କୋର୍‌ବା ଛତିଶଗଡ଼ର ଗୁରୁ ଗଣେଶ ରାମ ବରଟେଙ୍କ ହାରମୋନିୟମରେ ତବଲା ସଙ୍ଗତ କରିଥିଲେ କେରଳର ରତ୍ନାଶ୍ରୀ ଆୟାର। ଗାନ୍ଧର୍ବ କଳାପୀଠ ଭୁବନେଶ୍ୱରର ବିଦ୍ୟାର୍ଥୀ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିବା ପରେ ଗୁରୁ ନନ୍ଦ କିଶୋର ଦାସଙ୍କ ସନ୍ତୁର ବାଦନ ଉତ୍ସବକୁ ଆକର୍ଷଣୀୟ କରିଥିଲା। ଉତ୍ସବକୁ ଅଶୋକ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର, ଡା. ଦୁର୍ଗା ପ୍ରସାଦ ମିଶ୍ର, ସଦାଶିବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ବାହାରୁ ଆସିଥିବା କଳାକାର ଓ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ସଦାଶିବ ସାହୁ ଶାସ୍ତ୍ରୀୟ ସଙ୍ଗୀତଜ୍ଞମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଳାପୀଠର ପ୍ରଧାନ ଗୁରୁଜୀ ଯାମିନୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ମିହିର କୁମାର ମିଶ୍ର ସଂଯୋଜନା କରିଥିଲେ।



ବସନ୍ତ ପଞ୍ଚମୀ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

## ୪ ବଖରା ଜଳିଗଲା

ଗୋପ,୩୧।୧(ଡି.ଏନ୍.ଏ.)

ଗୋପ ଥାନା ଅନ୍ତର୍ଗତ ବୀରତୁଙ୍ଗ ହରିଜନ ସାହି ଗ୍ରାମର ସୁକାନ୍ତ କୁମାର ଦାସଙ୍କ ଘରେ ମଙ୍ଗଳବାର ସକାଳେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଖବରପାଇ ଗୋପ ଦମକଳ କେନ୍ଦ୍ର ଅଧିକାରୀ ବସନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସୁକାନ୍ତଙ୍କ ଘରର ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା। ପ୍ରକାଶ ଯେ, ସବୁଦିନ ଭଳି ସୁକାନ୍ତଙ୍କ ପରିବାର ରାତିରେ ଶୋଇଥିଲେ। ମଙ୍ଗଳବାର ଭୋରୁ ନିଆଁ ଲାଗିଥିବା ଦେଖି ସମସ୍ତେ ଉଠିଯାଇଥିଲେ। ନିଆଁ ତୁରନ୍ତ ବ୍ୟାପି ୪ବଖରାକୁ ଲାଗିଯାଇଥିଲା। ପରେ ପଡ଼ୋଶୀ ଓ ଅଗ୍ନିଶମ ବିଭାଗ ଆସି ନିଆଁ ଲିଭାଇଥିଲେ। ତେବେ ମଶା ଧୂପରୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ସୁକାନ୍ତଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି। ଏହି ଘଟଣା ବିଷୟରେ ଜାଣି ବୀରତୁଙ୍ଗ ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ଦି ସେବକର ସଭାପତି ଆଲୋକ ଜେନା ଓ ସଭ୍ୟମାନେ ପହଞ୍ଚି ପାଲ ଓ ବିଭିନ୍ନ ଖାଦ୍ୟସାମଗ୍ରୀ ଦେଇଛନ୍ତି। ଏହି ସାମଗ୍ରୀ ଦେବା ବେଳେ ସଂଗଠନର ମନୋଜ ଦାସ, କାର୍ତ୍ତିକ ଦାସ, ପୁପୁନା ମଲ୍ଲିକ, ନୀହାର ବାରିକ, ନୀଳମଣି ପ୍ରଧାନ,ମୋହନ ମହାନ୍ତି, ରଞ୍ଜିତ ଦାସ, କେଦାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଫେରାର ଅଭିଯୁକ୍ତ ୭ ବର୍ଷ ପରେ ଗିରଫ

## ନାମ ବଦଳାଇ କଟକରେ ଲୁଚି ରହିଥିଲେ

ପୁରୀ ଅଫିସ, ୩୧।୧:

ଏକ ହତ୍ୟା ମାମଲାରେ ୭ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ କଟକର ଏକ ବସ୍ତି ଅଞ୍ଚଳରୁ ଗିରଫ କରିଛି। ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ହେରାଗୋହିରୀ ସାହିର ଶିବନାରାୟଣ ଦାସ। ୧୯୯୬ ମସିହାରେ ଏକ ହତ୍ୟା ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହାପରେ ସେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଜଣଙ୍କ କଟକର ଏକ ବସ୍ତି ଅଞ୍ଚଳରେ ନିଜ ନାମ ଓ ଠିକଣା ପରିବର୍ତ୍ତନ କରି ରହୁଥିଲେ। କୌଣସି ସୂତ୍ରରୁ ପୋଲିସ ଏ ସମ୍ପର୍କରେ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ସହଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି ପୁରୀକୁ ଆଣିଥିଲା।

# ୧୫ ଲକ୍ଷର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଗୋପ,୩୧।୧(ଡି.ଏନ୍.ଏ.)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ଛକ ନିକଟରେ କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ମଧ୍ୟାହ୍ନରେ ଚଢ଼ାଉ କରାଯାଇ ୧୫୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ କଟକ ଜିଲା ଅନ୍ତର୍ଗତ ନିଆଳି ଥାନା ନଳଟାପରି ଗ୍ରାମର ଅବଦୁଲ ଗଫାର (୩୮)। ଏ ନେଇ ଅବକାରୀ ବିଭାଗ ମାମଲା(ନଂ.୧୩୮/୨୩) ରୁଜୁ କରିଛି। ଜବତ ବ୍ରାଉନସୁଗାର ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, କିଛି ଦିନ ଧରି ଗୋପ ଥାନା ଓ ନୟାହାଟ ଫାଣ୍ଡି ଅଞ୍ଚଳରେ ବେଆଇନ ଭାବେ ଦେଶୀ, ବିଦେଶୀ ମଦ ସହିତ ବ୍ରାଉନ ସୁଗାର ବିକ୍ରି ହେଉଥିବା ଅଭିଯୋଗ ହେଉଥିଲା। ଏ ନେଇ ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ, ପୁରୀ ଅବକାରୀ ସଦର ରେଞ୍ଜ ନିରୀକ୍ଷିକା ମାନସୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଙ୍କନିଧି ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିବାକୁ ଯାଇଥିବା ବେଳେ ଅଭିଯୁକ୍ତ ଅବଦୁଲ ଅଟୋ (ନମ୍ବର ଓଡି ୦୨ ଜି-୫୭୭୯) ରେ ଆସୁଥିବା ଖବର ମିଳିଥିଲା। ଅବକାରୀ ଟିମ୍ ଉକ୍ତ ଅଟୋକୁ ଅଟକାଇ ଯାଞ୍ଚ କରି ୧୫୦ ଗ୍ରାମର ବ୍ରାଉନସୁଗାର ପୁଡିଆ ମିଳିବାରୁ ଅବଦୁଲଙ୍କୁ ଧରିଥିଲେ। ଚଢ଼ାଉରେ ଅବକାରୀ ଏସ୍ଆଇ ନାରାୟଣ ବେହେରା, ଏଏସ୍ଆଇ ଲୋକନାଥ ପାତ୍ର, ଅବକାରୀ କର୍ମଚାରୀ ସବିତା ସାହୁ, ଫିରୋଜ ମହାନନ୍ଦିଆ, ବିଶ୍ୱଜିତ ମହାପାତ୍ର, ଆଶିଷ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ମହୋଦଧିରେ ସୁବାରାଓଙ୍କ ଅସ୍ଥି କଳସ ବିସର୍ଜିତ



ପୁରୀ ଅଫିସ, ୩୧।୧:

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ବିଶିଷ୍ଟ ଗାନ୍ଧିବାଦୀ ଡ. ଏସ୍ ଏନ୍. ସୁବାରାଓଜୀଙ୍କ ଅସ୍ଥି କଳସ ପୁରୀସ୍ଥିତ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିଠାରୁ ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ଗାନ୍ଧୀଘାଟସ୍ଥିତ ମହୋଦଧିରେ ବିସର୍ଜନ କରାଯାଇଛି। ଗାନ୍ଧୀ ଘାଟରେ ସର୍ବ ଧର୍ମ ପ୍ରାର୍ଥନା ସଭା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପ୍ରଫେସର୍ ଜଗଦୀଶ ଚୌଧୁରୀ, ନରେନ୍ଦ୍ର ବଡୋଗାଓଙ୍କର, ଦୀପକ କୁମାର ବଜାଜ, ଧର୍ମେନ୍ଦ୍ର କୁମାର, ରାଷ୍ଟ୍ରୀୟ ସଭା ମଞ୍ଚ ଅଧକ୍ଷ ପ୍ରଦ୍ୟୁମ୍ନ ମିଶ୍ର, ଉପାଧକ୍ଷା ସ୍ୱର୍ଣ୍ଣଲତା ଜେନା, ସମୀର କୁମାର ପଟ୍ଟନାୟକ, ଆବାହକ ସଞ୍ଜୟ କୁମାର ପ୍ରଧାନ, ନବ କୁମାର ଜେନା, ସନ୍ତୋଷ ରାଉତ, ମନୋଜ ରଥ, ଶଙ୍କର ପରିଡ଼ା, କୈଳାଶ ଦଣ୍ଡପାଟ, ବିକ୍ରମ ମହାପାତ୍ର ଏବଂ ପ୍ରମୋଦ ପୃଷ୍ଟି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭୁବନେଶ୍ୱରଠାରୁ ଅସ୍ଥି କଳସ ଯାତ୍ରା ଆରମ୍ଭ ହୋଇଥିଲା। କାଦୁଆସ୍ଥିତ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଙ୍ଗଠନ, ଅଠରନଳା ଓ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ପାଖରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ମହୋଦଧି ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜାତୀୟ ଯୁବ ପ୍ରକଳ୍ପ ଓଡ଼ିଶା ସଭାପତି ସୂର୍ଯ୍ୟ ରଥ ସଭାପତିତ୍ୱ କରିଥିବା ବେଳେ ଆବାହକ ମଧୁସୂଦନ ଦାସ ଜାତୀୟ ଯୁବ ପ୍ରକଳ୍ପ ତରଫରୁ ଅସ୍ଥି ବିସର୍ଜନ କରିଥିଲେ।

# ଭିକାରିଚରଣ ବିଦ୍ୟା ନିକେତନର ୬୩ତମ ବାର୍ଷିକ ଉତ୍ସବ

କଣାସ,୩୧।୧(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ବକୁ ପଞ୍ଚାୟତର ବକୁଠାରେ ପ୍ରତିଷ୍ଠିତ ଭିକାରିଚରଣ ବିଦ୍ୟା ନିକେତନର ୬୩ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଭିକାରି ଚରଣ ମଙ୍ଗରାଜଙ୍କ ୧୧୨ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଡ. ଶରତଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବ, ଡିଏଭି କଲେଜ ଅଧକ୍ଷ ସଞ୍ଜୟ ମହାପାତ୍ର ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଜଣେ ଜଣେ ଭଲ ମଣିଷ ହୋଇ ସମାଜରେ ପ୍ରତିଷ୍ଠା ଲାଭ କରିବା ସହିତ ବିଦ୍ୟାଳୟର ସୁନାମ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଅଶୋକ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରଦୀପ ଦାସ ସଂଯୋଜନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## ରେଲୱେ ଟ୍ରାକ୍‌ରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ପୁରୀ ଅଫିସ, ୩୧।୧:

ପୁରୀ ରେଲୱେ ପୋଲିସ ମଙ୍ଗଳବାର ସାକ୍ଷୀଗୋପାଳ ନିକଟ ରେଲୱେ ଟ୍ରାକ୍‌ରୁ ଏକ ଅଚିହ୍ନା ମୃତଦେହ ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବୟସ ୪୦ରୁ ୪୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହକୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ସୂଚନା ମିଳିଛି।

# ଫାଇନାଲରେ ଯଦୁପୁର ଭୁବନେଶ୍ୱର, ରାଇଜିଂ ଷ୍ଟାର

## ରାଜ୍ୟସ୍ତରୀୟ ଶାରଳା କପ୍

ଅସ୍ତରଙ୍ଗ,୩୧।୧(ଡି.ଏନ୍.ଏ.)

ଅସ୍ତରଙ୍ଗର ନରେନ୍ଦ୍ର ଷ୍ଟାଡିୟମଠାରେ ଚାଲିଥିବା ୩୦ତମ ରାଜ୍ୟସ୍ତରୀୟ ଶାରଳା କପ୍ କ୍ରିକେଟ୍ ପ୍ରତିଯୋଗିତାରେ ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ମହାବୀର କ୍ରିକେଟ କ୍ଲବ ପୁରୀକୁ ହରାଇ ରାଇଜିଙ୍ଗ ଷ୍ଟାର ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ପ୍ରଥମେ ମହାବୀର କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପଦ୍ମଲୋଚନ ପଣ୍ଡା ୨୯ରନ୍ ସଂଗ୍ରହ କରିଥିଲେ। ରାଇଜିଙ୍ଗ ଷ୍ଟାରର ବୋଲର ରବିକିରନ ୪ ଓଭରରେ ୧୧ରନ୍ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ରାଇଜିଙ୍ଗ ଷ୍ଟାର ବ୍ୟାଟିଂ କରି ୩ ଉଇକେଟ୍ ହରାଇ ୯୭ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୩୮ ରନ୍ ସଂଗ୍ରହ କରିଥିଲେ। ରାଇଜିଙ୍ଗ ଷ୍ଟାରର ରବି କିରନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ସନ୍ତୋଷ କାଣ୍ଡି ଓ ଦୁର୍ଗାଚରଣ ମହାରଣା ମ୍ୟାଚ ପରିଚାଳନା କରିଥିଲେ। ମିଡିଆ ସମ୍ପାଦକ ପବିତ୍ର ମହାନ୍ତିଙ୍କ ସୂଚନା ଅନୁଯାୟୀ, ଆସନ୍ତା ରବିବାର ରାଇଜିଙ୍ଗ ଷ୍ଟାର ଏବଂ ଯଦୁପୁର ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ଫାଇନାଲ ମ୍ୟାଚ୍‌ରେ ଓଲିଉଡ୍‌ର ନାୟିକା ତମନା, ହାସ୍ୟ ଅଭିନେତା ପପୁ ପମ୍‌ପମ୍, ଶିକ୍ଷାବିତ୍ ଶୁଭ୍ରଜିତ୍ ମହାପାତ୍ର ପ୍ରମୁଖ ମୁଖ୍ୟ ଆକର୍ଷଣ ସାଜିବେ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି। ସୋମବାର ପ୍ରଥମ ସେମିଫାଇନାଲରେ ଯଦୁପୁର ଭୁବନେଶ୍ୱର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି।



ଅତିଥିଙ୍କଠାରୁ ଖେଳାଳିମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

# ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ସ୍ଥାୟୀ ଥଇଥାନ ଦାବି

## ସୂର୍ଯ୍ୟମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ଉଚ୍ଛେଦ ହୋଇଥିଲା

କୋଣାର୍କ,୩୧।୧(ଡି.ଏନ୍.ଏ.)

ଜିଲା ପ୍ରଶାସନର ଉଦାସୀନତା ଯୋଗୁ ୨ବର୍ଷ ହେଲା ପ୍ରଶାସନ ଦ୍ୱାରା କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ଉଚ୍ଛେଦ ହୋଇ ୧୬୪ ହସ୍ତଶିଳ୍ପ ବ୍ୟବସାୟୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ହସ୍ତଶିଳ୍ପ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ରିଙ୍ଗ ରୋଡ୍ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ହସ୍ତଶିଳ୍ପ ବ୍ୟବସାୟୀର ୪ ସଂଘ ହ୍ୟାଣ୍ଡିକ୍ରାଫ୍ଟ କମର୍ସିଆଲ ଆସୋସିଏଶନ, କଳିଙ୍ଗ କମର୍ସିଆଲ ଆସୋସିଏଶନ, ଧର୍ମପଦ ଆସୋସିଏଶନ ଏବଂ ନବଗ୍ରହ ଆସୋସିଏଶନକୁ ନେଇ ଗଠିତ ହସ୍ତଶିଳ୍ପ ମହାସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମହାସଂଘ ସମ୍ପାଦକ ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଏକ ଖବରଦାତା ସମ୍ମିଳନୀ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଉପସଭାପତି ଜୟନ୍ତ ନାୟକ ଓ ସମ୍ପାଦକ ନାରାୟଣ ମହାପାତ୍ର, କୋଷାଧକ୍ଷ ପ୍ରମୋଦ ନାୟକ, ଉପଦେଷ୍ଟା ବିଜୟ ନନ୍ଦି, ରଞ୍ଜିତ ରାଉତରାୟ ପ୍ରମୁଖ ଯୋଗଦେଇ ଜିଲା ପ୍ରଶାସନର ପାତରଅନ୍ତର ନୀତିକୁ ବିରୋଧ କରିବା ସହିତ ସେମାନଙ୍କର ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ସଂଘର ୧୬୪ଜଣ ବ୍ୟବସାୟୀଙ୍କୁ ସ୍ଥାୟୀ ଥଇଥାନ କରାଯିବାକୁ ଦାବି କରିଥିଲେ। ନଚେତ ସେମାନେ ବାଧହୋଇ ସୂର୍ଯ୍ୟମନ୍ଦିର ପରିସରରେ ପୁଣି ବ୍ୟବସାୟ କରିବେ ବୋଲି ସଂଘ ପକ୍ଷରୁ ପ୍ରକାଶ କରାଯାଇଥିଲା।

ସୂଚନାଥାଉ କି, ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ୨୦୨୧ରେ ସୂର୍ଯ୍ୟମନ୍ଦିର ପରିସରରେ ବ୍ୟବସାୟ କରୁଥିବା ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିଲା। ଏପରିକି ମଙ୍ଗଳା ମନ୍ଦିର ନିକଟରେ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ କୋଣାର୍କ ଏନ୍ଏସି ପକ୍ଷରୁ ୬୦ଲକ୍ଷ ଟଙ୍କା ବ୍ୟୟରେ ଅସ୍ଥାୟୀ ଭାବେ ଥଇଥାନ କରାଯାଇଥିଲା। ମାତ୍ର ଥଇଥାନ ପାଇଁ ପ୍ରଶାସନ ପକ୍ଷରୁ କରାଯାଇଥିବା ଲଟେରିରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିବା ସହ କେତେକ ଅଣବ୍ୟବସାୟୀ ଏଥିରେ ସାମିଲ ହେବାରୁ ହସ୍ତଶିଳ୍ପ ସଂଘ ୨ ଗୋଷ୍ଠୀରେ ପରିଣତ ହୋଇଥିଲା। ତେଣୁ ଏହି ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ପକ୍ଷରୁ ଜିଲାପାଳ, ଉପଜିଲାପାଳ, ଏନ୍ଏସି ନିର୍ବାହୀ ଅଧିକାରୀ, କୋଣାର୍କ ଥାନା ଅଧିକାରୀ ପ୍ରମୁଖଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ୨ ଗୋଷ୍ଠୀ ମଧ୍ୟରେ ବାଦବିବାଦ ଲାଗି ରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରି ବ୍ୟବସାୟୀଙ୍କୁ ସ୍ଥାୟୀ ଥଇଥାନ କରିବାକୁ ଜିଲାପାଳଙ୍କ ନିକଟରେ ସଂଘ ଦାବି କରିଛି।




ଖବରଦାତା ସମ୍ମିଳନୀରେ ବ୍ୟବସାୟୀ ସଂଘର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା**

ନିରାକାରପୁର,(ଡି.ଏନ୍.ଏ.): ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମହାପାତ୍ରଙ୍କୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ମହାବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଭାପତି ଦେବରାଜ ସେନାପତି, ପ୍ରାଧାପକ ଉତ୍ତମ କୁମାର ପାଇକରାୟ, ପ୍ରଫୁଲ୍ଲ କୁମାର ଚମ୍ପତିରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅଧାପକ ଜୟନ୍ତ ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତିଭାମୟୀ ମିତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଫେସର ସୁକାନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜଳିଗଲା ପାଳଗଦା



ଜଟଣୀ,୩୧।୧(ଡି.ଏନ୍.ଏ.): ଜଟଣୀ ବ୍ଲକ ଅଧୀନ ତିରିମଲ ଗ୍ରାମର ଏକ ପାଳଗଦାରେ ନିଆଁ ଲାଗି ଜଳିଯାଇଛି। ଖବରପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ଗ୍ରାମରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅବସରରେ ସନ୍ଧ୍ୟାରେ ବାଣ ଫୁଟାଯାଇଥିଲା। ବାଣର କିଛି ନିଆଁଝୁଲ ଆସି ମନ୍ଦିର ନିକଟରେ ଗଚ୍ଛିତ ହୋଇଥିବା ପାଳଗଦା ଉପରେ ପଡି ନିଆଁ ଲାଗିଥାଇପାରେ ବୋଲି ଜଟଣୀ ଅଗ୍ନିଶମ ବାହିନୀ ଅଧିକାରୀ ଅଭୟ କୁମାର ଦାସ କହିଛନ୍ତି।

### ଲିଖିତ ଅଭିଯୋଗ କଲେ ସମସ୍ୟାର ସମାଧାନ ହେବ

୯ଦଫା ଦାବିରେ ରାସ୍ତା ଅବରୋଧ ଘଟଣା

ନିରାକାରପୁର,୩୧।୧(ଡି.ଏନ୍.ଏ.): ୯ଦଫା ଦାବିରେ ସୋମବାର ନିରାକାରପୁର ଅଞ୍ଚଳବାସୀଙ୍କ ପକ୍ଷରୁ ସୋମବାର କାଜ ନିକଟ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରାଯାଇଥିଲା। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ମଙ୍ଗଳବାର କ୍ଷେତ୍ରବାସୀ ମହାବିଦ୍ୟାଳୟ ପରିସରରେ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଟାଙ୍ଗୀ ତହସିଲଦାର ଜନ୍ମେଜୟ ସାହୁ, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ଜୀବନ କୃଷ୍ଣ ଆଚାର୍ଜି, ମଧୁସ୍ମିତା ମହାନ୍ତି, ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ, ଅବକାରୀ ଇନ୍‌ସ୍ପେକ୍ଟର ଆଲୋକ କୁମାର ପ୍ରଧାନ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ୯ ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କଲେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ।

### ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ସ୍ମୃତିଚାରଣ ସଭା

**ଖୋର୍ଦ୍ଧା ଅଫିସ,୩୧।୧:** ଖୋର୍ଦ୍ଧା କ୍ଲବ ଆନୁକୂଲ୍ୟରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏବଂ କ୍ଲବର ବରିଷ୍ଠ ସଦସ୍ୟ ଜୟନ୍ତ କୁମାର ସାହୁଙ୍କ ବିୟୋଗରେ ଏକ ସ୍ମୃତିସଭା କ୍ଲବର ସାଧାରଣ ସମ୍ପାଦକ ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଭୟଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା କ୍ଲବର ଉପସଭାପତି ରବି ନାରାୟଣ ପଟ୍ଟନାୟକ, ସହସମ୍ପାଦକ ସରୋଜ ସୁନ୍ଦର ପଟ୍ଟନାୟକ, ବରିଷ୍ଠ ଅଧିବକ୍ତା ପ୍ରଫୁଲ୍ଲ କୁମାର ମହାନ୍ତି, ବରିଷ୍ଠ ସଦସ୍ୟ ବିଭୂତି ଭୂଷଣ ପଟ୍ଟନାୟକ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

# ଅଧିକ ଶ୍ରମ ଦିବସ ସୃଷ୍ଟି ଉପରେ ଗୁରୁତ୍ୱ

ଜଟଣୀ,୩୧।୧(ଡି.ଏନ୍.ଏ.)




ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି**

- ୨୦୨୨ ଆର୍ଥିକ ବର୍ଷରେ ୩,୪୬୯ ଶ୍ରମିକଙ୍କୁ ମିଳିଛି କାମ
- ୨ ଶ୍ରମିକ ସମ୍ବର୍ଦ୍ଧିତ

ଜଟଣୀ ବ୍ଲକ ପକ୍ଷରୁ ମଙ୍ଗଳବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ମଣ୍ଡଳ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ ଉପସ୍ଥିତ ଥିଲେ। ୨୦୨୧-୨୨ ଆର୍ଥିକ ବର୍ଷରେ ଜଟଣୀ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩୪୬୯ ଜଣ ଶ୍ରମିକ କାର୍ଯ୍ୟ କରିଥିବା ବେଳେ ୧ଲକ୍ଷ ୨୨ ହଜାର ୨୯ଟି ଶ୍ରମ ଦିବସରେ ୧୦୧ ପରିବାର ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ କିପରି ଅଧିକ ଶ୍ରମ ଦିବସ ସୃଷ୍ଟି କରାଯାଇପାରିବ, ସେଥିପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ରାଉତରାୟ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଆର୍ଥିକ ବର୍ଷ ୨୦୧୬-୧୭ରେ ୬୯୩ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଗୃହ ନିର୍ମାଣ ପାଇଁ ପଞ୍ଚାୟତ ସମିତି ଜଟଣୀ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ୧୨୨, ୨୦୧୮-୧୯ରେ ୧୯, ଆର୍ଥିକ ବର୍ଷ ୨୦୧୯-୨୦ରେ ୪ ଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦିଆଯାଇଥିଲା। ୨୦୧୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୮୩୮ଟି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବେଳେ ତନ୍ମଧ୍ୟରୁ ୮୧୨ଟିର ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଶହେ ଦିନ କାର୍ଯ୍ୟ ଶେଷ କରିଥିବା ଦୁଇ ଜଣ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏପିଓ ଚନ୍ଦନ କୁମାର ଭାଲ୍, ଡିପିସି ସୁନୀଲ କୁମାର ପରିଡ଼ା, ପିଇଓ ସୁବ୍ରତ ନାୟକ, ରମେଶ ତ୍ରିପାଠୀ, ଜିଆରଏସ୍ ମାନସ ଜେନା, ପ୍ରତାପ ନାୟକଙ୍କ ସମେତ ବହୁ ଜିଆର୍‌ଏସ୍ ଓ ପିଇଓ ଉପସ୍ଥିତ ଥିଲେ।

# ରାତିକରେ ୫ ମନ୍ଦିରରୁ ଚୋରି

ବାଲୁଗାଁ/ବାଣପୁର/ଟାଙ୍ଗୀ/ଗମ୍ଭାରୀମୁଣ୍ଡା, ୩୧।୧(ଡି.ଏନ୍.ଏ.)

**ସୁନାରୁପା ଅଳଙ୍କାର ସହ ହୁଣ୍ଡିବାକ୍ସ ନେଇଗଲେ**



ଚିଲିକା ବ୍ଲକ ହରିପୁର ପଞ୍ଚାୟତର ବାଲିଆ ଗ୍ରାମରେ ଥିବା ୫ଟି ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଠାକୁରଙ୍କ ସୁନାରୁପା ଅଳଙ୍କାର ସହ ହୁଣ୍ଡି ବାକ୍ସ ନେଇଯାଇଥିବା ମଙ୍ଗଳବାର ନାଚୁଣୀ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ରାତିରେ ଗ୍ରାମର ଗାଦିଶ୍ୱର ମହାଦେବ, ବାଲୁଙ୍କେଶ୍ୱର ମହାଦେବ, ବୃନ୍ଦାବନ ଚନ୍ଦ୍ର ଦେବ, ମା'ମଙ୍ଗଳା ଓ ଗୋପୀନାଥ ଦେବ ମନ୍ଦିରର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଦେବଦେବୀଙ୍କ ରୁପାସୁନା ଗହଣା ଓ ହୁଣ୍ଡିବାକ୍ସ ନେଇଯାଇଛନ୍ତି। ମଙ୍ଗଳାଙ୍କ ବିଗ୍ରହ ଆଖିରେ ଲାଗିଥିବା ସୁନା ଆଖି ତାଡି ନେବା ସହ ସୁନା ଚିତା, ରୁପା ହାର, ବାଲୁଙ୍କେଶ୍ୱରଙ୍କ ରୁପା କିରୀଟ, ହାର, କାନ କୁଣ୍ଡଳ, ସର୍ପ, ତ୍ରିଶୂଳ, ଚନ୍ଦ୍ର ଓ ଛତି, ପାର୍ବତୀଙ୍କ ରୁପା କିରୀଟ, ହାର, ସୁନା ଆଖି ଓ ସୁନା ଚିତା, ଗାଦିଶ୍ୱରଙ୍କ ରୁପା ସର୍ପ, ବୃନ୍ଦାବନଚନ୍ଦ୍ରଙ୍କ ରୁପା ବଂଶୀ ଓ ହୁଣ୍ଡିରୁ ଟଙ୍କା ଆଦି ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଗାଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ରାଜପଥରେ ଜରୁରିକାଳୀନ ମକ୍‌ଡ୍ରିଲ



ଖୋର୍ଦ୍ଧା ଅଫିସ,୩୧।୧

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ବିପିସିଏଲ ପେଟ୍ରୋଲ ପମ୍ପ ନିକଟରେ ଅଫ୍‌ସାଇଟ ଜରୁରିକାଳୀନ ମକ୍‌ଡ୍ରିଲ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣା ସମୟରେ କେଉଁ ବିଭାଗ ପକ୍ଷରୁ ସହାୟତା ମଗାଯାଇପାରିବ, ତାହାର ପ୍ରଦର୍ଶନ କରାଯାଇଥିଲା। ପେଟ୍ରୋଲ ପମ୍ପରେ ଅଏଲ ଲିକେଜ୍‌କୁ କିପରି ରୋକାଯାଇପାରିବ, ଅଗ୍ନିଶମ, ଆମ୍ବୁଲାନ୍ସ, ଏନ୍‌ଡିଆରଏଫ୍, ଓଡ୍ରାଫର ଜରୁରିକାଳୀନ ସାହାଯ୍ୟ ନିଆଯାଇପାରିବ, ସେ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ମକ୍‌ଡ୍ରିଲ ଦେଖାଇଥିଲେ। ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କାର୍ଯ୍ୟକ୍ରମ ଲୋକାଭିମୁଖୀ ହୋଇପାରିଲେ ତାହା ସଫଳ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଡିଆରଫ, ଓଡ୍ରାଫ, ଅଗ୍ନିଶମ, ସଡ଼କ ପରିବହନ ଅଧିକାରୀଙ୍କ ସମେତ ବିପିସିଏଲ, ଆଇଓସିଏଲ, ସିଭିଲ ଡିଫେନ୍ସର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବ୍ରାଉନସୁଗାର ଜବତ: ୫ ଗିରଫ

ଖୋର୍ଦ୍ଧା ଅଫିସ,୩୧।୧

ଖୋର୍ଦ୍ଧାରେ ବଢ଼ିଚାଲିଛି ବ୍ରାଉନସୁଗାର କାରବାର। ଦୁଇ ଦିନରେ ଦୁଇଟି ପୃଥକ୍ ସ୍ଥାନରୁ ପୋଲିସ ବ୍ରାଉନସୁଗାର ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗୁରୁଜଙ୍ଗ ଜବରଦସ୍ତପୁର ଏକ ଘରୋଇ କମ୍ପାନୀ ନିକଟରେ ଚଢ଼ାଉ କରି ୧୮.୫୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନିଆଳ ମଲିପୁରର ଡମ୍ବରୁ ପାଗଡ(୩୧) ଓ ଗୁରୁଜଙ୍ଗ ନନ୍ଦ ସାହିର ଜଟିଆ ପ୍ରଧାନ(୫୭)। ଜବତ ବ୍ରାଉନସୁଗାରର ମୂଲ୍ୟ ୧ ଲକ୍ଷ ୮୫ହଜାର ଟଙ୍କା ହେବ। ସକାଳ ୯ଟାରେ କୌଣସି ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରିଥିଲା। ସେହିପରି ବାଘମାରୀ ଥାନା ପୋଲିସ ସୋମବାର ପୋଡାଡିହ ମା'ମଙ୍ଗଳା ମନ୍ଦିର ନିକଟରେ ଚଢ଼ାଉ କରି ୧୫.୭୧ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଏଥିରେ ସମ୍ପୃକ୍ତି ନେଇ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଥାନା ଅଞ୍ଚଳର ବାପି ଓରଫ ବିଜୟ ପ୍ରଧାନ(୩୨), ବସିର ଖାନ(୨୮) ଏବଂ ବାଘମାରୀ ଥାନା ଅଞ୍ଚଳର ମନସୁର ଖାନ(୪୨)। ଜବତ ବ୍ରାଉନସୁଗାର ମୂଲ୍ୟ ୧ଲକ୍ଷ ୫୭ହଜାର ଟଙ୍କା ହେବ।

# ହରପ୍ରିୟା ସଭାନେତ୍ରୀ, ଦମୟନ୍ତୀ ସମ୍ପାଦିକା

ବେଗୁନିଆ,୩୧।୧(ଡି.ଏନ୍.ଏ.)

ଅଲ୍ ଓଡ଼ିଶା ଅଙ୍ଗନୱାଡି ମହିଳା କର୍ମୀ ଆସୋସିଏଶନ ପକ୍ଷରୁ ବେଗୁନିଆ ସଦର ମହକୁମାସ୍ଥିତ ମା'ବରମୂଳେଇଙ୍କ ପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି ରାଜ୍ୟ ଉପସଭାନେତ୍ରୀ ବନିତାଞ୍ଜଳି ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭାରତୀୟ ମଜଦୁର ସଂଘ ଖୋର୍ଦ୍ଧା ଜିଲା ସମ୍ପାଦକ ଅକ୍ଷୟ ରାଉତରାୟ, ସଭାପତି ପାର୍ଥସାରଥି ମହାନ୍ତି, ବେଗୁନିଆ ବ୍ଲକର ମୁଖ୍ୟ ଶିବ ମୁନି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଉପସଭାନେତ୍ରୀ ଦାଶ ବୈଠକର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। ହରପ୍ରିୟା ମଙ୍ଗରାଜ ବ୍ଲକ ସଭାନେତ୍ରୀ ଏବଂ ଦମୟନ୍ତୀ ଜେନା ସମ୍ପାଦିକା ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ସେହିପରି କୋଷାଧ୍ୟକ୍ଷା ଭାବେ ବାସନ୍ତୀ ପ୍ରଧାନ, ସହସମ୍ପାଦିକା ରମାମଣି ପଣ୍ଡା, ଉପସଭାନେତ୍ରୀ ସୁବାସିନୀ ଶ୍ରୀଚନ୍ଦନ ଏବଂ ସଙ୍ଗଠନ ସମ୍ପାଦିକାଭାବେ ମିତାରାଣୀ ସାହୁଙ୍କୁ ଚୟନ କରାଯାଇଛି। ଅନ୍ୟପକ୍ଷରେ ଆସୋସିଏଶନ ପକ୍ଷରୁ ବ୍ଲକର ୯ଟି ସେକ୍ଟର ଗଠନ କରାଯାଇଛି। ପ୍ରତି ସେକ୍ଟରରେ ଜଣେ ଲେଖାଏ ମୁଖିଆଙ୍କୁ ଦାୟିତ୍ୱ ଦିଆଯାଇଛି। ବେଗୁନିଆ ପାଇଁ ରଶ୍ମିତା ଦାସ, ବାଘମାରୀ ନର୍ମଦା ବଳିୟାରସିଂହ, ପୋଡାଡିହ କିରଣବାଳା ମିଶ୍ର, ବଡ଼ବେରଣା ମୀନାକ୍ଷୀ ପାଣିଗ୍ରାହୀ, ଡାଳତୋଳା କଳ୍ପନା ମାନସିଂହ, ରାଉତପଡ଼ା ଶ୍ରୀମା ଦଳେଇ, ଗଡ଼ମାଣତୀର ଲତା ସୁନ୍ଦରାୟ, ହଜ ଜୟଶ୍ରୀ ବଳିୟାରସିଂହ ଏବଂ ବୋତଲମା ଗୀତାଞ୍ଜଳି ଦଳାଇଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ବ୍ଲକର କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ।

# ଆକ୍କା କ୍ଲବ କଟକ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

ଟାଙ୍ଗୀ(ଖୋର୍ଦ୍ଧା),୩୧।୧(ଡି.ଏନ୍.ଏ.)

**ସର୍ବଭାରତୀୟ ଟାଙ୍ଗୀ କ୍ଲବ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଚିଲିକା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ଆକ୍କା କ୍ଲବ କଟକ ଓ ଭାଇଜାଗ ସିଟି କ୍ଲବ ବିଶାଖାପାଟଣା ମଧ୍ୟରେ ହୋଇଥିଲା। ମ୍ୟାଚ୍ ପ୍ରଥମାର୍ଦ୍ଧରେ ଆକ୍କା କ୍ଲବର ଏସ୍.କେ. ସାହିଲ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ସୁଦ୍ଧା ଭାଇଜାଗ ସିଟି କ୍ଲବ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଆକ୍କା କ୍ଲବ ୧-୦ ଗୋଲରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସେକ୍ ସେଖାବତ ଅଲ୍ଲୀଖାନ, ବିଦେଶୀ ବେହେରା ଓ ଆର୍.କେ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ପ୍ରଫୁଲ୍ଲ ବେହେରା। ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ସଞ୍ଜୟ ପଟ୍ଟନାୟକ, ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ରମେଶ ଚନ୍ଦ୍ର ବେହେରା, ରାଜ୍ୟ ଫୁଟ୍‌ବଲ ପ୍ରଶିକ୍ଷକ ଗଙ୍ଗାଧର ବେହେରା, ତପନ ମହାନ୍ତି, ବଳରାମ ଦେବ ବିଦ୍ୟାପୀଠ ପ୍ରଧାନଶିକ୍ଷକ ବିଶ୍ୱଜିତ୍ ପଲ୍ଲାଇ, ଉଜଳା ଗୋପୀନାଥପୁର ସମିତିସଭ୍ୟ ସୂର୍ଯ୍ୟମଣି ସାହୁ, ଦୁର୍ଯ୍ୟୋଧନ ରାଉତରାୟ, ଟୁର୍ନାମେଣ୍ଟ କମିଟି ସଭାପତି କିଶୋର କୁମାର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମକୁ ୩୦ ହଜାର ଟଙ୍କା ସହ କପ୍ ଓ ରନର୍ସଅପ୍ ଟିମକୁ କପ୍ ସହ ୨୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କମିଟି ସମ୍ପାଦକ ଉପେନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଙ୍କୁ ପ୍ରେମ ନିବେଦନ ସହ ମାଡ଼: ୨ ଗିରଫ

କୃଷ୍ଣପ୍ରସାଦ,୩୧।୧(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ପ୍ରେମ ନିବେଦନ କରିବା ସହ ଦୁଇ ଜଣ ଯୁବକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୯/୨୩)ରୁଜୁକରି ସମ୍ପୃକ୍ତ ଯୁବକଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ, ଏହି ଥାନା ଅଞ୍ଚଳରେ ଥିବା ଏକ କଲେଜରେ ନାବାଳିକା ଜଣକ +୨ରେ ପଢ଼ନ୍ତି। ଗତ ୨୬ତାରିଖରେ ସରସ୍ୱତୀ ପୂଜା ଥିବା ବେଳେ ଯୁବକଦ୍ୱୟ ତାଙ୍କୁ ଏକ ମନ୍ଦିରକୁ ଭୋଗ ଖାଇବା ପାଇଁ ଡାକି ନେଇଥିଲେ। ଏହା ପରେ ଯୁବକଦ୍ୱୟ ରାସ୍ତାରେ ଥିବା ଏକ ଜଙ୍ଗଲକୁ ନାବାଳିକାଙ୍କୁ ଜବରଦସ୍ତ ନେଇଯାଇ ପ୍ରେମ ନିବେଦନ କରିଥିଲେ। ଏଥିରେ ସେ ଅରାଜି ହେବାରୁ ଯୁବକଦ୍ୱୟ ସିଗାରେଟ ଟାଣିବାକୁ ଦେବା ସହ ମାଡ଼ ମାରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଯୁବକଦ୍ୱୟ ସେଠାରୁ ପଳାଇଥିଲେ। ଏହାପରେ ସେ ଘରକୁ ଆସି ଘଟଣା ସମ୍ପର୍କରେ କହିଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।

# ମୋରମ, ମାଙ୍କଡ଼ା ପଥର ଚାଲାଣ ବଢ଼ୁଛି



ଜଟଣୀ,୩୧।୧(ଡି.ଏନ୍.ଏ.)

**ପ୍ରଶାସନ ଦୃଷ୍ଟିଦେବାକୁ ଦାବି**

ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ ବଢ଼ିଚାଲିଛି। ଏନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଜଟଣୀ ବ୍ଲକ କଣ୍ଟିଆ ପଞ୍ଚାୟତ ଅନ୍ତର୍ଗତ ରଥିପୁରସ୍ଥିତ ଶଗଡ଼ିଆ ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଥିବା ଗୋଚର ଜମିରୁ ଗତ ୭ଦିନ ହେବ ଖଣି ମାଫିଆ ହଜାର ହଜାର ମେଟ୍ରିକ ଟନ ମୋରମ ଉତ୍ତୋଳନ କରି ଚାଲାଣ କରୁଛନ୍ତି। ସନ୍ଧ୍ୟା ହେଲେ ଗୋଟିଏ ପରେ ଗୋଟିଏ ଗାଡ଼ି ମନ୍ଦିର ନିକଟ ମୋରମ ଖଣିରୁ ମୋରମ ନେଉଛନ୍ତି। ଖଣିରୁ ବାହାରୁଥିବା ଧୂଳି ଏବଂ ଗାଡି ଧୂଆଁରେ ଅଞ୍ଚଳବାସୀ ଶ୍ୱାସ ଜନିତ ରୋଗରେ ପୀଡ଼ିତ ହେବା ଆଶଙ୍କା ରହିଛି। ଏଥିପ୍ରତି ସ୍ଥାନୀୟ ତହସିଲ ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସାର୍ବଜନୀନ ହେଲାନି ତଦନ୍ତ ରିପୋର୍ଟ

**ଟ୍ରେନ୍ ଧକ୍କାରେ ୨ ହାତୀ ମୃତ୍ୟୁ ଘଟଣାକୁ ବର୍ଷେ ବିତିଲା**

- ସୌରଚାଳିତ ଝଟକା, ରାଡାର ସ୍ଥାପନ ହୋଇପାରିଲାନି

ଖୋର୍ଦ୍ଧା ଅଫିସ,୩୧।୧

ଖୋର୍ଦ୍ଧା ବନଖଣ୍ଡରେ ଅସୁରକ୍ଷିତ ଗଜରାଜ। ଚନ୍ଦକା ଅଞ୍ଚଳରୁ ଖସି ଆସିଥିବା ଏକ ହାତୀପଲ ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳରେ ରହୁଛନ୍ତି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗ୍ରାମରେ ପ୍ରବେଶ କରି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। କୌଣସି ସ୍ଥାନରେ ହାତୀ ଉପଦ୍ରବ କିମ୍ବା ହାତୀ ଅସୁସ୍ଥ ହେଲେ ବନ ବିଭାଗର ଚେତା ପଶିଥାଏ। ବାରମ୍ବାର ହାତୀ ଓ ମଣିଷ ଲଢ଼େଇ ଜାରି ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ୨୦୨୧ ଡିସେମ୍ବର ୨୫ ରାତିରେ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଭୂଷଣ୍ଡପୁର ନିକଟ ରେଳ ଲାଇନ ଦେଇ ଏକ ହାତୀପଲ ଅତିକ୍ରମ କରୁଥିଲେ। ଏହି ସମୟରେ ଆସୁଥିବା ମାଲବାହୀ ଟ୍ରେନ ଧକ୍କାରେ ଦୁଇଟି ହାତୀ ଗୁରୁତର ଆହତ ହୋଇଥିଲେ। ଏହା ପରଦିନ ଉଭୟ ହାତୀଙ୍କ ମୃତଦେହ ରେଳ ଲାଇନ ନିକଟ ରାସ୍ତାକଡ଼ରୁ ବନ ବିଭାଗ ଜବତ କରିଥିଲା। ତେବେ ଟ୍ରେନ୍ ଧକ୍କାରେ ୨ ହାତୀଙ୍କ ମୃତ୍ୟୁ ପରେ ବନ ବିଭାଗ ଏବଂ ପୂର୍ବତଟ ରେଲୱେ ଆରୋପ ପ୍ରତ୍ୟାରୋପରେ ନିଜ ଉପରୁ ଦୋଷ ଖସାଇଦେଲେ। ଏନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ପିସିସିଏଫ୍ ଏବଂ ରେଳ ବିଭାଗ ସହ ଏକ ବୈଠକ ବସିଥିଲା। ୨ଜଣ ଏସିଏଫ୍ ଏବଂ ରେଳ ବିଭାଗର କେତେଜଣ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ପୂର୍ବତଟ ରେଲୱେ ଏବଂ ଜଙ୍ଗଲ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି କିଭଳି ପରିସ୍ଥିତିରେ ଏହି ଘଟଣା ଘଟିଲା, ତାହାର ତଦନ୍ତ କରିଥିଲେ। ତେବେ ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନ କରାଯାଇ ଚାପିଦେଲେ। ଅନ୍ୟପଟେ ଜଙ୍ଗଲ ରାସ୍ତା ଦେଇ ଯାଉଥିବା ରେଳଲାଇନରେ ସୌରଚାଳିତ ଝଟକା (ଇଲେକ୍ଟ୍ରି ସୌର କରେଣ୍ଟ), ରାଡାର ସ୍ଥାପନ ସହ ଆଗୁଆ ସୂଚନା, ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ଅଧିକାରୀମାନେ ଯୋଜନା ପ୍ରସ୍ତୁତ କରିଥିଲେ। ଏହି ଘଟଣାକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଉଭୟ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ କାର୍ଯ୍ୟକାରୀ ହେଲା ନାହିଁ। ତୁରନ୍ତ ଏଥିପ୍ରତି ଉଭୟ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ଏମାନେ ଯାହା କୁହନ୍ତି...**

“ ଜଙ୍ଗଲ ରାସ୍ତାରେ ହାତୀ ଚଳପ୍ରଚଳ କରିବା ସ୍ୱାଭାବିକ କଥା। ଯେପରି ହାତୀଙ୍କ ଚଳପ୍ରଚଳରେ କୌଣସି ବାଧା ନ ଉପୁଜିବ, ସେଥିପାଇଁ ଟ୍ରେନ୍ ଲାଇନ ଯାଇଥିବା ଅଞ୍ଚଳରେ ଅଣ୍ଡରପାସ କିମ୍ବା ଫ୍ଲାଏଓଭର ନିର୍ମାଣ କରାଯାଉ। ଅନେକ ସମୟରେ ଜଙ୍ଗଲରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁବରଣ କରୁଥିବା ନଜିର ରହିଛି। ତେଣୁ ବନ, ରେଳ ଏବଂ ବିଦ୍ୟୁତ୍ ବିଭାଗ ମଧ୍ୟରେ ଉତ୍ତମ ବୁଝାମଣା ଏବଂ ସମନ୍ୱୟ ରହିବା ଆବଶ୍ୟକ। ହାତୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ସହ ପରୀକ୍ଷାମୂଳକ ଭାବେ ହାଇ ଟେକ୍ନୋଲୋଜି ସେନ୍‌ସର ବ୍ୟବସ୍ଥା କରାଗଲେ ଅଘଟଣକୁ ଏଡ଼ାଯାଇପାରିବ।

**- ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

“ ୨୦୧୨ ମସିହାରେ ଗଞ୍ଜାମ ଜିଲା ରମ୍ଭା ନିକଟରେ ଟ୍ରେନ୍ ଧକ୍କାରେ ଏକକାଳୀନ ୫ ହାତୀଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ବନ ବିଭାଗ ଏବଂ ରେଲୱେ ବିଭାଗ ପରସ୍ପର ମଧ୍ୟରେ ଆରୋପ ପ୍ରତ୍ୟାରୋପ କରିଥିଲେ। ଯାଞ୍ଚ କମିଟି ଗଠନ କରାଯାଇ ତଦନ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ହାତୀ-ମଣିଷ ଲଢ଼େଇରେ ଉଭୟଙ୍କ ଜୀବନ ଯାଉଛି। ବନ ବିଭାଗ କେବଳ ନୀରବଦ୍ରଷ୍ଟା ସାଜିଛି।

**- ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା କୃଷକ ନେତା**

“ ହାତୀଙ୍କ ମୃତ୍ୟୁ ଉପରେ ସରକାର ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଏକ ବିଶେଷଜ୍ଞ ଟିମ୍ ଗଠନ କରାଯାଇ ଏହା ଉପରେ ଅଧିକ ତର୍ଜମା ହେବା ଆବଶ୍ୟକ। ଜଙ୍ଗଲ ଦେଇ ଯାଇଥିବା ରେଳଧାରଣାରେ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ବନ ଏବଂ ରେଳ ବିଭାଗର ଦାୟିତ୍ୱ। ପରସ୍ପର ମଧ୍ୟରେ ସମନ୍ୱୟ ରହିବା ଜରୁରୀ।

**- ଧନେଶ୍ୱର ବିଧାର, ପରିବେଶପ୍ରେମୀ**

“ ଟାଙ୍ଗୀ ବନାଞ୍ଚଳରେ ୧୮ ଟିକିଆ ହାତୀପଲ ରହିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ଗଜମିତ୍ରଙ୍କୁ ନିୟୋଜିତ କରାଯାଇଛି। ହାତୀ ଗାଁମୁହାଁ ହେଲେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସୂଚନା ଦିଆଯାଉଛି। ହାତୀ ଚଲାପଥରେ ଗଜରାଜ ଯୋଜନାରେ ସୌରଚାଳିତ ଲାଇଟ୍ ଲଗାଯାଇଛି। ଭୂଷଣ୍ଡପୁର ରେଳଲାଇନ ଦକ୍ଷିଣପଟ ଗେଟ ରାସ୍ତାରେ ସୌରଚାଳିତ ଝଟକା ନିର୍ମାଣ କାର୍ଯ୍ୟ ଜାରି ରହିଛି।

**- ଦେବାଶିଷ ଭୋଇ, ଟାଙ୍ଗୀ ବନ ଅଧିକାରୀ**

## ସଂକ୍ଷେପରେ

### ଗାନ୍ଧିଜୀ ଭାରତର ପ୍ରବହମାନ ଆତ୍ମା

**ଭୁବନେଶ୍ୱର, ୩୧।୧ (ବ୍ୟୁରୋ):** ଗାନ୍ଧିଜୀ ଭାରତ ସମେତ ବିଭିନ୍ନ ଦେଶ ବିଦେଶରେ ପରିଚୟ, ପ୍ରତୀକ ଓ ପ୍ରବହମାନ ସାଂସ୍କୃତିକ ଆତ୍ମା। ଯେଉଁମାନଙ୍କ ପରିଚୟ ସଂକଟରେ ଅଛି, ସେମାନେ ଜାତିର ପିତାଙ୍କ ଚରିତ୍ର ସଂହାର କରି ଚାଲିଛନ୍ତି। କିନ୍ତୁ ଯାହା ସତ ତାହା ଯୁଗେ ଯୁଗେ ଝଟକିଛି ଓ ଝଟକିବ। ଅହିଂସା ହେଉଛି ପ୍ରାକୃତିକ ଓ ହିଂସା ହେଉଛି ପ୍ରତିକ୍ରିୟା। ଗାନ୍ଧିଜୀ ଅହିଂସା ଓ ସତ୍ୟର ପ୍ରତୀକ ବୋଲି ଗାନ୍ଧୀ ଗବେଷକ ଦାଶ୍ ବେନହୁର୍ କହିଛନ୍ତି। ମଙ୍ଗଳବାର ସମ୍ଭାବନା ପକ୍ଷରୁ ଆୟୋଜିତ 'ଗାନ୍ଧୀ ଚର୍ଚ୍ଚା' କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବେନହୁର୍ ଏହା କହିଥିଲେ। ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ଐତିହାସିକ ଡ. ଅମିୟ କୁମାର ମହାନ୍ତି କହିଲେ, ମହାତ୍ମା ଗାନ୍ଧୀ ସାମ୍ପ୍ରତିକ ବିଶ୍ୱ ଏବଂ ଭାରତର ସମସ୍ତ ଜ୍ୱଳନ୍ତ ସମସ୍ୟାର ସମାଧାନ ପାଇଁ ଆଲୋକ ବର୍ତ୍ତିକା। ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ମଞ୍ଚାସୀନ ଥିବାବେଳେ କବି ତନ୍ଦ୍ରାଳସା ଦାସ, କବି ସୌରୀନ୍ଦ୍ର ବାରିକଙ୍କ ରଚିତ ଗାନ୍ଧୀ କବିତା ପାଠ କରିଥିଲେ। ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

### ବ୍ରାଉନସୁଗାର ଜବତ: ୫ ଗିରଫ

**ଖୋର୍ଦ୍ଧା ଅଫିସ,୩୧।୧:** ଖୋର୍ଦ୍ଧାରେ ବଢ଼ିଚାଲିଛି ବ୍ରାଉନସୁଗାର କାରବାର। ଦୁଇ ଦିନରେ ଦୁଇଟି ପୃଥକ୍ ସ୍ଥାନରୁ ପୋଲିସ ବ୍ରାଉନସୁଗାର ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗୁରୁଜଙ୍ଗ ଜବରଦସ୍ତପୁର ଏକ ଘରୋଇ କମ୍ପାନୀ ନିକଟରେ ଚଢ଼ାଉ କରି ୧୮.୫୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନିଆଳ ମଲିପୁରର ଡମ୍ବରୁ ପାଗଡ(୩୧) ଓ ଗୁରୁଜଙ୍ଗ ନନ୍ଦ ସାହିର ଜଟିଆ ପ୍ରଧାନ(୫୭)। ଜବତ ବ୍ରାଉନସୁଗାରର ମୂଲ୍ୟ ୧ ଲକ୍ଷ ୮୫ହଜାର ଟଙ୍କା ହେବ। ସକାଳ ୯ଟାରେ କୌଣସି ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରିଥିଲା। ସେହିପରି ବାଘମାରୀ ଥାନା ପୋଲିସ ସୋମବାର ପୋଢ଼ାଡିହ ମା'ମଙ୍ଗଳା ମନ୍ଦିର ନିକଟରେ ଚଢ଼ାଉ କରି ୧୫.୭୧ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଏଥିରେ ସମ୍ପୃକ୍ତି ନେଇ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଥାନା ଅଞ୍ଚଳର ବାପି ଓରଫ ବିଜୟ ପ୍ରଧାନ(୩୨), ବସିର ଖାନ(୨୮) ଏବଂ ବାଘମାରୀ ଥାନା ଅଞ୍ଚଳର ମନସୁର ଖାନ(୪୨)। ଜବତ ବ୍ରାଉନସୁଗାର ମୂଲ୍ୟ ୧ଲକ୍ଷ ୫୭ହଜାର ଟଙ୍କା ହେବ।

### ରାତିକରେ ୫ ମନ୍ଦିରରୁ ଚୋରି

**ବାଲୁଗାଁ/ବାଣପୁର/ଟାଙ୍ଗୀ/ଗମ୍ଭାରୀମୁଣ୍ଡା,୩୧।୧(ଡି.ଏନ୍.ଏ.):** ଚିଲିକା ବ୍ଲକ ହରିପୁର ପଞ୍ଚାୟତର ବାଲିଆ ଗ୍ରାମରେ ଥିବା ୫ଟି ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଠାକୁରଙ୍କ ସୁନାରୁପା ଅଳଙ୍କାର ସହ ହୁଣ୍ଡି ବାକ୍ସ ନେଇଯାଇଥିବା ମଙ୍ଗଳବାର ନାଚୁଣୀ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ରାତିରେ ଗ୍ରାମର ଗାଦିଶ୍ୱର ମହାଦେବ, ବାଲୁଙ୍କେଶ୍ୱର ମହାଦେବ, ବୃନ୍ଦାବନ ଚନ୍ଦ୍ର ଦେବ, ମା'ମଙ୍ଗଳା ଓ ଗୋପୀନାଥ ଦେବ ମନ୍ଦିରର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଦେବଦେବୀଙ୍କ ରୁପାସୁନା ଗହଣା ଓ ହୁଣ୍ଡିବାକ୍ସ ନେଇଯାଇଛନ୍ତି। ମଙ୍ଗଳାଙ୍କ ବିଗ୍ରହ ଆଖିରେ ଲାଗିଥିବା ସୁନା ଆଖି ତାଡି ନେବା ସହ ସୁନା ଚିତା, ରୁପା ହାର, ବାଲୁଙ୍କେଶ୍ୱରଙ୍କ ରୁପା କିରୀଟ, ହାର, କାନ କୁଣ୍ଡଳ, ସର୍ପ, ତ୍ରିଶୂଳ, ଚନ୍ଦ୍ର ଓ ଛତି, ପାର୍ବତୀଙ୍କ ରୁପା କିରୀଟ, ହାର, ସୁନା ଆଖି ଓ ସୁନା ଚିତା, ଗାଦିଶ୍ୱରଙ୍କ ରୁପା ସର୍ପ, ବୃନ୍ଦାବନଚନ୍ଦ୍ରଙ୍କ ରୁପା ବଂଶୀ ଓ ହୁଣ୍ଡିରୁ ଟଙ୍କା ଆଦି ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଗାଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ

**ବାଲିପାଟଣା,୩୧।୧(ଡି.ଏନ୍.ଏ.):** ବନମାଳିପୁର ଦୁର୍ଗାମଣ୍ଡପ ନିକଟ ନବଗ୍ରହ ପୀଠରେ ଗତ ୨୬ ତାରିଖରୁ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ପରେ ଶେଷ ହୋଇଛି। ଦିଆନ ପାଟଣା ରାଧାକାନ୍ତ ମଠର ମଠାଧୀଶ ମହନ୍ତ ସୁଦର୍ଶନ ଦାସ ମହାରାଜ ଯୋଗଦେଇ ପୂର୍ଣ୍ଣାହୁତି ଦେଇଥିଲେ। ପଣ୍ଡିତ ନିରଞ୍ଜନ ଆଚାର୍ଯ୍ୟଙ୍କ ସହିତ ୭ ପୂଜକ ଯଜ୍ଞକାର୍ଯ୍ୟରେ ନିୟୋଜିତ ହୋଇଥିଲେ। ମୁଖ୍ୟ ଆୟୋଜକ ହରିହର ମହାପାତ୍ରଙ୍କ ସହିତ ଭକ୍ତଭୂଷଣ ନାୟକ, ପ୍ରସନ୍ନ ମିଶ୍ର, ଶରତ ଚନ୍ଦ୍ର ସାହୁ, ରବୀନ୍ଦ୍ର ସେନାପତି, ବିଶ୍ୱନାଥ ପାତ୍ର, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଖଣ୍ଡଗିରି କୁମ୍ଭମେଳାରେ ରାଜ୍ୟର ବିଭିନ୍ନ ମଠରୁ ଆସିଥିବା ବାବା।



ପୂଜାପାଠରେ ବ୍ୟସ୍ତ ଜଣେ ବାବା।

# ଜମୁଛି କୁମ୍ଭମେଳା, ଲୋକାରଣ୍ୟ ଖଣ୍ଡଗିରି

**ଭୁବନେଶ୍ୱର,୩୧।୧ (ବ୍ୟୁରୋ)**

ଦିନ ଗଡ଼ିବା ସହ ଖଣ୍ଡଗିରି କୁମ୍ଭମେଳା ବା ମାଘ ମେଳାରେ ଲୋକଙ୍କ ଗହଳି ବଢ଼ିବାରେ ଲାଗିଛି। ଗୋଟିଏ ସ୍ଥାନରେ ନାମଯଜ୍ଞ, ମିନାବଜାର ମହୋତ୍ସବଠାରୁ ଆରମ୍ଭ କରି ଅପେରା ଦେଖିବାର ସୁଯୋଗ ମିଳୁଥିବାରୁ ଦିନରାତି ଲୋକଙ୍କ ଗହଳି ଦେଖିବାକୁ ମିଳୁଛି। ଅନ୍ୟ ଦିନଗୁଡ଼ିକରେ ପାହାଡ଼ ରାସ୍ତା ଦେଇ ରାତିରେ ଲୋକ ଯାତାୟାତ କରିବାକୁ ଡରୁଥିବାବେଳେ ବର୍ତ୍ତମାନ ସାରା ରାତି ଏହି ଅଞ୍ଚଳରେ ଲୋକଙ୍କ ସମାଗମ ଉତ୍ସବର ମାହୋଲ ସୃଷ୍ଟି କରିଛି। ଆଧ୍ୟାତ୍ମିକ, ସାଂସ୍କୃତିକ ଓ ବ୍ୟବସାୟିକ ଉଦ୍ଦେଶ୍ୟ ନେଇ ଆସୁଥିବା ସବୁ ବର୍ଗ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି।

**ସାରା ଓଡ଼ିଶାର ବାବାଙ୍କ ମେଳି**

ଖଣ୍ଡଗିରିରେ ଲାଗିଛି ବାବାଙ୍କ ମେଳି। ରାଜ୍ୟ ବାହାରୁ ଅନେକ ସାଧୁ ସନ୍ନ୍ୟାସୀ ଯୋଗ ଦେଇଥିବାବେଳେ ସାରା ଓଡ଼ିଶାରୁ ବାବାମାନେ ଆସି ହୋମଯଜ୍ଞରେ ନିମଗ୍ନ ଅଛନ୍ତି। ମନ୍ତ୍ର ଧ୍ୱନିରେ ଅଞ୍ଚଳ ଗୁଞ୍ଜରିତ ହୋଉଥିବାବେଳେ ଯଜ୍ଞ ଧୂଆଁରେ ପୂରା ପାହାଡ଼ ମହକୁଛି। ଜଗତ୍‌ସିଂହପୁର ଜିଲା ବାଲିକୁଦା ମାଧୁରୀ ମଠରୁ ବାବା ଜଗନ୍ନାଥ ଦାଶ ଆସି ତପସ୍ୟାରେ ଅଛନ୍ତି। ମାଧୁରୀ ମଠକୁ ଶ୍ରଦ୍ଧାର ସହ ଆସୁଥିବା ବା ବ୍ୟକ୍ତି ମାରାତ୍ମକ ରୋଗ ହେଉ, ଅବା ବ୍ୟକ୍ତିକୁ ସାପ କାମୁଡ଼ିଥାଉ, ସେ ତୁରନ୍ତ ସେଥିରୁ ଉପଶମ ପାଇଥାଏ ବୋଲି ବାବା ଦାବି କରିଛନ୍ତି। ପୁରୀ ଜିଲା କେରାଣ୍ଡିଆ ମଠରୁ ବାବା ତ୍ୟାଗୀ ରାମଦାସଙ୍କ ଶିଷ୍ୟା ଯୋଗେଶ୍ୱର ବାବା ମହାଯଜ୍ଞର ମହିମା ବିଷୟରେ ସମାଜକୁ ବାର୍ତ୍ତା ଦେବାକୁ ୩୦ ବର୍ଷ ଧରି ପ୍ରୟାସ ଚଳାଇଥିବା କହିଛନ୍ତି। ଭଦ୍ରକ ଜିଲା ବାସୁଦେବପୁରରୁ ଆସିଥିବା ବାବା ମନୋରଞ୍ଜନ ରଣା ଜଣେ କବି। କିନ୍ତୁ ୫ବର୍ଷ ହେଲା ସେ ସନ୍ନ୍ୟାସୀ ଜୀବନକୁ ଆପଣେଇନେଇଥିବା କହିଛନ୍ତି। ପୁରୀ ସର୍ବଧର୍ମ ସମନ୍ୱୟ ଆଶ୍ରମରୁ ଆସିଥିବା ସାଧୁସନ୍ଥମାନେ ଅଚ୍ୟୁତାନନ୍ଦ ଦାଶଙ୍କ ମାଳିକାର ପ୍ରଚାର ପ୍ରସାର କରୁଥିବା କହିଛନ୍ତି। ସେହିପରି ଅନେକ ସମୟରେ ଚର୍ଚ୍ଚାରେ ରହୁଥିବା ବାବା ଆର୍ତ୍ତତ୍ରାଣଙ୍କ ନିକଟରେ ମଧ୍ୟ ଖୁବ୍ ଭିଡ ଜମୁଥିବା ଦେଖିବାକୁ ମିଳୁଛି।



## ରାତି ବଢ଼ିଲେ, ମଞ୍ଚରେ ଭିଡ଼ ବଢୁଛି

ରାତି ୧୧ଟା ବାଜିବା ମାତ୍ରେ ମେଳା ଛାଡ଼ି ଲୋକମାନେ ଯାତ୍ରା ପେଣ୍ଡାଲ ଆଡ଼େ ମୁହାଁଉଛନ୍ତି। ୧୫୦ରୁ ଆରମ୍ଭ କରି ୨୫୦ ପର୍ଯ୍ୟନ୍ତ ଟିକେଟ ରହିଥିବାରୁ ଏହା ବିଭିନ୍ନ ବର୍ଗର ଲୋକଙ୍କୁ ସୁହାଉଛି। ଟିକେଟ ପାଇବା ପରେ ଚେୟାର ପାଇବାକୁ ଲାଗିପଡୁଛନ୍ତି। ରାତି ବଢ଼ିବା ସହ ମନୋରଞ୍ଜନ ଦ୍ୱିଗୁଣିତ ହେଉଛି। ମେଲୋଡ଼ିକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ଯାତ୍ରାପାର୍ଟି ସିନେ କଳାକାରଙ୍କୁ ଆଣିଛନ୍ତି। ସେହିପରି ଦୀର୍ଘ ୨ବର୍ଷ ପରେ ଅପେରା ପଡ଼ିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ସନାତନ ମଣ୍ଡପରେ ପ୍ରଥମ ରାତିରେ ସୂର୍ଯ୍ୟ ମନ୍ଦିର ଗଣନାଟ୍ୟ 'ଘୁମୁରି ଘୁମରି କାହାଣୀ କାନ୍ଦେ' ନାଟକ ଭେଟି ଦେଇଥିଲା। ନାଟକକୁ ଦର୍ଶକ ଖୁବ୍ ପସନ୍ଦ କରୁଥିବାବେଳେ ଦ୍ୱିତୀୟ ରାତିରେ ମଧ୍ୟ ସମାନ ନାଟକ ମଞ୍ଚସ୍ଥ ହୋଇଥିବା ଆୟୋଜକ ସୂଚନା ଦେଇଛନ୍ତି। ପୂର୍ବରୁ ଡ. ହରେକୃଷ୍ଣ ମହତାବ ପେଣ୍ଡାଲରେ ଯାତ୍ରାଶ୍ରୀ ବିଶ୍ୱ ଦରବାର, ଇନ୍ଦିରା ସାଂସ୍କୃତିକ ମଣ୍ଡପରେ ଶିବାନୀ ଗଣନାଟ୍ୟ ଦମଦାର ନାଟକ ପରିବେଷଣ ଜାରି ରହିଥିବାବେଳେ ମଙ୍ଗଳବାରଠାରୁ ମା' ମଙ୍ଗଳା ମଣ୍ଡପରେ ରାଜଧାନୀ ଅପେରା ଏହି ସମରରେ ଯୋଡ଼ିହୋଇଛି।

## କ୍ୟାଣ୍ଡିରେ କଳାକୃତି





ଖଣ୍ଡଗିରି ମେଳାରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଥିବାବେଳେ ଜଣେ ମଧ୍ୟ ବୟସ୍କ ବେପାରୀଙ୍କ ପାଖରେ କୁନି କୁନି ପିଲାମାନେ ଅଟକି ଯାଉଛନ୍ତି। ହାତରେ ତାଙ୍କର ଛତାକୃତିର ଟିଣ ଡ଼ବା ରହିଛି। ସେଥିରୁ ଧଳା ଗୋଲାପୀ ରଙ୍ଗର କିଛି ସାମଗ୍ରୀ ସୂତା ଭଳି ବାହାରୁଛି। ଯାହାକୁ ନେଇ ସେ ସୁନ୍ଦର ଭାବେ କ୍ୟାଣ୍ଡି ପ୍ରସ୍ତୁତ କରୁଛନ୍ତି। ମାତ୍ର କେଇ ମିନିଟ ମଧ୍ୟରେ ସେ ଫୁଲ, ପକ୍ଷୀ ଆଦି ତିଆରି କରି ପିଲାଙ୍କ ହାତକୁ ବଢ଼ାଇ ଦେଉଛନ୍ତି। ୨୦ଟଙ୍କାରେ ଏହିପରି ମିଠା ମିଠା ଲଲିପପ୍ କିଣିବାକୁ ପିଲାମାନେ ଆଗ୍ରହ ପ୍ରକାଶ କରୁଛନ୍ତି।

## ସୂର୍ଯ୍ୟୋଦୟ ଲାଇବ୍ରେରିର ବାର୍ଷିକୋତ୍ସବ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ନୃତ୍ୟ, ସଙ୍ଗୀତ ଓ ଚିତ୍ର କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ପିଲାଙ୍କ ଭିତରେ ଲୁଚି ରହିଥିବା ସୃଜନଶୀଳତାକୁ ବୃଦ୍ଧି କରିବାରେ ସହାୟକ ହୁଏ। ଏହା ହିଁ ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ ବୋଲି ଖବରଦାତା ସତ୍ୟପ୍ରକାଶ ନାୟକ ଭରତପୁରଠାରେ ଥିବା ସୂର୍ଯ୍ୟୋଦୟ ଲାଇବ୍ରେରିର ବାର୍ଷିକୋତ୍ସବରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ କାର୍ଟୁନିଷ୍ଟ ଦେବାଶିଷ ସିଂହ, ସ୍ଥାନୀୟ ହାଇସ୍କୁଲ ଶିକ୍ଷକ ଅଶୋକ ଚୌଧୁରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ଲିଖିତ 'ସୂର୍ଯ୍ୟୋଦୟ' ପତ୍ରିକା ଉନ୍ମୋଚିତ ହୋଇଥିଲା। ସେହିପରି ବ୍ଲଡ୍ ଗ୍ରୁପ ଚିହ୍ନଟ, ଚକ୍ଷୁ ପରୀକ୍ଷଣ, ବିଜ୍ଞାନ ମେଳା ଓ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଲୋକନାଥ ସାହୁ, ସମ୍ପାଦକ ନନ୍ଦେଶ୍ୱ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବାଶିଷ ସାହୁ ଧନ୍ୟବାଦ ଦେଇଥିଲେ।

## ଭିଜିଲାନ୍ସ ଅଦାଲତରେ ପୂର୍ବତନ ସରପଞ୍ଚ ଦଣ୍ଡିତ

**କଟକ ଅଫିସ,୩୧।୧**

ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିବା ଆଠଗଡ଼ ବ୍ଲକ ଦୋରଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳବାର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ଦଣ୍ଡିତ ହୋଇଛନ୍ତି। ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ପ୍ରକାଶ ପାଇଛି। ଦୋଷୀ ସରପଞ୍ଚ ଏକ ଗ୍ରାମ୍ୟ କଂକ୍ରିଟ ରାସ୍ତା ନିର୍ମାଣର ଚୂଡ଼ାନ୍ତ ବିଲ୍ କରିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ କଟକ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଶେଷଦେବ ନାୟକ ମାମଲାର ତଦନ୍ତ କରିଥିଲେ। ସରକାରୀ ଓକିଲ ସର୍ବେଶ୍ୱର ବାରିକ ଏହି ମାମଲା ପରିଚାଳନା କରୁଥିଲେ।

## ନରହରି ଶାସ୍ତ୍ରୀଙ୍କୁ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

ଡ. ନରହରି ଶାସ୍ତ୍ରୀଙ୍କୁ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ସେ ପ୍ରଫେସର ଡ. ଏସ୍. ବାସୁଙ୍କଠାରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରଫେସର ବାସୁ କହିଛନ୍ତି, ମୁଁ ଗତ ୫ବର୍ଷ ଧରି ଭୁବନେଶ୍ୱରର ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ଥିଲି। ଏହି ଲ୍ୟାବ୍ ସବୁ କ୍ଷେତ୍ରରେ ଅଗ୍ରଗତି କରିଛି। ବର୍ତ୍ତମାନ ପ୍ରତିଷ୍ଠାନର ଦାୟିତ୍ୱ ଜଣେ ଦକ୍ଷ ବୈଜ୍ଞାନିକ ଡ. ନରହରି ଶାସ୍ତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ସେ ସମ୍ମାନଜନକ ଭଟ୍ଟନଗର ପୁରସ୍କାର ପାଇଛନ୍ତି। ସେ ଏହି ଇନଷ୍ଟିଚ୍ୟୁଟ୍‌କୁ ଆହୁରି ଆଗକୁ ନେବେ। ଡ. ଶାସ୍ତ୍ରୀ ବର୍ତ୍ତମାନ ଆସାମର ଜୋରହାଟସ୍ଥିତ ସିଏସ୍ଆଇଆର୍-ନର୍ଥ ଇଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପୁଲିବୋର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ନିୟମିତ ନିର୍ଦ୍ଦେଶକଙ୍କ ଯୋଗଦାନ ପର୍ଯ୍ୟନ୍ତ ଡ. ଶାସ୍ତ୍ରୀ ସିଏସଆଇଆର-ଆଇଏମ୍ଏମ୍‌ଟି ଭୁବନେଶ୍ୱରର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ତେବେ ଦାୟିତ୍ୱ ଗ୍ରହଣ କରି ଡ. ଶାସ୍ତ୍ରୀ କହିଛନ୍ତି, ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର। ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ରାଜ୍ୟର ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହାର ଦାୟିତ୍ୱ ନେଇ ମୁଁ ଖୁବ୍ ଆନନ୍ଦିତ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, କେମିଷ୍ଟ୍ରି, ବାୟୋଲୋଜି, ମାଟେରିଆଲ ସାଇନ୍ସ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଦି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦେଶର ସ୍ୱୀକୃତିପ୍ରାପ୍ତ ବୈଜ୍ଞାନିକଙ୍କ ମଧ୍ୟରେ ଡ. ନରହରି ଶାସ୍ତ୍ରୀ ଅନ୍ୟତମ।



ଡ. ନରହରି ଶାସ୍ତ୍ରୀ (ବାମ) ପ୍ରଫେସର ଡ. ଏସ୍. ବାସୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରୁଛନ୍ତି।

## ବକୁଳ ବନ ଶିଶୁ ଉଦ୍ୟାନ ଉଦ୍‌ଘାଟିତ



**ଭୁବନେଶ୍ୱର,୩୧।୧**

ଭୁବନେଶ୍ୱର ମଳିପଡାସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ 'ବକୁଳ ବନ ଶିଶୁ ଉଦ୍ୟାନ' ଉଦ୍‌ଘାଟିତ ହୋଇଛି। ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ କୁମାର ପାଢ଼ଶାଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସ୍କୁଲ ଅଧ୍ୟକ୍ଷା ନମ୍ରତା ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚେୟାରମ୍ୟାନ୍ ପବିତ୍ର ରାଉତରାୟ କହିଲେ, ଓଡିଶାରେ ଆଧୁନିକ ଶିକ୍ଷା ପ୍ରଣାଳୀର ବ୍ୟାପକ ବିସ୍ତାର ଚାଲିଥିଲା ବେଳେ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ରାଜ୍ୟରେ ପ୍ରଥମଥର ଏକ ଅଭିନବ ଶିକ୍ଷା ପଦ୍ଧତି ଆରମ୍ଭ ହୋଇଛି। ଏଥିରେ ସତ୍ୟବାଦୀର ପ୍ରାଚୀନ ବକୁଳ ବନ ଶିକ୍ଷା ପରି ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ପ୍ରଦାନ କରାଯିବ। ଏପରିକି ସିଲାବସ୍ ଶିକ୍ଷା ସହ ସ୍ୱାସ୍ଥ୍ୟ, ଶାରିରୀକ, ମାନସିକ, ନୈତିକ, ପରିବେଶ ଓ ଆତ୍ମକୌଶଳ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଇ ଆରମ୍ଭରୁ ପିଲାଙ୍କ ଚରିତ୍ର ଗଠନ କରାଯିବ। ଫଳରେ ପିଲାମାନେ ବିଦ୍ୟା ଅର୍ଜନ କରି ସର୍ବଗୁଣ ସମ୍ପନ୍ନ ହୋଇ ବାହାରିବେ ବୋଲି ରାଉତରାୟ ମତବ୍ୟକ୍ତ କରିଛନ୍ତି। ସମାଜିକକର୍ମୀ ରୁଷି ପଟ୍ଟନାୟକ, ଆଶିଷ କୁମାର, ଶିକ୍ଷାବିତ ଜଲିଲ ଖାଁ ପ୍ରମୁଖ ଯୋଗଦେଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଏଭଳି ଅଭିନବ ଶିକ୍ଷା ପ୍ରଦାନ ବ୍ୟବସ୍ଥାକୁ ବେଶ ପ୍ରଶଂସା କରିଥିଲେ। ସ୍କୁଲ ଉପାଧ୍ୟକ୍ଷ କବିନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। କୃତୀ ଛାତୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ହତ୍ୟା ଉଦ୍ୟମ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

- ମାଲିକଙ୍କ ସମେତ ୩ ଅଟକ
- ନିଶା ନିବାରଣ ନାଁରେ ବଢୁଛି ନିର୍ଯାତନା

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡ଼ାସ୍ଥିତ ସାଇକୃପା ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ସାହିରେ ରହୁଥିବା ନୟାଗଡ଼ ଜିଲାର ସର୍ବେଶ୍ୱର ବେହେରା। ଗୁରୁତର ଅବସ୍ଥାରେ ତାଙ୍କୁ ହାଇଟେକ୍ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଚିକିତ୍ସା ଚାଲିଛି। ଏନେଇ ସର୍ବେଶ୍ୱରଙ୍କ ସ୍ତ୍ରୀ ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଆଇପିସି ଦଫା ୩୨୩ ଓ ୩୦୭(ହତ୍ୟା ଉଦ୍ୟମ)ରେ ଏକ ମାମଲା (ନଂ.୩୭/୨୦୨୩) ରୁଜୁ କରି ତଦନ୍ତ କରୁଛି। ଏନେଇ ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ସର୍ବେଶ୍ୱରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ଏଥିରେ ସମ୍ପୃକ୍ତ ନିଶା ନିବାରଣ କେନ୍ଦ୍ରର ମାଲିକଙ୍କ ସମେତ ୩ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ତେବେ ଅଟକ ଥିବା ମାଲିକଙ୍କ ନାଁ ଅନିରୁଦ୍ଧ ବୋଲି ଜଣାପଡ଼ିଛି। ବୁଧବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି।



ସର୍ବେଶ୍ୱର ବେହେରା

ସୂଚନା ଅନୁଯାୟୀ, ସର୍ବେଶ୍ୱର କିଛିଦିନ ହେଲା ନିଶାସେବନ କରୁଥିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ତେଣୁ ତାଙ୍କୁ ଜାନୁୟାରୀ ୨୭ରେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ପ୍ରଥମ ପର୍ଯ୍ୟାୟରେ ଏନେଇ ପରିବାର ଲୋକ ୭ ହଜାର ଟଙ୍କା ଦେଇଥିଲେ। ସର୍ବେଶ୍ୱରଙ୍କୁ ଠିକ୍ ଭାବେ ଉକ୍ତ କେନ୍ଦ୍ରରେ ରଖାଯିବ ଏବଂ ତାଙ୍କର କୌଣସି ଅସୁବିଧା ହେବନି ବୋଲି ମାଲିକ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେଠାରେ ତାଙ୍କୁ ପ୍ରତିଦିନ ନିର୍ଯାତନା ଦିଆଯିବା ସହ ମାଡ଼ ମରାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ସର୍ବେଶ୍ୱର ଅସୁସ୍ଥ ହେବାରୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ହାଇଟେକ୍ ହସ୍ପିଟାଲ ନିଆଯାଇଥିବା ସୋମବାର ଅପରାହ୍ନରେ ପରିବାର ଲୋକଙ୍କୁ କେନ୍ଦ୍ର ପକ୍ଷରୁ ଖବର ଦିଆଯାଇଥିଲା। ତେବେ ସର୍ବେଶ୍ୱରଙ୍କ ମୁଣ୍ଡରେ ବଡ଼ କ୍ଷତି ଚିହ୍ନ ଥିବା ସହ ଶରୀରରେ ବିଭିନ୍ନ ସ୍ଥାନରେ ମାଡ଼ ମରାଯାଇଥିବା ପରିବାର ଲୋକ ଦେଖିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଉକ୍ତ ନିଶା ନିବାରଣ କେନ୍ଦ୍ରର ମାଲିକ ଓ କର୍ମଚାରୀମାନେ ନିଶା ସେବନ କରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ଏଭଳି ଘଟଣା ଦିନକୁ ଦିନ ବଢ଼ିଚାଲିଛି। ହେଲେ ପ୍ରଶାସନ ଓ ପୋଲିସ ପକ୍ଷରୁ କୌଣସି ଯାଞ୍ଚ କରାଯାଉ ନ ଥିବାରୁ ନିଶା ନିବାରଣ ନାଁରେ ନିର୍ଯାତନା ଦିଆଯିବା ସହ ସରକାରୀ ଅର୍ଥ ଲୁଟ୍ ଘଟଣା ବଢ଼ି ଚାଲିଛି।

## ଜାଭିୟର୍ସ୍ ହାଇସ୍କୁଲର ବାର୍ଷିକୋତ୍ସବ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାରସ୍ଥିତ କଳାପ୍ରକାଶିନୀ କ୍ଲବ୍ ପରିସରରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକୋତ୍ସବ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଶକ୍ତି ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ଖବରଦାତା କାହ୍ନା ନାୟକ, ଜ୍ୟୋତିର୍ବିତ୍ ଡ. ମୃତ୍ୟୁଞ୍ଜୟ ଦା. ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାଙ୍କ ବିକାଶ ଦିଗରେ ବିଦ୍ୟାଳୟର ବହୁମୁଖି ପ୍ରୟାସକୁ ପ୍ରଶଂସା କରିଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଜ୍ଞା ପାରମିତା ମହାନ୍ତିଙ୍କ ପରିଚାଳନାରେ ଛାତ୍ରାଛାତ୍ର ସାଂସ୍କୃତିକ ପରିବେଷଣ କରାଯାଇଥିଲା। ସବିତା ପରିଡ଼ା, ରାକେଶ ଜେନା, ମିନତୀ ପାତ୍ର, ମାରିଆ ଦାସ, ୱାହିଦା ରହମନ୍, ମନିଶା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିରୋଧ ଯୋଗୁ ବନ୍ଦ ହେଲା ଗ୍ରାମସଭା

**କଟକ ସଦର,୩୧।୧(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ତାଲିକାର ମଞ୍ଜୁର ପାଇଁ କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ସରପଞ୍ଚ ପୀତାମ୍ବର ଦାସଙ୍କ ଅଧକ୍ଷତାରେ ହୋଇଥିଲା । ସଭା ଆରମ୍ଭ ହେବା ମାତ୍ରେ ଲୋକମାନେ ପାଟିତୁଣ୍ଡ କରିଥିଲେ। କାରଣ ଉକ୍ତ ପଞ୍ଚାୟତର ୩୬ଜଣଙ୍କ ମଧ୍ୟରୁ ୨୪ଜଣଙ୍କୁ ଅଯୋଗ୍ୟ ବୋଲି ଘୋଷଣା କରାଯାଇଛି। ସେଥିପାଇଁ ଉପସ୍ଥିତ ଲୋକମାନେ ପାଟି କରି ପୁଣିଥରେ ତଦନ୍ତ ପାଇଁ ଦାବି କରିଥିଲେ। ଫଳରେ ସଭା ଅଧିକାରୀ ସଭାକୁ ବାତିଲ କରିଦେଇଥିଲେ। ୨୦୨୦ରେ ଆଗରୁ କାର୍ଯ୍ୟାଦେଶ ପାଇ ଘର କରି ନ ଥିବା ହିତାଧିକାରୀମାନେ ନେଇଥିବା କିସ୍ତି ଟଙ୍କା ଫେରସ୍ତ ଦେଇଥିଲେ। ବଦଳରେ ୧ଲକ୍ଷ ୨୦ ହଜାର ଟଙ୍କିଆ ଘର ଦିଆଯିବ ବୋଲି ପ୍ରତିଶ୍ରୁତି ସରକାର ଦେଇଥିଲେ। ଏବେ ତଦନ୍ତ ବେଳେ ସେମାନଙ୍କର ପକ୍କାଘର ଥିବାରୁ ତଦନ୍ତକାରୀ ଟିମ୍ ଅନେକଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଯାହା ବିବାଦର ମୁଖ୍ୟ କାରଣ ହୋଇଛି। ଅନ୍ୟପକ୍ଷେ ଅକ୍ଷାଂଶ ଓ ଦ୍ରାଘିମା ଚିହ୍ନିତ ଫଟୋ ସହ ସତ୍ୟପାଠ ଦେଲେ ଉଚ୍ଚ ଅଧିକାରୀ ଅଯୋଗ୍ୟଙ୍କ କଥା ପୁନର୍ବିଚାର କରିପାରନ୍ତି ବୋଲି ବ୍ଲକର ଜଣେ ତଦନ୍ତକାରୀ ଅଧିକାରୀ କହିଛନ୍ତି। ଏହାଛଡା ଘର ଯାହାର ବୋଲି କୁହାଯାଉଛି, ସେ ମଧ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କଠାରୁ ଜିଓ ଟ୍ୟାଗ ଫଟୋ ସହ ସତ୍ୟପାଠ ଦେବା ଦରକାର ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି। କେନ୍ଦ୍ର ସରକାର ଅଯୋଗ୍ୟ ବ୍ୟକ୍ତି ଘର ନେଲେ ତଦନ୍ତକାରୀ ଅଧିକାରୀଙ୍କଠାରୁ ଟଙ୍କା ଅସୁଲ କରାଯିବାର ନିୟମ ଥିବାରୁ ସମସ୍ତେ ଭୟ କରୁଛନ୍ତି। ଏହାଛଡା ୩୦୦ ବର୍ଗଫୁଟରୁ ଅଧିକ ଘର ଥିଲେ ରାଶନ କାର୍ଡ କଟିଯିବାର ସମ୍ଭାବନା ଥିବାରୁ ପରିବାର କେହି ସତ୍ୟପାଠ ଦାଖଲ କରିବା ପାଇଁ ପ୍ରସ୍ତୁତ ନ ଥିବା ଜଣାପଡ଼ିଛି। ସମ୍ଭାବ୍ୟ ତାଲିକାରେ ନାମ ଥିବା ବ୍ୟକ୍ତିଙ୍କର ବିଦ୍ୟୁତ୍ ମିଟରକୁ ଯାଞ୍ଚ ପରିସରଭୁକ୍ତ କରାଯାଇଛି। କାରଣ ସମ୍ପୃକ୍ତ ବ୍ୟକ୍ତି ଦୀର୍ଘବର୍ଷ ବିଦ୍ୟୁତ୍ ଉପଭୋକ୍ତା ଥିଲେ ମଧ ଲାଇଟ୍ ନ ଥିବା ଗୁହାଳ ଓ ଘସିଘରକୁ ଦେଖାଉଥିବାରୁ ବ୍ଲକ ପ୍ରଶାସନ ଏହି ପଦକ୍ଷେପ ନେଇଛି।

## ବିନା ସୂଚନାରେ ଗ୍ରାମସଭା
# ସରପଞ୍ଚ, ବ୍ଲକ ସଂଯୋଜକଙ୍କୁ ଅଟକ

**ମଙ୍ଗୁଳି-ଜଗତପୁର,୩୧।୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦା ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ସରପଞ୍ଚ ଦିଲୀପ କୁମାର ଭୋଇ ସୋମବାର ଏକ ଗ୍ରାମସଭାର ଆୟୋଜନ କରିଥିଲେ। ଗ୍ରାମସଭାକୁ ସ୍ଥାନୀୟ ପ୍ରତିନିଧି ଏବଂ ଆବାସ ଯୋଜନାରେ ବଞ୍ଚିତ ଥିବା ହିତାଧିକାରୀଙ୍କୁ ନେଇ ଏହି ସଭାର ଆୟୋଜନ ନିୟମ ରହିଛି। କିନ୍ତୁ ବ୍ଲକ ଜୀବିକା ସଂଯୋଜକ ପଙ୍କଜ ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଭାରେ ଅଞ୍ଚଳର ୪ ଅଙ୍ଗନୱାଡ଼ି କର୍ମୀ, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ର ସମେତ ଏସ୍ଏଚ୍‌ଜି ଗ୍ରୁପର ସଭାନେତ୍ରୀ ଥିଲେ। ହେଲେ ବିନା ସୂଚନାରେ ଗ୍ରାମସଭାକୁ ବିରୋଧ କରିବା କାହିଁକି ଏଭଳି କରାଗଲା ବୋଲି ବାଣୀପଦା ନାଏବ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ଗ୍ରାମର ଶହେରୁ ଊର୍ଦ୍ଧ୍ୱ ହିତାଧିକାରୀ ପ୍ରଶ୍ନ କରିଥିଲେ। ହେଲେ ସରପଞ୍ଚ ଏବଂ ସଂଯୋଜକ ସେମାନଙ୍କ ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ନ ରଖି ସଭା ସ୍ଥଗିତ ରଖି ଚାଲିଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ହିତାଧିକାରୀ ତାଙ୍କୁ ନ ଛାଡିବା ସହ ଯେ ପ୍ରଯ୍ୟନ୍ତ ବିଡିଓ ଆସି ସମାଧାନ ନ କରିଛନ୍ତି, ସେ ଯାଏ ଛଡ଼ାଯିବ ନାହିଁ ବୋଲି କହିଥିଲେ। ଏହାଦେଖି ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀ, ଏସଏଚଜି ଗ୍ରୁପ ମହିଳା ସମେତ ଅନ୍ୟମାନେ ସଭା ଛାଡ଼ି ପଳାଇଥିଲେ। ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ସରପଞ୍ଚ ଏବଂ ସଂଯୋଜକ ଅଟକ ରହିବା ପରେ ଟିପିଏମ ଥାନା ଅଧିକାରୀ ମାନସ ମହାରଣା ପହଞ୍ଚି ହିତାଧିକାରୀଙ୍କ ବୁଝାଶୁଝା କରି ବିଫଳ ହୋଇଥିଲେ। ପରେ ହିତାଧିକାରୀଙ୍କ ଉପସ୍ଥିତିରେ ପଞ୍ଚାୟତ କମିଟି ସଭାପତି ଜୟନ୍ତ ସ୍ୱାଇଁ, ଲୋକନାଥ ରାଉତ, ସମିତିସଭ୍ୟ ସୁରେନ୍ଦ୍ର ସାମଲ, କେଦାର ସୁବୁଦ୍ଧିରାୟ, ନାଏବ ସରପଞ୍ଚ ସୁଷମା ସାମଲ, ୱାର୍ଡ ମେମ୍ବର ସଙ୍ଗୀତା ମାହୁନ୍ତଙ୍କ ସହ ଆପୋସ ଆଲୋଚନା କରିଥିଲେ। ସଭାଟି ସ୍ଥଗିତ ରହିବା ସହ ମାସକରେ ଅନ୍ୟ ଏକ ଦିନରେ ସର୍ବସାଧାରଣ ସ୍ଥାନରେ ଗ୍ରାମ ସଭା କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ଏବଂ ବ୍ଲକ ସଂଯୋଜକ ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।


କରୋନା ସମୟରେ ଦୋକାନ ବନ୍ଦ ଥିବା ସତ୍ତ୍ୱେ ଭଡ଼ା ଆଦାୟକୁ ନେଇ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ ପକ୍ଷରୁ ମଙ୍ଗଳବାର ପ୍ରତିବାଦ କରାଯାଉଛି।

## ସଂକ୍ଷେପରେ

### ଭିଜିଲାନ୍ସ ଅଦାଲତରେ ପୂର୍ବତନ ସରପଞ୍ଚ ଦଣ୍ଡିତ

**୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଜରିମାନା**

**କଟକ ଅଫିସ,୩୧।୧:** ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିବା ଆଠଗଡ଼ ବ୍ଲକ ଦୋରଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳବାର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ଦଣ୍ଡିତ ହୋଇଛନ୍ତି। ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନା ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ପ୍ରକାଶ ପାଇଛି। ଦୋଷୀ ସରପଞ୍ଚ ଏକ ଗ୍ରାମ୍ୟ କଂକ୍ରିଟ ରାସ୍ତା ନିର୍ମାଣର ଚୂଡ଼ାନ୍ତ ବିଲ୍ କରିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ କଟକ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଶେଷଦେବ ନାୟକ ମାମଲାର ତଦନ୍ତ କରିଥିଲେ। ସରକାରୀ ଓକିଲ ସର୍ବେଶ୍ୱର ବାରିକ ଏହି ମାମଲା ପରିଚାଳନା କରୁଥିଲେ।

### ରାସ୍ତାକଡ଼ ଦୋକାନରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

**ଶବ୍ଦ,ବାୟୁ ପ୍ରଦୂଷଣ ଯୋଗୁ ମୁଢ଼ି କାରଖାନା ବନ୍ଦ**

**କଟକ ଅଫିସ,୩୧।୧:** କଟକ ମହାନଗର ନିଗମ ଅଧୀନରେ ଥିବା ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ମଙ୍ଗଳବାର ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ୨ ଦୋକାନରେ ଚଢ଼ାଉ କରାଯାଇ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବେଲିଭ୍ୟୁ ଛକ ନିକଟରୁ ସତୀଚୌରା ପର୍ଯ୍ୟନ୍ତ ରାସ୍ତା କଡ଼ରେ ଉପରୋକ୍ତ ୨ଜଣ ବ୍ୟବସାୟୀ ବେଆଇନ ଭାବେ କାଠ ଓ ବାଉଁଶ ବ୍ୟବସାୟ ଚଲାଉଥିବା ସହ ସିଏମ୍‌ସି ପକ୍ଷରୁ ହୋଇଥିବା ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟକୁ ନଷ୍ଟ କରିଦେଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଉପରୋକ୍ତ ସ୍ଥାନରେ ପହଞ୍ଚି ତଦନ୍ତ କରି ଜଣକୁ ୫ ହଜାର ଓ ଅନ୍ୟ ଜଣଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ପୁନଶ୍ଚ ଏଭଳି ବେଆଇନ ବ୍ୟବସାୟ ସେଠାରେ ନ କରିବାକୁ ସେମାନଙ୍କୁ ଚେତାଇ ଦିଆଯାଇଥିଲା। ଏତଦ୍ ବ୍ୟତୀତ ବିଡାନାସୀ ନିକଟରେ ରାସ୍ତା ଉପରେ ବେଆଇନ ଭାବେ ଗୃହ ନିର୍ମାଣ ସାମଗ୍ରୀ ଜମା କରି ରଖିଥିବା ଅଭିଯୋଗରେ ଜଣକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ସେହିପରି ପ୍ରଫେସରପଡାରେ ଲାଇସେନ୍ସ ନ ନେଇ ଦୀର୍ଘ ଦିନ ଧରି ବେଆଇନ ଭାବେ ଚାଲୁଥିବା ଏକ ମୁଢ଼ି ତିଆର କାରଖାନାକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ବନ୍ଦ କରିଦିଆଯାଇଛି। ସୂଚନାଯୋଗ୍ୟ, ଏହି କାରଖାନା ଦ୍ୱାରା ଶବ୍ଦ ଓ ବାୟୁ ପ୍ରଦୂଷଣ ହେଉଥିବା ନେଇ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ଚୌଦ୍ୱାର,୩୧।୧(ଡି.ଏନ୍.ଏ):** ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତରଫରୁ ଦିବଂଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ସ୍ମୃତିରେ ମଙ୍ଗଳବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାନସ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ ଶୋକ ସଭାରେ ବିଜେଡି ନଗର ସଭାପତି ବିଷ୍ଣୁଚରଣ ପରିଡ଼ା, କାଉନସିଲର ଅଜୟ କୁମାର ବେହେରା(ଅଜିନି), ସୁଜାତା ସାହୁ, ପ୍ରଭାସ ଚୌଧୁରୀ, ବୀରେନ ସାହୁ, ଲାଲକୃଷ୍ଣ ସାହୁ, ସ୍ମରଣିକା ସାହୁ, ସନ୍ତୋଷିନୀ ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ଶୁଭାଶିଷ ଦଳାଇ, ରାଜେଶ ଓଝା, ଚିନ୍ମୟ ବେହେରା ପ୍ରମୁଖ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

### ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା

**କଟକ ଅଫିସ,୩୧।୧:** ଯୋବ୍ରା ଦୁର୍ଗା ମନ୍ଦିର ପରିସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ ସଭା ଗତ ୨୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା କମିଟିର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରମୋଦ କୁମାର ଜେନା ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ତପନ ବେହେରା, ଉପସଭାପତି ସମରେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ଦାସ, ପ୍ରଶାନ୍ତ ଜେନା, ସାଧାରଣ ସମ୍ପାଦକ ଶ୍ରୀମନ୍ତଦାସ, ଯୁଗ୍ମ ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ସହସମ୍ପାଦକ ପ୍ରଦୀପ ବେହେରା, ଦେବଦତ୍ତ ବେଉରା, ରାଜେନ୍ଦ୍ର ନାୟକ, ଉମେଶ ବେହେରା, ସୁଦର୍ଶନ ବେହେରା, ସଂଗଠନ ସମ୍ପାଦକ ନିକୁଞ୍ଜ ପଶାୟତ, ସହସଂଗଠନ ସମ୍ପାଦକ କେଦାର ଭୂୟାଁ, କୋଷାଧକ୍ଷ ମଳୟ ବେହେରା, ସହକୋଷାଧକ୍ଷ ଗଗନ ବିହାରୀ ମହାନ୍ତି ପ୍ରମୁଖ ମନୋନୀତ ହୋଇଥିଲେ।

# ଅକ୍ଷୟ ଫାଉଣ୍ଡେଶନର ଖାଦ୍ୟ ପ୍ରଣାଳୀ ଦେଖିଲେ ଅଧିକାରୀ


ଅକ୍ଷୟ ଫାଉଣ୍ଡେଶନର ଖାଦ୍ୟ କେନ୍ଦ୍ରକୁ ଖାଦ୍ୟ ସୁରକ୍ଷା ଅଧିକାରୀ ତଦାରଖ କରୁଛନ୍ତି।

**କଟକ ଅଫିସ,୩୧।୧**

କଟକ ମହାନଗର ନିଗମ ଅନ୍ତର୍ଗତ ଫୁଲନଖରା ବକୁଦରେ ଥିବା ଅକ୍ଷୟ ପାତ୍ର ଫାଉଣ୍ଡେଶନର ଖାଦ୍ୟ ପ୍ରସ୍ତୁତ କେନ୍ଦ୍ରକୁ ମଙ୍ଗଳବାର ସିଏମ୍‌ସି ପକ୍ଷରୁ ଯାଞ୍ଚ କରାଯାଇଛି। ସିଏମ୍‌ସିର ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର ଉକ୍ତ କେନ୍ଦ୍ରରେ ପହଞ୍ଚି ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ, ସ୍ୱଚ୍ଛତା ଓ ଖାଦ୍ୟର ମାନ ନିରୀକ୍ଷଣ କରିଥିଲେ। ଖାଦ୍ୟ ପ୍ରସ୍ତୁତ ପୂର୍ବରୁ କଞ୍ଚାମାଲଗୁଡିକର ରକ୍ଷଣାବେକ୍ଷଣ, ଷ୍ଟୋରେଜ୍ ବ୍ୟବସ୍ଥା ଏବଂ ଖାଦ୍ୟ ପରିବହନ ବ୍ୟବସ୍ଥାର ପରିଚାଳନା ସମ୍ପର୍କରେ ସେ ତଥ୍ୟ ହାସଲ କରିଥିଲେ। ସୁଚାରୁ ଢଙ୍ଗରେ କାର୍ଯ୍ୟ ପରିଚାଳନା ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ସହରର ସମସ୍ତ ଆହାର କେନ୍ଦ୍ର ସମେତ ଟୁଇନ୍ ସିଟିରେ ଚାଲିଥିବା ୭୦୦ରୁ ଊର୍ଦ୍ଧ୍ୱ ସ୍କୁଲକୁ ଅକ୍ଷୟ ପାତ୍ର ଫାଉଣ୍ଡେଶନ ପକ୍ଷରୁ ମଧ୍ୟାହ୍ନ ଭୋଜନ ଦୈନିକ ଯୋଗାଣ କାର୍ଯ୍ୟ ଜାରି ରହିଛି।

# ନ୍ୟୁ ଷ୍ଟିୱାର୍ଟ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

**କଟକ ଅଫିସ,୩୧।୧**

ମିଶନ ରୋଡସ୍ଥିତ ନ୍ୟୁ ଷ୍ଟିୱାର୍ଟ ବିଦ୍ୟାଳୟରେ ୩୧ତମ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅଧକ୍ଷା ଏମ୍ ତୃପ୍ତିରାଣୀଙ୍କ ପୌରୋହିତ୍ୟରେ ମଙ୍ଗଳବାର ହୋଇଯାଇଛି। ଏହି ଅବସରରେ ବିଜ୍ଞାନ ମେଳା, କଳା ଓ ଚିତ୍ରକଳା ପ୍ରଦର୍ଶନୀ ଆଦି ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ପଛୁଆବର୍ଗ ଓ ସଂଖ୍ୟା ଲଘୁଙ୍କ ଶିକ୍ଷାର ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାମଲ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ଏକ ଶିକ୍ଷାର ମନ୍ଦିର। ଏଠାରେ ପରସ୍ପର ମଧ୍ୟରେ ସଦ୍‌ଭାବନା ରଖି କର୍ତ୍ତବ୍ୟ କରିବା ଉଚିତ ବୋଲି କହିଥିଲେ। ସମ୍ମାନନୀୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ସୁରେନ୍ଦ୍ର ନନ୍ଦ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ବିକ୍ରମ ଏନ. ଆଡାମସ, ଷ୍ଟିୱାର୍ଟ ସ୍କୁଲ ଅଧକ୍ଷ ରେଭରେଣ୍ଟ ଫାର୍ଲି କର୍ଲି ନର୍ଥ, ଥମସନ ସିଟି ଟ୍ରେନିଂ ସ୍କୁଲ ଅଧକ୍ଷା ଅସୀମା ଯାଚକ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ଶିକ୍ଷୟିତ୍ରୀ ମିତ୍ର ସାମନ୍ତରାୟ, ରୋଜାଲିନ ନାୟକ, ସୁସ୍ମିତା ପାତ୍ର, ମୌସୁମୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁମିତ୍ରା ପଣ୍ଡା ଧନ୍ୟବାଦ ଦେଇଥିଲେ।


ନ୍ୟୁ ଷ୍ଟିୱାର୍ଟ ବିଦ୍ୟାଳୟର ଉତ୍ସବରେ ବିଭିନ୍ନ ପାରମ୍ପରିକ ବେଶରେ ଭାଗନେଇଥିବା ଛାତ୍ରୀଛାତ୍ର।

# କଟକରେ ହେବ 'ଐତିହ୍ୟ ଗ୍ରାମ'

**କଟକ ଅଫିସ, ୩୧।୧**

ହଜାର ବର୍ଷର ସହର କଟକ। ସହରର ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ କେତେକ ସ୍ଥାନରେ 'ଐତିହ୍ୟ ଗ୍ରାମ' ସ୍ଥାପନ କରାଯିବ। ସେହିପରି ପୁରୁଣା ଜେଲ ପରିସରରେ ହେବାକୁ ଥିବା ପ୍ରକଳ୍ପର ନକ୍ସା ମଞ୍ଜୁର କରାଯାଇଛି। ଏଥିସହ ଜଗତପୁର ଟ୍ରକ ଟର୍ମିନାଲର ଉନ୍ନତୀକରଣ ସହ ସେଠାରେ ସାଧାରଣ ଲୋକଙ୍କ ମନୋରଞ୍ଜନ ପାଇଁ କିଛି ଅଂଶ ବିକାଶ କରାଯିବ ବୋଲି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ମଙ୍ଗଳବାର ସିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୧୩୩ତମ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଧକ୍ଷ ଅନିଲ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସହରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି


ସିଡିଏ ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ସେହିପରି ଖାନନଗର ନିକଟରେ ଚାଲିଥିବା କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି) ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହାକୁ ଚାଲୁ କରାଯିବା ସଂକ୍ରାନ୍ତରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ନହରଣପୁରରେ ନିମ୍ନ ଆୟକାରୀ ବର୍ଗ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ନିର୍ମାଣ ଆବାସର ଆବଣ୍ଟନ ପ୍ରକ୍ରିୟାର ତଥ୍ୟ ପୁସ୍ତିକା ପ୍ରକାଶନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପଓ୍ୱନ କଲ୍ୟାଣ, ସିଡିଏ ସଚିବ, ଫାଇନାନ୍ସ ସଦସ୍ୟ, ପ୍ଲାନିଂ ସଦସ୍ୟ, ଇଞ୍ଜିନିୟରିଂ ସଦସ୍ୟ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଡ୍ରେନ୍ କାମ ଅନୁଧ୍ୟାନ କଲେ ସିଏମ୍‌ସି କମିଶନର

**କଟକ ଅଫିସ,୩୧।୧**

କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପଓ୍ୱନ କଲ୍ୟାଣ ମଙ୍ଗଳବାର କଟକରେ ଚାଲିଥିବା ଜାଇକା କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। କଟକ ସହରବାସୀଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକୁ ଖୁବ୍‌ଶୀଘ୍ର ଶେଷ କରିବା ପାଇଁ ଉଦ୍ୟମ ଜାରି ରହିଥିଲା ବେଳେ କମିଶନର ବଜ୍ରକବାଟି ନିକଟସ୍ଥ ମୁଖ୍ୟ ନାଳ ଉପରେ ଚାଲିଥିବା ବକ୍ସ ଡ୍ରେନ୍ କାର୍ଯ୍ୟକୁ ତଦାରଖ କରିଥିଲେ। ବିଶେଷକରି କାମର ମାନ ନିରୀକ୍ଷଣ କରିବା ସହ ଏହାର ଅଗ୍ରଗତି ସଂକ୍ରାନ୍ତରେ ସେ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଜାଇକା ପ୍ରକଳ୍ପ ଯନ୍ତ୍ରୀ ଓ ଅତିରିକ୍ତ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହି ଅଗ୍ରଗତି ସମ୍ପର୍କରେ କମିଶନରଙ୍କୁ ଜଣାଇଥିଲେ। ଏଥିସହ ତ୍ୱରିତ ବେଗରେ କାର୍ଯ୍ୟ କରିବାକୁ କଲ୍ୟାଣ ନିର୍ଦ୍ଦେଶ ଦେଇଥିଲେ।

# ଚକ୍‌ଖଡ଼ିରେ ନିଖୁଣ କଳାକୃତି

**କଟକ ଅଫିସ,୩୧।୧**

ଯେଉଁ ଚକ୍‌ଖଡ଼ିକୁ ଆମେ ସିଲଟ, କଳାପଟାରେ ଲେଖିବା ପାଇଁ ବ୍ୟବହାର କରୁ, ସେଇ ଚକ୍‌ଖଡ଼ିରେ ତିଆରି ହୋଇଛି ଆଖି ଲାଖିଲା ଭଳି ବିଭିନ୍ନ କଳାକୃତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥଠାରୁ ଆରମ୍ଭକରି ସପ୍ତାଶ୍ଚର୍ଯ୍ୟରେ ସ୍ଥାନ ପାଇଥିବା ତାଜମହଲ, ଚିଚିନ ଇଟ୍‌ସା, କ୍ରିଶଟ ରିଡମର, କୋଲାଜିଅମ, ଚୀନର ଦୀର୍ଘ ପ୍ରାଚୀର ସହିତ ହକି ୱାର୍ଲ୍ଡ କପ ଟ୍ରଫି ଭଳି ଅତି ସୁନ୍ଦର କଳାକୃତି ଗଢ଼ାଯାଇଛି। ଏହି କଳାକୃତି ତିଆରି କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି କଟକର ସୂର୍ଯ୍ୟନାରାୟଣ ନାୟକ। କଟକ ବିଦ୍ୟାଧରପୁର ଅଞ୍ଚଳର ଦୀପକ କୁମାର ନାୟକ ଓ ମରାଳମାଳିନୀ ସ୍ୱାଇଁଙ୍କ ପୁଅ ସୂର୍ଯ୍ୟ ନାରାୟଣଙ୍କର ପିଲାବେଳୁ ଚିତ୍ରକଳା ପ୍ରତି ଦୁର୍ବଳତା ରହିଥିଲା। ସେ ଭିନ୍ନ ଭିନ୍ନ ଆର୍ଟ କରିବା ସହିତ ଚକ୍‌ଖଡ଼ିରେ ବିଭିନ୍ନ କଳାକୃତି କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇପାରିଛନ୍ତି। ଚକଖଡ଼ିକୁ ବ୍ଲେଡ଼ ଓ କଟର ସାହାଯ୍ୟରେ ଅତି ସୂକ୍ଷ୍ମ ଭାବେ ଧୀରେ ଧୀରେ କାଟି ଭିନ୍ନ ରୂପ ଦେଇଥାନ୍ତି ସୂର୍ଯ୍ୟ। ଦରକାର ପଡ଼ିଲେ ଚକ୍‌ଖଡ଼ିକୁ ଯୋଡ଼ି ଯୋଡ଼ି ବଡ଼ କଳାକୃତି ମଧ ପ୍ରସ୍ତୁତ କରିଥାନ୍ତି। ଚକ୍‌ଖଡ଼ିରେ ତିଆରି କରିଥିବା ହକି ୱାର୍ଲ୍ଡ କପ୍ ଟ୍ରଫି ପାଇଁ ସେ ବେଶ୍ ପ୍ରଶଂସିତ ହୋଇଛନ୍ତି। ସେ ପେନ୍‌ସିଲ୍‌କୁ କାଟି ୪ଇଞ୍ଚର ଜାତୀୟ ପତାକା ମଧ ତିଆରି କରିଛନ୍ତି। ସୂର୍ଯ୍ୟ ନିଜର ଏଭଳି କଳାକୃତି ପାଇଁ ବିଭିନ୍ନ ମଞ୍ଚରେ ପୁରସ୍କୃତ ହେବା ସହ ଗ୍ରେଟ୍ ଇଣ୍ଡିଆନ୍ କ୍ଲବ ଅଫ୍ ରେକର୍ଡ ଏବଂ ଭାରତ ସରକାରଙ୍କ ମ୍ୟାଜିକ ବୁକ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ଏହା ଏକ କଷ୍ଟସାଧ କଳା ହୋଇଥିଲେ ସୁଦ୍ଧା ସୂର୍ଯ୍ୟ ନିଜର ନିଷ୍ଠା ଓ ପରିଶ୍ରମ ଫଳରେ ଏହାକୁ ସଫଳ କରିପାରିଛନ୍ତି। ଏହି ଭଳି ବିଭିନ୍ନ ପ୍ରକାରର ଅତି ସୁନ୍ଦର କଳାକୃତି କରି ସମସ୍ତଙ୍କ ପ୍ରଶଂସା ସାଉଁଟିଛନ୍ତି।

ଏ ନେଇ ସୂର୍ଯ୍ୟଙ୍କ ମା', ବାପା କହିଛନ୍ତି, ପାଠପଢ଼ା ସହ ଚିତ୍ରକଳା ପ୍ରତି ପୁଅର ଆଗ୍ରହ ବହୁତ ରହିଛି। ଏଭଳି ଆଗ୍ରହ ଦେଖି ତାଙ୍କ ଚିତ୍ରକଳା ପାଇଁ ଆବଶ୍ୟକ କରୁଥିବା ସାମଗ୍ରୀ ଆମେ ଯୋଗାଇ ଦେଇଥାଉ। ଚିତ୍ରକଳାରେ ବିଭିନ୍ନ ସ୍ଥାନରୁ ପୁରସ୍କୃତ ହେଉଛନ୍ତି ସୂର୍ଯ୍ୟ। ଘରକୁ ଆସୁଥିବା ଅତିଥିମାନେ ତାଙ୍କ ଚିତ୍ରକଳା ଦେଖି ଭାରି ଖୁସି ହୋଇଥାନ୍ତି। ମା' ବାପା ଭାବେ ଆମେ ତାଙ୍କୁ ସବୁବେଳେ ଉତ୍ସାହିତ କରିଆସୁଛୁ। ପୁଅ ପାଇଁ ଆମକୁ ଗର୍ବ ଅନୁଭବ ହୁଏ। ସେହିପରି ସୂର୍ଯ୍ୟ କହିଛନ୍ତି, ଅତି ସୂକ୍ଷ୍ମ ଆର୍ଟ କରିବା ପାଇଁ ଭଲ ଲାଗିଥାଏ। ସବୁବେଳେ କିଛି ନିଆରା କରିବା ପାଇଁ ଚେଷ୍ଟା କରିଥାଏ। ଆଗାମୀ ଦିନରେ ନୂଆ ଆର୍ଟ କରିବି। କଟକ ଏବଂ ଓଡ଼ିଶାର ନାଁ ରଖିବା ପାଇଁ ଲକ୍ଷ୍ୟ ରଖିଥିବା ସୂର୍ଯ୍ୟ ପ୍ରକାଶ କରିଛନ୍ତି।



**ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ସୂର୍ଯ୍ୟ**





# ମହିଳାଙ୍କ ମୃତଦେହ ଜବତ

**ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲା ବାପଘର**

**କଟକ ସଦର, ୩୧।୧(ଡି.ଏନ୍.ଏ.)**

୪୨ ମୌଜା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ସୁନୀତା ନାୟକଙ୍କ ମଙ୍ଗଳବାର କଟକ ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ପରେ ମଙ୍ଗଳାବାଗ ପୋଲିସ ମୃତଦେହକୁ ଜବତ କରିଥିଲା। କିନ୍ତୁ ଝିଅକୁ ଶାଶୁଘର ଯୌତୁକ ନିର୍ଯାତନା ଦେଇଆସୁଥିଲେ ବୋଲି ୪୨ ମୌଜା ଥାନାରେ ମୃତ ମହିଳାଙ୍କ ମାଆ ଅଞ୍ଜନା ନାୟକ ଅଭିଯୋଗ କରିଛନ୍ତି। ଫଳରେ ସୁନୀତା ଆତ୍ମହତ୍ୟା କରିଛି ବୋଲି ଏତଲାରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା(ନଂ.୩୭/୨୩) ରୁଜୁ କରିଛି। ସୂଚନା ଅନୁଯାୟୀ, ସୁନୀତା ୫ବର୍ଷ ତଳେ ଦେଉଳି ଗ୍ରାମରେ ପ୍ରଶାନ୍ତ ନାୟକଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। କିନ୍ତୁ କିଛି ମାସ ପରେ ଶାଶୁଘର ପକ୍ଷରୁ ଅଧିକ ଯୌତୁକ ଆଣିବା ପାଇଁ ସୁନୀତାକୁ କହିଥିଲେ। ହେଲେ ସେ ନ ଆଣିବାରୁ ନିର୍ଯାତନା ଦେଉଥିବା ବାପଘରୁ ଜଣାଇଥିଲେ। ତେବେ ମଙ୍ଗଳବାର ସୁନୀତା ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ ସୁନୀତାଙ୍କ ବାପଘରୁ କହିଥିଲେ।

## ସାହସପୁର ଗତିଶ୍ୱରଙ୍କ ପୀଠରେ କଳସ ଯାତ୍ରା

କଣାସ (ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ କାଦୁଆ ଗ୍ରାମ ପଞ୍ଚାୟତର ସାହସପୁର ଗ୍ରାମର ଆରାଧ ଠାକୁର ବାବା ଗତିଶ୍ୱର ଦେବଙ୍କ ପୀଠରେ ମଙ୍ଗଳବାରଠାରୁ ୩ଦିନ ବ୍ୟାପୀ ୪୬ ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞସ୍ଥଳରୁ ବିରାଟ ପଟୁଆରରେ କଳସ ଯାତ୍ରା କରାଯାଇଥିଲା। ଗ୍ରାମର ମହିଳା ଓ ପୁରୁଷମାନେ ମକରା ନଦୀଠାରୁ କଳସରେ ଜଳ ଆଣି ଯଜ୍ଞ ସ୍ଥଳ ପର୍ଯ୍ୟନ୍ତ ଆସିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରୁଛନ୍ତି।



## ସଂକ୍ଷେପରେ

### ସ୍ତ୍ରୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଜେଲ

ନିମାପଡ଼ା,୩୧।୧(ଡି.ଏନ୍.ଏ.): ସ୍ତ୍ରୀର ଗଳା କାଟି ହତ୍ୟା କରିବା ଘଟଣାରେ ସ୍ୱାମୀକୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ମୁସଲିମ୍ ବସ୍ତିର ଇରଫାନ୍ ଖାଁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ମୃତା ତାରୁହୁନ୍‌ଙ୍କ ସ୍ୱାମୀଙ୍କ ସମେତ ଶ୍ୱଶୁର, ଶାଶୁ, ଦିଅର, ଦେଢ଼ଶୁର, ଖୁଡୁତାଶୁରଙ୍କ ସମେତ ୭ ଜଣଙ୍କ ବିରୋଧରେ ଏକ ମାମଲା (ନଂ.୨୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟମାନେ ଫେରାର ହୋଇଯାଇଥିବାବେଳେ ସେମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି। ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ମୃତାଙ୍କ ଭାଇ ଶେଖ୍ ଅଫତାବ୍ ଓ ତାଙ୍କ ପରିବାରବର୍ଗ ପୋଲିସ ଅଧିକାରୀଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ହତ୍ୟାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

### ସାହିତ୍ୟ ଏକାଡେମୀ ପୁରସ୍କାର ବିଜ୍ଞପ୍ତି ସଂଶୋଧନ ପରେ ଅନଶନ ପ୍ରତ୍ୟାହୃତ

ପୁରୀ ଅଫିସ, ୩୧।୧:ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ବିଚାର ପାଇଁ ଆଇଏସ୍‌ବିଏନ୍ ନମ୍ବର ବାଧ୍ୟତା ମୂଳକ ନିଷ୍ପତ୍ତି ବିରୋଧରେ ଓଡ଼ିଶା ଯୁବ ଚେତନା ସଙ୍ଗଠନ ଓ ଜାତୀୟ ଗୀତିକାର ସଂଘ ପୂର୍ବାଞ୍ଚଳ ଶାଖା ପକ୍ଷରୁ ଗୀତିକାର ବଦ୍ରି ମିଶ୍ର ସୋମବାରଠାରୁ ଅନଶନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ସେ ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟ ଶାସନ ସଚିବ ଏବଂ ୫-ଟି ସଚିବଙ୍କ ନିକଟକୁ ଦାବିପତ୍ର ପଠାଇଥିଲେ। ସୋମବାର ଏକାଡେମୀ ଶୁଦ୍ଧିପତ୍ର ମାଧମରେ ଏହି ନିୟମକୁ ପ୍ରତ୍ୟାହାର କରିଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ମିଶ୍ର ଅନଶନ ନିଷ୍ପତ୍ତିରୁ ଓହରି ଯାଇଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାର, ଏକାଡେମୀ କର୍ତ୍ତୃପକ୍ଷ ଓ ସମସ୍ତ ଗଣମାଧମଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏକାଡେମୀର ସଭ୍ୟାସଭ୍ୟ ଥିବା ସାହିତ୍ୟିକଙ୍କ ସାହିତ୍ୟ କୃତିକୁ ସେମାନେ ସଦସ୍ୟ ନ ଥିବା ବର୍ଷଗୁଡ଼ିକରେ ପୁରସ୍କାର ପାଇଁ କର୍ତ୍ତୃପକ୍ଷ ବିଚାର କରିବା ଆବଶ୍ୟକ ବୋଲି ମିଶ୍ର କହିଛନ୍ତି।

### ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

ଅସ୍ତରଙ୍ଗ,୩୧।୧(ଡି.ଏନ୍.ଏ.)- ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କାକଟପୁରର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ମ ଶ୍ରେଣୀ ପିଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମାଞ୍ଚଳର ଶୈଶବଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇବା ଓ ବିଦ୍ୟାର୍ଥୀଙ୍କୁ ଅଧିକ ପ୍ରତିଯୋଗିତାମୂଳକ କରି ଭବିଷ୍ୟତରେ ଭଲ ମଣିଷ ହୋଇ ଦେଶ ଓ ଜାତିର ନାଁ ରଖିବା ଏହି ଉତ୍ସବର ଲକ୍ଷ୍ୟ ବୋଲି ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ଦୁର୍ଗାଚରଣ ପରିଡ଼ା ଉତ୍ସବରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ କ୍ଷୀରୋଦଚନ୍ଦ୍ର ବାରିକ, ସହକାରୀ ଶିକ୍ଷକ ସନ୍ତୋଷ ପଣ୍ଡା, ନିରଞ୍ଜନ ବିଶ୍ୱାଳ, ଲତିଫୁର ରହେମାନ, ରାଜଶ୍ରୀ ପରିଡ଼ା, ଅଞ୍ଜୁମ ନିଶାନ ସରିତା ସାମଲ, ତୃପ୍ତି ବିଶ୍ୱାଳଙ୍କ ସମେତ ଶିକ୍ଷାନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ।

# ନିର୍ମାଣ ପରେ ବି କାର୍ଯ୍ୟକ୍ଷମ ହେଉନି ଥାନା

ନିମାପଡ଼ା,୩୧।୧(ଡି.ଏନ୍.ଏ.)




ରାଜ୍ୟ ସରକାରଙ୍କ ଗୃହ ବିଭାଗର ପ୍ରାୟ ୧ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ନିମାପଡ଼ାଠାରେ ବହୁ ପ୍ରତୀକ୍ଷିତ ନବ ନିର୍ମିତ ନିମାପଡ଼ା ଥାନାର ନୂତନ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ମାସେ ହେବ ସରିଛି। ପୋଲିସ ହାଉସିଂବୋର୍ଡ ଏହି ନବ ନିର୍ମିତ ଥାନା ନିର୍ମାଣ ସମାପନ କରି ନିମାପଡ଼ା ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି। ହେଲେ ଥାନାକୁ ଏହି ନୂତନ ଥାନା ବିଲ୍ଡିଂ ପ୍ରାୟ ୪ ମାସ ହେବ ହସ୍ତାନ୍ତର ହୋଇଥିଲେ ମଧ୍ୟ ଅଦ୍ୟାବିଧି ସ୍ଥିତି ଦୃଷ୍ଟିରୁ ନିମାପଡ଼ା ଥାନାଟି ପୁରୀ ଜିଲାର ଏକ ସୁଦୀର୍ଘ ଥାନା ଭାବେ ବେଶ୍ ଜଣାଶୁଣା। ନବନିର୍ମିତ ଥାନାର ନିର୍ମାଣ କାର୍ଯ୍ୟ ସରିଥିବାବେଳେ ପୁରୁଣା ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ। ଏ ସମ୍ପର୍କରେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ନିମାପଡ଼ାର ନବ ନିର୍ମିତ ଥାନା ଉଦ୍‌ଘାଟିତ ହୋଇ ଲୋକାର୍ପିତ ହେବ ବୋଲି ଏସ୍‌ଡିପିଓ ମିଶ୍ର କହିଛନ୍ତି। ଏନେଇ ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ନବ ନିର୍ମିତ ନିମାପଡ଼ା ଥାନାର ନୂଆ ବିଲ୍ଡିଂ ଉଦ୍‌ଘାଟିତ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଯଥାଶୀଘ୍ର ନବ ନିର୍ମିତ ଥାନାକୁ ଲୋକାର୍ପିତ କରାଯାଇ କାର୍ଯ୍ୟକ୍ଷମ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ପୋଲିସ ଡିଜି, ଡିଆଇଜି, ପୁରୀ ଏସ୍‌ପି, ଗୃହମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।



ପୁରୀ ଚନ୍ଦନପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବରେ ଅତିଥିମାନେ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଦିବ୍ୟାଙ୍ଗ ଛାତ୍ରୀଙ୍କୁ ପ୍ରେମ ନିବେଦନ ସହ ମାଡ଼: ୨ ଗିରଫ

କୃଷ୍ଣପ୍ରସାଦ,୩୧।୧(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ପ୍ରେମ ନିବେଦନ କରିବା ସହ ଦୁଇ ଜଣ ଯୁବକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୯/୨୩)ରୁଜୁକରି ସମ୍ପୃକ୍ତ ଯୁବକଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ, ଏହି ଥାନା ଅଞ୍ଚଳରେ ଥିବା ଏକ କଲେଜରେ ନାବାଳିକା ଜଣକ +୨ରେ ପଢ଼ନ୍ତି। ଗତ ୨୬ତାରିଖରେ ସରସ୍ୱତୀ ପୂଜା ଥିବା ବେଳେ ଯୁବକଦ୍ୱୟ ତାଙ୍କୁ ଏକ ମନ୍ଦିରକୁ ଭୋଗ ଖାଇବା ପାଇଁ ଡାକି ନେଇଥିଲେ। ଏହା ପରେ ଯୁବକଦ୍ୱୟ ରାସ୍ତାରେ ଥିବା ଏକ ଜଙ୍ଗଲକୁ ନାବାଳିକାଙ୍କୁ ଜବରଦସ୍ତ ନେଇଯାଇ ପ୍ରେମ ନିବେଦନ କରିଥିଲେ। ଏଥିରେ ସେ ଅରାଜି ହେବାରୁ ଯୁବକଦ୍ୱୟ ସିଗାରେଟ ଟାଣିବାକୁ ଦେବା ସହ ମାଡ଼ ମାରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଯୁବକଦ୍ୱୟ ସେଠାରୁ ପଳାଇଥିଲେ। ଏହାପରେ ସେ ଘରକୁ ଆସି ଘଟଣା ସମ୍ପର୍କରେ କହିଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।

## ପଲ୍ଲିଶ୍ରୀ ମେଳା: ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର

ପୁରୀ ଅଫିସ, ୩୧।୧

ଶରଧାବାଲିରେ ଓରମାସ୍ ପକ୍ଷରୁ ଆୟୋଜିତ ୫ଦିନିଆ ମିନି ପଲ୍ଲିଶ୍ରୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ ଏବଂ ମହିଳା କୃଷକ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ୪୧ଟି ଷ୍ଟଲ୍‌ରେ ନିଜର ଉତ୍ପାଦକ ବସ୍ତୁ ପ୍ରଦର୍ଶିତ ଓ ବିକ୍ରୟ କରିଥିଲେ। ଏଥିସହ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୫ଟି ଫୁଡ୍ ଷ୍ଟଲ୍ ଖୋଲାଯାଇଥିଲା। ଏଥିରେ ରାଜସ୍ଥାନ ଫୁଡ୍, ଓଡ଼ିଆଣୀ ପୋଡ଼, ମିଲେଟ (ମାଣ୍ଡିଆ) ଜୁସ୍, ପିଠା ଇତ୍ୟାଦିର ଚାହିଦା ଅଧିକ ଥିଲା। ସେହିପରି ଗ୍ରାହକଙ୍କ ସହିତ ଉତ୍ପାଦକ ଗୋଷ୍ଠୀ ତଥା କଳାକାରଙ୍କୁ ନିକଟତର କରିବା ପାଇଁ ଏକ ଥିମ୍ ଷ୍ଟଲ୍‌ର ଆୟୋଜନ କରାଯାଇଥିଲା, ଯେଉଁଠାରେ ଦର୍ଶକ ଓ ଗ୍ରାହକମାନେ ସିଧାସଳଖ ଗୋଷ୍ଠୀଗୁଡ଼ିକ କିପରି ଉତ୍ପାଦନ କରୁଛନ୍ତି ତାହା ଦେଖିବାକୁ ପାଇଥିଲେ। ସେହିପରି ଏହି ମେଳାରେ ଖୋଲାଯାଇଥିବା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଷ୍ଟଲ୍ ମାଧ୍ୟମରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୩୫୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକଙ୍କୁ ବିଭିନ୍ନ କ୍ଷେତ୍ରରେ ତାଲିମ ଦେଇ ସ୍ୱାବଲମ୍ବନଶୀଳ କରାଇବା ପାଇଁ ଚୟନ କରାଯାଇଥିଲା। ୫ ଦିନ ଧରି ଚାଲିଥିବା ଏହି ମେଳାରେ ପ୍ରାୟ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୋଇଥିବା ନେଇ ଓରମାସ୍ ପୁରୀର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ଦାସ କହିଛନ୍ତି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାକୁ ଜିଲା ଦକ୍ଷତା ସଂଯୋଜକ ପ୍ରିୟଦର୍ଶନ ଜେନା, ଓରମାସ୍ ବ୍ୟବସାୟିକ ପରିଚାଳକ ସୂର୍ଯ୍ୟକାନ୍ତ ମହାରଣା, କାର୍ଯ୍ୟ ନିର୍ବାହୀ ସହାୟକ ଉପେନ୍ଦ୍ର ବେହେରା ଏବଂ ପ୍ରଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ମେଳା ପରିସରରେ ୫ଦିନ ଧରି ଦର୍ଶକଙ୍କ ପାଇଁ ଏଲ୍‌ଇଡି ମାଧ୍ୟମରେ ହକି ୱାର୍ଲ୍ଡ କପ୍‌ର ସିଧା ପ୍ରସାରଣ କରାଯାଇଥିଲା।

## ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଡେଲାଙ୍ଗ,୩୧।୧(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ବରିଷ୍ଠ ଶିକ୍ଷକ ଶ୍ରୀଧର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ଖବରଦାତା ପ୍ରସନ୍ନ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ଜୀବନ ଉଜ୍ଜ୍ୱଳମୟ ହୋଇଥାଏ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଅଜୟ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତହସିଲଦାର ନିବେଦିତା ପରିଡା, ବିଇଓ ରବୀନ୍ଦ୍ରନାଥ ନନ୍ଦ, ପୂର୍ବତନ ବୈଜ୍ଞାନିକ ଅମରେନ୍ଦ୍ର ମହାନ୍ତି, ପୂର୍ବତନ ବିଇଓ ସଚ୍ଚିଦାନନ୍ଦ ପ୍ରଧାନ, ଏବିଇଓ ଯୁଧିଷ୍ଠିର ପରିଡା, ଶିବପ୍ରସାଦ ଶାହାଣୀ, ପ୍ରଧାନ ଶିକ୍ଷକ ଦିଗମ୍ବର ରଥ, ପ୍ରଧାନ ଶିକ୍ଷକ ଛାଟୋଇ ମୋତିଲାଲ ରାୟ, ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ହୋତା, ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସୁଧୀର ଜେନା ମଞ୍ଚ ପରିଚାଳନା ଓ ହୃଷୀକେଶ ବଳିୟାରସିଂହ ସଭା ସଂଯୋଜନା କରିଥିଲେ।

## ଦୟାନଦୀ ବନ୍ଧ ପରିଦର୍ଶନ କଲେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ



କଣାସ,୩୧।୧(ସ୍ୱ.ପ୍ର.)

କଣାସ ବ୍ଲକ ଜଙ୍କିଆ ଗଡ଼ିଶାଗୋଦା ଦୟାନଦୀ ବନ୍ଧ ବାମ ପାର୍ଶ୍ୱ ବସନ୍ତପୁର ନିକଟରେ ରବିବାର ରାତିରେ ଫାଟ ସୃଷ୍ଟି ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇଯାଇଥିଲେ। ଉକ୍ତ ରାସ୍ତାଟି ଜଳସେଚନ ବିଭାଗର ହୋଇଥିବାରୁ ସୋମବାର ଜଳସେଚନ କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଏସ୍‌ଇ ଫାଟିଥିବା ସ୍ଥଳକୁ ପରିଦର୍ଶନ କରିଥିଲେ। ମଙ୍ଗଳବାର ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିପ୍ଳବରାଜ ପୁରୋହିତ ଘଟଣାସ୍ଥଳରେ ପହଞ୍ଚି ଫାଟ ସ୍ଥାନ ବୁଲି ଦେଖିବା ସହିତ ଅନ୍ୟ ଅଧିକାରୀମାନଙ୍କ ସହିତ ଆଲୋଚନ କରିଥିବା ଜଣାପଡ଼ିଛି।

## ସଦ୍‌ଭାବନା ଯାତ୍ରାକୁ ସମ୍ବର୍ଦ୍ଧନା, ବାଇକ୍ ଶୋଭାଯାତ୍ରା

ନିମାପଡ଼ା,୩୧।୧(ଡି.ଏନ୍.ଏ.)

ବିଶିଷ୍ଟ ଗାନ୍ଧିବାଦୀ, ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ଡ. ଏସ୍.ଏନ୍. ସୁବାରାଓଙ୍କ ପବିତ୍ର ଅସ୍ଥିକଳସ ବିସର୍ଜନ ପରିପ୍ରେକ୍ଷୀରେ ଓଡ଼ିଶା ଜାତୀୟ ଯୁବ ପ୍ରକଳ୍ପ ଦ୍ୱାରା ଆୟୋଜିତ ସଦ୍‌ଭାବନା ଯାତ୍ରାକୁ ନିମାପଡ଼ାଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମେତ ବିଭିନ୍ନ ସଂଗଠନ, ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଯୁବପ୍ରକଳ୍ପର ଜାତୀୟ ଟ୍ରଷ୍ଟି ମଧୁସୂଦନ ଦାସ, ମହାରାଷ୍ଟ୍ର ଯୁବପ୍ରକଳ୍ପର ମୁଖ୍ୟ ନରେନ୍ଦ୍ର ଭାଇ, ଓଡ଼ିଶା ଯୁବପ୍ରକଳ୍ପର ଉପମୁଖ୍ୟ ଶ୍ରୀସୋମ ପ୍ରମୁଖ ଏହି ଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ନିମାପଡ଼ାଠାରେ ଶହୀଦ ସ୍ମୃତି ସଂସଦ ସମ୍ପାଦକ ବେଣୁଧର ସେନାପତି, ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ଅଧ୍ୟକ୍ଷ ରମାକାନ୍ତ ଦାଶଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଦୋଳବେଦୀ ଛକଠାରେ ଏହି ସଦ୍‌ଭାବନା ଯାତ୍ରା ଓ ଦଳକୁ ସ୍ୱାଗତ କରିଥିଲେ। ନିମାପଡ଼ା ସ୍ୱୟଂଶାସିତ ବିଦ୍ୟାଳୟଠାରେ ଏକ ସଦ୍‌ଭାବନା ସଭା ଅନୁଷ୍ଠିତ ହୋଇଥିଲା। ସମାରୋହରେ ସଦ୍‌ଭାବନା ଯାତ୍ରୀମାନେ ଶାନ୍ତି, ମୈତ୍ରୀ, ଏକତାର ବାଣୀ ପ୍ରଚାର କରି ବାର୍ତ୍ତା ବାଣ୍ଟିଥିଲେ। ନିମାପଡ଼ା କଲେଜର ଏନ୍‌ସିସି କ୍ୟାଡେଟ୍‌ଙ୍କ ସହାୟତାରେ ଏକ ସଦ୍‌ଭାବନା ଯାତ୍ରାର ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମହାବିଦ୍ୟାଳୟଠାରୁ ଶୋଭାଯାତ୍ରା ବାହାରି ଚଉଁରପଦାସ୍ଥିତ ପତିତପାବନ ସେବାସଂଘଠାରେ ପହଞ୍ଚିବା ପରେ ସେବାସଂଘର ଶତାଧିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକ ସଦ୍‌ଭାବନା ଯାତ୍ରୀ ଦଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।



କଲେଜ ପରିସରରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା ।

## ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପିପିଲି,୩୧।୧(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ବ୍ଲକ ଅର୍ନ୍ତଗତ ମଙ୍ଗଳପୁରରେ ଥିବା ଆଦର୍ଶ ଶିଶୁ ଶିକ୍ଷା ମନ୍ଦିରର ନବମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆନନ୍ଦଧାମ ଆଶ୍ରମ ପୁରୀରୁ ସ୍ୱାମୀ ଶୁଭାନନ୍ଦ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ମୁକ୍ତି ମଣ୍ଡପ ସଦସ୍ୟ ବିଚିତ୍ରାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ବଳ, ଦୁର୍ଗାଦାସପୁର ସରପଞ୍ଚ ବିଭୂତିଭୂଷଣ ନାଥ, ସମିତିସଭ୍ୟା ସସ୍ମିତା ଦଳେଇ, ମଙ୍ଗଳପୁର ସରପଞ୍ଚ ସଂଯୁକ୍ତା ବେହେରା, ସମିତିସଭ୍ୟା ଗଦାଧର ପରିଡା, ଜଗତ ବଲ୍ଲଭ ଖଟେଇ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱ ନିର୍ବାହ କରିବା ଦରକାର ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସାରଦା ପ୍ରସାଦ ସାହୁ ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ୨୦୨୨-୨୩ ବର୍ଷ ପାଇଁ ସର୍ବୋତ୍ତମ ଛାତ୍ରୀ ସମ୍ମାନରେ ୪ର୍ଥ ଶ୍ରେଣୀର ସମୀକ୍ଷା ବେହେରାଙ୍କୁ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ ବିଭାଗରେ କୃତୀ ଅର୍ଜନ କରିଥବା ୭ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ମୀନକେତନ ମହାପାତ୍ରଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବୈଭବ, ପ୍ରୀତିଶା ଚେସ୍ ଚାମ୍ପିୟନ

ପୁରୀ ଅଫିସ, ୩୧।୧

ପୁରୀ ଜିଲା ଚେସ୍ ସଂଘ ପକ୍ଷରୁ ବାଲିଗୁଆଳିସ୍ଥିତ ମେମୋରିଆଲ ହଲ୍ ପରିସରରେ ଷୋଡଶ ସୁଦର୍ଶନ ସ୍ମାରକୀ ଚେସ୍‌ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିର ସିନିୟର୍ ବିଭାଗରେ ବୈଭବ ମିଶ୍ର ଓ ଜୁନିୟର ବିଭାଗରେ ପ୍ରୀତିଶା ମିତ୍ର ଚାମ୍ପିୟନ ହୋଇଛନ୍ତି। ସଭାପତି ଡ. ବିମଳ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରତିଯୋଗିତା ହୋଇଥିଲା। ଉଦଯାପନ କାର୍ଯ୍ୟକ୍ରମରେ ଅତିଥି ଭାବେ ଚେସ୍ ତାରକା ମନୋଜ କୁମାର ପାଣିଗ୍ରାହୀ ଓ ସେବା ତାରକା ସୌମେନ୍ଦ୍ର ଦାସ ଯୋଗଦେଇଥିଲେ। ଜାତୀୟ ସ୍ତରୀୟ ଟେନିସ ତାରକା ଜିଜ୍ଞାସୁ ସାଇକିରଣଙ୍କ ସମେତ ଚେସ ଖେଳାଳି ଜଗଦୀଶ ବାରିକ୍, ଲୋଚନ ଦାସ, କ୍ଷୀତିନ୍ଦ୍ର ଦଳାଇ, ଆୟୁଷ୍ମାନ ମହାନ୍ତି, ଗୁରୁପ୍ରସାଦ ଭଞ୍ଜ, ବୀରକିଶୋର ବେହେରା, ଅମିତ୍ ଗୋଛିକାର, ସଂଯୋଗ ରଥ, ପ୍ରସନ୍ନଜିତ୍ ଦେ, ରୁଦ୍ର ନାରାୟଣ ପୁରାଣପଣ୍ଡା, ଶାଶ୍ୱତ ପାଣିଗ୍ରାହୀ, ଅନୟା ପୃଷ୍ଟି, ରୁଦ୍ରାଂଶୁ ଦାସ, ଶୁଭଦୀପ ପ୍ରିୟଦର୍ଶିନୀ, ରଣବୀର ସିଂ, ସାଇପ୍ରତ୍ୟୁଷ, ସାର୍ଥକ ବଳବନ୍ତରାୟ, ଆଦିତ୍ୟ ମିଶ୍ର, ଶାନ୍ତନୁ ବରାଳ, ଶ୍ରଦ୍ଧା ସ୍ୱରୂପ ନନ୍ଦ, ପ୍ରଦୀପ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ ଏବଂ ମନିଷା ରାୟଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କମଳପ୍ରସାଦ ମହାନ୍ତି, ଡ. ଅଭିଜିତ ମହାନ୍ତି, ଜ୍ୟୋତିଶଙ୍କର ନନ୍ଦ ଏବଂ ବିବେକାନନ୍ଦ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଶାସନ ଗ୍ରାମର ବ୍ରାହ୍ମଣଙ୍କ ଅଧିକାର ବିରୋଧରେ ଷଡ଼ଯନ୍ତ୍ର

### ସିଂହଦ୍ୱାର ଥାନାରେ ଏତଲା

ପୁରୀ ଅଫିସ,୩୧।୧

ଶ୍ରୀମନ୍ଦିର ପ୍ରଶାସନର ପଦାଧିକାରୀ ଏବଂ ଦାୟିତ୍ୱରେ ଥିବା କର୍ମଚାରୀ ମନ୍ଦ ଉଦ୍ଦେଶ୍ୟ ରଖି ୨୪ଟି ଶାସନ ଗ୍ରାମର ବ୍ରାହ୍ମଣଙ୍କ ଅଧିକାର ବିରୋଧରେ ଷଡ଼ଯନ୍ତ୍ରମୂଳକ କାର୍ଯ୍ୟ କରୁଥିବା ଅଭିଯୋଗ ଆଣି ହରିଶଙ୍କର ମିଶ୍ର ମଙ୍ଗଳବାର ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ତତ୍କାଳୀନ ମୁଖ୍ୟ ପ୍ରଶାସକଙ୍କ ସ୍ୱାକ୍ଷରରେ ଏକ ବିଜ୍ଞାପନ (ନଂ. ୩୨୭) ୨୦୧୫ ଡିସେମ୍ବର ୧୦ରେ ପ୍ରକାଶ ପାଇଥିଲା। ୫ଟି ଶାସନ ଗ୍ରାମ ଯଥା କପିଳେଶ୍ୱରପୁର, ଅଭୟମୁଖୀ ରାମଚନ୍ଦ୍ରପୁର, ସୋମେଶ୍ୱରପୁର, ବିଜୟ ରାମଚନ୍ଦ୍ରପୁର ଓ ପ୍ରତାପ ରାମଚନ୍ଦ୍ରପୁରକୁ ମୁକ୍ତିମଣ୍ଡପ ସତ୍ତ୍ୱାଧିକାର ଦେବାପାଇଁ ସମ୍ପୃକ୍ତ ଶାସନ ଗ୍ରାମ ବ୍ରାହ୍ମଣ ମହାଜନଙ୍କ ଆବେଦନ ଉପରେ ଅଭିଯୋଗ ଆହ୍ୱାନ କରାଯାଇଥିଲା। ଏହି ବିଜ୍ଞାପନ ଶ୍ରୀମନ୍ଦିର ନିୟମାବଳୀର ଧାରା ୧୫ (ଖ) ଅନୁଯାୟୀ ପ୍ରକାଶିତ ହୋଇଥିଲେ ବି ଶାସନ ଗ୍ରାମର ବ୍ରାହ୍ମଣମାନେ ସେବକ ହୋଇ ନ ଥିବାରୁ ସତ୍ତ୍ୱାଧିକାର ପରିବର୍ତ୍ତନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରାଧିକୃତ ନୁହେଁ ବୋଲି ପୂର୍ବତନ ମୁଖ୍ୟ ପ୍ରଶାସକ ଆଦେଶ ଦେଇଥିଲେ। ଏହି ମାମଲାରେ ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମତେ ଦେୱାନୀ ଅଦାଲତ, ମୂଳ ମକଦ୍ଦମା ନଂ. ୩୫୦/୧୯୯୨ ବିଚାରାଧୀନ ରହିଛି। ତେଣୁ ସେହି ବିଜ୍ଞାପନକୁ ବିରୋଧ କରାଯାଇ ଶ୍ରୀମନ୍ଦିର ଆଇନ ଅନୁଯାୟୀ ବିଜ୍ଞାପନଟି ବୈଧ ନୁହେଁ ବୋଲି ଲିଖିତ ଭାବେ ସତ୍ୱଲିପି ଅନୁଯାୟୀ ମୁକ୍ତିମଣ୍ଡପାସୀନ ବ୍ରାହ୍ମଣଙ୍କ ପକ୍ଷରୁ ଦୁର୍ଗାପ୍ରସାଦ ମହାପାତ୍ର ଏବଂ ଅନ୍ୟମାନଙ୍କ ସ୍ୱାକ୍ଷରରେ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ଦାଖଲ କରାଯାଇଥିଲା। କିନ୍ତୁ ଏହି ମାମଲା ବିଚାରାଧୀନ ଏବଂ ଶ୍ରୀମନ୍ଦିର ପ୍ରଶାସନ ଏସମ୍ପର୍କରେ ଅବଗତ ଥାଇ ଏକତରଫା ଭାବେ ଉକ୍ତ ଶାସନ ଗ୍ରାମ ସପକ୍ଷରେ ବିଚାର କରାଯାଇଥିବା ଜଣାପଡ଼ିଥିଲା। ବିନା ଶୁଣାଣିରେ ବିଚାର ଯୋଗୁ ସୂଚନା ଅଧିକାର ଆଇନ ଆଧାରରେ ପୂର୍ବୋକ୍ତ ପ୍ରତିବାଦ ପତ୍ର ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜାଣିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଦରଖାସ୍ତ କରାଯାଇଥିଲା। ତେବେ କିଛି ସୂଚନା ନ ମିଳିବାରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ପାଖରେ ଅପିଲ କରାଯାଇଥିଲା। ତାହାର ବିଚାର କରି ପ୍ରଥମ ଅପିଲ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ଉକ୍ତ ପ୍ରତିବାଦ ପତ୍ର ନ ଥିବା ଜଣାଇଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ଆବେଦନକୁ ବିଚାର କରି ଶାସନ ଗ୍ରାମ ସପକ୍ଷରେ ବିଚାର କରିଥିବାରୁ ଏହା ସ୍ପଷ୍ଟ କରୁଛି ଯେ, ପ୍ରତିବାଦ ପତ୍ରଟି ଉଦ୍ଦେଶ୍ୟମୂଳକ ଭାବେ ନଷ୍ଟ ବା ଅପହୃତ କରାଯାଇଛି। ଏହାର ତଦନ୍ତ କରାଯାଇ ସଂଶ୍ଲିଷ୍ଟ ଅଧିକାରୀ ଓ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମିଶ୍ର ଦାବି କରିଛନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ପାଖରେ ଥିବା ମିସ୍ କେସ୍ ନଂ. ୧୪/୨୦୧୫ ନଥିକୁ ଜବତ କରାଯାଉ ବୋଲି ମିଶ୍ର ଦାବି କରିଛନ୍ତି। ଏହି ଅଭିଯୋଗପତ୍ର ଦାଖଲ ସମୟରେ ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ ଉପସ୍ଥିତ ଥିଲେ।

## ୫ ଗାଁକୁ ରାସ୍ତା ପାଇଁ ଅଧଏକର ଜମି ଦାନ

ଅସ୍ତରଙ୍ଗ/କାକଟପୁର,୩୧।୧(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ତଣ୍ଡାହର ଗ୍ରାମ ପାଇଁ ନଡ଼ିଆ ମଠ ଗ୍ରାମର ସାମାଜିକ କର୍ମୀ ତଥା ଅବଦାନ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀନାରାୟଣ ଜେନା ତାଙ୍କ ପିତା ସ୍ୱର୍ଗତ ମଗୁଲି ଜେନାଙ୍କ ଅର୍ଜିତ ଅଧଏକର ଜମି ବିନା ମୂଲ୍ୟରେ ଦାନ କରିଛନ୍ତି। ଏଥିପାଇଁ ତଣ୍ଡାହର ଗ୍ରାମବାସୀ ଓ ଅନ୍ୟ ୪ଟି ଗ୍ରାମର ଲୋକେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନା ମୁତାବକ, ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ ପାଇଁ ସିଂହାରପାଳ ନିକଟରେ ବ୍ୟକ୍ତିଗତ ଜମି ରହିଥିଲା। ଫଳରେ ଅସ୍ତରଙ୍ଗ ବ୍ଲକ ସିରେଇ ପଞ୍ଚାୟତ ଅଧୀନ ୫ଖଣ୍ଡ ଗାଁକୁ ରାସ୍ତା ନିର୍ମାଣ ହୋଇ ପାରୁ ନ ଥିଲା। ଏନେଇ ଛେନୁ, ଉଦୟକଣି, କଟକଣା, କଳମକଣି ଓ ତଣ୍ଡାହର ଗ୍ରାମର ୨ ହଜାରରୁ ଅଧିକ ଲୋକ ହଇରାଣ ହେଉଥିଲେ। ଏହିରାସ୍ତା ନିର୍ମାଣ ପାଇଁଭୋଟ ସମୟରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଗ୍ରାମବାସୀ ଅଟକ ରଖିଥିବା ଖବର ଚର୍ଚ୍ଚାକୁ ଆସିଥିଲା। ଜେନାଙ୍କ ଜମିଦାନ ଯୋଗୁ ରାସ୍ତା ନିର୍ମାଣ ହୋଇପାରିଛି।

## ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ

କଣାସ,୩୧।୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ବଡ଼ାଲ ମୌଜାର ଖାତା ନଂ. ୬୨୭ ପ୍ଲଟ ନଂ. ୧୩୮୪ ଗୋଚର ଜମି ଦଖଲ କରି ବଡ଼ଓରା ଗ୍ରାମର ଶରତ ସାହୁ ଗୋରୁଙ୍କ ଖାଇବା ପାଇଁ ପାଳ ଜମାଇ ଆସୁଥିଲେ। ଉକ୍ତ ଗ୍ରାମବାସୀ କଣାସ ତହସିଲଦାରଙ୍କ ନିକଟରେ ୨୦୨୧ ଜୁନ୍ ୨ରେ ଶରତ ସାହୁଙ୍କ ପାଳଗଦା ହଟାଇବା ପାଇଁ ଅଭିଯୋଗ କରିଥିଲେ। ପୂର୍ବତନ ତହସିଲଦାର ଲକ୍ଷ୍ମୀଧର ମହାରଣା ଓ ପୂର୍ବତନ ରାଜସ୍ୱ ନିରୀକ୍ଷକ ନିଶିକାନ୍ତ ବେହେରା ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିବା ସହିତ ଶରତଙ୍କଠାରୁ ୧୧୦ ଟଙ୍କା ଜରିମାନ ଆଦାୟ କରିବା ଓ ୩ ଦିନ ମଧ୍ୟରେ ପାଳଗଦା କାଢ଼ିଦେବାକୁ ତହସିଲଦାର ମହାରଣା ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗ୍ରାମବାସୀ ପାଳଗଦାକୁ ଚୋରି କରି ନେଇଯାଇଥିବା ସମ୍ପର୍କରେ ଶରତ ଅଭିଯୋଗ କରିଥିଲେ। ଏନେଇ ଗଡିଶାଗୋଦା ପୋଲିସ ଏକ ମାମଲା (ନଂ. ୧୮୧/୨୦୨୨) ରୁଜୁ କରିଥିଲେ। ଅନ୍ୟ ଏକ ଗୋଚର ଜମି ପ୍ଲଟ ନଂ. ୧୬୮୨ରେ କିଛି ଲୋକ କ୍ୟାବିନ ପକାଇବା ସହିତ ପାଇଖାନା ନିର୍ମାଣ କରିଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବାରୁ ଗଡ଼ଖାରଦ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ଜବରଦଖଲ ହୋଇଥିବାରୁ କ୍ୟାବିନ ପିଛା ୫୫୦ ଟଙ୍କା ଜରିମାନ ଆଦାୟ କରିବା ସହିତ ୨୦୨୨ ମସିହା ଜୁଲାଇ ୩୦ ସୁଦ୍ଧା କ୍ୟାବିନ ଓ ପାଇଖାନା ଉଠାଇଦେବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁସାରେ କ୍ୟାବିନ ଓ ପାଇଖାନା ନ ଉଠିବାରୁ ଆସନ୍ତା ଫେବୃୟାରୀ ୧୦ରେ ଗଡ଼ିଶାଗୋଦା ପୋଲିସ ସହାୟତାରେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଗ୍ରାମବାସୀଙ୍କୁ ଜଣାଇଦେଇଥିବା ଜଣାପଡ଼ିଛି।



## ଆଜିଠାରୁ ତୋଷାଳି ଜାତୀୟ ହସ୍ତତନ୍ତ ମେଳା

# ପୁରସ୍କୃତ ହେବେ ଓଡ଼ିଶାର ହସ୍ତଶିଳ୍ପୀ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ସପ୍ତଦଶ ତୋଷାଳି ଜାତୀୟ ହସ୍ତତନ୍ତ ମେଳା ବୁଧବାରଠାରୁ ଜନତା ମଇଦାନଠାରେ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ହସ୍ତତନ୍ତ ମନ୍ତ୍ରଣାଳୟର ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ଓ ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ ସହଭାଗିତାରେ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍) ଏହାର ଆୟୋଜନ କରିଛି। ଦେଶର ୫୬୦ଜଣ କାରିଗର ଓ ବୁଣାକାର ଏଥିରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ସ୍ୱତନ୍ତ୍ର ତଥା ପ୍ରସିଦ୍ଧ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରି ହେବ। ସେହିପରି ଗ୍ରାହକଙ୍କୁ ବିଭିନ୍ନ ରାଜ୍ୟର ଖାଦ୍ୟ ପରଷି ଦେବାକୁ ୨୫ ଷ୍ଟଲ ରହିଛି। ଏଥିସହ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମନୋରଞ୍ଜନ କରିବ। ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ଫ୍ୟାଶନ ଶୋ'ର ମଧ୍ୟ ଆୟୋଜନ କରାଯାଇଛି। ଦିବ୍ୟାଙ୍ଗ ଓ ବୟସ୍କ ପରିଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ହେଲ୍ପ ଡେସ୍କର ବ୍ୟବସ୍ଥା ରହିଛି। ମେଳାକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ହାତ ତିଆରି ବ୍ୟାଗ୍ ଉପଲବ୍ଧ କରାଯାଇଛି।

- ଯୋଗଦେଇଛନ୍ତି ଦେଶର ୫୬୦ କାରିଗର, ବୁଣାକାର
- ଗ୍ରାହକଙ୍କ ପାଇଁ ୨୫ ଫୁଡ୍ ଷ୍ଟଲ୍‌ରେ ବିଭିନ୍ନ ରାଜ୍ୟର ଖାଦ୍ୟ

### ୩ବର୍ଷ ପାଇଁ ପୁରସ୍କାର ଘୋଷଣା

**ଜୀବନବ୍ୟାପୀ ହସ୍ତଶିଳ୍ପ କୃତି ପାଇଁ ୫ ଲକ୍ଷ | ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ୧ ଲକ୍ଷ**

ଅନ୍ୟପକ୍ଷରେ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଉଦ୍‌ଘାଟନୀ ସନ୍ଧ୍ୟାରେ ପୁରସ୍କୃତ ହେବେ ଓଡ଼ିଶାର ହସ୍ତଶିଳ୍ପୀ। ଏନେଇ ମଙ୍ଗଳବାର ରାଜ୍ୟ ସରକାର ହସ୍ତଶିଳ୍ପ କ୍ଷେତ୍ରରେ ୩ବର୍ଷ ପାଇଁ ବିଭିନ୍ନ ପୁରସ୍କାର ଘୋଷଣା କରିଛନ୍ତି। ୨୦୧୯ ବର୍ଷ ପାଇଁ ପଦ୍ମବିଭୂଷଣ ଡ. ସୁଦର୍ଶନ ସାହୁ, ୨୦୨୦ ପାଇଁ ବେଣୁଧର ମହାପାତ୍ର ଓ ୨୦୨୧ ପାଇଁ ଦେବେନ୍ଦ୍ର ମିଶ୍ରଙ୍କୁ 'ଜୀବନବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର' ପ୍ରଦାନ କରାଯିବ। ସେହିପରି ଉଦୟ ମହାନ୍ତି (ପଥର ଖୋଦେଇ), ନିର୍ମଳ ଚନ୍ଦ୍ର ଦାସ (ତାଳପତ୍ର ଖୋଦେଇ), ପୂର୍ଣ୍ଣଚନ୍ଦ୍ର ମହାପାତ୍ର (ପଟ୍ଟଚିତ୍ର)ଙ୍କୁ ୨୦୨୦ ବର୍ଷ ନିମନ୍ତେ 'ରାଜ୍ୟ ହସ୍ତଶିଳ୍ପ ପୁରସ୍କାର' ମିଳିବ। ଅନୁରୂପ ଭାବରେ ବବିତା ପ୍ରଧାନ (ପଟ୍ଟଚିତ୍ର), ପ୍ରମୋଦ ମହାରଣା (ତାଳପତ୍ର ଖୋଦେଇ), ପ୍ରମୋଦ ମହାରଣା (ପଥର ଖୋଦେଇ), ପ୍ରଭାତୀ ପାତ୍ର (ଲାଖ କାମ), ଅମିୟ ପୋଦାର (କତା ଶିଳ୍ପ ) ଓ ଉର୍ବଶୀ ମହାରଣା (ମାଟିମୂର୍ତ୍ତି କାମ)ଙ୍କୁ ୨୦୨୧ ବର୍ଷ ନିମନ୍ତେ 'ରାଜ୍ୟ ହସ୍ତଶିଳ୍ପ ପୁରସ୍କାର' ଦିଆଯିବ। ପ୍ରଫୁଲ୍ଲ ମହାରଣା (କାଠ ଖୋଦେଇ), ସୁରେଶ ଚନ୍ଦ୍ର ମହାପାତ୍ର (ଚାନ୍ଦୁଆ କାମ), ନଳିନୀକାନ୍ତ ଓଝା (କାଠ ଖୋଦେଇ), କୁମାରୀ କୁନି ପାତ୍ର (ନଡ଼ା ହସ୍ତଶିଳ୍ପ)ଙ୍କୁ ୨୦୨୦ ବର୍ଷ ନିମନ୍ତେ ଏବଂ ରଶ୍ମିତା ସାହୁ(ପଟ୍ଟଚିତ୍ର), ଅନନ୍ତ ମହାରଣା(ପଥର ଖୋଦେଇ), କନକଲତା ଦାସ (ଲାଖ କାମ), ସରୋଜିନୀ ଦାସ (ବେତ ଓ ବାଉଁଶ କାମ)ଙ୍କୁ ୨୦୨୧ ବର୍ଷ ନିମନ୍ତେ 'କଳାକୃତି ପୁରସ୍କାର' ପ୍ରଦାନ କରାଯିବ।

ଚୟନ କରାଯାଇଥିବା ହସ୍ତଶିଳ୍ପୀଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ନିମନ୍ତେ ୫ ଲକ୍ଷ ଟଙ୍କାର ପୁରସ୍କାର ସହିତ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ସେହିପରି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ପୁରସ୍କାର ରାଶି ରୂପରେ ୧ ଲକ୍ଷ ଟଙ୍କା, ପ୍ରମାଣପତ୍ର ଓ ଉପଢ଼ୌକନ ଏବଂ କଳାକୃତି ପୁରସ୍କାର ପାଇଁ ଚୟନ ହୋଇଥିବା ହସ୍ତଶିଳ୍ପ କାରିଗରମାନଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯିବ।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩୧।୧।୨୦୨୩

| ୩,୪୮,୨୯୦ ଟଙ୍କା | |
|---|---|
| ସୁନା | ୧.୪୦୦ ଗ୍ରାମ |
| ରୁପା | ୪୩.୯୦୦ ଗ୍ରାମ୍ |

### ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆନସିପ୍ସ ପକ୍ଷରୁ ୱାକାଥନ୍, ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସକାଳ ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କଳାକାର ଅସୀମ ବସୁଙ୍କ ୬ଷ୍ଠ ବାର୍ଷିକ ଶ୍ରାଦ୍ଧୋ, ରବୀନ୍ଦ୍ର ମଣ୍ଡପସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଜୟନ୍ତୀ, ଶହୀଦ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧୋତ୍ସବ, ଚନ୍ଦ୍ରଶେଖରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୯ଟା ୩୦।
- ଖଣ୍ଡଗିରି ମେଳାର ୫ମ ଦିନ, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା।
- ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଜୟନ୍ତୀ ଉତ୍ସବ, ସାଂସ୍କୃତିକ ସମିତି, ଶହୀଦ ନଗର, ଅପରାହ୍ନ ୪ଟା।
- ବ୍ଲିଶ୍ ଏଣ୍ଟରଟେନମେଣ୍ଟ ପକ୍ଷରୁ ସୁଶ୍ରୀ ସଙ୍ଗୀତା ସଙ୍ଗୀତ ପୁରସ୍କାର ସମାରୋହ, ସୂଚନା ଭବନ, ଅପରାହ୍ନ ୫ଟା।
- ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବ ରଙ୍ଗ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ତୋଶାଳି ମେଳା, ଜନତା ମଇଦାନ, ସନ୍ଧ୍ୟା ୭ଟା।
- ଗୌରାଙ୍ଗ ମହାପ୍ରଭୁଙ୍କ ନାମଯଜ୍ଞ, ନେହେରୁ ମଣ୍ଡପ, ସନ୍ଧ୍ୟା ୭ଟା।

ବାଲିଅନ୍ତା

- ବିଶ୍ୱଶାନ୍ତି ମହାଯଜ୍ଞର ଜଳଯାତ୍ରା ଓ ଅଗ୍ନିସ୍ଥାପନ, ଡମରାସ୍ଥିତ ମଙ୍ଗଳା ପୀଠ, ପୂର୍ବାହ୍ନ ୧୧ଟା।
- ସ୍ୱରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ନହରକଣ୍ଟା କଲେଜ ପଡ଼ିଆ, ଅପରାହ୍ନ ୩ଟା।

# ହୋଟେଲ ନିଆଁରୁ ଜଳିଗଲା ମାଲଖାନା

- ଅବକାରୀ ବିଭାଗର ଜବତ ସାମଗ୍ରୀ ନଷ୍ଟ
- ନିଆଁରେ ପୋଡ଼ି ୨ ଆହତ
- ପୋଚ ପଡ଼ି ଡ୍ରେନ୍‌ରେ ଲାଗିଲା ନିଆଁ
- ଜିଲାପାଳ ମାଗିଲେ ରିପୋର୍ଟ



ଗ୍ୟାସ୍ ସିଲିଣ୍ଡର ଫାଟି ବ୍ୟାପିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଲିଭାଉଛନ୍ତି।

କଟକ ଅଫିସ,୩୧।୧

କଟକ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିକଟ ଏକ ରାସ୍ତାପାର୍ଶ୍ୱ ହୋଟେଲରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୨ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡରୁ ନିଆଁ ନିକଟସ୍ଥ ଅବକାରୀ ବିଭାଗର ମାଲଖାନା ଭିତରକୁ ବ୍ୟାପୀ ଭିତରେ ଥିବା ଜବତ ସାମଗ୍ରୀ ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଅସ୍ପଷ୍ଟ ଥିବାବେଳେ ହୋଟେଲରେ ଥିବା ଏକ ଏଲ୍‌ପିଜି ସିଲିଣ୍ଡର ଫାଟିଥିବାରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅପରପକ୍ଷେ ଅବକାରୀ ବିଭାଗକୁ ଏନେଇ ରିପୋର୍ଟ ଦାଖଲ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟା ସମୟରେ ହୋଟେଲରେ ନିଆଁ ଲାଗିଯାଇଥିଲା। ନିକଟରେ ଅବକାରୀ ବିଭାଗ ମାଲଖାନାରେ ମଦ ଥିବାରୁ ତାହା ସଂସ୍ପର୍ଶରେ ଆସି ନିଆଁର ପ୍ରକୋପ ବ୍ୟାପିଯାଇଥିଲା। ଅଗ୍ନିକାଣ୍ଡରେ ଅବକାରୀ ବିଭାଗର ପୁରୁଣା ମାଲଖାନାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ୧୯୯୦ରୁ ୨୦୧୫ ପର୍ଯ୍ୟନ୍ତ ବିଭିନ୍ନ ମାମଲାରେ ଜବତ ବେଆଇନ ଅବକାରୀ ସାମଗ୍ରୀଗୁଡ଼ିକ ଗଚ୍ଛିତ ଥିଲା। ମଦ, ଡ୍ରମ, ହାଣ୍ଡି, ଡେକଚି, ସାଇକେଲ ସମେତ ଅନ୍ୟାନ୍ୟ ଜବତ ସାମଗ୍ରୀ ପୋଡ଼ିଯାଇଛି। ପାଖରେ ଥିବା ଏକ ୨ଚକିଆ ଯାନ ମଧ୍ୟ ପୋଡ଼ି ହୋଇଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ଜିଲା ଅଗ୍ନିଶମ ଅଧିକାରୀ ସଂଜୀବ କୁମାର ବେହେରାଙ୍କ ନେତୃତ୍ୱରେ ୧୨ଜଣ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଜବତ ମଦ ପୋଚରେ ସ୍ପିରିଟ ଥିବା ହେତୁ ତାହାକୁ ଲିଭାଇବା ପାଇଁ କାଠିକାର ହୋଇ ପଡ଼ିଥିଲା। ଡ୍ରେନ୍‌ରେ ପୋଚ ଢାଳି ହୋଇଯିବାରୁ ଡ୍ରେନ୍ ଭିତରେ ଯେଉଁଆଡ଼େ ପୋଚ ବୋହିଲା ସେଇଆଡ଼େ ନିଆଁ ବ୍ୟାପିବାରେ ଲାଗିଥିଲା। ଡ୍ରେନ୍ ମଧ୍ୟ ଦେଇ ଏହି ନିଆଁ ନିକଟସ୍ଥ ଗଣେଶଘାଟ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିବାର ଆଶଙ୍କା ଥିଲା। ହେଲେ ତା' ପୂର୍ବରୁ ଅଗ୍ନିଶମ ବାହିନୀ ସହ ସ୍ଥାନୀୟ ଲୋକେ ମିଳିତ ହୋଇ ବିଭିନ୍ନ ସ୍ଥାନରେ ବାଲି ଭର୍ତ୍ତି କରି ଡ୍ରେନ୍‌ର ନିଆଁକୁ ଅଟକାଇ ଥିଲେ। ପାଖାପାଖି ଶହେ ମିଟର ପର୍ଯ୍ୟନ୍ତ ଡ୍ରେନ ଭିତରେ ନିଆଁ ମାଡ଼ି ଯାଉଥିବାର ଦେଖି ଲୋକମାନେ ଭୟଭୀତ ହୋଇଯାଇଥିଲେ। ନିଆଁ ପ୍ରକୋପରେ ଡ୍ରେନ ଉପର ସ୍ଲାବଗୁଡ଼ିକ ତାତି ଯାଇଥିଲା। ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର କାନ୍ଥ ମଧ୍ୟ ପ୍ରଚଣ୍ଡ ଉତ୍ତାପରେ ଫାଟିଯାଇଛି। ଅଗ୍ନିକାଣ୍ଡର ପ୍ରକୋପ ଅଧିକ ଥିବାରୁ ନିଆଁ ନିକଟସ୍ଥ ଷ୍ଟେଟ ବ୍ୟାଙ୍କ ବିଲ୍‌ଡିଂ ଏବଂ ନିବନ୍ଧନ କାର୍ଯ୍ୟାଳୟକୁ ବ୍ୟାପିବା ପୂର୍ବରୁ ତାକୁ ଆୟତ୍ତ କରାଯାଇଥିଲା। ଅପରପକ୍ଷେ ଅବକାରୀ ମାଲଖାନାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିବା ଏବଂ ଜବତ ମଦକୁ ଅନେକ ସମୟରେ ସୁରକ୍ଷିତ ସ୍ଥାନରେ ନଷ୍ଟ ନ କରି ନାଳରେ ଢାଳି ଦିଆଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ନେଇ ଅବକାରୀ ଏସ୍‌ପି ଦେବାଶିଷ ପଟେଲଙ୍କ କହିବାନୁସାରେ, ଉକ୍ତ ମାଲଖାନାଟି ବହୁ ପୁରୁଣା। ସେଥିରେ ପ୍ରାୟ ୫୦୦ ମାମଲାର ଜବତ ସାମଗ୍ରୀ ରହିଥିଲା। ଦୀର୍ଘ ଦିନ ହେବା ତାହା ଖୋଲା ନ ଯାଇ ପଡ଼ିରହିଛି। ଅଗ୍ନିକାଣ୍ଡରେ ସବୁ ପୋଡ଼ି ନଷ୍ଟ ହୋଇଯାଇଥିବା ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇବୁ।



ଦୁର୍ଘଟଣା ପରେ ହୋଟେଲ ପରିସରର ଦୃଶ୍ୟ।



ନିଆଁରେ ଏକ ବାଇକ୍ ଜଳିଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଶୋକ



@ ପ୍ରକାଶ



@ ସୁଦୀପ୍ତ



@ ବାବୁଲା



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠାରୁ ଜେଲରେ ଲ' ପରୀକ୍ଷା ଦେବେ ଅର୍ଚ୍ଚନା

**ମୋଟ ୬ ପେପରରେ ହେବ ପରୀକ୍ଷା**

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଝାରପଡ଼ା ଜେଲରେ ଦିନ କାଟୁଥିବାବେଳେ ବୁଧବାରଠାରୁ ସେ ଏଠାରେ ଲ' ପରୀକ୍ଷା ଦେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଅର୍ଚ୍ଚନା କ୍ୟାପିଟାଲ ଲ' କଲେଜରେ ଇଣ୍ଟିଗ୍ରେଟେଡ୍ ଲ' ପଢୁଥିବାବେଳେ ଏବେ ପାଠ୍ୟକ୍ରମର ୪ର୍ଥ ବର୍ଷ ଚାଲିଛି। ସେ ସପ୍ତମ ସେମିଷ୍ଟାରର ୬ଟି ପେପର୍‌ରେ ପରୀକ୍ଷା ଦେବେ। ଜେଲ ମାନୁଆଲ ଅନୁଯାୟୀ ଅର୍ଚ୍ଚନା ଫେବୃୟାରୀ ୧, ୪, ୫, ୯, ୧୫, ୧୭ରେ ଝାରପଡ଼ା ଜେଲରେ ପରୀକ୍ଷା ଦେବେ ବୋଲି ତାଙ୍କ ଓକିଲ ଦେବାଶିଷ ମହାପାତ୍ର କହିଛନ୍ତି। ୧୦ଦିନ ତଳେ ଅର୍ଚ୍ଚନା ଫର୍ମ ପୂରଣ କରିବାକୁ ତାଙ୍କ ଓକିଲଙ୍କ ପକ୍ଷରୁ କୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ତେବେ ଅର୍ଚ୍ଚନା ଜେଲ ମାନୁଆଲ ଅନୁଯାୟୀ ଫର୍ମ ଦାଖଲ ଓ ପରୀକ୍ଷା ଦେଇପାରିବେ ବୋଲି କୋର୍ଟ ଅନୁମତି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ଦିଗରେ ତଦନ୍ତ ଜାରି ରଖିଛି। ଅର୍ଚ୍ଚନାଙ୍କ ସମେତ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ବେହେରା ମଧ୍ୟ ଜେଲରେ ଅଛନ୍ତି। ହେଲେ ଚତୁର୍ଥ ଅଭିଯୁକ୍ତା ତଥା ହନିଟ୍ରାପ୍‌ର ମୋହରା ସାଜିଥିବା ଶ୍ରଦ୍ଧାଞ୍ଜଳି ଏଯାଏ କିନ୍ତୁ ଗିରଫ ହୋଇ ନାହାନ୍ତି। ଇଡି ଅର୍ଚ୍ଚନାଙ୍କ ଏକ ଦାମୀ କାର୍ ଓ ସତ୍ୟବିହାରସ୍ଥିତ ୩.୬୪ କୋଟିର ଆଲିଶାନ ଘରକୁ ଆଟାଚ୍ କରିଥିବାବେଳେ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି ପ୍ରକ୍ରିୟା ଜାରି ରଖିଛି। ସେହିପରି ଅନ୍ୟ ଅଭିଯୁକ୍ତଙ୍କ ସମ୍ପତ୍ତି ମଧ୍ୟ ଠାବ କରିବାକୁ ପ୍ରକ୍ରିୟା ଜାରି ରଖିଛି।

# ରାଜଧାନୀରେ ନର୍ସିଂ ଛାତ୍ରଙ୍କ ଆତ୍ମହତ୍ୟା

- ଗାମୁଛା ଦ୍ୱାରା ଫ୍ୟାନ୍‌ରେ ଝୁଲିପଡ଼ିଲେ
- ଜବତ ଚିଠିରେ ପ୍ରେମ ବିରହର କଥା

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ଭରତପୁର ଥାନା ଅନ୍ତର୍ଗତ ଏକ ଘରୋଇ ବିଶ୍ୱ ବିଦ୍ୟାଳୟର ନର୍ସିଂ କଲେଜରେ ପଢୁଥିବା ଜଣେ ଛାତ୍ର ହଷ୍ଟେଲ ରୁମ୍‌ରେ ଗାମୁଛା ଦ୍ୱାରା ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ଚିତ୍ତରଞ୍ଜନ ଥାନା ଅଞ୍ଚଳର ସୌରଭ ଦେ (୧୯)। ସେ ଏଠାରେ ଜିଏନ୍‌ଏମ୍ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସୋମବାର ଏହି ଘଟଣା ଘଟିଥିବାବେଳେ ଏମ୍‌ସରେ ମୃତଦେହ ବ୍ୟବଚ୍ଛେଦ ପରେ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ (ନଂ.୨୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଉକ୍ତ ରୁମ୍‌ରୁ ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଛି। ସୌରଭ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ପ୍ରେମିକା ଜଣକ ଧୋକା ଦେବା ପରେ ସେ ଏଭଳି ନିଷ୍ପତ୍ତି ନେଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ପ୍ରାଥମିକ ତଦନ୍ତରୁ ପ୍ରେମ ପାଇଁ ସୌରଭ ଆତ୍ମହତ୍ୟା କରିଥିବା ଜଣାପଡୁଛି। ତେବେ ଅଧିକ ପ୍ରମାଣ ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଥାନାଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି।



ସୌରଭ ଦେ

ସୂଚନା ଅନୁଯାୟୀ, ସୌରଭ ହଷ୍ଟେଲର କ୍ୟାମ୍ପସ ୨ରେ ରହୁଥିଲେ। କିଛି ମାସ ହେବ ଉକ୍ତ କଲେଜର ଜଣେ ଛାତ୍ରୀଙ୍କ ସହ ତାଙ୍କର ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ହେଲେ ଗତ କିଛିଦିନ ହେବ ଦୁହିଁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ଲାଗି ରହିଥିଲା। ପ୍ରେମିକା ଜଣକ ସୌରଭଙ୍କ ସହ କଥା ହେବା ବନ୍ଦ କରିଦେଇଥିଲେ। ଫଳରେ ସୌରଭ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସୋମବାର ରାତି ପ୍ରାୟ ୧୦ଟାରେ ସୌରଭଙ୍କ ରୁମ୍ ବନ୍ଦ ଥିବାରୁ ସହପାଠୀଙ୍କ ମନରେ ସନ୍ଦେହ ହୋଇଥିଲା। କବାଟ ଭାଙ୍ଗି ଭିତରେ ପଶିବା ପରେ ସୌରଭ ଫ୍ୟାନରେ ଝୁଲୁଥିବା ସାଙ୍ଗମାନେ ଦେଖିବା ପରେ ଥାନାକୁ ଖବର ଦେଇଥିଲେ।




କ୍ରିଉ ଟ୍ରେନିଂ ପ୍ରତିଷ୍ଠାନର ଛାତ୍ରଙ୍କୁ ନିଯୁକ୍ତି, ଅଣତାଲିମ୍‌ପ୍ରାପ୍ତ ଯୁବକଙ୍କୁ ବୋଟ୍ ସର୍ଭିସ୍‌ରେ ନିଯୁକ୍ତି ବନ୍ଦ, ବିଭିନ୍ନ ବନ୍ଦରରେ ତାଲିମପ୍ରାପ୍ତ ଯୁବକଙ୍କୁ ନିଯୁକ୍ତି ଆଦି ୫ ଦଫା ଦାବି ନେଇ ମଙ୍ଗଳବାର ଏଆଇସିସିଟିୟୁ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।




କଟକ ନୟାସଡ଼କସ୍ଥିତ ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଶୀତକାଳୀନ ସେବା ଶିବିରର ମଙ୍ଗଳବାର ଉଦ୍‌ଯାପନ ଅବସରରେ ଅତିଥିଙ୍କ ସହ ଛାତ୍ରୀମାନେ।

### ଆଜିଠୁ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା

ଭୁବନେଶ୍ୱର,(ବ୍ୟୁରୋ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେବ। ସକାଳ ୯ଟା ୩୦ରୁ ଛାତ୍ରୀଛାତ୍ରମାନେ ଲାବ୍ ମଧ୍ୟକୁ ପ୍ରବେଶ କରିବେ। ପ୍ରଥମ ସିଟିଂ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିବ। ବିଜ୍ଞାନରେ ଫିଜିକ୍ସ, ବଟାନି, ଜୁଲୋଜି, କେମିଷ୍ଟ୍ରି ଆଦି ବିଷୟରେ ପରୀକ୍ଷା ହେବ। ସେହିପରି ବାଣିଜ୍ୟରେ ଆକାଉଣ୍ଟାନ୍ସି, ବିଏମ୍‌ଏସ୍, କଷ୍ଟ ଆକାଉଣ୍ଟିଂରେ ପ୍ରାକ୍ଟିକାଲ ହେବ। କଳାରେ ଆନ୍ଥ୍ରୋପୋଲୋଜି, ସାଇକୋଲୋଜି, ଜିଓଗ୍ରାଫି, ଇଣ୍ଡିଆନ୍ ମ୍ୟୁଜିକ୍, ଏଜୁକେଶନ ଭଳି ପ୍ରାକ୍ଟିକାଲ ବିଷୟରେ ପରୀକ୍ଷା ହେବ।

## ସଂକ୍ଷେପରେ

### ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ
#### ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣା

କେନ୍ଦୁଝର,୩୧।୧(ସ୍ୱ.ପ୍ର.): ପୋଲିସ ହେପାଜତରେ ଅଭିଯୁକ୍ତ ମିଲୁ ବାରିକଙ୍କ ମୃତ୍ୟୁ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ମଙ୍ଗଳବାର ଅଭିଯୋଗ ହୋଇଛି। ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଏହି ଅଭିଯୋଗ କରିଛନ୍ତି। ଏହାକୁ କମିଶନ ଡାଏରୀ ନଂ. ୧୮୦୮/ ୨୦୨୩ରେ ଗ୍ରହଣ କରିଛନ୍ତି। ମୃତକଙ୍କ ପରିବାର ବର୍ଗଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ କମିଶନଙ୍କୁ ୩ ସପ୍ତାହ ମଧ୍ୟରେ ଜଣାଇବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ କରିବା, ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ରିପୋର୍ଟ ଦେବା ପାଇଁ ଗୃହ ବିଭାଗର ପ୍ରମୁଖ ସଚିବଙ୍କୁ ଆଦେଶ ଦେବା ଓ କ୍ରାଇମବ୍ରାଞ୍ଚ ତଦନ୍ତ କରି ରିପୋର୍ଟ ଦାଖଲ କରିବା ପାଇଁ ପୋଲିସ ମହା ନିର୍ଦ୍ଦେଶକଙ୍କୁ ଆଦେଶ କରିବା ପାଇଁ ନିବେଦନ କରାଯାଇଛି। ଘଟଣାର ସବିଶେଷ ତଦନ୍ତ କରି ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବୃତ୍ତାନ୍ତ ରିପୋର୍ଟ ୪ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ଦାଖଲ କରିବାକୁ କେନ୍ଦୁଝର ଏସ୍‌ପିଙ୍କୁ ଆଦେଶ କରିବାକୁ ନିବେଦନ କରାଯାଇଛି।

### ସ୍ତ୍ରୀଙ୍କ ଗଳାଚିପି ହତ୍ୟାକଲେ ସ୍ୱାମୀ

ଭେଡେନ,୩୧।୧(ଡି.ଏନ.ଏ.): ବରଗଡ ଜିଲା ଭେଡେନ ଥାନା ଲୁପୁରସିଂହା ଗ୍ରାମରେ ଜଣେ ବ୍ୟକ୍ତି ମଙ୍ଗଳବାର ସକାଳେ ତାଙ୍କ ସ୍ତ୍ରୀଙ୍କ ଗଳାଚିପି ହତ୍ୟା କରିଛନ୍ତି। ମୃତକ ହେଲେ ନୁରାବତୀ ପେରା(୩୨)। ପୋଲିସ ତାଙ୍କ ସ୍ୱାମୀ ଗୁଡୁ ସିଂ(୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୭ବର୍ଷ ତଳେ ଲୁପୁରସିଂହା ଗ୍ରାମର ନୁରାବତୀ ଏବଂ ରେଙ୍ଗାଲିପାଲି ଗ୍ରାମର ଗୁଡୁଙ୍କ ମଧ୍ୟରେ ପ୍ରେମ ବିବାହ ହୋଇଥିଲା। ଗୁଡୁ ଜଣେ ଟ୍ରକ୍ ଡ୍ରାଇଭର ଏବଂ ସେ ନୁରାବତୀଙ୍କ ସହ ଭଡାଘରେ ରହୁଥିଲେ। ବିବାହର କିଛିମାସ ପରେ ଗୁଡୁ ମଦ୍ୟପାନ କରି ଘରକୁ ଆସନ୍ତି ଏବଂ ନୁରାବତୀଙ୍କ ସହ ଝଗଡା କରି ତାଙ୍କୁ ମାର୍‌ପିଟ୍ କରୁଥିବା ପଡୋଶୀ କହିଛନ୍ତି। ମଙ୍ଗଳବାର ସକାଳେ ଗୁଡୁ ବୁଲାଇବା ପାଇଁ କହି ତାଙ୍କୁ ବାହାରକୁ ନେଇଥିଲେ। ଲୁପୁରସିଂହା-ଶ୍ରୀରାମନଗର ରାସ୍ତାରେ ସେ ନୁରାବତୀଙ୍କୁ ଗଳାଚିପି ହତ୍ୟା କରିଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି।

### ସାବତ ମା'ଙ୍କୁ ବଳାତ୍କାର: ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

ଝାରସୁଗୁଡ଼ା ଅଫିସ,୩୧।୧: ସାବତ ମା'ଙ୍କୁ ବଳାତ୍କାର ମାମଲାରେ ମଙ୍ଗଳବାର ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟବ୍ରତ ମିଶ୍ର ଅଭିଯୁକ୍ତ ପୁଅ ଆତ୍ମାରାମ ନାୟକ(୫୨)ଙ୍କୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୦ ଏପ୍ରିଲ ୧୭ ରାତିରେ ଘଟଣା ଘଟିଥିଲା। ଏ ନେଇ ପୀଡିତା ଝାରସୁଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଆତ୍ମାରାମଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା।

# ଶ୍ରୀମନ୍ଦିର ପରିସରରେ ପାନ, ଗୁଟ୍‌ଖା ଛେପ

## ନିୟମ ପ୍ରଣୟନ କରି ଭୁଲିଗଲା ପ୍ରଶାସନ
- ଫେବୃୟାରୀ ପ୍ରଥମ ସପ୍ତାହରୁ କଟକଣା କଡ଼ାକଡ଼ି
- ସମସ୍ତଙ୍କୁ ସଚେତନ କରାଇବେ ଯୁବ ସେବାୟତ

ଅଜିତ ମହାନ୍ତି
ପୁରୀ ଅଫିସ, ୩୧।୧



ଶ୍ରୀମନ୍ଦିର ପରିସରକୁ ଯେତେ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଚେଷ୍ଟା କରାଯାଉଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରୁନାହିଁ। ଏଥିଲାଗି ପ୍ରଶାସନ ପକ୍ଷରୁ କଟକଣା ଜାରି ସତ୍ତ୍ୱେ ତାହାକୁ କେହି ମାନୁନାହାନ୍ତି। ଶ୍ରୀମନ୍ଦିର ପରିସର ଅନେକ ସ୍ଥାନରେ ପାନ ଓ ଗୁଟ୍‌ଖା ଛେପ ପଡ଼ି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହା ଦେଶ ବିଦେଶରୁ ଆସୁଥିବା ଭକ୍ତଙ୍କ ମନକୁ ଆନ୍ଦୋଳିତ କରୁଛି। କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯାଉ ନ ଥିବାରୁ ଲୋକେ ଏଣେତେଣେ ପାନ ଓ ଗୁଟ୍‌ଖା ଛେପ ପକାଉଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁଯାୟୀ, ଦୁଇବର୍ଷ ତଳେ ଶ୍ରୀମନ୍ଦିର ପରିସରସ୍ଥ ବିଭିନ୍ନ ସ୍ଥାନରେ ପାନ ଓ ଗୁଟ୍‌ଖା ଛେପ ପଡ଼ିବାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଘଟଣା ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟିକୁ ଅଣାଯାଇଥିଲା। ଏହାପରେ ୨୦୨୦ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏକ ନିୟମ ପ୍ରଣୟନ କରାଯାଇଥିଲା। ଶ୍ରୀମନ୍ଦିର ପରିସରରେ ପାନଛେପ କିମ୍ବା ଗୁଟ୍‌ଖା ଛେପ ପକାଇଲେ ଜରିମାନା ଗଣିବାକୁ ପଡ଼ିବ ବୋଲି ନିୟମ ହୋଇଥିଲା। ତେବେ କିଛିଦିନ ପରେ ଏହାକୁ ପ୍ରଶାସନ ଭୁଲିଗଲା। ତାହା କଡ଼ାକଡ଼ି କାର୍ଯ୍ୟକାରୀ ନ ହେବାରୁ ଶ୍ରୀମନ୍ଦିର ପରିସରରେ ପୁଣି ପାନ ଓ ଗୁଟ୍‌ଖା ଛେପର ଆସ୍ତରଣ ଦେଖିବାକୁ ମିଳିଲା। ଏବେ ସେହି କଟକଣା ଧୂଆଁବାଣ ପାଲଟିଛି। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥାର ପୀଠ ହେଉଛି ଶ୍ରୀମନ୍ଦିର। ଏହାର ପରିସରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନର। ତେଣୁ ଶ୍ରୀମନ୍ଦିର ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ପ୍ରବେଶ ପଥରେ କଡ଼ାକଡ଼ି ଯାଞ୍ଚ ସହ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାକୁ ମତ ପ୍ରକାଶ ପାଇଛି। ଏ ନେଇ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ୨୦୨୦ ଛତିଶା ନିଯୋଗ ବୈଠକରେ ହୋଇଥିବା ଉକ୍ତ ନିଷ୍ପତ୍ତିକୁ ସେବାୟତମାନେ ସ୍ୱାଗତ କରିଥିଲେ। ମାତ୍ର ପ୍ରଶାସନର କୋହଳ ମନୋଭାବ ଯୋଗୁ ବର୍ତ୍ତମାନ ଶ୍ରୀମନ୍ଦିର ପରିସରର ଅନେକ ସ୍ଥାନରେ ପାନଛେପ ପଡୁଛି। ଶ୍ରୀମନ୍ଦିର ଏକ ପବିତ୍ର ତଥା ଆଧ୍ୟାତ୍ମିକ ସ୍ଥାନ। ତେଣୁ ଯାହା ନିଷ୍ପତ୍ତି ହେଉଛି ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ଆବଶ୍ୟକ। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସେବାୟତ ମାଧବ ପୂଜାପଣ୍ଡା କହିଛନ୍ତି, ପୂର୍ବରୁ ନିଷ୍ପତ୍ତି ଅନୁଯାୟୀ କିଛିଦିନ କଟକଣା ଲାଗୁ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ତାହା ଠିକ୍ ଭାବରେ କାର୍ଯ୍ୟକାରୀ ହେଲାନାହିଁ। ଏବେ ତାହା ସ୍ଥାଣୁ ପାଲଟିଛି। ସେହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଆବଶ୍ୟକ। ଅନ୍ୟପକ୍ଷରେ ଏ ନେଇ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା କହିଛନ୍ତି, ଆସନ୍ତା ଫେବୃୟାରୀ ପ୍ରଥମ ସପ୍ତାହରୁ ଏହି କଟକଣା କଡ଼ାକଡ଼ି ଭାବେ ଲାଗୁ ହେବ। ସେବାୟତ ହୁଅନ୍ତୁ କି ଶ୍ରଦ୍ଧାଳୁ କେହି ପାନ ଖାଇ ଶ୍ରୀମନ୍ଦିର ପରିସରକୁ ଯିବେ ନାହିଁ। କେହି ଯେପରି ପାନ ଓ ଗୁଟ୍‌ଖା ଛେପ ନ ପକାଇବେ ସେଥିପ୍ରତି ନଜର ରଖାଯିବ। ଏ ସଂକ୍ରାନ୍ତରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ ଯୁବ ସେବାୟତମାନଙ୍କୁ ଦାୟିତ୍ୱ ଦିଆଯିବ।

# ମହିଳାଙ୍କୁ ଗଣବଳାତ୍କାର ପରେ ହତ୍ୟା ସନ୍ଦେହ

ବାହାନଗା,୩୧।୧(ଡି.ଏନ.ଏ.)
ବାଲେଶ୍ୱର ଜିଲା ବାହାନଗା ବ୍ଲକ କୋଟିଆକୁଇଲି ଗ୍ରାମର ଏକ ବିଲ ମଝିରୁ ବିବସ୍ତ୍ର ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ସୋର ପୋଲିସ୍ ଜବତ କରିଛି। ତାଙ୍କୁ ଗଣବଳାତ୍କାର ପରେ ଦୁର୍ବୃତ୍ତମାନେ ହତ୍ୟା କରିଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ତଦନ୍ତ ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।

ପଞ୍ଚାୟତର ୧ନଂ. ୱାର୍ଡ ପଟଣାସାହିର ଜଣେ ମହିଳା ମଙ୍ଗଳବାର ଅପରାହ୍ନରେ ନିଜ ଘରଠାରୁ ୨ କି.ମି. ଦୂରରେ ଥିବା ବିଲକୁ କାଠ ଆଣିବା ପାଇଁ ଯାଉଛନ୍ତି ବୋଲି ନିଜ ଝିଅକୁ କହିଥିଲେ। ମାତ୍ର ସେ ଆଉ ଫେରି ନ ଥିଲେ। ତେବେ ମହିଳାଙ୍କ ପୁଅ ବିଦ୍ୟାଳୟରୁ ଆସି ମା'ଙ୍କୁ ଖୋଜିବାରୁ ସେ ଜାଳ ପାଇଁ ଗହିରାଗଡିଆକୁ ଯାଇଛନ୍ତି ବୋଲି ବଡ଼ ଭଉଣୀ କହିଥିଲେ। ପୁଅ ମା'ଙ୍କୁ ଖୋଜିବା ପାଇଁ ବିଲକୁ ଯାଇଥିଲେ। ସେହି ସ୍ଥାନରେ ପହଞ୍ଚିବା ପରେ ତାଙ୍କ ମା'ଙ୍କ ମୃତଦେହ ବିବସ୍ତ୍ର ଅବସ୍ଥାରେ ପଡ଼ିଥିବା ଦେଖି ଡରିଯାଇ ଗ୍ରାମବାସୀଙ୍କୁ ଆସି କହିଥିଲେ। ଗ୍ରାମବାସୀ ପହଞ୍ଚି ମହିଳାଜଣକ ମରି ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ମହିଳାଙ୍କ ସ୍ୱାମୀ ବାଙ୍ଗାଲୋରରେ ଚାକିରି କରନ୍ତି। ମହିଳାଙ୍କୁ ଏକୁଟିଆ ପାଇ ବିଲରେ ଗଣବଳାତ୍କାର କରାଯିବା ପରେ ଧରାପଡ଼ିଯିବା ଭୟରେ ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରିଥିବା ସୋର ପୋଲିସ ଅନୁମାନ କରୁଥିବା ସୂଚନା ଦେଇଛି।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଭବାନୀପାଟଣା,୩୧।୧(ସ୍ୱ.ପ୍ର.)
କଳାହାଣ୍ଡି ଜିଲା ବିଜେପୁର ଥାନା ଅଞ୍ଚଳରେ ୨୦୧୮ରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଏହି ମାମଲାରେ ୧୯ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ଶୁଭଞ୍ଜୀନ ମହାନ୍ତି ମାଲିୟୁବାଙ୍ଗ ଗ୍ରାମର ଅଭିଯୁକ୍ତ ରୋହିଦାସ ହରିଜନ (୩୨)ଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ସହ ୨୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଆହୁରି ୧ ବର୍ଷ ୧ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ଦିବ୍ୟାଙ୍ଗ ନାବାଳିକାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ୪ ମାସର ଗର୍ଭବତୀ କରିଥିଲେ। ଏ ନେଇ ୨୦୧୮ରେ ବିଜେପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତ ରୋହିଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

## ଗୁଜରାଟର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ମାଲକାନଗିରି ଶିକ୍ଷକ ଗିରଫ

ମାଲକାନଗିରି,୩୧।୧(ଡି.ଏନ୍.ଏ.)
ଗୁଜରାଟ ପଞ୍ଚାୟତ ସର୍ଭିସ୍ ସିଲେକ୍ସନ ବୋର୍ଡର କନିଷ୍ଠ କିରାଣି ପରୀକ୍ଷା ପ୍ରଶ୍ନ ପତ୍ର ପ୍ରଘଟ ଘଟଣାରେ ମାଲକାନଗିରି ଜିଲାର ଜଣେ ଶିକ୍ଷକଙ୍କୁ ଗୁଜରାଟ ବୋଲିସ ଗିରଫ କରିଛି। ସେ ହେଲେ ମାଥିଲି ବ୍ଲକ କର୍ତ୍ତନପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସରୋଜ ମାଲୁ। ଗୁଜରାଟ ପଞ୍ଚାୟତିରାଜ ବିଭାଗରେ ୧୧୮୧ଟି କନିଷ୍ଠ କିରାଣି ପଦବୀ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ରାଜ୍ୟର ୯ ଲକ୍ଷ ୫୩ ହଜାର ପ୍ରାର୍ଥୀ ଆବେଦନ କରିଥିଲେ। ୨୯୯୫ଟି କେନ୍ଦ୍ରରେ ପରୀକ୍ଷା କରାଯିବାକୁ ତାରିଖ ଧାର୍ଯ୍ୟ ହୋଇସାରିଥିବା ବେଳେ ଏହା ପୂର୍ବରୁ ପରୀକ୍ଷା ପ୍ରଶ୍ନପତ୍ର ଲିକ ହୋଇଥିଲା। ଲିକ୍ ହୋଇଥିବା ପ୍ରଶ୍ନଗୁଡିକର ସମସ୍ତ ଉତ୍ତର ମଧ୍ୟ ପରୀକ୍ଷା ପୂର୍ବରୁ ଭାଇରାଲ ହୋଇଥିଲା। ଏହାକୁ କର୍ତ୍ତମପାଲି ସରକାରୀ ହାଇସ୍କୁଲ ଶିକ୍ଷକ ସରୋଜ ମାଲୁ ପ୍ରସ୍ତୁତ କରି ଗୁଜରାଟ ପଠାଇଥିଲେ ବୋଲି ଜଣାପଡ଼ିଛି। ପ୍ରଶ୍ନପତ୍ର ଲିକ୍ ଯୋଗୁ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଗୁଜରାଟ ପୋଲିସ ଏହାର ତଦନ୍ତ କରି ମୋଟ ୧୫ ଜଣଙ୍କୁ ଗିରଫ କରିବା ପରେ ମାଲକାନଗିରିରୁ ପ୍ରଶ୍ନ ଉତ୍ତର ଆସିଥିବା ଜାଣିବାକୁ ପାଇଥିଲା। ଏ ଦିଗରେ ଗୁଜରାଟ ପୋଲିସ ସୁନିଶ୍ଚିତ ହେବା ପରେ ଶେଷରେ ଏକ ଟିମ୍ ମାଲକାନଗିରି ଆସି ସରୋଜଙ୍କୁ ଗିରଫ କରିଥିଲା। ତାଙ୍କୁ ଗୁଜରାଟ ନେଇ ଅଧିକ ପଚରାଉଚୁରା ଚାଲିଛି।

# ପୋଲିସ ଏସ୍‌ଆଇଙ୍କୁ ୫ବର୍ଷ ଜେଲ

## ୭ ହଜାର ଟଙ୍କା ଲାଞ୍ଚ ନେବା ମାମଲା

ବାରିପଦା ଅଫିସ,୩୧।୧
ବାରିପଦାସ୍ଥିତ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟରେ ମଙ୍ଗଳବାର ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡା ଖୁଣ୍ଟା ଥାନାର ତତ୍କାଳୀନ ସବ୍ ଇନିସ୍ପେକ୍ଟର(ଏସ୍‌ଆଇ) ହୃଷୀକେଶ ପଶ୍ଚିମକବାଟଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏହା ସହିତ ୪୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୧ବର୍ଷ ୨ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ଖୁଣ୍ଟା ଥାନା ସାନବେଲାକୁଟି ଗ୍ରାମର ସଞ୍ଜୀବ ପୁଥାଲଙ୍କ ସମେତ ପରିବାରର ୭ ଜଣଙ୍କ ବିରୋଧରେ ଏକ ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପାଇଁ ଏସ୍‌ଆଇ ପଶ୍ଚିମକବାଟ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ୫ ହଜାର ଟଙ୍କା ନେଇଥିବାବେଳେ ବଳକା ଟଙ୍କା ଶୀଘ୍ର ଦେବାକୁ କହିଥିଲେ। ଏ ସମ୍ପର୍କରେ ସଞ୍ଜୀବଙ୍କ ଭାଇ ବିବେକାନନ୍ଦ ପୁଥାଳ ବାରିପଦା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ୨୦୧୫ ଏପ୍ରିଲ ୧୩ ରାତିରେ ଏସ୍‌ଆଇ ପଶ୍ଚିମକବାଟ ଥାନା ମଧ୍ୟରେ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ରାୟ ପ୍ରକାଶ ପରେ ତାଙ୍କୁ ଗିରଫ କରାଯାଇ ବାରିପଦା ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଉକ୍ତ ମାମଲାକୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସରକାରୀ ଆଇନଜୀବୀ ଶାନ୍ତନୁ ଦାସ ପରିଚାଳନା କରୁଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଏସ୍‌ଆଇଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ପୋଲିସ ବିଭାଗକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଏସ୍‌ଆଇ ପଶ୍ଚିମକବାଟ ଏବେ ବାଲେଶ୍ୱର ଟ୍ରାଫିକ ଥାନାରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି।

## ୭ ଯାଏ ହାଲୁକା ଶୀତ

ଭୁବନେଶ୍ୱର,୩୧।୧(ବ୍ୟୁରୋ): ମଙ୍ଗଳବାରଠାରୁ ରାଜ୍ୟକୁ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏଥିଯୋଗୁ ଫେବୃୟାରୀ ୭ ଯାଏ ହାଲୁକା ଶୀତ ଅନୁଭୂତ ହେବ। ସର୍ବନିମ୍ନ ତାପମାତ୍ରାରେ ୨ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ଦିନର ସର୍ବୋଚ୍ଚ ତାପମାତ୍ରା ୩୦ରୁ ୩୨ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବ। ଗତ କିଛିଦିନ ହେବ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିଲା। ଫଳରେ ରାଜ୍ୟରେ ତାତି ବୃଦ୍ଧି ପାଇଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ମଙ୍ଗଳବାର ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୫.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# କୋରାପୁଟ ମାଣ୍ଡିଆକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଣ୍ଡିଆ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

କୋରାପୁଟ,୩୧।୧(ସ୍ୱ.ପ୍ର.)
କୋରାପୁଟ ମାଣ୍ଡିଆ ପ୍ରଦର୍ଶନୀ ପ୍ରକଳ୍ପ ଦିଲ୍ଲୀରେ ପହଞ୍ଚିଛି। ଏହାକୁ ବୁଲି ଦେଖିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। କୋରାପୁଟସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ପ୍ରଜ୍ଞାସ୍ମିତା ବେହେରା ଦିଲ୍ଲୀରେ ଆୟୋଜିତ ମାଣ୍ଡିଆ ପ୍ରଦର୍ଶନୀରେ ସାମିଲ ହୋଇ କୋରାପୁଟ ମାଣ୍ଡିଆ ଏବଂ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥର ପ୍ରଦର୍ଶନ କରିଛନ୍ତି। ସେ ମାଣ୍ଡିଆ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ବିଶଦ ଭାବେ ଅବଗତ କରାଇ ପ୍ରଶଂସିତ ହୋଇଛନ୍ତି। ଏହି ମାଣ୍ଡିଆ କେବଳ ଯେ ପ୍ରଦର୍ଶନୀରେ ପ୍ରଶଂସିତ ହୋଇଛି ତାହା ନୁହେଁ, ମାଣ୍ଡିଆ, ସୁଆଁ, କାଙ୍ଗୁ ଭଳି କୋରାପୁଟର ବଣ ପାହାଡରେ ଉତ୍ପାଦିତ ହେଉଥିବା ଖାଦ୍ୟ ଶସ୍ୟ ପୌଷ୍ଟିକତାପୂର୍ଣ୍ଣ ବୋଲି ପ୍ରଜ୍ଞାସ୍ମିତା ଅବଗତ କରାଇଛନ୍ତି।

ମାଣ୍ଡିଆ ଓ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟର ଚାହିଦା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷକୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ପାଳନ କରାଯାଉଥିବାରୁ ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ମାଣ୍ଡିଆ, ସୁଆଁ, କାଙ୍ଗୁ ଭଳି ଖାଦ୍ୟସଶ୍ୟ ଜିଲାରେ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ହେଉଛି। ମିଲେଟ ମିଶନ ଏହାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ନେଉଛି। ଏହି ଅଞ୍ଚଳରେ ଉତ୍ପାଦିତ ହେଉଥିବା ମାଣ୍ଡିଆକୁ ଚାଷୀଙ୍କଠାରୁ ସିଧାସଳଖ କିଣିବା ପାଇଁ କୋରାପୁଟ ଜିଲାରେ ୪୮ ମଣ୍ଡି ଖୋଲାଯାଇଥିବା ଜିଲା କୃଷି ଅଧିକାରୀ ବିଶ୍ୱରାଜ ରଥ କହିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ମାଣ୍ଡିଆର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୫୭୮ ଟଙ୍କା ରଖାଯାଇଛି। ଖୋଲା ବଜାରରେ କେଜି ପ୍ରତି ୧୫/୨୦ ଟଙ୍କାରେ ମାଣ୍ଡିଆକୁ ବିକ୍ରି କରି ଦେଉଥିବା ଚାଷୀ ମଣ୍ଡିରେ ବିକ୍ରି ନେଇ ଆଗ୍ରହ ପ୍ରକାଶ କରୁଛନ୍ତି।


ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, Fax-2340096
website- http://www.ossctld.in

PURCHASE OF SEEDS FOR KHARIF-2023
INVITATION FOR BIDS No-OSSC/MKTG-35/2023

No.CAD-4658: Managing Director, Odisha State Seeds Corporation Ltd. invites limited tender from the Seed Producers including Govt. Agencies having valid seed license for purchase of Seeds for Kharif 2023 on Item Wise Rate Contact basis in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of Work | Purchase of Seeds for Kharif-2023 |
| 2 | No. of Work | 01 No. |
| 3 | Availability of Bid document in Portal | 15.00 hours on dt.01.02.2023 to 17.00 hours on dt.21.02.2023 |
| 4 | Last date of receipt of tender in Portal | 17.00 hours on dt.21.02.2023 |
| 5 | Date and time of opening of Bid | 10.30 hours on dt.22.02.2023 |

Further the details can be seen from the website https://tendersodisha.gov.in. Any addendum/corrigendum/cancellation can also be seen in the said website. OSSC Ltd. reserves the right to accept or reject the tender without assigning any reason thereof.

Sd./- Managing Director
OSSC Ltd., BBSR
OIPR-01106/11/0019/2223

See Career Appointment on every Wednesday & Saturday

ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, Tel Fax-2340096
E-mail:mdossctld456@gmail.com

NIT No.OSSC/Mktg (Hort)-01/2023
Short e-Tender Call Notice for Procurement of Certified Seeds of Chilli & Coriander, 2022-23

No.CAD-4685: OSSC Ltd. invites e-Tender only from Producers (and in case of GOI PSUs, their Authorized Agencies) on item wise rate contract basis in double cover system through online mode only for the works below.

| | |
|---|---|
| Name of the Work | Purchase of Certified Seed of Chilli & Coriander for 2022-23 |
| Nos. of Work | One |
| Availability of bid documents in Portal | 15 hours on 02.02.2023 to 17 hours of 13.02.2023 |
| Last date of receipt of tender in portal | 17 hours of 13.02.2023 |
| Date and Time of opening of Bid | 11 hours of 14.02.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.

Sd./- Managing Director
OSSC Ltd.
OIPR-01106/11/0020/2223

TPCODL
TP CENTRAL ODISHA DISTRIBUTION LIMITED
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022
NOTICE INVITING TENDER
NIT No: TPCODL/P&S/NIT/22-23/018

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Tender Fee inclusive of GST (Rs.) | EMD (Rs. Lakhs) | Last date & time of payment of Tender Fee |
|---|---|---|---|---|---|
| 1 | Rate contract for DT repair / reconditioning | TPCODL/P&S/ 1000000345/2022-23 | 5,000/- | 25 | 10/02/2023, 17.00 Hrs. |
| 2 | Supply of 1.1 KV LT Cable and Control Cable | TPCODL/P&S/ 1000000343/2022-23 | 5,000/- | 50 | 10/02/2023, 17.00 Hrs. |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website.

GOVERNMENT OF ODISHA No.A-1083:
DEPARTMENT OF WATER RESOURCES
Office of the Additional Chief Engineer
Rushikulya Bahuda Basin, Berhampur-760004
e-mail id: se_sicbam@yahoo.com
e-Procurement Notice No.ACE,RBB-38/2022-23

1. Type of Work : Flood Protection Work.
2. Total No. of Works: 02 (Two) Nos.
3. Amount put to Tender : Rs.169.06 Lakh to 282.71 Lakh.
4. Period of Completion : 11 (Eleven) Calendar Months.

| Procurement Officer | Bid Identification No. | Bid Amount (Rs. in lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB, (BEID) 96/2022-23 | 282.71 | From 02.02.2023 10.00 A.M. to 16.02.2023 5.00 P.M. |
| | ACE, RBB, (BEID) 97/2022-23 | 169.06 | |

Date of Opening of the Technical Bid: 17.02.2023 at 11.30 A.M.
Further details can be seen from the Govt. website www.tendersodisha.gov.in.

Sd./- Additional Chief Engineer
Rushikulya Bahuda Basin
Berhampur
OIPR-32411/11/0053/2223

ODISHA CONSTRUCTION CORPORATION LIMITED
(A Govt. of Odisha Undertaking)
No. CAD-4686 Unit - VIII, Bhubaneswar, e-mail: theoccltd@odishaconstruction.com
GSTIN - 21AAACO2571K2ZM
e-Procurement Notice No. 45/OCCL/2022-23 (Online)

Type of Work : Excavation of Spill Channel from RD 80m to RD 750m of Kanpur Irrigation Project (Balance Work)
Total No. of Works : 01 (One) No.
Period of Completion : 06 (Six) Calendar Months

| Bid Identification No. | Amount put to Tender (Approx.) (Rs. in Lakhs) | Bid Security (through Online transfer) (In Rs.) | Availability of Tender (Online) | Submission of Tender (Online) |
|---|---|---|---|---|
| OCC-KSP/04/ 2022-23 | 418.27 lakhs | 4,19,000/- | 02.02.2023, 3.30 P.M. to 16.02.2023, 5.30 P.M. | 02.02.2023, 3.30 P.M. to 16.02.2023, 5.30 P.M. |

Procurement Officer - Managing Director, OCC Ltd., Bhubaneswar
Date of Opening of the Technical Bid: 17.02.2023, 12.00 Noon
Further detail can be seen from the Govt. website (www.tendersodisha.gov.in).
OIPR-34120/11/0043/2223 Sd./- Managing Director

ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ, ଯାଜପୁର
OFFICE OF THE MUNICIPAL COUNCIL, JAJPUR
ସ୍ଥାନ: ଯାଜପୁର – ୭୫୫୦୦୧
At/P.O./Dist.: Jajpur (Odisha), PIN - 755001
E-mail: jajpur.m.1869@gmail.com, Phone No.: 06728-222073
QUOTATION CALL NOTICE
No. 296 Date: 27.01.2023

No. C-2363: Sealed quotations are invited from the Registered Firms/Bidders/Agencies for Procurement of the items are detailed below.
1. LED Strip waterproof warm lighting in all street light poles with decoration of Municipal Office Building on Occasion of Zilla Mohastuv 2023.

The intending bidders satisfying the eligible criteria as provided in the quotation paper can take part in the bidding process. The quotation paper containing general bid information's, terms & conditions will be issued from the Office of the undersigned w.e.f. **27.01.2023 to 03.02.2023** in the working days & hours respectively on payment of cash of **Rs.2000/- (Rupees Two Thousand)** only. Such quotation paper after duly filled in shall be submitted to the undersigned by Regd. Post/Speed Post/Courier Service/in Municipal Office, Jajpur by hand on or before **03.02.2023 by 3.00 P.M.**, which shall be opened on **03.02.2023 at 4.00 P.M.** All other terms and conditions are mentioned in the quotation schedule which may be seen for bidding.
The authority reserves the right to reject or cancel the Notice without assigning any reason thereof.

Sd./- Executive Officer, Jajpur Municipality
OIPR-13171/11/0025/2223

GOVERNMENT OF ODISHA No. O-1728
OFFICE OF THE SUPERINTENDING ENGINEER, RURAL WORKS DIVISION, BARIPADA
e-mail: rw_mayurbhanj@yahoo.co.in
e-Procurement Tender Call Notice No. Online 23/RWD/BPD/2022-23

1. Name of the Work : Road Works
2. Total No. of Works : 02 Nos.
3. Estimated Cost : Approx. Estimated Cost Rs.24.00 lakhs to Rs.58.00 lakhs
4. Class of Contractor : 'D' & 'C'
5. Period of Completion : 2 (Two) Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the O/o. S.E., R.W. Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Baripada | Online/ 23/ RWD-BPD of 2022-23 | Dt.02.02.2023 at 11.00 A.M. | Dt.09.02.2023 upto 3.00 P.M. | Dt.08.02.2023 upto 05.00 P.M. | Dt.09.02.2023 at 05.00 P.M. | Dt.10.02.2023 at 11.00 A.M. |

Further details can be seen from the website www.tendersorissa.gov.in.
Sd./- Aswini Kumar Dandapat
Superintending Engineer, R.W. Division, Baripada
OIPR-25057/11/0028/2223

**ପାକିସ୍ତାନ ମସ୍‌ଜିଦ ବିସ୍ଫୋରଣ ମୃତ୍ୟୁସଂଖ୍ୟା ୧୦୦**

ପାକିସ୍ତାନର ପେଶାୱର ପ୍ରଦେଶରେ ଥିବା ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ ଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧୦୦ରେ ପହଞ୍ଚିଛି। ଏବେ ବି ୧୫୦ ଜଣ ଆହତ ଚିକିତ୍ସିତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ସ୍ଥଳୀରୁ ମଙ୍ଗଳବାର ଅଧିକ ମୃତଦେହ ମିଳିଛି। ମସ୍‌ଜିଦ କେନ୍ଦ୍ରୀୟ ହଲ୍‌ରେ ସୋମବାର ବିସ୍ଫୋରଣ ଘଟିବାରୁ ଏହାର ଛାତ ଭୁଶୁଡ଼ି ଭଗ୍ନାବଶେଷ ତଳେ ଅନେକ ଲୋକ ରହିଯାଇଥିଲେ।

## ସଂକ୍ଷେପରେ

### ବିମାନରେ ପରିସ୍ରା କରିଥିବା ଶଙ୍କର ମିଶ୍ରାଙ୍କୁ ଜାମିନ

**ନୂଆଦିଲ୍ଲୀ,୩୧।୧:** ଗତବର୍ଷ ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଜଣେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିବା ଅଭିଯୁକ୍ତ ଶଙ୍କର ମିଶ୍ରାଙ୍କୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ମଙ୍ଗଳବାର ଜାମିନ ମଞ୍ଜୁର କରିଛନ୍ତି। ପୂର୍ବରୁ ମାଜିଷ୍ଟ୍ରେଟ୍ କୋର୍ଟ ଶଙ୍କରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଅତିରିକ୍ତ ସେସନ୍ସ ଜଜ୍ ହରଜ୍ୟୋତ୍ ସିଂ ଭାଲ୍ଲା ଅଭିଯୁକ୍ତଙ୍କୁ ୧ ଲକ୍ଷ ଟଙ୍କା ବ୍ୟକ୍ତିଗତ ବଣ୍ଡ ବଦଳରେ ଜାମିନରେ ଛାଡ଼ିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଶଙ୍କରଙ୍କ ବିମାନ ଯାତ୍ରା ଉପରେ ଏୟାର ଇଣ୍ଡିଆ ୪ ମାସ ନିଷେଧାଦେଶ ଲଗାଇଥିଲା। ମହିଳାଙ୍କ ଅଭିଯୋଗକ୍ରମେ ଜାନୁୟାରୀ ୪ରେ ଦିଲ୍ଲୀ ପୋଲିସ ମିଶ୍ରାଙ୍କ ବିରୋଧରେ ଏତଲା ଦାଏର କରିବା ସହ ୬ ତାରିଖରେ ତାଙ୍କୁ ଗିରଫ କରିଥିଲା।

### ୧୧ ସ୍ଥାନକୁ ଖସିଲେ ଆଦାନୀ



**ନୂଆଦିଲ୍ଲୀ,୩୧।୧:** ବିଶ୍ୱର ୧୦ ଜଣ ଶ୍ରେଷ୍ଠ ଧନୀଙ୍କ ମଧ୍ୟରେ ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ନାହାନ୍ତି। ଧନୀ ତାଲିକାରେ ସେ ୧୧ତମ ସ୍ଥାନକୁ ଖସିଥିବା ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି। ନ୍ୟୁୟର୍କରେ ପ୍ରତି କାରବାର ଦିବସ ଶେଷରେ ଏହି ସଂଖ୍ୟାରେ ସଂଶୋଧନ କରାଯାଇଥାଏ। ହିଣ୍ଡେନବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ରିପୋର୍ଟ ପ୍ରକାଶ କରିବା ପରେ ଏହାର ଶେୟାର ଦ୍ରୁତ ହ୍ରାସ ପାଇଛି। ୧୦ ଦିନ ପୂର୍ବରୁ ଗୌତମ ଆଦାନୀ ବିଶ୍ୱର ତୃତୀୟ ଶ୍ରେଷ୍ଠ ଧନୀ ଥିବାବେଳେ ଏବେ ସେ ୮୪.୪ ବିଲିୟନ ଡଲାର ସମ୍ପତ୍ତି ସହ ୧୧ତମ ସ୍ଥାନକୁ ଖସିଆସିଛନ୍ତି। ଏହା ସତ୍ତ୍ୱେ ସେ ଏସିଆର ସର୍ବୋଚ୍ଚ ଧନୀ ରହିଛନ୍ତି। ଆମାଜନ କମ୍ପାନୀ ମୁଖ୍ୟ ଜେଫ୍ ବେଜୋସ୍ ଧନୀ ତାଲିକାର ତୃତୀୟ ସ୍ଥାନକୁ ଉଠିଛନ୍ତି। ମଙ୍ଗଳବାର ତାଙ୍କ ସମ୍ପତ୍ତି ପରିମାଣ ୧୨୪ ବିଲିୟନ ଡଲାରରେ ପହଞ୍ଚିଛି। ଲୁଇସ୍ ଭିଟନର ମୁଖ୍ୟ ବେର୍ନାର୍ଡ ଆର୍ନଲ୍ଟ ପ୍ରଥମ ସ୍ଥାନରେ ଥିବାବେଳେ ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଫୋର୍ବସ୍ ରିଅଲ ଟାଇମ୍ ବିଲିଅନେୟାର ଲିଷ୍ଟ ଅନୁଯାୟୀ ଗୌତମ ଆଦାନୀ ବିଶ୍ୱର ଅଷ୍ଟମ ଧନୀ।

### ଭିସ୍ତାରା କ୍ରିଉ ମେମ୍ବରଙ୍କୁ ମୁଥମାରି ମହିଳା ଯାତ୍ରୀ ଗିରଫ

**ମୁମ୍ବାଇ, ୩୧।୧:** ଭିସ୍ତାରା ଏୟାର ଲାଇନ୍ସରେ ଯାତ୍ରା କରୁଥିବା ଜଣେ ମହିଳା କ୍ରିଉ ମେମ୍ବରଙ୍କୁ ମୁଥମାରି ଗିରଫ ହୋଇଛନ୍ତି। ବିମାନଟି ଆବୁଧାବିରୁ ମୁମ୍ବାଇ ଆସୁଥିଲା। ଇଟାଲିର ପାଓଲା ପେରୁସିଓ (୪୫) ନାମ୍ନୀ ମହିଳା ଇକୋନୋମିକ୍ ଶ୍ରେଣୀ ଟିକଟ କରି ବିଜ୍‌ନେଶ କ୍ଲାସରେ ବସିବାକୁ ଜିଦ୍ କରିଥିଲେ। ଅନ୍ ବୋର୍ଡ କ୍ରିଉ ମେମ୍ବର ମହିଳାଙ୍କୁ ଏ ନେଇ ବାରଣ କରିବାରୁ ପାଓଲା କ୍ରିଉ ମେମ୍ବରଙ୍କୁ ମୁଥା ମାରି ସେମାନଙ୍କ ସହ ଝଗଡ଼ା କରିଥିଲେ। ଏଥିସହ ମହିଳାଜଣକ ଅର୍ଦ୍ଧନଗ୍ନ ହୋଇ ସେଠାରୁ ଚାଲିଯାଇଥିବା କ୍ରିଉ ମେମ୍ବର କହିଛନ୍ତି। ବିମାନଟି ମୁମ୍ବାଇରେ ଅବତରଣ କରିବା ପରେ ତୁରନ୍ତ ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରି ନେଇଥିଲା। ଗିରଫର କିଛି ସମୟ ପରେ ମୁମ୍ବାଇର ଏକ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛି। ଘଟଣା ନେଇ ମୁମ୍ବାଇ ପୋଲିସ ପକ୍ଷରୁ ଚାର୍ଜଶିଟ୍ ଦାଖଲ କରାଯାଇଛି। ଉଡ଼ନ୍ତା ବିମାନରେ ଝଗଡ଼ା ରୋକିବା ଲାଗି ପାଇଲଟ ବାରମ୍ବାର ଆନାଉନ୍ସମେଣ୍ଟ କରିଥିଲେ ସୁଦ୍ଧା ମହିଳା କ୍ରିଉ ମେମ୍ବରଙ୍କ ସହ ପାଟିତୁଣ୍ଡ ବନ୍ଦ କରି ନ ଥିବା ଭିସ୍ତାରା ପକ୍ଷରୁ କୁହାଯାଇଛି।




ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକରଁ ସରକାରୀ କର୍ମଚାରୀମାନଙ୍କ ଅବସର ବୟସ ସୀମା ୬୨ରୁ ୬୪କୁ ବୃଦ୍ଧି କରିଛନ୍ତି। ଏହି ପେନ୍‌ଶନ୍ ସଂସ୍କାର ନିଷ୍ପତ୍ତି ବିରୋଧରେ ପ୍ୟାରିସ୍‌ରେ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବିଶାଖାପାଟଣା ହେବ ଆନ୍ଧ୍ର ରାଜଧାନୀ

**ନୂଆଦିଲ୍ଲୀ,୩୧।୧**



ଜଗନମୋହନ ରେଡ୍ଡୀ

ବିଶାଖାପାଟଣା ଆନ୍ଧ୍ରପ୍ରଦେଶର ରାଜଧାନୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ମଙ୍ଗଳବାର ଘୋଷଣା କରିଛନ୍ତି। ଆଗାମୀ ମାସରେ ମୁଖ୍ୟମନ୍ତ୍ରୀ ତାଙ୍କ କାର୍ଯ୍ୟାଳୟ ବିଶାଖାପାଟଣାକୁ ସ୍ଥାନାନ୍ତର କରିବେ। ଆଇନଗତ ପ୍ରତିବନ୍ଧକ ସତ୍ତ୍ୱେ ବିଶାଖାପାଟଣା ସମେତ କୁର୍ନୁଲ ଏବଂ ବର୍ତ୍ତମାନର ରାଜଧାନୀ ଅମରାବତୀକୁ ନେଇ ୩ ରାଜଧାନୀ ଯୋଜନାରୁ ଜଗନ ଓହରିନାହାନ୍ତି। ଏନେଇ ୱାଏସ୍‌ଆର୍‌ସିପି ସରକାରଙ୍କ ଅପିଲ୍ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ବିଶାଖାପାଟଣା୍‌ରେ ଜଗନ ମାର୍ଚ୍ଚ ୩-୪ରେ ଗ୍ଲୋବାଲ ସମିଟ୍ ଲାଗି କାର୍ଯ୍ୟସୂଚୀ ଘୋଷଣା କରିବା ଅବସରରେ ଏହାକୁ ରାଜଧାନୀ ଘୋଷଣା କରିଛନ୍ତି। ତେବେ କେବେଠାରୁ ଏହା କାର୍ଯ୍ୟକାରୀ ହେବ ତାହା କହିନାହାନ୍ତି। ୨୦୧୪ରେ ଆନ୍ଧ୍ରପ୍ରଦେଶରୁ ତେଲଙ୍ଗାନା ଅଲଗା ହେବା ପରେ ହାଇଦ୍ରାବାଦ ନୂଆ ରାଜ୍ୟର ରାଜଧାନୀ ହୋଇଥିଲା। ଟିଡିପି ନେତା ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱରେ ଆନ୍ଧ୍ରପ୍ରଦେଶ ସରକାର ୨୦୧୫ରେ ଅମରାବତୀକୁ ରାଜଧାନୀ ଘୋଷଣା କରିଥିଲେ। ୨୦୨୦ରେ ରାଜ୍ୟ ସରକାର ୩ଟି ରାଜଧାନୀ ଯୋଜନା କରିଥିଲେ। ବିଶାଖାପାଟଣା କାର୍ଯ୍ୟନିର୍ବାହୀ, ଅମରାବତୀ ବ୍ୟବସ୍ଥାପିକା ଏବଂ କୁର୍ନୁଲକୁ ନ୍ୟାୟପାଳିକା ରାଜଧାନୀ କରିବା ଲାଗି ଯୋଜନା ହୋଇଥିଲା। ପରେ ଏହି ବିଲ୍‌କୁ ପ୍ରତ୍ୟାହାର କରି ନିଆଯାଇ ଅମରାବତୀକୁ ଆନୁଷ୍ଠାନିକ ରାଜଧାନୀ କରାଯାଇଥିଲା।

# ଭାରତ ପ୍ରତି ବିଶ୍ୱ ଦୃଷ୍ଟିଭଙ୍ଗୀ ବଦଳିଛି

## ପାର୍ଲାମେଣ୍ଟରେ ରାଷ୍ଟ୍ରପତି ମୁର୍ମୁଙ୍କ ପ୍ରଥମ ଅଭିଭାଷଣ

**ନୂଆଦିଲ୍ଲୀ,୩୧।୧**



ଭାରତ ପ୍ରତି ବିଶ୍ୱ ଦୃଷ୍ଟିଭଙ୍ଗୀରେ ବଦଳିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭରେ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି। ଫଳରେ ପ୍ରତ୍ୟେକ ଭାରତୀୟଙ୍କ ଆତ୍ମବିଶ୍ୱାସ ଆଜି ଶୀର୍ଷରେ ପହଞ୍ଚିଛି। ଭାରତର ଅତୀତ ଗୌରବ ସହ ଆଧୁନିକତାର ସମସ୍ତ ଗୌରବମୟ ଅଧ୍ୟାୟକୁ ଯୋଡ଼ି ଆଗାମୀ ୨୫ ବର୍ଷରେ ଏହାକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ଜନସାଧାରଣ ସେମାନଙ୍କର ଶ୍ରେଷ୍ଠ ପ୍ରତିପାଦନ କରିବା ନିମନ୍ତେ ମୁର୍ମୁ ଆହ୍ୱାନ ଦେଇଛନ୍ତି।

ଦେଶ ସ୍ୱାଧୀନତାର ଅମୃତ କାଳ ଆଗାମୀ ୨୫ ବର୍ଷରେ ଭାରତକୁ ଆତ୍ମନିର୍ଭର କରି ଗଢ଼ିତୋଳିବା ସହ ଏହାର ସମସ୍ତ ମାନବୀୟ ଦାୟିତ୍ୱ ପୂରଣ କରିବାକୁ ହେବ। ସର୍ଜିକାଲ ଷ୍ଟ୍ରାଇକ୍‌ଠାରୁ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଏଲ୍‌ଓସିରୁ ଏଲ୍‌ଏସି, ଅନୁଚ୍ଛେଦ ୩୭୦ ଉଚ୍ଛେଦରୁ ତିନି ତଲାକ ଯାଏ, ସମସ୍ତ ନିଷ୍ପତ୍ତି ମୋ ସରକାରକୁ ନିର୍ଣ୍ଣାୟକ ସରକାର ଭାବେ ସ୍ୱୀକୃତି ଦେଇଥିବା ମର୍ମୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ୯ ବର୍ଷ ଶାସନକାଳ ମଧ୍ୟରେ ଦେଶ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିଛି। ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଶୀର୍ଷରେ ପହଞ୍ଚିବା ସବୁଠୁ ବଡ଼ ପରିବର୍ତ୍ତନ। ଦିନେ ଭାରତ ନିଜ ସମସ୍ୟାର ସମାଧାନ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିଲା। ଏବେ ଏହା ବିଶ୍ୱ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରୁଛି ବୋଲି ମୁର୍ମୁ କହିଛନ୍ତି।

ଡିଜିଟାଲ ନେଟ୍‌ୱର୍କର ସମ୍ପ୍ରସାରଣ, ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଯୋଗୁ ଭାରତରେ ସ୍ଥିର, ନିର୍ଭୀକ ଏବଂ ନିର୍ଣ୍ଣାୟକ ସୃଷ୍ଟି ହୋଇଛି ଏବଂ ବଡ଼ ସ୍ୱପ୍ନ ସାକାର କରିବା ଦିଗରେ କାର୍ଯ୍ୟ କରୁଛି। ବେଟି ବଚାଓ, ବେଟି ପଢ଼ାଓ ଅଭିଯାନର ସଫଳତା ଯୋଗୁ ଭାରତରେ ପ୍ରଥମ ଥର ପାଇଁ ମହିଳାଙ୍କ ସଂଖ୍ୟା ପୁରୁଷଙ୍କୁ ଟପିଛି। ଡିଜିଟାଲ ଇଣ୍ଡିଆ ଯୋଗୁ ଦେଶରେ ସ୍ଥାୟୀ ଓ ସ୍ୱଚ୍ଛ ବ୍ୟବସ୍ଥା ହୋଇପାରିଛି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି।

## ଅଭିଭାଷଣରେ ନୂତନତ୍ୱ ନାହିଁ: ଖାର୍ଗେ

### ୨୦୨୪ ନିର୍ବାଚନ ପାଇଁ ଭାଜପାର ଇସ୍ତାହାର: ବିରୋଧୀ



ମଲ୍ଲିକାର୍ଜୁନ ଖାର୍ଗେ

ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣରେ କିଛି ନୂତନତ୍ୱ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଯଦି ଦେଶ ଉନ୍ନତି କରୁଛି ବୋଲି ସରକାର ଦାବି କରୁଛନ୍ତି, ତେବେ ବେରୋଜଗାରୀ ଏବଂ ଦରଦାମ୍ ବୃଦ୍ଧି ଯୋଗୁ ଗରିବ ହଇରାଣ ହେଉଛନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପାକୁ ୨୦୨୪ରେ ତୃତୀୟ ଥର ବିଜୟୀ କରାଇବା ପାଇଁ ଏକ ନିର୍ବାଚନୀ ଭାଷଣ କହି କଂଗ୍ରେସ ଏମ୍‌ପି ଶଶୀ ଥରୁର ସମାଲୋଚନା କରିଛନ୍ତି। ଏହା ୨୦୨୪ ପାଇଁ ଶାସକ ଭାଜପାର ନିର୍ବାଚନୀ ଇସ୍ତାହାର ପ୍ରଥମ ଅଧ୍ୟାୟ ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ଅଭିଭାଷଣରେ ଦରଦାମ୍ ନିୟନ୍ତ୍ରଣ, ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ମହିଳା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥିବା ସେମାନେ କହିଛନ୍ତି। ସରକାରଙ୍କ ଦ୍ୱାରା ଲିଖିତ ଅଭିଭାଷଣରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥିବା ଟିଏମ୍‌ସି ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରିଏନ୍ କହିଛନ୍ତି। ମହିଳା, ଯୁବପିଢ଼ି, ଦଳିତ ଏବଂ ଆଦିବାସୀମାନଙ୍କ ସଶକ୍ତୀକରଣ କେବଳ କାଗଜରେ ରହିଗଲା ବୋଲି ସିପିଆଇ ଏମ୍‌ପି ବିନୟ ବିଶ୍ୱମ୍ ଅଭିଯୋଗ କରିଛନ୍ତି। ବିମାନ ବିଳମ୍ବ ଯୋଗୁ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ କେତେଜଣ କଂଗ୍ରେସ ଏମ୍‌ପି ରାଷ୍ଟ୍ରପତିଙ୍କ ଅଭିଭାଷଣ ସମୟରେ ଗୃହରେ ଉପସ୍ଥିତ ହୋଇପାରି ନ ଥିଲେ।

## ମନମୋହନ ସିଂଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ



ଡ. ମନମୋହନ ସିଂ

**ଲଣ୍ଡନ,୩୧।୧(ପି.ଟି.)**

ଅର୍ଥନୀତି ଏବଂ ରାଜନୀତି ପ୍ରତି ଅବଦାନ ଲାଗି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କୁ ଲଣ୍ଡନରେ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଛି। ଗତ ସପ୍ତାହରେ ଏକ ପୁରସ୍କାର ଉତ୍ସବରେ ଏହି ସମ୍ମାନ ଘୋଷଣା କରାଯାଇଥିଲା। ବ୍ରିଟେନର ନ୍ୟାଶନାଲ ଇଣ୍ଡିଆନ ଷ୍ଟୁଡେଣ୍ଟସ୍ ଆଣ୍ଡ ଆଲୁମ୍‌ନି ୟୁନିୟନ (ଏନ୍‌ଆଇଏସ୍‌ଏୟୁ) ନୂଆଦିଲ୍ଲୀରେ ମନମୋହନଙ୍କୁ ଏହି ସମ୍ମାନ ପ୍ରଦାନ କରିବ। ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ସମ୍ମାନ ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ୟୁନିଭର୍ସିଟିରେ ମନମୋହନଙ୍କ ସଫଳତାକୁ ସ୍ୱୀକୃତି ବୋଲି କୁହାଯାଇଛି।

## ଶାନ୍ତି ଭୂଷଣଙ୍କ ପରଲୋକ



**ନୂଆଦିଲ୍ଲୀ,୩୧।୧**

ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଆଇନମନ୍ତ୍ରୀ ଶାନ୍ତି ଭୂଷଣଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ହୋଇଥିଲା। ମୋରାରଜୀ ଦେଶାଇ ସରକାରରେ ୧୯୭୭ରୁ ୧୯୭୯ ସେ କେନ୍ଦ୍ରରେ ଆଇନମନ୍ତ୍ରୀ ଥିଲେ। ତାଙ୍କ ପୁଅ ପ୍ରଶାନ୍ତ ଭୂଷଣ ଜଣେ ଆଇନଜୀବୀ ଏବଂ ସାମାଜିକ କର୍ମୀ। ରାମ ମନୋହର ଲୋହିଆଙ୍କ ଏସ୍‌ଏସ୍‌ପି ଦଳର ନେତା ରାଜ ନାରାୟଣଙ୍କ ପାଇଁ ଶାନ୍ତି ଭୂଷଣ ଆଲ୍ଲାହାବାଦ ହାଇକୋର୍ଟରେ ଏକ ମାମଲା ଲଢ଼ିଥିଲେ, ଯେଉଁଥି ପାଇଁ ୧୯୭୫ ନିର୍ବାଚନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ପଦ ହରାଇବାକୁ ପଡ଼ିଥିଲା।

## ଭାରତର ବଜେଟ ବିଶ୍ୱ ପାଇଁ ଆଶାର କିରଣ

**ନୂଆଦିଲ୍ଲୀ,୩୧।୧(ପି.ଟି.)**



ପାର୍ଲାମେଣ୍ଟର ବଜେଟ ଅଧିବେଶ ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣମାଧ୍ୟମକୁ ଉଦ୍‌ବୋଧନ ଦେଉଛନ୍ତି।

ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ଲାଗିରହିଥିବାବେଳେ ଭାରତର ବଜେଟ ସାଧାରଣ ଜନତାଙ୍କ ଆଶା ଆକାଂକ୍ଷା ପୂରଣ ଲାଗି ଉଦ୍ୟମ କରିବ ଏବଂ ଏହା ବିଶ୍ୱ ପାଇଁ ଆଶାର କିରଣ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ବିଶ୍ୱ ଅର୍ଥନୀତିରେ ସ୍ୱୀକୃତ ସ୍ୱର ସବୁ ଦିଗରୁ ସକାରାତ୍ମକ ବାର୍ତ୍ତା ଆଣିବ ବୋଲି ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ପୂର୍ବରୁ ମୋଦି ଗଣମାଧ୍ୟମକୁ ଉଦ୍‌ବୋଧନ ଦେଇ କହିଥିଲେ। ବୁଧବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରିବେ। ଜନସାଧାରଣଙ୍କ ଆକାଂକ୍ଷା ପୂରଣ ଦିଗରେ ଅର୍ଥମନ୍ତ୍ରୀ ସମସ୍ତ ଉଦ୍ୟମ କରିବା ନେଇ ତାଙ୍କର ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି ମୋଦି କହିଛନ୍ତି। ପାର୍ଲାମେଣ୍ଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଭାରତର ସମ୍ବିଧାନ ଏବଂ ସଂସଦୀୟ ବ୍ୟବସ୍ଥାର ଗର୍ବ ତଥା ମହିଳା ଏବଂ ମହାନ ଆଦିବାସୀ ପରମ୍ପରାକୁ ସମ୍ମାନ ଦେବାର ସୁଯୋଗ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗୋଟିଏ ମାତ୍ର ଲକ୍ଷ୍ୟ 'ଭାରତ ପ୍ରଥମ ଏବଂ ନାଗରିକ ପ୍ରଥମ' ଦିଗରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସବୁବେଳେ କାର୍ଯ୍ୟ କରୁଛି। ବଜେଟ ଅଧିବେଶନରେ ସମାନ ମନୋବଳ ପ୍ରକାଶ ପାଇବ ବୋଲି ମୋଦି କହିଥିଲେ। ଅଧିବେଶନ ବେଳେ ଯୁକ୍ତିତର୍କ ଲାଗିରହିବ। ଏହା ସତ୍ତ୍ୱେ ବିରୋଧୀ ଦଳ ପ୍ରସଙ୍ଗଗୁଡ଼ିକ ଭଲଭାବେ ଅନୁଧ୍ୟାନ କରି ସରକାରଙ୍କୁ ଗୃହକାର୍ଯ୍ୟ ପରିଚାଳନାରେ ସହଯୋଗ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

## ଅଭିଭାଷଣ ବର୍ଜନକଲେ ବିଆର୍‌ଏସ୍, ଏଏପି

**ନୂଆଦିଲ୍ଲୀ,୩୧।୧**

### ରାଷ୍ଟ୍ରପତିଙ୍କ ମର୍ଯ୍ୟାଦା ପ୍ରତି ଅପମାନ: ଭାଜପା

ପାର୍ଲାମେଣ୍ଟ ବଜେଟ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବର୍ଜନ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କେନ୍ଦ୍ରରେ ବିଫଳ ହୋଇଥିବାରୁ ଅଭିଭାଷଣ ବର୍ଜନ କରିବା ପାଇଁ ବିଆର୍‌ଏସ୍ ନିଷ୍ପତ୍ତି ନେଇଥିବା କହିଛି। ତେବେ ଜଣେ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ଭାବେ ରାଷ୍ଟ୍ରପତିଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ ବୋଲି ଏହି ଦଳ କହିଛି। ସେହିପରି ଅରବିନ୍ଦ କେଜ୍‌ରିୱାଲଙ୍କ ଏଏପି ମଧ୍ୟ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ପ୍ରତିବାଦରେ ମଙ୍ଗଳବାର ରାଷ୍ଟ୍ରପତିଙ୍କ ଭାଷଣକୁ ବର୍ଜନ କରିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନକରି ବିଆର୍‌ଏସ୍ ଏବଂ ଏଏପି ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଏବଂ ଭାରତର ସଂସଦୀୟ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତି ଅପମାନ କରିଛନ୍ତି ବୋଲି ଭାଜପା କହିଛି। ଭାରତର ପ୍ରଥମ ଆଦିବାସୀ ରାଷ୍ଟ୍ରପତି ପାର୍ଲାମେଣ୍ଟରେ ଅଭିଭାଷଣ ଦେବା ଅଭିନନ୍ଦନୀୟ। ରାଜନୈତିକ ବିରୋଧର ଏକ ସୀମା ରହିଛି ଏବଂ ରାଜନୈତିକ ଦଳଗୁଡ଼ିକ କେତେକ ନିୟମ ପାଳନ କରିବା ଆବଶ୍ୟକ। ବିଆର୍‌ଏସ୍ ଏବଂ ଏଏପି ଅଭିଭାଷଣକୁ ବଏକଟ୍ କରି ସଂସଦୀୟ ଗଣତନ୍ତ୍ରରେ ଅତ୍ୟନ୍ତ ନିମ୍ନସ୍ତରକୁ ଖସିଯାଇଥିବା ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।



ଚେନ୍ନାଇରେ ଜି୨୦ ଶିକ୍ଷା କାର୍ଯ୍ୟକାରୀ ଗ୍ରୁପ୍ ବୈଠକ ଉଦ୍‌ଘାଟନ ପୂର୍ବରୁ ମଙ୍ଗଳବାର ପ୍ରତିନିଧିମାନଙ୍କୁ ପାରମ୍ପରିକ ସ୍ୱାଗତ କରାଯାଇଛି।

# ପିଏମ୍ କେୟାର୍ସ ସରକାରଙ୍କ ପାଣ୍ଠି ନୁହେଁ

**ନୂଆଦିଲ୍ଲୀ,୩୧।୧(ପି.ଟି.)**

PMCARES
Prime Minister's Citizen Assistance and Relief in Emergency Situations Fund

- ଆର୍‌ଟିଆଇ ଆଇନ ଲାଗୁ ହେବ ନାହିଁ
- ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଲା ପିଏମ୍‌ଓ

ଜରୁରୀ ସ୍ଥିତିରେ ନାଗରିକଙ୍କୁ ସହାୟତା ଓ ରିଲିଫ ପ୍ରଦାନ ଲାଗି ପ୍ରଧାନମନ୍ତ୍ରୀଙ୍କ ପାଣ୍ଠି (ପିଏମ୍ କେୟାର୍ସ) ସରକାରୀ ପାଣ୍ଠି ନୁହେଁ ବୋଲି କେନ୍ଦ୍ର ସରକାର ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ସଂଜ୍ଞା ଅନୁଯାୟୀ ଏହି ପାଣ୍ଠି ସାର୍ବଜନିକ କର୍ତ୍ତୃପକ୍ଷ ନୁହେଁ। ତେଣୁ ଏହା ଆର୍‌ଟିଆଇ ଆଇନର ବ୍ୟବସ୍ଥା ମଧ୍ୟରେ ଆସୁ ନ ଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ହାଇକୋର୍ଟଙ୍କୁ କୁହାଯାଇଛି। ପିଏମ୍‌ଓ କେୟାର୍ସ ଟ୍ରଷ୍ଟ ଦାୟିତ୍ୱରେ ଥିବା ପିଏମ୍‌ଓର ଉପସଚିବ ପ୍ରଦୀପ କୁମାର ଶ୍ରୀବାସ୍ତବ ଅଦାଲତରେ ସତ୍ୟପାଠ ଦାଖଲ କରି କହିଛନ୍ତି, ଏହି ଟ୍ରଷ୍ଟ ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛି ଏବଂ ଏହାର ପାଣ୍ଠି ଜଣେ ଅଡିଟରଙ୍କ ଦ୍ୱାରା ଅଡିଟ୍ କରାଯାଉଛି। ଭାରତର କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଙ୍କ ଦ୍ୱାରା ପ୍ରସ୍ତୁତ ପ୍ୟାନେଲରୁ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଅଡିଟ୍ ଦାୟିତ୍ୱ ଦିଆଯାଇଛି। ପିଏମ୍ କେୟାର୍ସ ସମ୍ବିଧାନ କିମ୍ବା ଆର୍‌ଟିଆଇ ଆଇନ ଅଧୀନରେ ଆସୁ ନ ଥିବାରୁ ତୃତୀୟ ପକ୍ଷ ସୂଚନା ପ୍ରଦାନ କରିବାକୁ ଅନୁମତି ଦିଆଯାଇ ନାହିଁ। ପିଏମ୍ କେୟାର୍ସକୁ ସମ୍ବିଧାନ ଅନୁଯାୟୀ ସରକାରୀ ପାଣ୍ଠି ଘୋଷଣା କରିବା ସହ ଏହାର କାର୍ଯ୍ୟକୁ ସ୍ୱଚ୍ଛ କରିବା ଲାଗି ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ପିଟିଶନ ଦାଏର ହୋଇଥିବାବେଳେ ଏହାର ଜବାବରେ ପିଏମ୍‌ଓ ପକ୍ଷରୁ ସତ୍ୟପାଠ ଦାଖଲ ହୋଇଛି। ଆବେଦନକାରୀ ସମ୍ୟକ ଗଙ୍ଗୱାରଙ୍କ ତରଫରୁ ଯୁକ୍ତି ଶୁଣିବା ପରେ ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦ ଜବାବ ରଖିବା ଲାଗି ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ।

**ନବ ଦାସଙ୍କ ଝିଅପୁଅଙ୍କୁ ସମବେଦନା ଜଣାଇଲେ ବବି**

ଝାରସୁଗୁଡ଼ା ଅଫିସ୍,୩୧।୧: ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଦେହାନ୍ତ ପରେ ତାଙ୍କ ଝାରସୁଗୁଡା ସରବାହାଲସ୍ଥିତ ବାସଭବନରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ମଙ୍ଗଳବାର ପହଞ୍ଚି ପୁଅ ବିଶାଳ ଓ ଝିଅ ଦୀପାଳିଙ୍କୁ ସମବେଦନା ଜଣାଇଛନ୍ତି।

# ଜାମିନ ସତ୍ତ୍ୱେ ଜେଲରେ ୫ ହଜାର ବନ୍ଦୀ

**ନୂଆଦିଲ୍ଲୀ,୩୧।୧**

ଦେଶର ବିଭିନ୍ନ ଜେଲରେ ପ୍ରାୟ ୫,୦୦୦ ବିଚାରାଧୀନ କଏଦୀ ଜାମିନ ପାଇବା ସତ୍ତ୍ୱେ ବନ୍ଦୀ ଜୀବନ ବିତାଉଥିବାବେଳେ ସେମାନଙ୍କ ମଧ୍ୟରୁ ୧,୪୧୭ ଜଣଙ୍କୁ ମୁକ୍ତ କରାଯାଇଛି। ବନ୍ଦୀଙ୍କ ମଧ୍ୟରେ ଓଡ଼ିଶାର ଅନ୍ୟୂନ ୧୦୦ ଜଣ ଥିବା ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ (ଏନ୍ଏଲ୍ଏସ୍ଏ) ସୁପ୍ରିମକୋର୍ଟଙ୍କୁ ମଙ୍ଗଳବାର ଅବଗତ କରାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୬ରେ ସମ୍ବିଧାନ ଦିବସ ଅବସରରେ ନିଜ ପ୍ରଥମ ଅଭିଭାଷଣରେ ଓଡ଼ିଶା ଓ ଝାଡ଼ଖଣ୍ଡର ଗରିବ ଆଦିବାସୀମାନେ କିପରି ଜାମିନ ପାଇବା ପରେ ମଧ୍ୟ ବେଲ୍ ଆମାଉଣ୍ଟ ଦେଇ ନ ପାରି ଜେଲଗୁଡ଼ିକରେ ଶଢୁଛନ୍ତି ତା' ଉପରେ ଆଲୋକପାତ କରିଥିଲେ। ୨୯ ତାରିଖରେ ସୁପ୍ରିମକୋର୍ଟ ଜାମିନ୍ ସତ୍ତ୍ୱେ ଜେଲରେ ଥିବା ବିଚାରାଧୀନ କଏଦୀମାନଙ୍କୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଜାମିନ ସର୍ତ୍ତ ପୂରଣ ପାଇଁ ଅସମର୍ଥ କଏଦୀମାନଙ୍କ ସମ୍ପର୍କରେ ଏନ୍ଏଲ୍ଏସ୍ଏଙ୍କୁ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶନାମା ଜାରି ସକାଶେ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକସ୍ଥଳେ ଏଭଳି ବନ୍ଦୀମାନଙ୍କୁ ଆଇନଗତ ସହାୟତା ପ୍ରଦାନ ଲାଗି ଏନ୍ଏଲ୍ଏସ୍ଏ ପଦକ୍ଷେପ ନେବେ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ରାଷ୍ଟ୍ରପତିଙ୍କ ମନ୍ତବ୍ୟ ପରେ ଜାମିନ ପ୍ରଦାନ ସମ୍ପର୍କିତ ନୀତି ପ୍ରଣୟନ ଉପରେ ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍ ଓକାଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଶୁଣାଣି କରିଥିଲେ। ସର୍ବୋଚ୍ଚ ଅଦାଲତଙ୍କୁ ଏହି ପ୍ରସଙ୍ଗରେ ଆମିକସ୍‌କ୍ୟୁରି ଭାବେ ସହାୟତା ଦେଉଥିବା ଆଇନଜୀବୀ ଗୌରବ ଅଗ୍ରୱାଲ ଏନ୍ଏଲ୍ଏସ୍ଏ ରିପୋର୍ଟ ସମ୍ପର୍କରେ ଅବତାରଣା କରିଛନ୍ତି। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନଭେମ୍ବର ୨୯ର ନିର୍ଦ୍ଦେଶନାମା ଅନୁଯାୟୀ ଏନ୍ଏଲ୍ଏସ୍ଏ ଷ୍ଟେଟ୍ ଲିଗାଲ୍ ସର୍ଭିସେସ୍ ଅଥରିଟି (ଏସ୍ଏଲ୍ଏସ୍ଏ)ମାନଙ୍କୁ ୧୫ ଦିନ ମଧ୍ୟରେ ବିଚାରାଧୀନ କଏଦୀଙ୍କ ରିପୋର୍ଟ ମାଗିଥିଲେ। ଡିସେମ୍ବର ଶେଷ ସୁଦ୍ଧା ଅଧିକାଂଶ ଏସ୍ଏଲ୍ଏସ୍ଏ ରିପୋର୍ଟ ପ୍ରଦାନ କରିଥିଲେ। ସାରା ଦେଶର ଜେଲଗୁଡ଼ିକରେ ଥିବା ପ୍ରାୟ ୫ ହଜାର କଏଦୀ ମୁକୁଳିପାରି ନାହାନ୍ତି। ଜାମିନଦାର ଯୋଗାଡ଼ ଓ ସିଓରିଟି ବାବଦ ଅର୍ଥ ପଇଠ କରିବାରେ ସମର୍ଥ ନ ହେବାରୁ ସେମାନଙ୍କୁ ଛଡ଼ାଯାଇ ନାହିଁ। ୨,୩୫୭ ଜଣଙ୍କୁ ଆଇନଗତ ସହାୟତା ଦିଆଯାଇଥିବାବେଳେ ୧୪୧୭ କଏଦୀ ମୁକୁଳିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



**ବିଚାରାଧୀନ କଏଦୀଙ୍କ ମଧ୍ୟରେ ଓଡ଼ିଶାର ୧୦୦**

ମହାରାଷ୍ଟ୍ର ଏସ୍ଏଲ୍ଏସ୍ଏଙ୍କଠାରୁ ପ୍ରାପ୍ତ ଡେଟା ଅନୁସାରେ ରାଜ୍ୟର ୭୦୩ ବିଚାରାଧୀନ କଏଦୀ ଜାମିନ ପାଇବା ପରେ ବି ସର୍ତ୍ତ ପୂରଣ କରି ନ ପାରିବାରୁ ମୁକୁଳିନାହାନ୍ତି। ସେହିପରି ଓଡ଼ିଶାର ୨୩୮ ବିଚାରାଧୀନ କଏଦୀ ଜେଲରେ ଥିବାବେଳେ ସେମାନଙ୍କ ମଧ୍ୟରୁ ଅନ୍ୟୂନ ୧୦୦ ଜଣ ଜାମିନ ପାଇ ମଧ୍ୟ ମୁକୁଳିପାରି ନାହାନ୍ତି।

## ନୂଆପଡ଼ା ଉପାନ୍ତରେ ମାଓବାଦୀ ପୋଷ୍ଟର

**ନୂଆପଡ଼ା ଅଫିସ/ ସିନାପାଲି,୩୧।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଥାନା ଉପାନ୍ତ ଅଞ୍ଚଳରେ ସୋମବାର ରାତିରେ ମାଓବାଦୀମାନେ ପୋଷ୍ଟର ଲଗାଇଛନ୍ତି। ପୋଷ୍ଟରରେ ମେନପୁର ନୂଆପଡା ମାଓବାଦୀ ଡିଭିଜନ କମିଟି ଲେଖା ହୋଇଥିବା ବେଳେ ସାମ୍ବିଧାନିକ ନିୟମ ଉଲ୍ଲଂଘନ କରାଯାଇଥିବା ଦର୍ଶାଯାଇଛି। ଖବର ପାଇ ମଙ୍ଗଳବାର ସକାଳେ ସ୍ଥାନୀୟ ପୋଲିସ ପହଞ୍ଚି ପୋଷ୍ଟର ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ଖଡ଼ିଆଳ ଏସ୍‌ଡିପିଓ ଅରୁପ ଭୂଷଣ ବେହେରା ସୂଚନା ଦେଇଛନ୍ତି। ସିନାପାଲି ଥାନା ଅନ୍ତର୍ଗତ ଫୁଲଟୀ ରାସ୍ତା ନିକଟ ବନ ବିଭାଗ ଦ୍ୱାରା ଲଗାଯାଇଥିବା ସୂଚନା ଫଳକ ଓ ନଙ୍ଗଲବୋର୍ଡ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଗେଟରେ ଧଳାରଙ୍ଗ କାଗଜରେ ସବୁଜ ରଙ୍ଗରେ ହିନ୍ଦୀ ଭାଷାରେ ଲେଖା ହୋଇଛି। ସେଥିରେ ଉଲ୍ଲେଖ ହୋଇଛି ଯେ, ଅଞ୍ଚଳର ନଙ୍ଗଲବୋର୍ଡ ଗ୍ରାମର ସମୁଦ୍ର ବାଗ ଜଣେ ମାଓବାଦୀଙ୍କୁ ଚିକିତ୍ସା ପାଇଁ ନେଉଥିଲେ। ସେହି ସମୟରେ ସମୁଦ୍ର ବାଗ ସହ ଜଣେ ମହିଳା ମାଓବାଦୀଙ୍କୁ ନବରଙ୍ଗପୁର ଡିଭିଏଫ ପୋଲିସ ଗିରଫ କରିଥିଲା ଏବଂ ସେଥିରୁ ସମୁଦ୍ର ବାଗଙ୍କୁ ମାଓବାଦୀ ସଙ୍ଗଠନର ପାର୍ଟି ମେମ୍ବର ଦର୍ଶାଇଥିଲା। ଏହାକୁ ପୋଷ୍ଟରରେ ଖଣ୍ଡନ କରାଯାଇଛି। ସମୁଦ୍ର ବାଗ ପାର୍ଟି ମେମ୍ବର ନୁହେଁ ବୋଲି ପୋଷ୍ଟରରେ ଲେଖାହୋଇଛି। ଗିରଫ ୨ଜଣଙ୍କୁ ୨୪ ଘଣ୍ଟା ଭିତରେ କୋର୍ଟ ଚାଲାଣ ନ କରି ପୋଲିସ ସାମ୍ବିଧାନିକ ନିୟମ ଉଲ୍ଲଘଂନ କରିଥିବା ପୋଷ୍ଟରରେ ଦର୍ଶାଯାଇଛି।

## କୋଟିଆ ପରେ ରାୟଗଡ଼ା ଉପରେ ଆନ୍ଧ୍ରର ନଜର

**ରାୟଗଡ଼ା ଅଫିସ,୩୧।୧**

- **ଓଡ଼ିଶା ସୀମାର ୫ଶହ ମିଟର ଜମିରେ ରାସ୍ତା କରୁଥିଲା ଆନ୍ଧ୍ର**
- **କାମ ବନ୍ଦ କରି ଜମି ମାପ କରାଇଲା ରାୟଗଡ଼ା ପ୍ରଶାସନ**

କୋରାପୁଟ ଜିଲା କୋଟିଆ ପରେ ଏବେ ରାୟଗଡ଼ା ଜିଲାରେ ଜବରଦଖଲ ଉଦ୍ୟମ କରୁଛି ଆନ୍ଧ୍ର ସରକାର। ଆପୋସ ସମାଧାନ ପାଇଁ ଆନ୍ଧ୍ର ପ୍ରଶାସନିକ ଅଧିକାରୀଙ୍କୁ ଡକାଯାଇଥିଲେ ମଧ୍ୟ ସେମାନେ ଆସି ନ ଥିଲେ। ଏହାପରେ ଓଡ଼ିଶା ଅଧିକାରୀମାନେ ଉକ୍ତ ରାସ୍ତା କାମକୁ ବନ୍ଦ କରିଥିଲେ। ରାୟଗଡ଼ା ଜିଲା ସଦର ବ୍ଲକ ଦୁର୍ଗାପାଦୁ ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ଗାଁ ପାଲାମ ତୁଳସୀ। ଏହି ଗାଁ ନିକଟ ୫୦୦ ମିଟର ଜମି ଜବରଦଖଲ କରି ଆନ୍ଧ୍ର ସରକାର ରାସ୍ତା ନିର୍ମାଣ କରୁଥିଲେ। ଖବରପାଇ ଓଡ଼ିଶା ସରକାରଙ୍କ ପକ୍ଷରୁ ତହସିଲଦାର ତାପସ ରାଉତ, ବ୍ଲକ ଅଧିକାରୀ ଲକ୍ଷ୍ମୀନାରାୟଣ ସାବତ, ଚାଷୀ ଏକତା ପରିଷଦ ସଦସ୍ୟମାନେ ସେଠାରେ ପହଞ୍ଚି ରାସ୍ତା କାମ ରୋକିଥିଲେ। ଜାନୁୟାରୀ ୩୧ରେ ସୀମା ଚିହ୍ନଟ କରାଯିବ। ଏଥିପାଇଁ ଉଭୟ ଆନ୍ଧ୍ର ଓ ଓଡ଼ିଶାର ଅଧିକାରୀମାନେ ଉପସ୍ଥିତ ରହିବାକୁ ସ୍ଥିର କରାଯାଇଥିଲା। କିନ୍ତୁ ମଙ୍ଗଳବାର ଆନ୍ଧ୍ର ଅଧିକାରୀମାନେ ଆସି ନ ଥିଲେ। ଓଡ଼ିଶାର ଅଶ୍ୱିନ କୁମାର ପଣ୍ଡା, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ ଅଫିସର ବିଜୟ ନାୟକ, ସନ୍ତୋଷ ଦୋରା, ରାଜସ୍ୱ ସୁପରଭାଇଜର ପି. ମଲିକାର୍ଜୁନ, ସମ୍ପାଦକ ପ୍ରୀତମ କୁମାର, କୋଟେଶ୍ୱର ଗାଣ୍ଡା ପ୍ରମୁଖ ସେଠାରେ ପହଞ୍ଚିଥିଲେ। ଅଧିକାରୀମାନେ ଓଡ଼ିଶା ସୀମା ଚିହ୍ନ ସେଠାରେ ଖୁମ୍ବ ପୋତିଛନ୍ତି। ଏନେଇ ବିଡିଓ ଲକ୍ଷ୍ମୀନାରାୟଣ ସାବତଙ୍କୁ ପଚାରିବାରୁ, ୧୦ ଦିନ ପୂର୍ବେ ଆନ୍ଧ୍ର ଅଧିକାରୀମାନେ ରାସ୍ତା ତିଆରି କରୁଥିଲେ। ଆମେ ଖବରପାଇ ସେଠାରେ ପହଞ୍ଚିଥିଲୁ। ୩୧ରେ ମାପ ପାଇଁ ସ୍ଥିର ହୋଇଥିଲା। କିନ୍ତୁ କେହି ଆସି ନ ଥିଲେ। ତେଣୁ ମ୍ୟାପ୍ ଦେଖି ଆମ ଜାଗା ଚିହ୍ନଟକରି ଆସିଲୁ ବୋଲି ସେ କହିଛନ୍ତି।

## ୩ ନିଖୋଜ ନାବାଳିକା ତାଳଚେର ଷ୍ଟେଶନରୁ ଉଦ୍ଧାର

**ଅନୁଗୋଳ ଅଫିସ, ୩୧।୧**

ବଲାଙ୍ଗୀର ସହରରୁ ନିଖୋଜ ହୋଇଯାଇଥିବା ୩ ନାବାଳିକାଙ୍କୁ ସୋମବାର ଭୋର ସମୟରେ ଅନୁଗୋଳ ଜିଲା ତାଳଚେର ରେଳ ଷ୍ଟେଶନରୁ ଆର୍‌ପିଏଫ୍ ଓ ଜିଆର୍‌ପି ପକ୍ଷରୁ ଉଦ୍ଧାର କରାଯାଇ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରାଯାଇଛି। ଚାଇଲ୍ଡ ଲାଇନ ସେମାନଙ୍କୁ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ଜିମାରେ ଦେବା ପରେ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଛି। ନାବାଳିକାମାନଙ୍କ ପରିବାର ଓ ବଲାଙ୍ଗୀର ପୋଲିସଙ୍କୁ ଜଣାଇ ଦିଆଯାଇଛି। ବୁଧବାର ପରିବାର ଲୋକେ ଅନୁଗୋଳରେ ପହଞ୍ଚିବା ପରେ ନାବାଳିକାମାନଙ୍କୁ ହସ୍ତାନ୍ତର କରାଯିବ। ବଲାଙ୍ଗୀର ସହରରୁ ସମ୍ପୃକ୍ତ ୩ ନାବାଳିକା ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକେ ଗତ ୨୯ ତାରିଖରେ ବଲାଙ୍ଗୀର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ପକ୍ଷରୁ ବିଭିନ୍ନ ଥାନାକୁ ଜଣାଇ ଦିଆଯାଇଥିଲା। ସୋମବାର ସନ୍ଧ୍ୟାରେ ନାବାଳିକାମାନେ ବଲାଙ୍ଗୀର ରେଳଷ୍ଟେଶନରୁ ମୁମ୍ବାଇ-ପୁରୀ ସୁପରଫାଷ୍ଟ ଟ୍ରେନ୍ (ନଂ. ୧୨୧୪୫)ରେ ଚଢ଼ିଥିବା ବଲାଙ୍ଗୀର ଆର୍‌ପିଏଫ୍ ସମସ୍ତ ଷ୍ଟେଶନକୁ ସୂଚନା ଦେଇଥିଲା।

---

**GOVERNMENT OF ODISHA**
**OFFICE OF THE DEPUTY DIRECTOR, GEOLOGY**
**GROUND WATER DEVELOPMENT DIVISION, BHAWANIPATNA**
At/PO-Paramanandapur,Dist-Kalahandi,Pin-766002.Ph/Fax No.06670-232836/291159,
e-mail:srgeologistbhawanipatna@gmail.com
NATIONAL COMPETITIVE BIDDING THROUGH e-Procurement
Identification No.17/GWBPTN/AR/2022-23

No.A-1088:

**e-Procurement Notice**

Name of the Work: Different works under Artificial Recharge scheme in Upper Silda Nalla Watershed, Nuapada Block, Nuapada District. Total No. of Works: 04 (Four). Estimated Cost: Rs.10.5 lakhs to 39.68 Lakhs. Class of Contractor: C & D Class Contractor. Period of Completion: 01 Calendar Month.

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & Time of Opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Deputy Director,Geology Ground Water Development Division, Bhawanipatna | 17/GWBPTN/ AR/ 2022-23 | 04 (Four) | 28.01.2023 | 07.02.2023 | 07.02.2023 |

For details can be seen from the Government website www.tendersorissa.gov.in.

Sd./- Deputy Director, Geology
OIPR-32470/11/0009/2223

---

**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, BOLANGIR**

No. b-45

E-Mail ID: eenhbolangir@gmail.com

**TENDER CALL NOTICE**

**Bid Identification No. 12/EE NH (BGR) of 2022-23**

No. 167 Dated: 30.01.2023

1. The Executive Engineer, N.H. Division, Bolangir invites **percentage rate bids in Single Cover System on Online Mode** for construction of works as detailed in the table below from eligible contractors as mentioned in Col.-7 registered with the State and Contractors of equivalent Grade or Clas registered with Central/other State Government/MES/Railways for execution of Civil Works, on production of difinite proof from the appropriate authority.

| Sl. No. | Name of the Work | Concerned NH Division | Approximate Value of work in INR (Excl. GST) | Bid Security/ E.M.D. in INR (Offline) | Cost of Tender Documents in INR (Online) | Class of Eligible Contractor | Period of Completion in Months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | FDR to NH-353 such as construction of RCC drain from Km 68/120 to 68/244 Km for the year 2022-23 | N.H. Division, Bolangir | 8,70,310.00 | 8,800.00 | 4,000.00 | 'D' & 'C' | 3 (Three) Calendar Months |
| 2 | FDR to N.H.-26 such as construction of R.C.C. Drain from Km 76/190 to 76/570 Km (RHS) for the year 2022-23 | N.H. Division, Bolangir | 27,59,227.00 | 27,600.00 | 6,000.00 | 'C' & 'B' | 3 (Three) Calendar Months |
| 3 | FDR to N.H.-26 such as construction of Toe Wall from Km 122/303 to 122/405 Km (RHS), from Km 123/102 to 123/140 Km (RHS) & Construction of Toe Wall of Bridge approach at 121/400 Km for the year 2022-23 | N.H. Division, Bolangir | 16,90,842.00 | 17,000.00 | 6,000.00 | 'D' & 'C' | 3 (Three) Calendar Months |

2. Bid documents with detailed terms and conditions will be available online on e-tendering portal of MoRT&H **https://eprocure.gov.in** from 03.02.2023 11.00 A.M. to 12.02.2023 5.00 P.M. for Online bidding. Bids must be submitted online only at e-tendering portal of MORTH **https://eprocure.gov.in** by BID due date i.e. on or before 12.02.2023 upto 5.00 P.M. Bids received on "Online" shall be opened at 11.00 A.M. on 13.02.2023 in the office chamber of the Executive Engineer, NH Division, Bolangir.
3. Bidders shall make payment in electronic mode only in PAOs Bank Account towards cost of Tender Documents as mentioned in Col.-6 through NTRP portal i.e. **www.bharatkosh.gov.in**. The bidder shall furnish bid security/E.M.D. as mentioned in Col.-5 in offline mode in shape of N.S.Cs/Post Office Savings Bank Account/Post Office Time Deposit Account/Kisan Vikas Patra/Term Deposit Receipt pledged in favour of Executive Engineer, NH Division, Bolangir/Bank Guarantee in favour of the Executive Engineer, NH Division, Bolangir from any Nationalized/Scheduled Bank in India.

Further details can be seen from the MORTH website **https://eprocure.gov.in**.

Sd./- Executive Engineer, Bolangir NH Division
OIPR-34101/11/0001/2223

---

**GOVERNMENT OF ODISHA**
**e-PROCUREMENT NOTICE**
**WORKS DEPARTMENT**
**Bid Identification No. S.E. CBT (R&B) 25/2022-23**

No.B-1200: charbatiadivision1@gmail.com

i. Name of the work : Building works - 06 Nos
ii. Estimated cost : Rs. 6,47,878/- to Rs. 77,81,038/-
iii. Period of completion : 01 month to 06 months (30 Days to 180 Days)
iv. Date & time of availability of Bid documents in the portal : From 10.00 AM of 01.02.2023 to 15.02.2023 up to 5.00 PM for "online" bidding
v. Last date/ time for receipt of Bids in the portal : 15.02.2023 up to 5.00 PM.
vi. Name and address of the officer inviting bid : Superintending Engineer, Charbatia (R&B) Division, Choudwar

Further details can be seen from the e-procurement portal http://www.tendersorissa.gov.in. Any addendum/ corrigendum/ cancellation of tender can also be seen in the said website.

Sd./- Superintending Engineer
Charbatia (R&B) Division, Choudwar
OIPR-34092/11/0019/2223

---

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, BALASORE**
E-mail - eelidvnbls@yahoo.com
**e - Procurement Notice**
**Bid Identification No: 05/2022-23 /DT. 27.01.2023**

**No.CAD-4659:** 1. Name of the Tender Inviting Officer-Executive Engheer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work- Revival of defunct CLIP in Sadar Block of Balasore District.
3. No.of Package:- 01 No. (State Plan - 2022-23)
4. Cost of Tender Amount :- Rs.1486770/-
5. Date and time of availability of bid document in portal for on-line bidding from 06.02.2023 at 11.00 hrs to dated.20.02.2023 at 17.00 hrs.
6. Last date and time of receipt of bid in the portal dated 20.02.2023 upto 17.00 hrs.
7. Last date & time to seek clarification dated 17.02.2023 upto 17.00 hrs.
8. Date of opening of Technical bid (Cover-1) dated 21.02.2023 at 11.00 hrs.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt. of Odisha i.e.www.tenderodisha.gov.in.
11. Subsequent corrigendum/addendum if required shall be available in above portal.

Sd./- Er. S.K. Choudhary
OIPR-32150/11/0003/2223 Executive Engineer, L.I.Division, Balasore

---

**OFFICE OF THE MUNICIPAL COUNCIL, BARBIL** No.C-2360

**TENDER CALL NOTICE NO. 231 DATE. 31.01.2023**

1. Name of the work:- Civil construction works as mentioned in website of Barbil Municipality.
2. No. of work:- 27 (Twenty seven)
3. Bid value:- Rs.26,000/- to Rs.1,99,900/-
4. Period of completion:- 30 days
5. Period of availability of tender paper:- From Dt.01.02.2023 to Dt.13.02.2023 upto 11.00 A.M.
6. Last date & time for submission of tender paper- Dt.13.02.2023 upto 1.00 P.M.
7. Date & time of opening of Technical Bid:- Dt.13.02.2023 at 3.30 P.M.
8. Name and address of the officer inviting bid:- EXECUTIVE OFFICER, BARBIL MUNICIPALITY

Details can be seen from Barbil Municipality website:-**www.barbilmunicipality.in**

Sd/- Executive Officer,
Barbil Municipality
OIPR-13108/11/0023/2223

---

No.AA-30

ଓଡ଼ିଶା ସରକାର

**GOVERNMENT OF ODISHA**

**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**

**UNIT-V, POWER HOUSE SQUARE, BHUBANESWAR**
**Tel.- 0674-2394873, Fax- 0674-2391255**
**Email: eic-epcei@nic.in**

ନଂ. 503 ତା– 30.01.2023

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ଏକକାଳୀନ ସମାଧାନ (OTS) ଯୋଜନା ମାଧ୍ୟମରେ କ୍ୟାପ୍ଟିଭ୍ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ୩୧.୦୩.୨୦୨୨ ସୁଦ୍ଧା ଥିବା ବକେୟା ବିଦ୍ୟୁତ୍ ଶୁଳ୍କର (Electricity Duty) ଆପୋଷ ସମାଧାନ ନିମନ୍ତେ ୩୦.୧୧.୨୦୨୨ ତାରିଖରେ ଏକ ରିଜୋଲ୍ୟୁସନ (No. ENG-BUD-ED-0005-2019/11797) ପ୍ରକାଶ କରାଯାଇଥିଲା । ଏହି ଯୋଜନା କାର୍ଯ୍ୟକାରୀ ନିମନ୍ତେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଓଡ଼ିଶା ଏକ ପରିଚାଳନାଗତ ମାର୍ଗଦର୍ଶିକା (Operational Guidelines) ତା–୦୭.୧୨.୨୦୨୨ରେ ଜାରି କରିଥିଲେ । ଏଥି ନିମନ୍ତେ ତା୧୦.୧୨.୨୦୨୨ରେ ଉଭୟ ଇଂରାଜୀ ଏବଂ ଓଡ଼ିଆ ପତ୍ରିକାରେ ସୂଚନା ପ୍ରକାଶ କରାଯାଇଥିଲା । **ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାର ଅବଧି ୦୬.୦୨.୨୦୨୩ରେ ସମାପ୍ତ ହୋଇଯିବ ।** ଏହି ରିଜୋଲ୍ୟୁସନ ଏବଂ ପରିଚାଳନାଗତ ମାର୍ଗଦର୍ଶିକା (Operational Guidelines)ର ସମ୍ପୂର୍ଣ୍ଣ ସୂଚନା ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକଙ୍କ ୱେବ୍‌ସାଇଟ୍ https://eicelectricityodisha.nic.inରେ ଉପଲବ୍ଧ ।

ଏହି ସୂଚନା ମାଧ୍ୟମରେ ବକେୟା ବିଦ୍ୟୁତ୍ ଶୁଳ୍କରୁ ଲାଭ ପାଇବାକୁ ଚାହୁଁଥିବା କ୍ୟାପ୍ଟିଭ୍ ଉପଭୋକ୍ତାମାନଙ୍କୁ ଧାର୍ଯ୍ୟ ସମୟସୀମା (**୦୬.୦୨.୨୦୨୩**) ମଧ୍ୟରେ ଆବେଦନ କରିବାକୁ ଶେଷଥର ପାଇଁ ଅନୁରୋଧ କରାଯାଉଛି ।

**ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ**
**ଓଡ଼ିଶା**

OIPR-04068/11/0013/2223

---

**Government of Odisha** No.MM-442:
**"e" procurement Notice**
**OFFICE OF THE DIVISIONAL FOREST OFFICER**
**DHENKANAL DIVISION, DHENKANAL**
**Bid Identification No. - 17-DFO/DKL of 2022-23**

1. Name of the work : 1. Construction of Concrete Check Dam (SMC Structure) in Bhodua Nallah at Sunajhari RF under Bhuban Range. 2. Construction of WHS with Cement Concrete Outlet & Inlet near Nagarvan Pltn. inside Charkhola RF under Dhenkanal Range 3. Construction of Concreted Check Dam on Nallah No. 1, 2 & 3 inside Charkhola RF under Dhenkanal Range of Dhenkanal Forest Division.
2. Estimated Cost: Rs.8,40,788 to Rs.33,62,626/- (Approximate)
3. Period of Completion : 40 days
4. Date & Time of availability of the bid documents in the portal : 10.00 A.M. of 31.01.2023 to 5.00 P.M. of 09.02.2023.
5. Last date/time of receipt of the bid in Portal : 09.02.2023 upto 5.00 P.M.
6. Date of Opening : 10.02.2023 at 11.00 A.M.
7. Name and Address of the Office: Office of the Divisional Forest Officer, Dhenkanal Division, Dhenkanal.

Further details can be seen from the e-Procurement Portal https:// tendersorissa.gov.in.

Sd./- Conservator of Forests
I/c Dhenkanal Division
OIPR-08037/11/0051/2223

---

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
**Tender Call Notice No.IDCO:H.O./P&C/EST/E-3609/03/2016/Vol-V/2367, dated 24.01.2023**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

**No.CAD-4664:** 1. Name of the Work: Repairing and Strengthening of Road from IOCL Depot Main Gate to TT Parking Area at IID Centre, Somnathpur, Balasore, Odisha (305.00 Mtr. length).
2. Estimated Cost: Rs.46.85 Lakh
3. Period of Completion : 02 (Two) Calendar Months.
4. Other details:

| Procurement Officer | Bid ID/Tender reference No. | Availability of Tender Online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No.P&C/ EST/E-145/ 2022-23 | 02.02.2023 at 17.00 Hrs. | 16.02.2023 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in. and www.idco.in.

Sd./-
Chief General Manager (P&C)
IDCO, Bhubaneswar
OIPR-14003/11/0279/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓବିସି, ଏସ୍‌ଇବିସି ଜନଗଣନା ରାଜ୍ୟ ସରକାର କରୁନାହାନ୍ତି: ଭାଜପା

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ଓଡ଼ିଶାରେ ଶାସକ ବିଜେଡି ଓବିସି ଓ ଏସ୍‌ଇବିସି ବର୍ଗର ସାମାଜିକ, ଆର୍ଥିକ, ଚାକିରି ଓ ଶିକ୍ଷା କ୍ଷେତ୍ରରେ ଉତ୍‌ଥାନ ଚାହୁଁନାହିଁ। ରାଜ୍ୟ ଜନସଂଖ୍ୟାର ସର୍ବାଧିକ ୫୪ ପ୍ରତିଶତ ଯାହାକି ପାଖାପାଖି ୨.୫୦ କୋଟି ଓବିସି ଓ ଏସ୍‌ଇବିସି ବର୍ଗର ଲୋକଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରଖାଯାଉଛି। ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନ ପୂର୍ବରୁ ରାଜ୍ୟରେ ଓବିସି ଓ ଏସ୍‌ଇବିସି ବର୍ଗଙ୍କ ସର୍ଭେ ଯଥାଶୀଘ୍ର କରିବାକୁ ବିଧାନସଭାରେ ସଂକଳ୍ପ ପାରିତ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏ ସମ୍ପର୍କରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେନାହିଁ। ଭାଜପା ପକ୍ଷରୁ ଏ ସମ୍ପର୍କରେ ବିଭାଗୀୟ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ଓବିସି ବର୍ଗ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ବିହୀତ ପଦକ୍ଷେପ ନେବାକୁ ଭାଜପା ପକ୍ଷରୁ ମଙ୍ଗଳବାର ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ କମିଶନ ହଂସରାଜ ଗଙ୍ଗାରାମ ଅହିରଙ୍କୁ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟଠାରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ସିଏଏ ନାମରେ ଲୋକଙ୍କୁ ବିଭ୍ରାନ୍ତ କରୁଛି କେନ୍ଦ୍ର: ମମତା

**କୋଲକାତା,୩୧।୧**


ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଅଭିଯୋଗ କରିଛନ୍ତି ଯେ କେନ୍ଦ୍ରର ଭାଜପା ସରକାର ନାଗରିକତ୍ୱ ସଂଶୋଧନ ଅଧିନିୟମ (ସିଏଏ) ଲାଗୁ କରିବା ନାମରେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଟିଏମ୍‌ସି ସୁପ୍ରିମୋ ମାଲଦାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମରେ ଏଭଳି କହିଛନ୍ତି। ଆମେ ଦୀର୍ଘ ଦିନ ଧରି ମତୁଆ ସମ୍ପ୍ରଦାୟର ଲୋକଙ୍କ ଯତ୍ନ ନେଉଛୁ, କିନ୍ତୁ ଯେତେବେଳେ ନିର୍ବାଚନ ପାଖେଇ ଆସୁଛି, ଭାଜପା ସେମାନଙ୍କ ପାଖକୁ ଯାଇ ସିଏଏକୁ ଉଲ୍ଲେଖ କରି ସେମାନଙ୍କର ବନ୍ଧୁ ବୋଲି ଦାବି କରୁଛି। ମତୁଆ ସମ୍ପ୍ରଦାୟ ମୂଳତଃ ପୂର୍ବ ପାକିସ୍ତାନ ତଥା ବର୍ତ୍ତମାନର ବାଂଲାଦେଶର ଅଟନ୍ତି। ସେଠାରେ ଧାର୍ମିକ ନିର୍ଯାତନା ଯୋଗୁ ୧୯୫୦ ଦଶକରୁ ସେମାନେ ପଶ୍ଚିମବଙ୍ଗକୁ ସ୍ଥାନାନ୍ତର ହେବା ଆରମ୍ଭ କରିଥିଲେ। ଆଫଗାନିସ୍ତାନ, ବାଂଲାଦେଶ ଏବଂ ପାକିସ୍ତାନରୁ ଆସୁଥିବା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପ୍ରବାସୀଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ନାଗରିକତ୍ୱ ସଂଶୋଧନ ଅଧିନିୟମ ପ୍ରଦାନ କରାଯାଇଛି। ତେବେ ଏପର୍ଯ୍ୟନ୍ତ ଏହି ଆଇନ ଅନୁଯାୟୀ କାହାକୁ ନାଗରିକତ୍ୱ ଦିଆଯାଇ ନାହିଁ, କାରଣ କେନ୍ଦ୍ର ସରକାର ଏ ବାବଦରେ ଏପର୍ଯ୍ୟନ୍ତ ନିୟମ କରିନାହାଁନ୍ତି। ମମତା ମଧ୍ୟ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ବକେୟା ଦେୟ ପ୍ରଦାନ କରୁ ନ ଥିବା ଅଭିଯୋଗ କରିଛନ୍ତି।


ବଜେଟ୍ ସେସନର ପ୍ରଥମ ଦିନ ମଙ୍ଗଳବାର ପାର୍ଲାମେଣ୍ଟ ଭବନକୁ ପ୍ରବେଶ ପାଇଁ ଗାଡ଼ିରୁ ଓହ୍ଲାଉଛନ୍ତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଵଜୟନ୍ତୀ ପଟ୍ଟନାୟକ**
ବି.ଜେ.ବି. ନଗର, ଭୁବନେଶ୍ୱର

ଆବିର୍ଭାବ: ୧୭।୧୨।୧୯୫୩
ତିରୋଧାନ: ୧୨।୦୨।୨୦୨୨

ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଯିବାର ଏକ ବର୍ଷ ବିତିଗଲା। ପରମ ଦୟାଳ ଶ୍ରୀ ଠାକୁରଙ୍କ ଚରଣରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୨୬୪୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଵବାସୁଦେବ ଗରାବଡ୍ଡୁ**
ବଡ଼ଦାଣ୍ଡ ସାହି, ଓଲଡ୍ ଟାଉନ୍, ପୁରୁଣା ଭୁବନେଶ୍ୱର-୨

(୧୯୩୩-୨୦୨୦)
(ପବିତ୍ର ଭୌମ ଏକାଦଶୀ ତିଥି)

ପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜ ଓ ମା ଗୋପାଳୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ।

ଆଶୀର୍ବାଦାକାଂକ୍ଷୀ: ହତଭାଗିନୀ ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ ।

ଧ-୭୩୭୪୪

## CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385
9178722970, 8018240892
7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SSI
10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ଜଗନ୍ନାଥ ଫାଇନାନ୍ସ**
(ସରକାରୀ ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ପର୍ସନାଲ, ପ୍ରପର୍ଟି, ଏଗ୍ରିକଲ୍‌ଚର, ଏଜୁକେଶନ, ଆଧାର କାର୍ଡ, ହୋମ୍ ଲୋନ୍ 36 ଘଣ୍ଟାରେ, 2% ସୁଧ, 50% ରିହାତି । ଖରାପ ସିବିଲଧାରୀ ମଧ୍ୟ ଋଣ ପାଆନ୍ତୁ ।
ଏଜେଣ୍ଟ ଆମନ୍ତ୍ରିତ
7589086693

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ

**ନବ ଦାସଙ୍କୁ ହତ୍ୟା ପରେ**

- ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଅନ୍ତୁ ମୁଖ୍ୟମନ୍ତ୍ରୀ: ସମୀର
- ଜୟନାରାୟଣ ଜଣେ ହତ୍ୟା ଅଭିଯୁକ୍ତ: ଶ୍ରୀମୟୀ
- ଏସ୍‌ଆଇଟି ତଦନ୍ତ ହେଉ: ପଞ୍ଚାନନ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ଘଟଣାର ୩ ଦିନ ପରେ ମଧ୍ୟ କାହିଁକି ଜଣେ ପୋଲିସ କର୍ମଚାରୀ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଲେ ତାକୁ ନେଇ ସବୁଠି ଚର୍ଚ୍ଚା। ଭାଜପା ଓ କଂଗ୍ରେସ ନବଙ୍କୁ ହତ୍ୟା ପଛରେ ଟପ୍ ଲେଭଲରେ ଷଡ଼ଯନ୍ତ୍ର ଥିବା ଅଭିଯୋଗ କରିଛନ୍ତି। ତେବେ ଭାଜପା ଘଟଣାରେ ସିବିଆଇ ତଦନ୍ତ ଦାବି କରିଥିବା ବେଳେ ଏସ୍‌ଆଇଟି ତଦନ୍ତ ଦାବି କରିଛି କଂଗ୍ରେସ। ବିଜେଡି କିନ୍ତୁ ପାଲଟା ଭାଜପାକୁ ଟାର୍ଗେଟ କରିଛି।

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ରାଜ୍ୟବାସୀ ବର୍ତ୍ତମାନ ଆତଙ୍କିତ। ପୋଲିସ ଗୁଳିରେ ରାଜ୍ୟର ଜଣେ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀଙ୍କ ହତ୍ୟା ହେଉଛି ଏବଂ ଦୀର୍ଘ ୨୩ ବର୍ଷ ଧରି ଗୃହ ବିଭାଗର ଦାୟିତ୍ୱରେ ଥିବା ଖୋଦ୍ ମୁଖ୍ୟମନ୍ତ୍ରୀ ତଦନ୍ତ ନେଇ ନିଜ ପାଟି ନ ଖୋଲିବା ଲଜ୍ଜାର ବିଷୟ। ଏପରିକି ପୋଲିସ ଡିଜି ଘଟଣାସ୍ଥଳକୁ ନ ଯିବା ଓ ଗୃହ ସଚିବେ ନୀରବତା ଅବଲମ୍ବନ କରିବା ପଛରେ ବିରାଟ ଷଡ଼ଯନ୍ତ୍ର ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ହତ୍ୟା କରିଥିବା ପୋଲିସ ଅଧିକାରୀଙ୍କୁ ବିଗତ ଦିନରେ ରାଜ୍ୟ ସରକାର ପଦୋନ୍ନତି ଦେଇ ବାରମ୍ବାର ପୁରସ୍କୃତ କରିବା ସହ ମେଡାଲ ଓ ଅର୍ଥ ରାଶି ଦେଇଛନ୍ତି। ହଠାତ୍ ସେହି ଦକ୍ଷ ପୋଲିସ ଅଧିକାରୀ ଜଣକ କାହିଁକି ମନ୍ତ୍ରୀଙ୍କୁ ଗୁଳି ମାରିଲେ ତାହା ଏବେ ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରୁଛି। ସେହିପରି ଜଣେ ପୋଲିସ ହତ୍ୟା କରିବ ଆଉ ଜଣେ ପୋଲିସ ଏହାର ତଦନ୍ତ କରିବ, ଏହା ଆଦୌ ବିଶ୍ୱାସଯୋଗ୍ୟ ହୋଇପାରିବ ନାହିଁ। ବିଗତ ଦିନରେ କ୍ରାଇମବ୍ରାଞ୍ଚ ତଦନ୍ତ ଆଳରେ ଅନେକ ଘଟଣାର ପ୍ରମାଣ ନଷ୍ଟ କରାଯାଇଛି। ତେବେ ଏଭଳି ସମ୍ବେଦନଶୀଳ ଘଟଣାରେ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ସ୍ୱଚ୍ଛତା ଅବଲମ୍ବନ କରନ୍ତୁ ଏବଂ ତଦନ୍ତ ଭାର ସିବିଆଇକୁ ଦିଅନ୍ତୁ ବୋଲି ସମୀର କହିଛନ୍ତି।

ନବଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇସାରିଥିଲା। ଏହାକୁ ନେଇ ଏତେ ଡ୍ରାମା କରିବାର କ'ଣ ଆବଶ୍ୟକତା ଥିଲା ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି, ଜୟନାରାୟଣ ନିଜେ ଜଣେ ହତ୍ୟା ଅଭିଯୁକ୍ତ। ଜଣେ ବିଜେଡି କର୍ମୀଙ୍କ ହତ୍ୟା ମାମଲାରେ ସେ ଜେଲ ଯାଇ ଜାମିନରେ ଅଛନ୍ତି। ତେଣୁ ନବ ଦାସଙ୍କ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଥିବା ବେଳେ ତାଙ୍କ ମନକୁ ସ୍ୱାଭାବିକ ଭାବେ ଭୟ ଗ୍ରାସିଛି। ତାଙ୍କ ଭଳି ଜଣେ ହତ୍ୟା ଅଭିଯୁକ୍ତଙ୍କ ମନ୍ତବ୍ୟକୁ ବିଜେଡି ଆଦୌ ଗୁରୁତ୍ୱ ଦେବାକୁ ଚାହୁଁନାହିଁ ବୋଲି ଶ୍ରୀମୟୀ କହିଛନ୍ତି।

କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଏହି ହତ୍ୟାକାଣ୍ଡ ପଛରେ ସାଙ୍ଘାତିକ ଷଡ଼ଯନ୍ତ୍ର ଲୁଚି ରହିଛି। ଜଣେ କ୍ୟାବିନେଟ୍ ସହଯୋଗୀ ନିଜ ବିଭାଗର ପୋଲିସ କର୍ମଚାରୀଙ୍କ ଦ୍ୱାରା ହତ୍ୟା ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ଉତ୍ତରଦାୟୀ। ତେଣୁ ନୈତିକତା ଦୃଷ୍ଟିରୁ ସେ ପଦତ୍ୟାଗ କରିବା ଉଚିତ। ନିଜ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ଜୀବନ ରକ୍ଷା କରିବାରେ ବିଫଳ ସରକାର ସାଧାରଣ ଜନତାଙ୍କ ସୁରକ୍ଷା କ'ଣ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଏକ ପ୍ରହସନ। ତେବେ ହାଇକୋର୍ଟର ଜଣେ ଅଧିଷ୍ଠିତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା ନବ ଦାସଙ୍କୁ ହତ୍ୟା ଘଟଣାର ତଦନ୍ତ ହେଉ ବୋଲି ପଞ୍ଚାନନ ଦାବି କରିଛନ୍ତି।


## Classified Everyday

0674-2580101, 2549949



MATRIMONIAL

### BRIDE WANTED

ବୟସ-50, ଉଚ୍ଚତା 5'8" Private Job, ଦରମା-32,000/- ପୁରୁଷ ପାଇଁ ମହିଳା ଆବଶ୍ୟକ। ବିବାହିତ ଅବିବାହିତ ଗ୍ରହଣୀୟ। ଯୋଗାଯୋଗ-9178392294. D-2610

Kshetriya boy, 1993/5'9", B.Tech. Dhanu, Bangalore IT Sector, Dhenkanal. 9668599723, 9040851751. D-71049

### GROOM WANTED

ବୟସ-୪୩, ଉଚ୍ଚତା 5'4", Govt. employee, ଦରମା 41,000 ମହିଳା ପାଇଁ ବର ଆବଶ୍ୟକ। ଘରଜ୍ୱାଇଁକୁ ପ୍ରାଥମିକତା। ସବୁ ଜାତି ମାନ୍ୟ ଅଟନ୍ତି। ବିବାହିତ, ଅବିବାହିତ ଗ୍ରହଣୀୟ। ଯୋଗାଯୋଗ-9178392294. D-2609

Suitable match invited from tall candidates for Bhubaneswar based Khandayat girl, 92 born, Software Engineer, Bengaluru. Contact: 9438677381. D-71669



automobile

### SALE

Tata Hywa (Model-3118) 2018-5nos, Tata Hywa (Model-2518) 2016-4nos. Contact. 9827516256, 7504690838. D-74200

### HIRE

41 Seated White Tata Bus within 5years for monthly hire purpose, wanted immediately. Contact: 7077714312. D-2635



REAL ESTATE

### SALE

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

Commercial Gharabadi plot 10500sqft. sale at Samantrapur, Bhubaneswar. Suitable for Clinic/ School/ College/ Godown. Genuine Buyer contact. No Broker.: 9438220482/ 8249155265. D-2645

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

Residential gharabari plot at Brahmanjharilo Cuttack with boundary wall, Electrypole inside Temple on Bank loan facilities near English Medium High School. 6K.M. from Phulnakhara, 11K.M, from Bhubaneswar. 7809525452. D-74634

ଭୁବନେଶ୍ୱର ହଂସପାଳଠାରୁ 9 K.M. ଭିଙ୍ଗାରପୁରଠାରେ Demarcated 30ft. road, ଘରବାରି, ଇଲେକ୍ଟ୍ରି ସୁବିଧା ଥାଇ sqft.-700/- ପ୍ଲଟ୍ ବିକ୍ରି ହେଉଛି। 9437114429, 9090809945. D-74808

ଭୁବନେଶ୍ୱରରେ ଆଜି ପ୍ଲଟ୍ କିଣି ଆଜି ଘର କରନ୍ତୁ। Sqft. 950/-. 9439493164. D-74806

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଭୁବନେଶ୍ୱର ହଂସପାଳ ଛକଠାରୁ ବାଲିଅନ୍ତା ଥାନା ନିକଟବର୍ତ୍ତୀ 100 ଫୁଟ୍ ରାସ୍ତା ନିକଟରେ ୩୦ଫୁଟ୍ ରାସ୍ତା, ଇଲେକ୍ଟ୍ରିକ୍, ଡ୍ରେନେଜ, ପ୍ଲାଣ୍ଟେସନ୍, ସିକ୍ୟୁରିଟି ସୁବିଧା ଥାଇ ବାସୋପଯୋଗୀ ବାଉଣ୍ଡାରୀ ପ୍ଲଟ୍ ମିଳୁଅଛି। 9938298517. D-74804

Duplex sale at Bhubaneswar @ 45 Lakhs only- Contact: 9777433701. D-74199

ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.-650/-. 8249081980. D-74187

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ଛକରୁ 5 K.M. ବେଣ୍ଟପୁର ମୌଜା-ଆଦର୍ଶ ବିଦ୍ୟାଳୟ ପାଖରେ ଘରବାରି ପ୍ଲଟ୍ ବିକ୍ରିହେବ। 9090809945, 9437114429. D-74805

Plot ଭୁବନେଶ୍ୱର- ପଟିଆ ରେଲୱେଷ୍ଟେସନରୁ 1.5K.M. ଦୂରତାରେ ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 7978159231. D-74803

Khurdha Collector Office ରୁ 2K.M. distanceରେ ଘରବାରି boundary ଥାଇ plot Rs.-9,00,000/-ରେ ମିଳୁଅଛି। (Owner). 7750068828, 9439101373. D-2571

Highly developed gated society gharabari plot sale near Toshali Square, Puri opposite Medical College. 9937373013. D-74802

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195



FOR RENT

3BHK Duplex beautiful corner Villa in gated community, Patia for Family. 9439920321. D-2595

For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Healthcare

Newly open SPA positively health benefits with expert therapist. 7849011931. D-73677

Full body massage in homely Atmospher all therapy. Mob: 8114881641. D-73422

Relax, Refresh your body, Mind at Saikrupa Spa with best therapies. 8984068077. D-2586

Newly open health benefits SPA special Offer @ 999, Nayapalli. 7846814019. D-73679

Asribadaa Panchakarma herbal SPA, Kesarimall, Bhubaneswar. Contact: 8926173473. D-74633

Full body massage, refresh, relaxed by expert lady therapist. Contact: 8480939300. D-2644

### AFFIDAVIT

Affidavit before Executive Magistrate, Athagarh, I have changed my name from Anupama Mohanty to Anupama Parida. I shall be known as Anupama Parida, W/o. Pramod Kumar Mohanty, Vill-Hatarod, Dhenkanal Town, Dist-Dhenkanal for all purposes. D-74040

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଡାଲୁଅ ଧାନରେ ସାର ପ୍ରୟୋଗ

## ଏ ମାସର କୃଷି ସୂଚନା



ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କି.ଗ୍ରା. ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ମକା :** ମକା ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର । ଫସଲ ବୁଣିବାର ୩୫ ରୁ ୪୫ ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନ ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ :** ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) । ବିହାରୀ ଶଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍ବ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି :** ଖରାଦିନିଆ ରାଶିକୁ ଫେବୃୟାରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ରାଶିର ଉନ୍ନତ ବିହନ କିସମ ଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ) ।

**ସୂର୍ଯ୍ୟମୁଖୀ :** ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ । ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ସାଇପରମେଥ୍ରିନ୍ ଓ ଝିଣ୍ଟିକା ଦମନ ଲାଗି ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍ବ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ । ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



**ଆଖୁ :** ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

**ପନିପରିବା :** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ ।

**ପିଆଜ :** ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ । ଏହି ସମୟରେ ଅମଳ କରନ୍ତୁ । ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

**ପୋଟଳ :** ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ୧ଗ୍ରାମ୍ ୧ ଲିଟର ପାଣିରେ ୫୦ ଡବ୍ଲ୍ୟୁପି କିମ୍ବା ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ ।

**ଖରାଦିନିଆ ପନିପରିବା :** ଖରାଦିନିଆ ପନିପରିବା ଯଥା - କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ । ଅନ୍ୟ ପନିପରିବା ଯଥା - ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ । ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଛେଳି ପାଳନ :** ଛେଳିମାନଙ୍କୁ ଏଣ୍ଟରୋ ଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ସେମାନଙ୍କୁ ଏଣ୍ଟରୋ ଟକ୍‌ସିମିଆ ଟିକା ଦେବାର ବ୍ୟବସ୍ଥା କରନ୍ତୁ ।

## ଡାଲି ଜାତୀୟ ଫସଲ



ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ - ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପିଡିଏମ୍-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପିୟୁ-୩୧ (୭୦ ଦିନ), ପିୟୁ-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାର କରି ଧାଡ଼ିରେ ବୁଣନ୍ତୁ ।

## ଭାକୁର ମାଛର ଆଖି ରୋଗ



**ଭା**କୁର ମାଛର ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପୋଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଇପରେ । ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ସମ୍ଭାବନା ନ ଥାଏ । ୧ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।

## ସୂର୍ଯ୍ୟମୁଖୀର ଦାନା ଗଠନ

**ସୂ**ର୍ଯ୍ୟମୁଖୀର ଦାନା ଗଠନ ସମୟ ହିଁ ସଙ୍କଟକାଳ । ଏ ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ । କାଳୀମୁଣ୍ଡି ପୋକ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଫସଲ ୪୦ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କି.ଗ୍ରା. ଓ ସଙ୍କର ଜାତୀୟ ପାଇଁ ୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ ।

## ପ୍ରାଣୀଙ୍କୁ ନଡ଼ା ଦେବା ପୂର୍ବରୁ

**ପ୍ରା**ଣୀଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ । ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ । ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ । ଦାନା ଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।



## ବାର୍ଡ ଫ୍ଲୁ ପ୍ରତିଷେଧକ



**ବା**ର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ବ୍ରଏଲର କୁକୁଡ଼ା - ଦିନରେ ଉତ୍ତାପ ଅଧିକ ଥିବାରୁ କୁକୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ । ୭ ଦିନର କୁକୁଡ଼ା ଛୁଆଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ । ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବାର ସୂଚନା ମିଳିଥାଏ । କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଂଘାଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

## ଭେଣ୍ଡିର ଉନ୍ନତ କିସମ

**ଭେ**ଣ୍ଡିର ଉନ୍ନତ କିସମଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪ । ଲଗାଇବା ଦୂରତା ୬୦ ସେ.ମି. x ୩୦ ସେ.ମି. । ଭେଣ୍ଡି ଚାଷ ପାଇଁ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଆବଶ୍ୟକ । ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଭଲ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ ।



## ସେରାକଲ ଗେଣ୍ଡୁଫୁଲ



**ସେ**ରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଅଧିକ ଅମଳକ୍ଷମ ନଳିତା

**ନ**ଳିତା ମାର୍ଚ୍ଚ ମାସ ଶେଷରୁ ଆରମ୍ଭକରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ । ଜେଆର୍‌ଓ -୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ । ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି । ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ । ଫସଲରେ କାଣ୍ଡଶଢ଼ା ଓ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ । ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛି ଦିଅନ୍ତୁ । ଏକର ପ୍ରତି ୫ଗାଡ଼ି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ ଓ ୧୨କି.ଗ୍ରା. ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା. ଯବକ୍ଷାରଜାନ,୮କି.ଗ୍ରା . ଫସ୍‌ଫରସ ଓ ୮କି.ଗ୍ରା. ପଟାସ୍ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ ।



## କାଜୁ ଫସଲ: ଚା' ମଶକ ପୋକ ଦମନ



ଡ. ବିଷ୍ଣୁଚରଣ ଜେନା

**କା**ଜୁବାଦାମ ଏକ ଅର୍ଥକରୀ ଫସଲ । ତେବେ ଏହି ଫସଲକୁ ଅଧିକ ଲାଭଦାୟକ କରାଇବା ଲାଗି ଏଥିରେ ହେଉଥିବା ରୋଗପୋକର ନିୟନ୍ତ୍ରଣ ବ୍ୟବସ୍ଥା କରିବା ଜରୁରୀ । ଚା' ମଶକ ପୋକ, ଚେର ଓ କାଣ୍ଡବିନ୍ଧା ପୋକ, ପତ୍ର ସୁଡ଼ଙ୍ଗକାରୀ ପୋକ, ପତ୍ର ଏବଂ ବଉଳ ପୋଡ଼ା ପୋକ, ପତ୍ର ଏବଂ ଫୁଲ ଉକୁଣି ପୋକ ଆଦି ଏହି ଫସଲକୁ ଆକ୍ରମଣ କରନ୍ତି । ତନ୍ମଧ୍ୟରୁ ଚା' ମଶମ ପୋକ ଅତ୍ୟନ୍ତ କ୍ଷତିକାରକ । ଏହା ଏକ ଶୋଷକ ଜାତୀୟ ପୋକ । ଏହି ପୋକର ଆକ୍ରମଣ ଯୋଗୁ ୨୫ ପ୍ରତିଶତ କଅଁଳ ଅଗ୍ରମୁକୁଳ, ୩୦ ପ୍ରତିଶତ ବଉଳ ଏବଂ ୧୫ ପ୍ରତିଶତ ଛୋଟ ଛୋଟ ବଉଳ ନଷ୍ଟ ହୁଏ ।

ମାଈ ପୋକଟି ସୃଷ୍ଟି ହେଉଥିବା କଅଁଳ କାଣ୍ଡର ତନ୍ତୁ ଭିତରେ, ପତ୍ର ଡେମ୍ଫ ଏବଂ ପତ୍ରର ଶିରା ପ୍ରଶିରାରେ ହାରାହାରି ୫୦ଟି ଧଳା ଅଣ୍ଡା ଦେଇଥାଏ । ଏକ ସପ୍ତାହ ପରେ ଅଣ୍ଡାରୁ ଅର୍ଭକ ବାହାରି ଆସେ । ୧୩ରୁ ୧୫ ଦିନ ଅର୍ଭକ ରହିଲା ପରେ ପୂର୍ଣ୍ଣାଙ୍ଗ ଅବସ୍ଥା ପ୍ରାପ୍ତ ହୁଏ । ପୋକଟି ମଶା ପରି ଦେଖାଯାଉଥିବାରୁ ଏହାକୁ 'ମଶକ ପୋକ' କୁହାଯାଏ । ପୋକ ଆକ୍ରମଣ କରୁଥିବା ସ୍ଥାନରୁ ଅଠାଳିଆ ପଦାର୍ଥ ନିର୍ଗତ ହୁଏ । ଆକ୍ରମଣ ସ୍ଥାନଟି ଲୋହିତ ବାଦାମୀ ରଙ୍ଗ ଧାରଣ କରିବା ପରେ କଳା ଦେଖାଯାଏ । ଆକ୍ରମଣ ଅତ୍ୟଧିକ ପରିମାଣ ହେବା ଯୋଗୁ ବଉଳରୁ ଛୋଟ ଛୋଟ ଫଳଗୁଡ଼ିକ ଝଡ଼ି ପଡ଼େ ଏବଂ କାଜୁ ବଗିଚାଟି ଦୂରକୁ ପୋଡ଼ିଗଲା ପରି ଦୃଶ୍ୟମାନ ହୁଏ । ଏହି ପୋକଟି ଡିସେମ୍ବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବିଶେଷ କ୍ଷତି କରେ । କାରଣ ଏହି ସମୟରେ କାଜୁ ଗଛରେ ବଉଳ ଆସିବା ଓ ବଉଳରେ କଷି ଧରିବା ହୋଇଥାଏ । ଛୋଟ ଛୋଟ ଗଛଗୁଡ଼ିକରେ ମଧ୍ୟ ପୋକର ପ୍ରାଦୁର୍ଭାବ ଦେଖାଯାଏ ।



**ପୋକ ଦମନ ପଦ୍ଧତି**

- ଚା'ମଶକ ପୋକ କାଜୁଗଛ ସହ ପିଜୁଳି, କପା, ଅଙ୍ଗୁର, ସେଓ ଏବଂ ସଜନା ଗଛକୁ ମଧ୍ୟ ଆକ୍ରମଣ କରିଥାଏ । ତେଣୁ କାଜୁବାଦାମ ବଗିଚା ନିକଟରେ ଏସବୁ ଫସଲ କରିବା ଉଚିତ ନୁହେଁ ।
- କାଜୁ ବଗିଚାରେ ରହିଥିବା ଅନାବନା ଗଛ, ପତ୍ର, କୁଟା ଓ କାଠିକୁ ସଂଗ୍ରହକରି ପୋଡ଼ି ଦେବା ଆବଶ୍ୟକ ।
- କାଜୁଗଛରେ ଫୁଲ ଫଳ ଧରିବା ସମୟରେ ବଗିଚାରେ ଧୂଆଁ ଦେବା ଦରକାର । ଫସଲରେ ପୋକର ଆବିର୍ଭାବ ପରେ ଫସଲକୁ ୨ ମି.ଲି. ଡିମେଓଥାଏଟ୍ ତରଳ କୀଟନାଶକ ୧ ଲିଟର ପାଣିରେ ମିଶାଇ ଫସଲରେ ସମ୍ପୂର୍ଣ୍ଣ ରୂପେ ସିଞ୍ଚନ କରିବା ଭଲ । ସକାଳ ୯ ଟା ପୂର୍ବରୁ କିମ୍ବା ଅପରାହ୍ନ ୪ ଟା ପରେ ଡିମେଥୋଏଟ୍ ସିଞ୍ଚନ କରିବା ଆବଶ୍ୟକ । ଏହାଦ୍ୱାରା ଫସଲରେ ପରାମସଙ୍ଗମକାରୀ ମାଛିମାନେ ମରିଯିବେ ।

- ପୂର୍ବତନ ବିଭାଗୀୟ ମୁଖ୍ୟ,
କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ,
ଓୟୁଏଟି, ଭୁବନେଶ୍ୱର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧/୨୦୨୩ Bhubaneswar, Wednesday, February 1/ 2023

## ଲକ୍ଷ୍ନୌ ପିଚ୍ କ୍ୟୁରେଟର ବହିଷ୍କୃତ

**ନୂଆଦିଲ୍ଲୀ, ୩୧।୧ (ପି.ଟି.):** ନ୍ୟୁଜିଲାଣ୍ଡ ବନାମ ଭାରତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ପାଇଁ ପିଚ୍‌କୁ ଭଲରୂପେ ପ୍ରସ୍ତୁତ କରିପାରି ନ ଥିବାରୁ ଲକ୍ଷ୍ନୌସ୍ଥିତ ଏକାନା କ୍ରିକେଟ ଷ୍ଟାଡିୟମର କ୍ୟୁରେଟରଙ୍କୁ ବହିଷ୍କୃତ କରାଯାଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଯଦିଓ ଗୋଟିଏ ବଲ୍ ବାକିଥାଇ ଭାରତ ବିଜୟ ଲାଭ କରିଛି, ଲକ୍ଷ୍ନୌ ଉଇକେଟ ଅତ୍ୟନ୍ତ ନିକୃଷ୍ଟ ଧରଣର ବୋଲି ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରକାଶ କରିଥିଲେ। ମ୍ୟାଚରେ ପ୍ରଥମେ ବୋଲିଂ ନେଇଥିବା ଭାରତ ଭ୍ରମଣକାରୀ ଦଳର ସ୍କୋରକୁ ୯୯/୮ରେ ସୀମିତ କରିଦେଇଥିଲା। ଏକ ଟର୍ନିଂ ଟ୍ରାକ୍‌ରେ ଏକ ସହଜସାଧ୍ୟ ଟାର୍ଗେଟ୍‌କୁ ଚେଜ୍ କରିବା କଷ୍ଟସାଧ୍ୟ ହୋଇଥିଲା। ବହିଷ୍କୃତ କ୍ୟୁରେଟରଙ୍କ ସ୍ଥାନରେ ଜଣେ ଅଭିଜ୍ଞ କ୍ୟୁରେଟର ସଞ୍ଜୀବ କୁମାର ଅଗ୍ରୱାଲଙ୍କୁ ନିଯୁକ୍ତି ଦିଆଯାଇଛି। ଉତ୍ତର ପ୍ରଦେଶ କ୍ରିକେଟ ଆସୋସିଏଶନ (ୟୁପିସିଏ) ସୂତ୍ରରୁ ପ୍ରକାଶ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ଖେଳାଯିବା ପୂର୍ବରୁ ଷ୍ଟାଡିୟମର ସମସ୍ତ ସେଣ୍ଟର ଉଇକେଟରେ ଇତିମଧ୍ୟରେ ଅନେକ ଘରୋଇ ମ୍ୟାଚ ଖେଳାଯାଇ ସାରିଥିଲା। କ୍ୟୁରେଟର ଜଣକ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ଗୋଟିଏ କିମ୍ବା ଦୁଇଟି ଷ୍ଟ୍ରିପ୍ ସଂରକ୍ଷିତ ରଖିବା ଉଚିତ ଥିଲା। ଖରାପ ପାଗ ଯୋଗୁ ମ୍ୟାଚ ପାଇଁ ଏକ ସାନି ଉଇକେଟ ପ୍ରସ୍ତୁତ କରିବା ଲାଗି ଯଥେଷ୍ଟ ସମୟ ନ ଥିଲା।

# ଓଡ଼ିଶାର ୫ ଖେଳାଳି ସାମିଲ




ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ମନୋନୀତ ଭାରତୀୟ ଜୁନିୟର ମହିଳା ହକି ଦଳ।

## ଭାରତୀୟ ଜୁନିୟର ମହିଳା ହକି ଦଳ ଘୋଷିତ

**ବେଙ୍ଗାଲୁରୁ, ୩୧।୧**

ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ମଙ୍ଗଳବାର ଭାରତୀୟ ଜୁନିୟର ମହିଳା ହକି ଦଳ ଘୋଷିତ ହୋଇଛି। ପ୍ରୀତି ଏବଂ ରତଜା ଦାଦାସୋ ପିସାଲ ଯଥାକ୍ରମେ ଦଳର ଅଧିନାୟିକା ଓ ଉପ-ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ଭାରତୀୟ ଦଳରେ ଓଡ଼ିଶାର ୫ ଖେଳାଳିଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ମାଧୁରୀ କିଣ୍ଡୋ, ମମିତା ଓରାମ, ଜ୍ୟୋତି ଛତ୍ରୀ, ନିକିତା ଟପ୍ପୋ ଓ ସୁନେଲିତା ଟପ୍ପୋ। ଏହା ବ୍ୟତୀତ ରିଜର୍ଭ ଖେଳାଳି ତାଲିକାରେ ଅଞ୍ଜଲି ବାରୱାଙ୍କୁ ସାମିଲ କରାଯାଇଛି। ଏହି ଗସ୍ତରେ ଭାରତୀୟ ଦଳ ଫେବୃୟାରୀ ୧୭ରୁ ୨୫ ମଧ୍ୟରେ ଦକ୍ଷିଣ ଆଫ୍ରିକା ଜୁନିୟର ମହିଳା ହକି ଦଳ ଏବଂ ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷରେ ମ୍ୟାଚ ଖେଳିବ। ଦୀପିକା ସୋରେଙ୍ଗ, ଦୀପିକା, ସୁନେଲିତା ଟପ୍ପୋ, ମଦୁଗୁଲା ଭବାନୀ, ଅନୁ ଓ ତରନପ୍ରୀତ କୌର ଭାରତୀୟ ଦଳର ଫରୱାର୍ଡ ବିଭାଗ ଚ୍ୟାଲେଞ୍ଜ ସମ୍ଭାଳିବେ। ମୁଖ୍ୟ ଦଳରେ ୨୦ ଖେଳାଳିଙ୍କ ବ୍ୟତୀତ ୪ ଜଣଙ୍କୁ ରିଜର୍ଭ ଖେଳାଳି ଭାବେ ସାମିଲ କରାଯାଇଛି। "ଯୁବ ଖେଳାଳିଙ୍କୁ ପରୀକ୍ଷା କରିବା ଏବଂ ଉପଯୁକ୍ତ ଏକ୍ସପୋଜର ଦେବାପାଇଁ ଏହା ହେଉଛି ଏକ ଭଲ ସୁଯୋଗ। ପିଲାମାନେ ଏହି ଟୁର୍‌ରୁ ଅଭିଜ୍ଞତା ହାସଲ କରିପାରିବେ। ଭଲ ଫଳାଫଳ ନେଇ ଆଶା ରହିଛି" ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ଗୋଲକିପର୍ସ: କୁରମାପୁ ରାମୟା, ମାଧୁରୀ କିଣ୍ଡୋ। ଡିଫେଣ୍ଡର୍ସ: ପ୍ରୀତି (ଅଧିନାୟିକା), ଜ୍ୟୋତି ସିଂ, ନୀଲମ, ମହିମା ଟେଟେ, ମମିତା ଓରାମ। ମିଡ୍‌ଫିଲ୍ଡର୍ସ: ଜ୍ୟୋତି ଛତ୍ରୀ, ମଞ୍ଜୁ ଚୌରାସିଆ, ହିନା ବାନୁ, ନିକିତା ଟପ୍ପୋ, ହ୍ରିତିକା ସିଂ, ସାକ୍ଷୀ ରାଣା, ରତଜା ଦାଦାସୋ ପିସାଲ (ଉପ-ଅଧିନାୟିକା)। ଫରୱାର୍ଡ୍ସ: ଦୀପିକା ସୋରେଙ୍ଗ, ଦୀପିକା, ସୁନେଲିତା ଟପ୍ପୋ, ମଦୁଗଲା ଭବାନୀ, ଅନୁ, ତରନପ୍ରୀତ କୌର। ରିଜର୍ଭ ଖେଳାଳି: ଅଦିତି ମାହେଶ୍ୱରୀ, ଅଞ୍ଜଲି ବାର୍‌ୱା, ଏଦୁଲା ଜ୍ୟୋତି, ଭୂମିକା ସାହୁ।

# ହିମ ସ୍ଖଳନରେ ବିଶ୍ୱ ଚାମ୍ପିୟନ ସ୍କିଅରଙ୍କ ମୃତ୍ୟୁ

**ଟୋକିଓ, ୩୧।୧ (ଏପି)**

ସେଣ୍ଟ୍ରାଲ ଜାପାନ ଅନ୍ତର୍ଗତ ପାର୍ବତ୍ୟାଞ୍ଚଳରେ ହିମ ସ୍ଖଳନରେ ପୋତି ହୋଇ ବିଶ୍ୱ ଚାମ୍ପିୟନ ୩୧ ବର୍ଷୀୟ ହାଫ୍‌ପାଇପ୍ ସ୍କିଅର କାଇଲ ସ୍ମାଇନ୍‌ଙ୍କ ମୃତ୍ୟୁ ଘଟିଛି। ଯୁକ୍ତରାଷ୍ଟ୍ର ଆମେରିକା ଫ୍ରି ସ୍କି ଟିମ୍ ସୋସିଆଲ ମିଡିଆରେ ଏହି ୩୧ ବର୍ଷୀୟ ଆମେରିକୀୟଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଛି। ସ୍ମାଇନ୍‌ଙ୍କ ବାସସ୍ଥାନ କାଲିଫର୍ନିଆର ଲେକ୍ ଟାହୋ ଅଞ୍ଚଳରେ। ଅବିଶ୍ୱସନୀୟ କ୍ୱାଲିଟି ବରଫ ଯୋଗୁ ସ୍କି'ର ମଜା ନେବା ଲାଗି ସେ ନାଗାନୋ ଗସ୍ତରେ ଯାଇଥିଲେ। ସ୍ମାଇନ୍‌ଙ୍କ ଗସ୍ତ କାଳରେ ଏହି ଅଞ୍ଚଳରେ ପ୍ରବଳ ତୁଷାରପାତ ହୋଇଥିଲା। ଏଥିଯୋଗୁ ହିମ ସ୍ଖଳନର ଆଶଙ୍କା ରହିଥିବା ସ୍ଥାନୀୟ କର୍ତ୍ତୃପକ୍ଷ ସାବଧାନ କରାଇ ଦେଇଥିଲେ। ଟ୍ରିପ୍‌ରେ ସାମିଲ ଥିବା ଫଟୋଗ୍ରାଫର ଗ୍ରାଣ୍ଟ ଗୁଣ୍ଡରସନ ସୋସିଆଲ ମିଡିଆରେ ଏହି ଭୂସ୍ଖଳନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏୟାର ବ୍ଲାଷ୍ଟ ସ୍ମାଇନ୍‌ଙ୍କୁ ୫୦ ମିଟର ଦୂର ଫିଙ୍ଗି ଦେଇଥିଲା। ବରଫ ତାଙ୍କୁ ପୋତି ଦେଇଥିଲା ଏବଂ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ସ୍ମାଇନ୍‌ଙ୍କ ଅନ୍ୟ ଦୁଇ ସ୍କିଅର ଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ୫ ଫୁଟ୍ ବରଫରେ ପୋତି ହୋଇଯାଇଥିଲେ ହେଁ ଆଘାତପ୍ରାପ୍ତ ହୋଇ ନ ଥିଲେ। ଗୁଣ୍ଡରସନ ଅନ୍ୟ ସ୍କିଅରମାନଙ୍କ ନାମ ପ୍ରକାଶ କରି ନାହାନ୍ତି। ସ୍ମାଇନ୍ ୨୦୧୫ ସ୍କି ହାଫ୍‌ପାଇପ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିଲେ। ବର୍ଷକ ପରେ ଏହି କ୍ରୀଡ଼ାକୁ ଅଲିମ୍ପିକ୍ସରେ ସାମିଲ କରାଯାଇଥିଲା। ତାଙ୍କର ଶେଷ ବଡ଼ ପ୍ରତିଯୋଗିତା ୨୦୧୮ରେ କାଲିଫର୍ନିଆର ମାମଥ ମାଉଣ୍ଟେନରେ ଅନୁଷ୍ଠିତ ବିଶ୍ୱକପ୍ ଥିଲା। ଏଥିରେ ସେ ଚାମ୍ପିୟନ ହୋଇଥିଲେ।

# ଜାତୀୟ ସିନିୟର ଭଲିବଲ ପାଇଁ ଓଡ଼ିଶା ଦଳ




ଓଡ଼ିଶା ଭଲିବଲ ଦଳର ସଦସ୍ୟଙ୍କ ଗହଣରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୩୧।୧ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀଠାରେ ୭୧ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା/ପୁରୁଷ) ଫେବୃୟାରୀ ୨ରୁ ଆରମ୍ଭ ହେବ। ଏଥିପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଉଭୟ ଦଳର ୧୨ ଜଣ ଲେଖାଏ ଖେଳାଳିଙ୍କ ସମେତ ୫ ଅଫିସିଆଲଙ୍କ ନାମ ମଧ୍ୟ ପ୍ରକାଶ କରାଯାଇଛି। ରାଜ୍ୟ ଦଳ ମନୋନୟନ ପାଇଁ ଚୟନ ଟ୍ରାଏଲ ଗତ ୧୫ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲା ଓ ୟୁନିଟଗୁଡ଼ିକରୁ ୧୪୦ ଖେଳାଳି ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୩୬ (୧୬ ମହିଳା ଓ ୨୦ ପୁରୁଷ) ଖେଳାଳିଙ୍କୁ ମନୋନୟନ କରାଯାଇ କୋଚିଂ କ୍ୟାମ୍ପ ଚାଲିଥିଲା। କୋଚିଂ କ୍ୟାମ୍ପ ଶେଷ ହେବା ପରେ ମନୋନୀତ ଖେଳାଳି ଓ ଅଫିସିଆଲ ଗୁଆହାଟୀ ଅଭିମୁଖେ ଯାତ୍ରା କରିଛନ୍ତି। ଖେଳାଳିମାନେ ଯାତ୍ରା କରିବା ପୂର୍ବରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସେମାନଙ୍କ ସହ ଆଲୋଚନା କରିବା ସହ ଆଗାମୀ ଟୁର୍ନାମେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। କିଟ୍ ପରିସରରେ କ୍ୟାମ୍ପ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାସହ ଆବଶ୍ୟକ ସହଯୋଗ କରିଥିବାରୁ ଅଚ୍ୟୁତଙ୍କୁ ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ଦଳ (ମହିଳା): ଚେତନା ଭାଲା (ଅଧିନାୟିକା), କେ. ଦେବୀକା ଦେବରଞ୍ଜନ, ଏନ୍. ଅଶ୍ୱନୀ, ଉତ୍କର୍ଷ ସୋନାୱାଲେ, କମଲେଶ କୁମାରୀ, ପି.ଆର. ଅଶ୍ୱଥୀ, ଶିବାନୀ ପ୍ରିୟଦର୍ଶିନୀ, ଜେ. ମାରୀ ଅନିନା, ସି. ସୃଷ୍ଟି, ଗଡବା ପାର୍ବତୀ, ବି. ଅନିଶା, ଅନନ୍ୟା ଦାସ (ଏଲ୍)। କୋଚ୍: କେ. ନିଲ ରାଜୁ ଓ ସଙ୍ଗୀତା ଟପ୍ପୋ, ଟ୍ରେନର: ଅନିତା ଜେମ୍ସ। ପୁରୁଷ: ପି.ପି. ଅଫଜଲ (ଅଧିନାୟକ), ମାନସ ରଞ୍ଜନ ପାଣି, ଅତୁଲ କୁମାର ସେନାପତି, ରାହୁଲ ବାରିକ, ରାଜେଶ କୁମାର ସାହୁ, ଆଶୁତୋଷ ତ୍ରିପାଠୀ, ଅଜୟ କୁମାର ତରାଇ, ଦୀପ୍ତିରାଜ ମିଶ୍ର, ପ୍ରତାପ କୁମାର ସ୍ୱାଇଁ, ଶୁଭ୍ରାଂଶୁ ଶେଖର ଓଝା, ସେକ୍ ସିରାଜ ଅଲୀ, ପ୍ରଜ୍ଞା ସାରଥୀ ଜେନା (ଏଲ୍)। କୋଚ୍: ରମେଶ ଚନ୍ଦ୍ର ଓଝା ଓ ବିଶ୍ୱଜିତ ଦାସ।

# ଟଙ୍କଧରଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୩୧।୧ (କ୍ରୀଡ଼ା ପ୍ରତିନିଧି)**




ଟଙ୍କଧର ବାଗ୍

ଓଡ଼ିଶା ଫୁଟବଲ ଏକାଡେମୀର ସଦସ୍ୟ ଟଙ୍କଧର ବାଗ୍‌ଙ୍କ ସହ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ର ଅନ୍ୟତମ ପ୍ରତିଷ୍ଠିତ ଦଳ ଓଡ଼ିଶା ଏଫ୍‌ସି ଚୁକ୍ତି କରିଛି। ଏହି ଚୁକ୍ତି ଅଢ଼େଇ ବର୍ଷ ପାଇଁ ହୋଇଥିବା ଫ୍ରାଞ୍ଚାଇଜ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯୁବ ଖେଳାଳି ଟଙ୍କଧର ରାଇଟ-ବ୍ୟାକ୍‌ରେ ଖେଳିଥାନ୍ତି। ଏହା ବ୍ୟତୀତ ସେ ସେଣ୍ଟ୍ରାଲ ଡିଫେନ୍ସିଭ ଭୂମିକା ତୁଲାଇବାର ଦକ୍ଷତା ମଧ୍ୟ ରଖିଛନ୍ତି। ୨୦୧୯-୨୦ ସିଜନରେ ଟଙ୍କଧର ଇଣ୍ଡିଆ ଆରୋଜ୍ ଦଳରେ ଯୋଗ ଦେଇଥିଲେ। ଏହାପରେ ତାଙ୍କୁ ସିନିୟର ଆରୋଜ ଦଳରେ ସାମିଲ କରାଯାଇଥିଲା। ସେ କ୍ରମାଗତ ଭଲ ପ୍ରଦର୍ଶନ କରିଥିଲେ। ଗତବର୍ଷ ସେ ୨୦ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ଖେଳିଥିଲେ। କେବଳ ସେତିକି ନୁହେଁ ନେପାଳ ବିପକ୍ଷରେ ଏକ ଗୋଲ ଦେଇ ଭାରତ ବିଜୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଟଙ୍କଧରଙ୍କୁ ପ୍ରଥମ କିଛି ମାସ ସିଷ୍ଟମ ସହିତ ଅଭ୍ୟସ୍ତ ହେବାକୁ ସମୟ ଦିଆଯିବ। ଏହାପରେ ଓଡ଼ିଶା ଏଫ୍‌ସି ରିଜର୍ଭ ଦଳରେ ସାମିଲ କରାଯିବ। ୨୦୨୩-୨୪ ପ୍ରି-ସିଜନରେ ସେ ମୁଖ୍ୟ ଦଳରେ ଯୋଗଦେବେ। ପ୍ରତିଭାସମ୍ପନ୍ନ ଓଡ଼ିଆ ଖେଳାଳିଙ୍କୁ ଓଡ଼ିଶା ଏଫ୍‌ସିରେ ସାମିଲ କରାଯିବାର ଏହା ଅଂଶବିଶେଷ ବୋଲି ପ୍ରକାଶ କରାଯାଇଛି।

# ଉଦ୍‌ଘାଟନୀ ମ୍ୟାଚ ଭେନ୍ୟୁ ବଦଳିଲା

**ମେଲବୋର୍ନ, ୩୧।୧ (ଏପି)**

### ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍

ଟିକେଟ ଚାହିଦା ବୃଦ୍ଧି ପାଇବାରୁ ଆଗାମୀ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଆୟର୍ଲାଣ୍ଡ ବିପକ୍ଷ ଓପନିଂ ମ୍ୟାଚର ଭେନ୍ୟୁ ବଦଳା ଯାଇଛି। ଏହି ମ୍ୟାଚ ପ୍ରକୃତରେ ସିଡ୍‌ନୀର ନ୍ୟୁ ଆଲିଏଞ୍ଜ୍ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଏହାର ଆସନ କ୍ଷମତା ୪୨,୫୦୦ ରହିଛି। ବର୍ତ୍ତମାନ ଏହି ମ୍ୟାଚ ଷ୍ଟାଡିୟମ ଅଷ୍ଟ୍ରେଲିଆରେ ଖେଳାଯିବ, ଯାହାର ଆସନ କ୍ଷମତା ୮୨,୦୦୦ରୁ ଅଧିକ। ଷ୍ଟାଡିୟମ ଅଷ୍ଟ୍ରେଲିଆ ହେଉଛି ପୂର୍ବତନ ଅଲିମ୍ପିକ ଷ୍ଟାଡିୟମ। ଅଗଷ୍ଟ ୨୦ରେ ବିଶ୍ୱକପ୍ ଫାଇନାଲ ମଧ୍ୟ ସେଠାରେ ଖେଳାଯିବ। ଟୁର୍ନାମେଣ୍ଟକୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଆୟୋଜନ କରୁଛନ୍ତି। ମହିଳା ଫୁଟ୍‌ବଲ ବିଶ୍ୱକପ୍ ଜୁଲାଇ ୨୦ରେ ଆରମ୍ଭ ହେବ। ପ୍ରଥମ ଦିବସର ପ୍ରଥମ ମ୍ୟାଚ ନ୍ୟୁଜିଲାଣ୍ଡ ଓ ନରୱେ ମଧ୍ୟରେ ଅକ୍‌ଲାଣ୍ଡର ଇଡେନପାର୍କରେ ଖେଳାଯିବ। ସେହିଦିନ ପରବର୍ତ୍ତୀ ମ୍ୟାଚ ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବ। ଫିଫାର ମହିଳା ଫୁଟ୍‌ବଲ ମୁଖ୍ୟ ଅଧିକାରୀ ସରାଇ ବେୟାରମାନ କହିଛନ୍ତି, ମହିଳା ବିଶ୍ୱକପ୍‌ର ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚକୁ ୧ ଲକ୍ଷରୁ ଅଧିକ ଦର୍ଶକ ଉପଭୋଗ କରିବେ।

# ଭାରତୀୟ ଟପ୍ ଅର୍ଡର ଉପରେ ନଜର

**ଅହମଦାବାଦ, ୩୧।୧ (ପି.ଟି.)**




ଶୁବମନ ଗିଲ



ଇଶାନ କିଶନ




ରାହୁଲ ତ୍ରିପାଠୀ

### ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି୨୦ ଆଜି

**ମ୍ୟାଚ ଆରମ୍ଭ: ରାତି ୭ଟା**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ ବୁଧବାର ଏଠାରେ ଅନୁଷ୍ଠିତ ହେବ। ଭାରତ ଓ ନ୍ୟୁଜିଲାଣ୍ଡ ଗୋଟିଏ ଲେଖାଏ ମ୍ୟାଚ ଜିତିଥିବାରୁ ସିରିଜ ଏବେ ୧-୧ ସ୍ଥିତିରେ ଅଛି। ତେଣୁ ତୃତୀୟ ମ୍ୟାଚର ଗୁରୁତ୍ୱ ବଢ଼ି ଯାଇଛି। ପୂର୍ବ ୨ଟି ଯାକ ମ୍ୟାଚରେ ଭାରତୀୟ ଯୁବ ଟପ୍ ଅର୍ଡର ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ତେଣୁ ସିରିଜ ନିର୍ଣ୍ଣାୟକ ମ୍ୟାଚରେ ସେମାନଙ୍କ ଉପରେ ନଜର ରହିବ। ରୋହିତ ଶର୍ମା, ଲୋକେଶ ରାହୁଲ ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଶୁବମନ ଗିଲ, ଇଶାନ କିଶନ ଓ ରାହୁଲ ତ୍ରିପାଠୀ ସୁଯୋଗର ସଦ୍‌ବ୍ୟବହାର କରିପାରିନାହାନ୍ତି। ତେଣୁ ଆଗାମୀ ମ୍ୟାଚରେ ସେମାନଙ୍କ ଉପରେ ଚାପ ରହିବ। ବୁଧବାର ମ୍ୟାଚ ପରେ ଭାରତୀୟ ଦଳ ଦୀର୍ଘଦିନ ଧରି ଆଉ ଟି୨୦ ଖେଳିବାର ନାହିଁ। ତେଣୁ ଦକ୍ଷତା ପ୍ରଦର୍ଶନ ପାଇଁ ଯୁବ ଖେଳାଳିମାନେ ଏଠାରେ ଶେଷ ସୁଯୋଗ ପାଇବେ। ବାଂଲାଦେଶରେ ଦ୍ୱିଶତକ ହାସଲ କରିବା ପରେ ଇଶାନ ଆଶ୍ଚର୍ଯ୍ୟଜନକଭାବେ ରିଦିମ ଫେରିପାଇବା ପାଇଁ ସଂଘର୍ଷ କରୁଛନ୍ତି। ଟର୍ନିଂ ବଲ୍ ଗିଲ୍‌ଙ୍କୁ ଅସୁବିଧାରେ ପକାଉଛି। ସେ ନିଜ ଦିନିକିଆ ଫର୍ମ ଟି୨୦ରେ ବଜାୟ ରଖିପାରି ନାହାନ୍ତି। ସେହିପରି କୋହଲିଙ୍କ ସ୍ଥାନରେ ୩ ନମ୍ବରରେ ଖେଳୁଥିବା ତ୍ରିପାଠୀ ମଧ୍ୟ ସୁଯୋଗ ହାତଛଡ଼ା କରିବାରେ ଲାଗିଛନ୍ତି। ଗତ ମ୍ୟାଚରେ ଯଦି ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ତିଷ୍ଠି ନ ଥାନ୍ତେ ତେବେ ଭାରତ ୧୦୦ ରନ ଚେଜ୍ କରିବାକୁ ମଧ୍ୟ ସଂଘର୍ଷ କରିଥାନ୍ତା। ସିରିଜର ତୃତୀୟ ମ୍ୟାଚ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସେଠାରେ ମଧ୍ୟ ଟର୍ନିଂ ଟ୍ରାକ୍ ଥିବାରୁ ଭାରତୀୟ ଦଳ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ବୋଲିଂ ବିଭାଗରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଭାରତ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବାରେ ସକ୍ଷମ ହୋଇଛି। ଗତ ମ୍ୟାଚରେ ବଲ ଅତିରିକ୍ତ ଟର୍ନ ନେଉଥିବାବେଳେ ଚହଲଙ୍କୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୨ ଓଭର ବୋଲିଂ ସୁଯୋଗ ଦେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ୨ ଓଭରରେ ଚହଲ ଗୋଟିଏ ମେଡେନ ନେଇଥିବାବେଳେ ମାତ୍ର ୪ ରନ ଦେଇ ଫିନ୍ ଆଲେନଙ୍କ ଉଇକେଟ ନେଇଥିଲେ। ପୃଥ୍ୱୀ ଶ'ଙ୍କୁ ଦଳରେ ସାମିଲ ପାଇଁ ଚାପ ଥିଲେ ହେଁ ହାର୍ଦ୍ଦିକ ଆଗାମୀ ମ୍ୟାଚ ପାଇଁ ଦଳରେ ପରିବର୍ତ୍ତନ କରିବା ସମ୍ଭାବନା କମ୍। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଏହାର ମିଡିଲ ଅର୍ଡର ନିକଟରୁ ଅଧିକ କିଛି ଆଶା ରଖିବ। ଭାରତରେ ବିରଳ ସିରିଜ ଜିତିବାର ସୁଯୋଗ ଏହି ବିଦେଶୀ ଦଳ ନିକଟରେ ରହିଛି। ତେଣୁ ଆଗାମୀ ଚ୍ୟାଲେଞ୍ଜ ପାଇଁ ବ୍ଲାକ୍ କ୍ୟାପ ଦଳ ପ୍ରସ୍ତୁତ। ଗ୍ଲେନ୍ ଫିଲିପ ଏପର୍ଯ୍ୟନ୍ତ ନିଜ ବିସ୍ଫୋରକ ରୂପ ଦେଖାଇ ପାରିନାହାନ୍ତି। ତେଣୁ ଆଗାମୀ ମ୍ୟାଚରେ ତାଙ୍କ ଉପରେ ନଜର ରହିବ। ଦିନିକିଆ ସିରିଜ ସେନ୍‌ସେଶନ ମାଇକେଲ ବ୍ରାସୱେଲ ଏବଂ ୩ ନମ୍ବର ଖେଳାଳି ମାର୍କ ଚାମ୍ପମାନ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଶାୟୀ। ପୂର୍ବ ଗେମ୍‌ରେ ନ୍ୟୁଜିଲାଣ୍ଡ ୮ ବୋଲରଙ୍କୁ ବ୍ୟବହାର କରିଥିଲା। ତେବେ ୪ ସ୍ପିନରଙ୍କୁ କୋଟା ପୂରାଇବାକୁ ଦେଇଥିଲା। ଦୁଇବର୍ଷ ପୂର୍ବରୁ ଏଠାରେ ଖେଳାଯାଇଥିବା ଟି୨୦ରେ ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର ହୋଇଥିଲା।

## ନିରୀକ୍ଷଣ କମିଟିରେ ବବିତା ଫୋଗଟ

**ନୂଆଦିଲ୍ଲୀ, ୩୧।୧ (ପି.ଟି.):** ଭାରତ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍ ଭୂଷଣ ଶରନ ସିଂଙ୍କ ବିରୁଦ୍ଧରେ ଅଣାଯାଇଥିବା ବିଭିନ୍ନ ଅଭିଯୋଗର ତଦନ୍ତ ଲାଗି ଗଠନ କରାଯାଇଥିବା ନିରୀକ୍ଷଣ କମିଟିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ରେସ୍‌ଲର ବବିତା ଫୋଗଟଙ୍କୁ ସାମିଲ କରାଯାଇଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଏହି କମିଟି ଗଠନ କରାଯାଇଛି। ଡବ୍ଲ୍ୟୁଏଫ୍‌ଆଇ ଏବଂ ଏହାର ମୁଖ୍ୟଙ୍କ ବିରୁଦ୍ଧରେ ପ୍ରଶାସନିକ ତ୍ରୁଟି, ଯୌନ ଶୋଷଣ, ଧମକଚମକ, ନିର୍ଯାତନା ଓ ଆର୍ଥିକ ଅନିୟମିତତା ନେଇ ହୋଇଥିବା ଅଭିଯୋଗର ତଦନ୍ତ କରାଯିବ। ଭିନେଶ ଫୋଗଟ, ବଜରଙ୍ଗ ପୁନିଆଙ୍କ ଭଳି କୁସ୍ତିଯୋଦ୍ଧାଙ୍କ ତରଫରୁ ଏହି ସବୁ ଅଭିଯୋଗ ଅଣାଯାଇଛି। କିମ୍ବଦନ୍ତୀ ବକ୍ସର ଏମ୍‌ସି ମେରୀକମ୍‌ଙ୍କ ନେତୃତ୍ୱରେ ଗଠିତ କମିଟିରେ ବବିତା ୬ଷ୍ଠ ସଦସ୍ୟ ଭାବେ ଯୋଗ ଦେଇଛନ୍ତି। ଅନ୍ୟ ସଦସ୍ୟମାନେ ହେଲେ ପୂର୍ବତନ ରେସ୍‌ଲର ଯୋଗେଶ୍ୱର ଦତ୍ତ, ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳି ତ୍ରୁପତି ମୁରଗୁଣ୍ଡେ, ରାଧିକା ଶ୍ରୀମାନ ଏବଂ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍‌ର ରଜେଶ ରାଜ ଗୋପାଳନ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ